

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପ୍ରମୋଦ ଭଗତଙ୍କ ବିଜୟ ଅଭିଯାନ ଆରମ୍ଭ |୧୧

ମେ' ୧୩ରେ ରାଘବ-ପରିଣୀତିଙ୍କ ନିର୍ବନ୍ଧ |୧୨


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୪୯ Vol. 20 No-49 11 MAY 2023 THURSDAY BHUBANESWAR ଗୁରୁବାର, ୧୧ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୫(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ସେଠାରେ ସେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିବେ । ଏହି ସମୟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବି କେନ୍ଦ୍ର ପାଖରେ ଉପସ୍ଥାପନ କରିବାର ସୂଚନା ଦିଆଯାଇଛି । ଏପରିକି ବିଭିନ୍ନ ପ୍ରସଙ୍ଗ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୧୩ ତାରିଖରେ ଶ୍ରୀ ପଟ୍ଟନାୟକ ଭୁବନେଶ୍ୱର ଫେରିବେ ।

### ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୦।୫(ଭାସ୍କର ନ୍ୟୁଜ): ଆସନ୍ତା ୧୫ ତାରିଖରେ ପୁରୀଠାରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବାର ସମ୍ଭାବନା ରହିଛି । ଏ ନେଇ ରାଜ୍ୟ ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

### ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଜେଲ୍

କେନ୍ଦୁଝର,୧୦।୫(ଭାସ୍କର ନ୍ୟୁଜ): ବିନା କାମରେ ବିଧାୟକଙ୍କ ପାଣ୍ଠିରୁ ଅର୍ଥ ହଡ଼ପ କରିଥିବା ଅଭିଯୋଗରେ ଦୁଇ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ଏବଂ ଅଶୋକ କରଙ୍କୁ କେନ୍ଦୁଝରର ଭିଜିଲାନ୍ସ କୋର୍ଟ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୦୪-୦୫ରେ ଏ ନେଇ ଭିଜିଲାନ୍ସ ଦୁଇ ଯନ୍ତ୍ରୀଙ୍କ ନାମରେ ମାମଲା ରୁଜୁ କରିଥିବାବେଳେ ବୁଧବାର ଏହାର ରାୟ ପ୍ରକାଶ ପାଇଛି ।

ସେନ୍‌ସେକ୍ସ: ୬୧,୯୪୦.୨୦
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮.୬ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୧୦।୫ର ମତାମତ**

ରାଜ୍ୟରେ ହାତୀବଂଶର ସୁରକ୍ଷା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ଓଡ଼ିଶାରେ ମାଓବାଦୀମାନେ ଘଟାଉଥିବା ହିଂସାକାଣ୍ଡ ରୋକିବା ସମ୍ଭବପର କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଭୋଟ ଦେଲା ଝାରସୁଗୁଡ଼ା

# ମତଦାନ ହାର ୭୫.୬୦%




**ଶାନ୍ତିଶୃଙ୍ଖଳାର ସହ ଭୋଟଗ୍ରହଣ ଶେଷ**
**ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଭୋଟ ଅଧିକ**
**୧୩ରେ ଗଣତି, ଫଳାଫଳ**

ଝାରସୁଗୁଡ଼ା/ଭୁବନେଶ୍ୱର, ୧୦।୫(ଭାସ୍କର ନ୍ୟୁଜ): ଶେଷ ହୋଇଛି ଝାରସୁଗୁଡା ଉପନିର୍ବାଚନ। ଇଭିଏମ୍‌ରେ ସିଲ୍ ହୋଇଛି ୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ । ୧୩ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ଜଣାପଡିବ। ବୁଧବାର ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିବା ବେଳେ ଧାର୍ଯ୍ୟ ସମୟ ପରେ ମଧ୍ୟ କିଛି ବୁଥ୍‌ରେ ମତଦାନ ଜାରି ରହିଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ଝାରସୁଗୁଡ଼ାରେ ୭୫.୬୦ପ୍ରତିଶତ ମତଦାନ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ସୂଚନା ଦେଇଛନ୍ତି। ଝାରସୁଗୁଡାରେ ମତଦାନ ଚାଲିଥିବା ବେଳେ ସର୍ବାଧିକ ଉତ୍ତପ୍ତ ସହର ମଧ୍ୟ ଝାରସୁଗୁଡା ହିଁ ରହିଥିଲା। ଝାରସୁଗୁଡାରେ ବୁଧବାର ୪୨.୯ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ପ୍ରବଳ ତାତି ସତ୍ତ୍ୱେ ମତଦାତା ମାନେ ଧାଡିରେ ଠିଆ ହୋଇ ମତଦାନ କରିଥିଲେ। ଝାରସୁଗୁଡାର ୨୫୩ଟି ବୁଥ୍‌ରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବା ବେଳେ ସକାଳ ୧୧ ଟା ସୁଦ୍ଧା ୨୦.୩୮ ପ୍ରତିଶତ ଓ ଦିନ ୧ ଟା ସୁଦ୍ଧା ୪୧.୨୬ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ଦିନ ୩ଟା ସୁଦ୍ଧା ୫୫.୨୦ ପ୍ରତିଶତ ମତଦାନ ହୋଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଥିଲେ ଯେ ଝାରସୁଗୁଡ଼ା ବିଧାନସଭା ଉପ ନିର୍ବାଚନରେ ସବୁ ବୁଥରେ ସକାଳ ୭ ଟାରେ ପୁଲିଂ ଆରମ୍ଭ ହୋଇଥିଲା। • ପୃଷ୍ଠା ୮ ଦେଖନ୍ତୁ

## ଏକଜିଟ୍ ପୋଲ ସର୍ଭେ ରିପୋର୍ଟ

# କର୍ଣ୍ଣାଟକରେ ଝୁଲା ବିଧାନସଭା !

**ମୋଟ ମତଦାନ ହାର ୬୫.୬୯%**
**କଂଗ୍ରେସକୁ ମିଳିପାରେ ଅଧିକ ଆସନ**
**ଜେଡିଏସ୍ ସାଜିପାରେ କିଙ୍ଗମେକର**



| ସର୍ଭେ ସଂସ୍ଥା | ବିଜେପି | କଂଗ୍ରେସ | ଜେଡିଏସ୍ | ଅନ୍ୟାନ୍ୟ |
|---|---|---|---|---|
| ରିପବ୍ଲିକ ଟିଭି | ୮୫-୧୦୦ | ୯୪-୧୦୮ | ୨୪-୩୨ | ୨-୬ |
| ଜନ କି ବାତ | ୯୭-୧୧୭ | ୯୧-୧୦୬ | ୧୪-୨୪ | ୦-୨ |
| ପୋଲଷ୍ଟ୍ରାଟ୍ | ୮୮-୯୮ | ୯୯-୧୦୯ | ୨୧-୨୬ | ୦-୪ |
| ସିଜିଏସ୍ | ୧୧୪ | ୮୬ | ୨୧ | ୦୩ |
| ନ୍ୟୁଜ ନେସନ | ୧୧୪ | ୮୬ | ୨୧ | ୦୩ |
| ଜି ନ୍ୟୁଜ୍ | ୭୯-୯୪ | ୧୦୩-୧୧୮ | ୨୫-୩୩ | ୨-୫ |
| ଏବିପି ନ୍ୟୁଜ | ୮୩-୯୫ | ୧୦୦-୧୧୨ | ୨୧-୨୯ | ୨-୬ |

ବେଙ୍ଗାଲୁରୁ,୧୦।୫: କର୍ଣ୍ଣାଟକ ରାଜ୍ୟ ବିଧାନସଭା ପାଇଁ ବୁଧବାର ଶାନ୍ତିପୂର୍ଣ୍ଣଭାବେ ମତଦାନ ଶେଷ ହୋଇଛି । ବିଧାନସଭାର ମୋଟ ୨୨୪ଟି ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା । ଏଥିନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୬୫.୬୯ ପ୍ରତିଶତ ଥିବା ସୂଚନା ମିଳିଛି । ମତଦାନ ଶେଷ ହେବାପରେ ବୁଧବାର ସନ୍ଧ୍ୟାରେ ଏକଜିଟ ପୋଲ ଫଳାଫଳ ପ୍ରକାଶ ପାଇଛି । କର୍ଣ୍ଣାଟକରେ ଏଥର ଝୁଲା ବିଧାନସଭା ହେବ ବୋଲି ଆକଳନ କରାଯାଉଥିବାବେଳେ ମେଣ୍ଟ ସରକାର ହେବା ନେଇ ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । ଏକଜିଟ ପୋଲ ଅନୁସାରେ ଗତଥର ଅପେକ୍ଷା କଂଗ୍ରେସ ଚଳିତଥର ବେଶ୍ ଫାଇଦାରେ ରହିବ ବୋଲି ସୂଚନା ମିଳିଛି । ତେଣୁ କର୍ଣ୍ଣାଟକରେ କଂଗ୍ରେସ ଓ ଜେଡିଏସ୍ କିଙ୍ଗମେକର ଭୂମିକା ନିଭାଇବେ ବୋଲି ଆକଳନ କରାଯାଇଛି । କର୍ଣ୍ଣାଟକ ବିଧାନସଭା ପାଇଁ ମ୍ୟାଜିକ ସଂଖ୍ୟା ୧୧୩ ରହିଛି । ରିପବ୍ଲିକ ଟିଭିର ଆକଳନ ଅନୁଯାୟୀ ବିଜେପିକୁ ୮୫ରୁ ୧୦୦ଟି • ପୃଷ୍ଠା ୮ ଦେଖନ୍ତୁ

## ୫-ଟି ସଚିବଙ୍କ ଗଜପତି ଗସ୍ତର ଦ୍ୱିତୀୟ ଦିନ

# ଜନହିତକର ଯୋଜନାର ସମୀକ୍ଷା



**ଜିରାଙ୍ଗରେ ବୌଦ୍ଧ ମନ୍ଦିର ଦର୍ଶନ**
**୫-ଟି ସ୍କୁଲ ପରିଦର୍ଶନ, ରବର ଚାଷ ବୁଲି ଦେଖିଲେ**
**ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଆରମ୍ଭ କରିବାକୁ ନିର୍ଦ୍ଦେଶ**
**୪୦ କୋଟି ଟଙ୍କା ବ୍ୟୟରେ ହେବ ପାରଳାଖେମୁଣ୍ଡି ବାଇପାସ**

ପାରଳାଖେମୁଣ୍ଡି,୧୦।୫(ଭାସ୍କର ନ୍ୟୁଜ): ଗଜପତି ଗସ୍ତରେ ଯାଇଥିବା ୫-ଟି ସଚିବ ଭି କେ ପାଣ୍ଡିଆନ ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ ଅର୍ଥାତ ବୁଧବାର ଜିରାଙ୍ଗର ବୌଦ୍ଧ ମନ୍ଦିର ବୁଲି ଦେଖିବା ପରେ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଗୁମ୍ମା ବ୍ଲକ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସେଠାରେ ଥିବା ମିନି ଷ୍ଟାଡିୟମ ମଧ୍ୟ ବୁଲି ଦେଖିଥିଲେ। ଏଠାରେ କାର୍ଯ୍ୟକାରୀ ହୋଇଥିବା ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ମଧ୍ୟରୁ ସାମୂହିକ ବଜାର ପ୍ରାଙ୍ଗଣ, ପରିବା ଶୀତଳଭଣ୍ଡାର, • ପୃଷ୍ଠା ୮ ଦେଖନ୍ତୁ

## ପାକିସ୍ତାନ ସ୍ଥିତି ଅସମ୍ଭାଳ

# ୮ଦିନିଆ ଏନ୍‌ଏବି ହେପାଜତରେ ଇମ୍ରାନ

- ଦେଶବ୍ୟାପୀ ବ୍ୟାପକ ହିଂସାକାଣ୍ଡ
- ଜାଳିଦେଲେ ରେଡ଼ିଓ ଷ୍ଟେସନ
- ସବୁ ସ୍କୁଲ ବନ୍ଦ, ପରୀକ୍ଷା ରଦ୍ଦ
- ଗିରଫଦାରୀରେ ଆମର ହାତ ନାହିଁ: ସେନା
- ଆଡଭାଇଜାରୀ ଜାରି କଲେ ୩ ରାଷ୍ଟ୍ର
- ଗିରଫଦାରୀ ନ୍ୟାୟ ସଙ୍ଗତ: ହାଇକୋର୍ଟ



ଇସଲାମାବାଦ,୧୦।୫: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ୍-ଏ-ଇନ୍‌ସାଫ୍ ପାର୍ଟିର ମୁଖ୍ୟ ଇମ୍ରାନ ଖାନ ଗିରଫ ହେବା ପରେ ପାକିସ୍ତାନର ସ୍ଥିତି ଅସମ୍ଭାଳ ହୋଇ ପଡ଼ିଛି । ଇମ୍ରାନଙ୍କ ସମର୍ଥକମାନେ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇବାରେ ଲାଗିଛନ୍ତି । ସ୍ଥିତିକୁ ଦେଖି ସାରା ଦେଶରେ ୧୪୪ ଧାରା ଜାରି କରାଯାଇଛି । ବିଭିନ୍ନ ସ୍ଥାନରେ ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ଚାଲୁ ରହିଛି । ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାର ମୋବାଇଲ, ଇଣ୍ଟରନେଟ ସେବା ସହ ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍ ଇତ୍ୟାଦିକୁ ବନ୍ଦ ରଖିଛନ୍ତି । ପାକିସ୍ତାନର ସମସ୍ତ ସ୍କୁଲକୁ ବନ୍ଦ ରଖାଯିବା ସହ ପରୀକ୍ଷାକୁ ରଦ୍ଦ କରି ଦିଆଯାଇଛି । ଲାହୋରରେ ଥିବା ସେନା କମାଣ୍ଡରଙ୍କ ବାସଭବନ ଓ ରାଓ୍ୱଲପିଣ୍ଡିରେ ଥିବା ସେନା ମୁଖ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇଛି । ଏହି ହିଂସାରେ ଇମ୍ରାନଙ୍କ ୬ ଜଣ ସମର୍ଥକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକହଜାରରୁ ଉର୍ଦ୍ଧ୍ୱଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ଇମ୍ରାନଙ୍କ ସମର୍ଥକମାନେ ଏକ ରେଡ଼ିଓ ଷ୍ଟେସନକୁ ପୋଡ଼ି ଦେଇଥିବା ସୂଚନା ମିଳିଛି । ତେବେ ଇମ୍ରାନଙ୍କ ଗିରଫଦାରୀ ନ୍ୟାୟ ସଙ୍ଗତ ବୋଲି ଇସଲାମାବାଦ ହାଇକୋର୍ଟ ମତ ରଖିବା ପରେ ଏହା ଇମ୍ରାନଙ୍କ ଅଡୁଆକୁ ଅଧିକ ବଢାଇ ଦେଇଛି । ଇମ୍ରାନଙ୍କ ଗିରଫଦାରୀ ପରେ ତାଙ୍କ ସମର୍ଥକମାନେ ହିଂସ୍ରମୁଖୀ ହୋଇ ଉଠିଛନ୍ତି । ଇମ୍ରାନଙ୍କ ଗିରଫଦାରୀ ଆଇନ ଅନୁଯାୟୀ ହୋଇଥିବା ହାଇକୋର୍ଟ ମତ ଦେଇଛନ୍ତି । ଅନ୍ୟପକ୍ଷରେ ପାକ୍ ସେନା ପକ୍ଷରୁ କୁହାଯାଇଛି ଯେ ଏହି ଗିରଫଦାରୀ ସହ ସେନାର କୌଣସି ହାତ ନାହିଁ । ଏନ୍‌ବିଏ ଇମ୍ରାନଙ୍କୁ ଆଇନ ଅନୁସାରେ ଗିରଫ କରିଛି ବୋଲି ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି । ସେନା ପକ୍ଷରୁ ଆହୁରି କୁହାଯାଇଛି ଯେ ପିଟିଆଇର କେତେକ ନେତା ହିଂସାକୁ ଉସ୍କାଇବା ଲାଗି ପ୍ରୟାସ ଜାରି ରଖିଛନ୍ତି । ଏଭଳି କାର୍ଯ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ଓ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେନା ପକ୍ଷରୁ କୁହାଯାଇଛି । ପାକିସ୍ତାନରେ ହିଂସାକୁ ଦୃଷ୍ଟିରେ ରଖି ବ୍ରିଟେନ, ଆମେରିକା ଓ କାନାଡ଼ା ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି । ପାକିସ୍ତାନରେ ରହୁଥିବା ଏହିସବୁ ଦେଶର • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଭୋଅଟ ଭୋଅଟ ଭୋଅଟ ସରିଲା
ଧଡ଼ପଡ଼ ଖାଲି ଛାତି
କା ମୁଣ୍ଡରେ ହାତୀ କଳସ ଢାଳିବ
ଛନଛନ ହୁଏ ମତି
ଝାରସୁଗୁଡ଼ାରେ ତାତି
୧୩ ତାରିଖରେ ଫଳ ବାହାରିଲେ
ଶୋଇବେ ଶେଯକୁ ପାତି...

## ବାତ୍ୟା ନେଇ ଆଇଏମ୍‌ଡି ଡିଜିଙ୍କ ସୂଚନା

# ଓଡ଼ିଶା ବିପଦମୁକ୍ତ



ଭୁବନେଶ୍ୱର, ୧୦।୫(ଭାସ୍କର ନ୍ୟୁଜ): ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଉତ୍ତର-ପଶ୍ଚିମ ଦିଗରେ ଘଣ୍ଟାପ୍ରତି ୭ କିମି ବେଗରେ ଗତି କରୁଛି । ଗୁରୁବାର ଏହା ଭୀଷଣ ବାତ୍ୟାରେ ପରିଣତ ହୋଇପାରେ । ତେବେ ବାତ୍ୟାର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବନି ବୋଲି ଭାରତୀୟ ପାଣିପାଗ ବିଭାଗ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି, 'ଓଡ଼ିଶାକୁ ବାତ୍ୟା ଜନିତ ପବନ କି ବର୍ଷା, କିଛି ହେବନି । ପଶ୍ଚିମବଙ୍ଗ ଉପରେ ଏହା ପ୍ରଭାବ ପକାଇପାରେ । ଡିଜି ଆହୁରି କହିଛନ୍ତି ଯେ ଗଭୀର ଅବପାତଟି ବୁଧବାର ରାତି ସୁଦ୍ଧା ବାତ୍ୟାରେ ପରିଣତ ହେବ । ଗୁରୁବାର ସୁଦ୍ଧା ଭୀଷଣ ଓ ୧୨ ତାରିଖ ସୁଦ୍ଧା ଅତି ଭୀଷଣ ରୂପ ନେଇପାରେ । ୧୪ ତାରିଖ ପୂର୍ବାହ୍ଣରେ ବାଂଲାଦେଶ ଓ ମିଆଁମାର ମଧ୍ୟରେ ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ବାଂଲାଦେଶ କକ୍ସବଜାର ଓ ମିଆଁମାର କ୍ୟାଉକିପିଉ ମଧ୍ୟରେ ଉପକୂଳ ଛୁଇଁବ । ଉପକୂଳ ଛୁଇଁଲା ବେଳେ ପବନ ୧୧୦ରୁ ୧୩୦ କି.ମି. ବେଗରେ ବହିପାରେ । ବାତ୍ୟାର ପ୍ରଭାବ ଓଡ଼ିଶା କି ଆନ୍ଧ୍ରପ୍ରଦେଶ ଉପରେ ପଡ଼ିବନି । ତେବେ ପଶ୍ଚିମବଙ୍ଗ ଉପକୂଳରେ ପ୍ରଭାବ ପଡ଼ିବ ଓ ୫୦ କି.ମି. ବେଗରେ ପବନ ବହିପାରେ ବୋଲି ଆଇଏମ୍‌ଡି ଡିଜି ସୂଚନା ଦେଇଛନ୍ତି । ମତ୍ସ୍ୟଜୀବୀଙ୍କୁ ଦକ୍ଷିଣ ପୂର୍ବ, କେନ୍ଦ୍ରୀୟ ବଙ୍ଗୋପ ସାଗର ଓ ଆଣ୍ଡାମାନ ସାଗର ଭିତରକୁ ଯିବାକୁ ବାରଣ କରାଯାଇଛି ।

### ତାତିରେ ଜଳୁଛି ସାରା ରାଜ୍ୟ

## ୪୨ ଡିଗ୍ରୀ ଉପରେ ୭ ସହର

**୪୨.୯ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ**



ଭୁବନେଶ୍ୱର, ୧୦।୫(ଭାସ୍କର ନ୍ୟୁଜ):ରାଜ୍ୟରେ ତାତିର ପ୍ରକୋପ କମିବାର ନାଁ ନେଉନାହିଁ । ବୁଧବାର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ଯାହା ମଧ୍ୟରେ ୭ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି । ୪୨.୯ ଡିଗ୍ରୀ ସହ ଝାରସୁଗୁଡା ସହର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । • ପୃଷ୍ଠା ୮ ଦେଖନ୍ତୁ

## ଯୌନ ଶୋଷଣ ମାମଲାରେ ଟ୍ରମ୍ପ ଦୋଷୀ ସାବ୍ୟସ୍ତ

# ଗଣିବେ ୪୧୦ କୋଟିର ଡଣ୍ଡ



ୱାଶିଂଟନ,୧୦।୫: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା ଲାଗିଛି । ଯୌନ ଶୋଷଣ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଆମେରିକା ନିର୍ବାଚନ ପୂର୍ବରୁ ଏହି ଦଣ୍ଡାଦେଶ ତାଙ୍କ ପାଇଁ କ୍ଷତି ପହଞ୍ଚାଇବ ବୋଲି ଆଶଙ୍କା କରାଯାଉଛି । ୯୦ ଦଶକରେ ଘଟିଥିବା ଏହି ମାମଲା ପାଇଁ ଟ୍ରମ୍ପଙ୍କୁ ୫୦ ଲକ୍ଷ ଡଲାର ଅର୍ଥାତ୍ ୪୧୦ କୋଟିର କ୍ଷତିପୂରଣ ରାଶି ପୀଡ଼ିତାଙ୍କୁ ଦେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଆମେରିକାର ଜଣାଶୁଣା ଲେଖିକା ଇ କ୍ୟାରେଲଙ୍କୁ ଯୌନ ଶୋଷଣ କରିଥିବା ନେଇ ଟ୍ରମ୍ପଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଏହାର ଶୁଣାଣି କରାଯାଇ ଏହି ଦଣ୍ଡାଦେଶ ପ୍ରଦାନ କରାଯାଇଛି । ତେବେ ଟ୍ରମ୍ପ ଏହାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି । ଏହା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ଓ ତାଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ପୀଡ଼ିତା ତାଙ୍କ ଏତଲାରେ ଅଭିଯୋଗ କରିଥିଲେ ଯେ ୧୯୯୬ ମସିହାରେ ଟ୍ରମ୍ପ ତାଙ୍କୁ ବଳାତ୍କାର କରିଥିଲେ । କେବଳ କ୍ୟାରେଲ ନୁହନ୍ତି ଗତ କିଛିବର୍ଷ ମଧ୍ୟରେ ବହୁ ସଂଖ୍ୟକ ମହିଳା ଟ୍ରମ୍ପଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତେଣୁ ଆସନ୍ତା ବର୍ଷ ଆମେରିକାରେ ହେବାକୁ ଥିବା ନିର୍ବାଚନ ଲଢିବା ଟ୍ରମ୍ପଙ୍କ ପାଇଁ କାଠିକର ପାଠ ହେବ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୬ ମସିହାରେ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡୋନାଲ୍ଡ • ପୃଷ୍ଠା ୮ ଦେଖନ୍ତୁ

# ରାଜ୍ୟ ଖବର



ବାଲିପାଟଣା (ଭାସ୍କର ନ୍ୟୁଜ) : ବାଲିପାଟଣା ବ୍ଲକ୍ ତୁରିନ୍ତିରା ପଞ୍ଚାୟତ ଅନ୍ତର୍ଗତ ମହାବୀର ହନୁମାନଙ୍କ ମନ୍ଦିର ଏବଂ ଆଇତଲଙ୍ଗ ଗ୍ରାମର ଆରାଧ ଦେବୀ ମା'ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ଆଇତଲଙ୍ଗ ଗ୍ରାମର ମା' ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ୭ ତାରିଖ ରୁ ୧୦ ତାରିଖ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସମୂହ ସହଯୋଗରେ ଏହି ଅଷ୍ଟାଦଶ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ କରାଯାଇଛି। କାର୍ଯ୍ୟକ୍ରମ ଅନୁଯାୟୀ ଅଙ୍କୁରାରୋପଣ, ଜଳଯାତ୍ରା ଓ ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା ଓ ମଣ୍ଡପ ଦେବତା ପୂଜା ସହିତ ବୁଧବାର ସନ୍ଧ୍ୟା ସମୟରେ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭୁକୃପା ଲାଭ କରିଥିଲେ । ସେହିପରି ତୁରିନ୍ତିରା ମହାବୀର ହନୁମାନଙ୍କ ପୀଠରେ ଗତ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଗତ ମଙ୍ଗଳବାର ଦିନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ୨ୟ ଏବଂ ୩ୟ ଦିବସରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦାନ କରି ପ୍ରଶାଦ ସେବନ କରିଥିଲେ।

## ଲୁଟ୍ ମାମଲାରେ ଚାରିଗିରଫ



କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ପୋଲିସ ଚାରି ଜଣ ଡକାୟତ କୁ ଗିରଫ କରିବାରେ ସଫଳ ହୋଇଛି କୋଡ଼ିଙ୍ଗା ପୋଲିସ ଗତ କିଛି ଦିନ ତଳେ ଭାରତମାଳା ରାସ୍ତା ରେ ନିର୍ମାଣକାରୀ କମ୍ପାନୀ ର କର୍ମଚାରୀ ଲୁଟ ର ଶିକାର ହୋଇଥିଲେ । ଏନେଇ କୋଡ଼ିଙ୍ଗା ଥାନା ରେ ଏକ ଅଭିଯୋଗ ହୋଇଥିଲା । ତେବେ ଆଜି ସମ୍ପୃକ୍ତ ଅପରାଧି ମାନଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି । ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ନିକଟସ୍ଥ ଭାରତମାଳା ପ୍ରୋଜେକ୍ଟ ଡେଙ୍ଗାଗୁଡ଼ାରେ ଡକାୟତି ହୋଇଥିବା ନେଇ ଗତ ୨୩ .୦୪.୨୦୨୩ ତାରିଖ ଦିନ କୋଡ଼ିଙ୍ଗା ଥାନା ରେ ଏକ ଅଭିଯୋଗ ହୋଇଥିଲା । ଅଭିଯୋଗ ଭିତି କରି ପୋଲିସ ୧୦୪/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏନେଇ ଆଜି କୋଡ଼ିଙ୍ଗା ପୋଲିସ ନବରଙ୍ଗପୁର ସାଇବର ସେଲ ସାହାଯ୍ୟରେ ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ଠାରୁ ୬ ଟି ମୋବାଇଲ ଫୋନ ,ଗୋଟେ ଲାଇଟ ଜବତ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପାପଡାହାଣ୍ଡି ଏସ.ଡି.ପି.ଓ ଆଦିତ୍ୟ ସେନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଚାଲିପିଟା ଗ୍ରାମର ମୂଲିଆ ମିର୍ଗାନ(୨୦)ପଙ୍ଗଲଗୁଡ଼ା ଗ୍ରାମର ବାବୁଲା ହରିଜନ(୨୦) ଓ ତ୍ରିନାଥ ହରିଜନ, (୨୧),ଓ ଭଣ୍ଡାରୀଗୁଡ଼ା ଗ୍ରାମର ବୁଡୁ ହରିଜନ ବୋଲି ଜଣାପଡିଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୋଡ଼ିଙ୍ଗା ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା,ଏସଆଇ ବିକ୍ରମ କେଶରୀ ସାହୁ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## କାଁପଡ଼ାରେ ଜଳଛତ୍ର ଶିବିର

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ର ଶିବିର ଖୋଲାଯାଇଛି। ଏହି ଶିବିରରେ ବିଭିନ୍ନ ସମୟରେ ପଞ୍ଚାୟତର ସରପଞ୍ଚ କୁନ୍ତଳା ମଳିକ ପହଞ୍ଚି ଲୋକମାନଙ୍କୁ ଜଳ ଦାନ କରୁଛନ୍ତି। ପଞ୍ଚାୟତର କାଁପଡ଼ା ଛକ, ବାସୁଳୀ ପଡ଼ିଆ, ମଠସାହି ଛକ, ଦକ୍ଷିଣପାରି ଛକ ଇତ୍ୟାଦି ସ୍ଥାନରେ ଜଳଛତ୍ର ଦିଆଯାଉଛି। ପ୍ରତିଦିନ ଲୋକମାନଙ୍କୁ ଲେମ୍ବୁ ଓ ଦହି ସର୍ବତ ବଣ୍ଟନ କରାଯାଉଛି। ଏହି ଶିବିର ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ବେଳେ ଜୁନ୍ ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

## ଶିରୋଳ ଗାଁ ପୁରୁଷଶୂନ୍ୟ !



କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗରେଇ ପଞ୍ଚାୟତ ଶିରୋଳ ଗ୍ରାମରେ ଏପ୍ରିଲ ୭ ତାରିଖରେ ଜମିଜମା ଗଣ୍ଡଗୋଳକୁ ନେଇ ଗ୍ରାମର ନେତୃତ୍ୱ ନେଉଥିବା ଅଶୋକ କୁମାର ରାଉତଙ୍କୁ ସେହି ଗ୍ରାମର ପ୍ରସନ୍ନ ଲେଙ୍କା ଓ ତାଙ୍କ ପୁଅ ଅନିଲ ମରଣାନ୍ତକ ଆକ୍ରମଣ କରିଥିଲେ। ବାପପୁଅଙ୍କ ଆକ୍ରମଣରେ ଅଶୋକ ରାଉତ ମୁମୂର୍ଷୁ ଅବସ୍ଥା ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଉତ୍ତେଜିତ ହୋଇ ଗ୍ରାମର କେତେକ ଲୋକ ଆକ୍ରମଣକାରୀ ପ୍ରସନ୍ନଙ୍କ ଘର ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପ୍ରସନ୍ନ ଲୋକ ଲଗାଇ ନିଜଘରେ ଭଙ୍ଗାରୁଜା କରି ଗ୍ରାମବାସୀଙ୍କ ମୁଣ୍ଡରେ ଅଠା ବୋଳିବାକୁ ଉଦ୍ୟମ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଘଟଣାରେ ତିର୍ତ୍ତୋଲ ଥାନା କେସ ନମ୍ବର ୧୬୭/୨୩ରେ ଗ୍ରାମର ୧୫ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଘଟଣାରେ ଅଭିଯୁକ୍ତ ମାନେ ହାଇକୋର୍ଟରୁ ମଧ୍ୟବର୍ତ୍ତୀ କାଳିନ ରହିତାଦେଶ ବା ଜାମିନରେ ଆସିଥିବା ବେଳେ ଗତ ୫ତାରିଖ ବିଳମ୍ବିତ ରାତିରେ ତିର୍ତ୍ତୋଲ ପୋଲିସର ଏକ ଟିମ୍ ଶିରୋଳ ଗ୍ରାମରେ ଚଢ଼ାଉ କରିଥିଲେ। ହାଇକୋର୍ଟଙ୍କ ରହିତାଦେଶ ପୋଲିସ ପାଇଥିଲେ ମଧ୍ୟ ବିଳମ୍ବିତ ରାତିରେ ଶିରୋଳ ଗ୍ରାମରେ ପୋଲିସ କବାଟ ବାଡାଇ ଲୋକଙ୍କ ଉପରେ ଜୁଲମ କରିବା ସହ ଜଣେ ମାନସୀକ ବିକୃତ ଯୁବକ ଦେବାଶିଷ ବାରିକକୁ ମାରଧର କରିଥିଲେ। ମାନସିକ ବିକୃତ ଯୁବକ ମାନସିକ ଭାରସାମ୍ୟ ହରାଇ ପୋଲିସ ଉପରେ ଆକ୍ରମଣ କରିବାରୁ ପୋଲିସ ଏସ.ଆଇ ନିଳମ ସୋରେଙ୍ଗ ଆହତ ହୋଇଥିବା ବେଳେ ଏ.ଏସ.ଆଇ ସୁଷମା ମୁଦୁଲିଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଥିଲେ। ଘଟଣାରେ ପୋଲିସ ଉତକ୍ଷିପ୍ତ ହୋଇ ମାନସିକ ବିକୃତ ଯୁବକ ଦେବାଶିଷକୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦେବାଶିଷ ଓ ତା'ର ବଡଭାଇ କୌଣସି ଘଟଣାରେ ଜଡ଼ିତ ନଥିଲେ ମଧ୍ୟ ପୋଲିସ ଜୁଲମର ଶିକାର ହୋଇଥିବା ତାଙ୍କ ବାପା ଅଭିଯୋଗ କରିବା ସହ ଯେ କୌଣସି ଅଘଟଣ ପାଇଁ ପୋଲିସ ଦାୟୀ ରହିବ ବୋଲି କହିଛନ୍ତି। ପୋଲିସ ଉପରେ ଆକ୍ରମଣ ଘଟଣାରେ ଶିରୋଳ ଗ୍ରାମରୁ ଦୀପକ ବାରିକ, ଦେବାଶିଷ ବାରିକ, ବସନ୍ତ ବାରିକ, ଭାଗବତ ବାରିକ ଓ ଅଲେଖ ବାହାଲିଆ ନାମକ ପାଞ୍ଚଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଏସ.ଆଇ ଦିନେଶ ପଟ୍ଟାଙ୍କ ରିପୋର୍ଟକୁ ଆଧାର କରି ତିର୍ତ୍ତୋଲ ଥାନା କେସ ନମ୍ବର ୨୧୭/୨୩ରେ ଶିରୋଳ ଗ୍ରାମର ଅନେକ ଲୋକଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ଗିରଫ ଭୟରେ ଶିରୋଳ ଗାଁ ପୁରୁଷଶୂନ୍ୟ ହୋଇଥିବା ବେଳେ ଗ୍ରାମର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୋଲିସ ଗ୍ରାମର ଲୋକଙ୍କ ଉପରେ ଜୁଲମ କରୁଥିବା ମହିଳା ମାନେ ଅଭିଯୋଗ କରି ସୁରକ୍ଷା ଦାବି କରୁଥିବା ବେଳେ ପୋଲିସ ଏସଡିପିଓ ପୋଲିସ ଉଚିତ କାର୍ଯ୍ୟାନୁଷ୍ଠାନ ନେଉଛି ବୋଲି କହିଛନ୍ତି।

## ପାଣିରେ ବୁଡି ଦୁଇ ନାବାଳକଙ୍କ ମୃତ୍ୟୁ



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଥାନା ଅନ୍ତର୍ଗତ ତୋଣ୍ଡାପାଲି ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ନାବାଳକ ଓ ଜଣେ ନାବାଳିକା ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ଆଜି ସକାଳେ ତୋଣ୍ଡାପାଲି ଗ୍ରାମର ଜଗା ପଡିଆମୀର ଝିଅ ବିନ୍ଦୁ ପଡିଆମୀ (୫) ଓ ପଦିଆ ମାଡକାମୀର ପୁଅ ସେନା ମାଡକାମୀ (୫) ଦୁହେଁ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଗାଧୋଇ ୨ ଜଣ ଘରକୁ ଫେରିନଥିବା ବେଳେ ପରିବାର ବର୍ଗ ପୋଖରୀରେ ଖୋଜାଖୋଜି କରିଥିଲେ। ପାଣିରୁ ଦୁଇ ଜଣଙ୍କ ମୃତଦେହକୁ ପାଇଥିଲେ। ଏନେଇ ମାଲକାନଗିରି ଥାନାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ୨ ଜଣଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଏରସମା, ବାଲିତୁଠରେ ବଢୁଛି ବେଆଇନ ଚିଙ୍ଗୁଡି ଘେରି

ଏରସମା (ଭାସ୍କର ନ୍ୟୁଜ୍): ଏରସମା, ବାଲିତୁଠ ଅଞ୍ଚଳର ସମୁଦ୍ର ଉପକୂଳ ଥିବାରୁ ଏହାର ସୁଯୋଗ ନେଇ କିଛି ବ୍ୟକ୍ତି ସରକାରଙ୍କ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ନିଜର ବ୍ୟକ୍ତିଗତ ସୁବିଧା ପାଇଁ ସାମୂହିକ ସ୍ୱାର୍ଥକୁ ବଳି ପକାଉଛନ୍ତି। ସମୁଦ୍ର ଉପକୂଳ ଠାରୁ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ କୁଆରିଆ ନଦୀ ଉପକୂଳ ସଂଲଗ୍ନ ନିଜସ୍ୱ ଜମିରେ ଲୁଣି ପାଣି ଚିଙ୍ଗୁଡି ଚାଷ କରିବା ପାଇଁ ନିୟମ ରହିଛି। କିନ୍ତୁ ଉପକୂଳ ଠାରୁ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ଚାଷ ଜମି ଥିବା ଚକକୁ ଲାଗି ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ କରାଯାଇଛି। ଏରସମା ବ୍ଲକରେ ଏଭଳି ବେଆଇନ ଚିଙ୍ଗୁଡି ଘେରି ବୃଦ୍ଧି ପାଇବାରେ ଲାଗିଛି। ଦେବୀ ନଦୀ ମୁହାଣ ଠାରୁ ଜଟାଧାରୀ ମୁହାଣ ପର୍ଯ୍ୟନ୍ତ, ଏପରିକି ସରକାରୀ ଜମିରେ ମଧ୍ୟ ଘେରି ତିଆରି ହୋଇଛି। ଏଥିପାଇଁ ଧାନ ଚାଷୀ ବହୁ ପରିମାଣରେ କ୍ଷତି ସହୁଛନ୍ତି। ବର୍ଷା ଦିନିଆ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ଖୋଲା ଯାଇଥିବା ସଫେଇ ନାଳି ମଧ୍ୟରେ ଲୁଣା ପାଣି ଛଡାଯାଉଥିବାରୁ ଏହାର ଚତୁପାର୍ଶ୍ୱରେ ଥିବା ଚାଷ ଜମି କ୍ଷତି ହେଉଛି। ଚିଙ୍ଗୁଡି ଘେରିର ନିକଟରେ ଥିବା ଚାଷ ଜମିରେ ଖରିଫ ଧାନ ଫସଲ ନଷ୍ଟ ହେଉଛି। ବେଆଇନ ଘେରି ବୃଦ୍ଧି ପାଉଥିବାରୁ ଲୁଣା ଜଳସ୍ତର ବୃଦ୍ଧି ପାଉଥିଲା ବେଳେ ମଧୁର ଜଳସ୍ତର କ୍ରମେ ହ୍ରାସପାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଘେରି ଗୁଡ଼ିକରେ ବ୍ୟବହୃତ ହେଉଥିବା ରାସାୟନିକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟାରେ ମାଟିର ଉର୍ବରତା ନଷ୍ଟ ହେଉଛି। ଚିଙ୍ଗୁଡି ଘେରିରୁ ବାହାରୁ ଥିବା ପ୍ରଦୂଷିତ ଜଳକୁ ନଦୀ ଗର୍ଭରେ ଛାଡିବା ଦ୍ୱାରା ପରିବେଶ ଦୂଷିତ ହେଉଛି। ଏଥିପାଇଁ ଅନେକଥର ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି କିନ୍ତୁ ପଦକ୍ଷେପ ଶୂନ। ଏହି ବ୍ଲକର ପଦ୍ମପୁର ପଞ୍ଚାୟତ, ଗଡହରିଶପୁର ପଞ୍ଚାୟତ, ଗଡବିଶୁନୁପୁର ପଞ୍ଚାୟତ ଓ ଜପା ପଞ୍ଚାୟତରେ ଘେରି ସଂଖ୍ୟା ବଢିବାରେ ଲାଗିଛି। ଏହି ସମସ୍ୟାର ଯଦି ସ୍ଥାୟୀ ପ୍ରତିକାର କରାନଯାଏ ଭବିଷ୍ୟତରେ ଏରସମା ବ୍ଲକ ଦୁର୍ଦ୍ଦିନ ମଧ୍ୟକୁ ଠେଲି ହୋଇଯିବ ବୋଲି ବୁଦ୍ଧିଜୀବି ମହଲରେ ତୀବ୍ର ଭାବରେ ମତ ପ୍ରକାଶ ପାଇଛି।

## ଛାତ୍ର ସଙ୍ଗଠନ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ଭାଗଡା ଗ୍ରାମର ଅଗ୍ନି ବିପନ୍ନ ଅନାଦି ପହିଙ୍କ ପରିବାରକୁ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚବିଦ୍ୟାପୀଠ ୧୯୯୭ ବ୍ୟାଚର ଛାତ୍ରଛାତ୍ରୀମାନେ ସହାୟତା ପ୍ରଦାନ କରିଛନ୍ତି। ଛାତ୍ର ସଙ୍ଗଠନ ସଭାପତି ଶ୍ରୀକାନ୍ତ ସାହୁ, ଉପସଭାପତି ନିର୍ମଳ ଶଙ୍ଖୁଆ, ସମ୍ପାଦକ କୁଳମଣି ବିଶ୍ୱାଳ, ସଦସ୍ୟ ଯଦୁନାଥ ବଳ, ହରିହର ବେହେରା, ଅଳକା ମଲ୍ଲିକ, ଗଣେଷ ସାହୁ, କରୁଣାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବୋଲେରୋ ଦୁର୍ଘଟଣାରେ୧୪ ଯାତ୍ରୀ ଗୁରୁତର

କରଞ୍ଜିଆ (ଭାସ୍କର ନ୍ୟୁଜ୍): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ନଂ ୫୩ ରାଜ୍ୟ ରାଜପଥର ପଥୁରିଆ ସାହି ନିକଟରେ ବୁଧବାର ଅପରାହ୍ନ ପ୍ରାୟ ଦେଢଟା ସମୟରେ ଗୋଟିଏ ବୋଲେରୋ ଦୁର୍ଘଟଣାରେ ୧୪ଜଣ ଗୁରୁତର। ଓଡ଼ି ୦୧ ସି ୮୬୯୫ ନମ୍ବର ବୋଲେରୋଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଛି। ବୋଲେରୋରେ ଯାଉଥିବା ସମସ୍ତଙ୍କୁ ଦୁର୍ଘଟଣାସ୍ଥଳରୁ ଏକ ବୋଲେରୋ ଓ ପିକଅପ ଯୋଗେ ସ୍ଥାନୀୟ ଜୟପାଲ ଲେୟାଙ୍ଗିଙ୍କ ସହଯୋଗରେ ଅନ୍ୟ ମାନେ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାଇ ଝିଅ ଘରକୁ ସଦ ଖୁଆଇବା ପାଇଁ କପ୍ତିପଦା ବ୍ଲକ ପୋଡାଡ଼ିହା ଅଞ୍ଚଳରୁ ଗୋଟିଏ ପରିବାରର ବନ୍ଧୁ ବାନ୍ଧବ ବୋଲେରୋ ଯୋଗେ ଆନନ୍ଦପୁର ଥାନା ଅଞ୍ଚଳ ବାଉଁଶଗଡ ଗ୍ରାମ କୁ ଯାଉଥିବା ବେଳେ ଘଟିଛି ଦୁର୍ଘଟଣା। ପ୍ରକାଶଥାଉ କି ପଥୁରିଆ ସାହି ନିକଟରେ ଗୋଟେ ବାଇକକୁ ବଞ୍ଚାଇବାକୁ ଯାଇ ବ୍ରେକ ଦେବାରୁ ଟାୟାର ଫାଟିଯାଇ ଭାରସାମ୍ୟ ହରାଇ ଦୁଇଟି ଗଛକୁ ଧକ୍କା ଦେଇ ରାସ୍ତା କଡ଼କୁ ତିନି ଥର ଓଲଟି ପଡ଼ିଛି। ଗୁରୁତର ୧୪ ଜଣ ମଧ୍ୟରୁ ୪ ଜଣ ଶିଶୁ ଥିବା ବେଳେ ୧୦ ଜଣ ବୟସ୍କ ଥିବା ଜଣାଯାଇଛି। ସମସ୍ତ ଗୁରୁତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଆନନ୍ଦପୁର ଉପଖଣ୍ଡ ଚକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଖବର ପାଇ ମହୁଲଡିହା ଥାନା ପୋଲିସ ଦୁର୍ଘଟଣା ସ୍ଥଳକୁ ଯାଇ ବୋଲେରୋଟିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ଜଳ ମିଶନ ତାଲିମ କାର୍ଯ୍ୟକ୍ରମ




ବାଲିପାଟଣା (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧା ଆଇ. ୱାଇ ଡବ୍ଲୁ ଡବ୍ଲୁ ଯୁବ ସଂଗଠନ ଏବଂ ପମ୍ପାଲୋ ପଞ୍ଚାୟତ ସ୍ତରୀୟ ମହାସଂଘ ର ମିଳିତ ସହଯୋଗ ରେ ଜଳ ସଂରକ୍ଷଣ ଏବଂ ଏହାର ଉପକାରିତା ସଂପର୍କରେ ଏକ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ କୋଡିନେଟର ନିଲମ ସେଠି, ଏମ୍ ବି କେ ବିଜୟ ଲକ୍ଷ୍ମୀ ବେହେରା, ଓଡିଶା ଗ୍ରାମ୍ୟ ବ୍ୟାଙ୍କର ବ୍ୟାଙ୍କ ମିତ୍ର ଲିଜାଲିନ୍ ବାରିକ, ଷ୍ଟେଟ୍ ବ୍ୟାଙ୍କ ମିତ୍ର ସବିତା ସାହୁ ପ୍ରମୁଖ ଯୋଗ ଦେଇ ଜାତୀୟ ଜଳ ମିଶନ ଗ୍ରାମାଞ୍ଚଳରେ ଜଳ ସଂରକ୍ଷଣ ର ସଠିକ ଉପଯୋଗ, ବର୍ଷା ଜଳକୁ କିପରି ସଂଗ୍ରହୀତ ଓ ସଂରକ୍ଷଣ, ନଦୀ ଜଳର ବ୍ୟବହାର ଓ ବିଶ୍ୱ ସ୍ତରରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଆଇ. ୱାଇ ଡବ୍ଲୁ ଡବ୍ଲୁ ସମ୍ପାଦକ ଶିବପ୍ରସାଦ ପାଟଯୋଶି ପରିଚାଳନା କରିଥିଲେ।

### ବ୍ଲକ ଶିକ୍ଷାଧିକାରୀଙ୍କ ଅମାନବୀୟ କାଣ୍ଡ

## ଶିକ୍ଷୟତ୍ରୀଙ୍କୁ ଅସହ୍ୟ କଲା ବିଇଓଙ୍କ ମାନସିକ ନିର୍ଯାତନା , ସଂଜ୍ଞା ହରାଇ ଗୁରୁତର



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅମାନବୀୟ କାଣ୍ଡ ଯୋଗୁଁ ତାଙ୍କ କାର୍ଯ୍ୟାଳୟରେ ଘଟିଛି ଅଭାନୀୟ ଘଟଣା। ଜଣେ ଶିକ୍ଷୟତ୍ରୀଙ୍କୁ ଉଦେଶ୍ୟ ମୂଳକ ଭାବେ ବାରମ୍ବାର କାର୍ଯ୍ୟାଳୟକୁ ଡକାଇ ଦେଉଥିବା ମାନସିକ ନିର୍ଯାତନା ଅସହ୍ୟ କରିବାରୁ ଶିକ୍ଷୟତ୍ରୀ ଜଣଙ୍କ ଗୁରୁତର ହୋଇଛନ୍ତି। ତାଙ୍କୁ ବିଇଓଙ୍କ କାର୍ଯ୍ୟାଳୟରୁ ସଂଜ୍ଞାହୀନ ଅବସ୍ଥାରେ ଢେଙ୍କାନାଳ ମୁଖ୍ୟ ଡକ୍ଟରଖନାରେ ଭତକରାଯାଇଥିବା ଜଣାପଡିଛି।ପ୍ରକାଶ ଥାଉକି, ଢେଙ୍କାନାଳ ସଦର ବିଇଓଙ୍କ ଅମାନବୀୟ କାଣ୍ଡ । ନିଜର ଲାଞ୍ଚଖୋର ମନବୃତି ଯୋଗୁଁ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ବାରମ୍ବାର ଦେଉଛନ୍ତି ମାନସୀକ ନିର୍ଯାତନା। ଏପରିକି ବିଇଓ ମହାଶୟଙ୍କ ଧମକ ଚମକ ଓ ମାନସିକ ନିର୍ଯାତନା ଅସହ୍ୟ କରିବାରୁ ଜଣେ ଶିକ୍ଷୟତ୍ରୀ ସଂଜ୍ଞା ହରାଇ ଗୁରୁତର ହୋଇଥିବା ଘଟଣା ଢେଙ୍କାନାଳରେ ବେଶ ଆଲୋଡନ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ଉକ୍ତ ଶିକ୍ଷୟତ୍ରୀଙ୍କୁ ବିଇଓଙ୍କ କାର୍ଯ୍ୟାଳୟରୁ ଉଦ୍ଧାର କରାଯାଇ ୧୦୮ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି। ଯାହାକୁ ନେଇ ଏବେ ହରଡ଼ଘଣାରେ ପଡ଼ିଯାଇଛନ୍ତି ଢେଙ୍କାନାଳ ସଦର ବ୍ଲକ ଶିଧିକାରୀ ବ୍ରହ୍ମାନନ୍ଦ ରାଉତ। ତାଙ୍କ କାର୍ଯ୍ୟାଳୟରେ ଆଜି ଏପରି ସଂବେଦନଶୀଳ ଘଟଣା ଛାପାଇ ବାକୁ ଯାଇ ସେପରି କିଛି ଘଟି ନାହିଁ ବୋଲି କିପରି ନିଜକୁ ସଫେଇ ଦେଇଛନ୍ତି। ସୂଚନା ଥାଉକି, ସେପରି କିଛି ଘଟଣା ଘଟି ନାହିଁ ବୋଲି ବିଇଓ ବ୍ରହ୍ମାନନ୍ଦ ରାଉତ ମହାଶୟ ସଫେଇ ଦେଇଥିବାବେଳେ, ସେପଟେ କିନ୍ତୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ମହିଳା ଭେଷଜ ୱାର୍ଡର ସି-୫୭ନମ୍ବର ବେଡ଼ରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ମାନସିକ ନିର୍ଯ୍ୟାତନା ଶିକାର ହୋଉଥିବା ଶିକ୍ଷୟତ୍ରୀ। ଗୁରୁତର ଶିକ୍ଷୟତ୍ରୀ ଜଣଙ୍କ ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଗଜମରା ୟୁପି ସ୍କୁଲର ଶିକ୍ଷୟତ୍ରୀ ନବନିତା ସାହୁ ବୋଲି ଜଣାପଡିଛି। ଅତି ମାନସିକ ନିର୍ଯାତନା ଯୋଗୁ ତାଙ୍କ ଅବସ୍ଥା ଶୋଚନୀୟ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । କୁଆଡେ ବିଇଓ ମହାଶୟ ତାଙ୍କ ସ୍କୁଲର ଅନ୍ୟ ଜଣେ ଶିକ୍ଷୟତ୍ରୀଙ୍କୁ ମଧ୍ୟ ବାରମ୍ବାର ହଇରାଣ କରିବା ସହ ଦରମା ବନ୍ଦ କରିଛନ୍ତି। ଫଳରେ ସେହି ଘଟଣାରେ ସତ୍ୟାସତ୍ୟ ଯାଞ୍ଚରେ ବିଇଓଙ୍କ ନିର୍ଦ୍ଦେଶ ମୁତାବକ ସ୍କୁଲର ଶିକ୍ଷୟତ୍ରୀ ଭାବେ ନବନିତା ତାଙ୍କର ସତ୍ୟା ସତ୍ୟ ଲିଖିତ ଭାବେ ଜଣାଇ ସାରିଥିଲେ। ମାତ୍ର ବିଇଓ ମହାଶୟ ମନ୍ଦ ଉଦେଶ୍ୟ ରଖି ସେହି ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ସାକ୍ଷ ଦେବାକୁ ନବନିତାଙ୍କୁ ବାଧ କରି ଆସୁଥିଲେ । ଫଳରେ ତାଙ୍କୁ ବାରମ୍ବାର ତାଙ୍କ କାର୍ଯ୍ୟାଳୟକୁ ଡକାଇ ପରୋକ୍ଷରେ ନାନା ଧମକ ଚମକ ଦେଉଥିଲେ । ଆଜି ମଧ୍ୟ ଅନୁରୂପ ଭାବେ ନବନିତାଙ୍କୁ ବିଇଓ ତାଙ୍କ କାର୍ଯ୍ୟାଳୟକୁ ଡକାଇ ପରୋକ୍ଷ ରେ ଧମକ ଚମକ ଦେବା ପରି ନିର୍ଯ୍ୟାତନା ତାଙ୍କୁ ମାନସିକ ସ୍ତରରେ ଅସହ୍ୟ କରିଥିଲା। ଫଳରେ ତାଙ୍କ ମୁଣ୍ଡ ବୁଲାଇଦେଉଛି କହି ସେ ବିଇଓଙ୍କ ସମ୍ମୁଖ ଚୌକିରେ ବସି ପଡ଼ିଥିଲେ। ଯାହାକୁ ନେଇ ବିଇଓ ମହାଶୟ ଉତକ୍ଷିପ୍ତ ହୋଇ ଷ୍ଟାଣ୍ଡଅପ କହି ଠିଆ କରାଇଦେଇଥିବାରୁ ନବନିତା ସଜ୍ଞା ହରାଇଥିଲେ। ତେବେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ତାଙ୍କୁ ଛାଡି ଯାଇଥିବା ତାଙ୍କ ସାନଭାଇଙ୍କୁ ଫୋନ କରିଥିଲେ । ଆଉ ସାନ ଭାଇ ଆସିବ ପରେ ୧୦୮ଆମ୍ବୁଲାନ୍ସ ଯୋଗେ ନବନିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାରେ ଭତ କରିଥିବା ପ୍ରକାଶ କରିଛନ୍ତି। ବିଇଓଙ୍କ ମାନସିକ ନିର୍ଯ୍ୟାତନାର ଶିକାର ଶିକ୍ଷୟତ୍ରୀ ନବନିତା ସାହୁ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ। ମାତ୍ର ଏପଟେ ଏହି ବିଇଓ ମହାଶୟଙ୍କ ଏପରି ଅମାନୁଷିକକାଣ୍ଡ ଓ ସରକାରୀ ପଦ ପଦବୀର ଅପବ୍ୟବହାର ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଢେଙ୍କାନାଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

## ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା: ସୋନାଲି




କାକଟପୁର,(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଗିରାଙ୍ଗ ନାମକ ଏକ ଛୋଟ ଗ୍ରାମରେ ଜନ୍ମ, ବାପା ସନ୍ତୋଷ ଗଡ଼ନାୟକ ଏବଂ ମା ବାସନ୍ତୀ ଗଡ଼ନାୟକ ଏକ ମାତ୍ର କନ୍ୟା ସନ୍ତାନ। ବର୍ତ୍ତମାନ ସେ ଗୋପାଳ ପ୍ରସାଦ ନିବାସୀ ରାଜେନ୍ଦ୍ର ସିଂହଙ୍କ ପୁତ୍ର ବଧୂ । ଛୋଟ ବେଳୁ ସୋନାଲି ଜଣେ ମେଧାବୀ ଛାତ୍ରୀ ଥିବା ବେଳେ ବର୍ତ୍ତମାନ ସେ ଗଣିତରେ ଏମ୍. ଏ. ସି ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷେକ ମହାବିଦ୍ୟାଳୟ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗଣିତ ସହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ହାସଲ କରିଛନ୍ତି, ସେ ଜଣେ ଉତ୍ତମ ଲେଖିକା ଭାବରେ ଆଜି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ସଦା ସର୍ବଦା ସେ ସାହିତ୍ୟ ପ୍ରତି ସମର୍ପିତ, ଅନୁଗୁଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକତା କଲା ବେଳେ ସେ ତାଙ୍କରି ରକ୍ତରେ ଅନୁଭବ କରିଥିଲେ ସାହିତ୍ୟର ବାସ୍ନା, ଆଉ ସେହି ସମୟରେ ତାଙ୍କରି ଲେଖନୀରୁ ନିସୃତ ହୋଇଥିଲା ନୂଆବୋହୂ, ଅନେକ ସମୀକ୍ଷା ପରେ ସେ ପୁସ୍ତକର ରୂପ ନେବା ସହ ଜନାଦୃତ ହୋଇଥିଲା ଏବଂ ସେଥିନିମନ୍ତେ ସେ ପ୍ରୀତିର ପ୍ରୟାସ ତରଫରୁ ଭାଗୀରଥ ଯୁବ ପୁରସ୍କାରରେ ସମ୍ମାନୀତ ହୋଇଥିଲେ। ଏହାପରେ ସାହିତ୍ୟର ଯାତ୍ରାକୁ ଆହୁରି ଦୃଢ଼ିଭୂତ ନିମନ୍ତେ ସେ ପ୍ରତିଲିପି ଏବଂ ଷ୍ଟୋରୀ ମୀରର ଭଳି ଆପରେ ନିଜ ଲେଖା ପ୍ରକାଶ କରିଥିଲେ । ତା'ପରେ 'ଧାଡିକୁ ଧାଡି' ହୃଦୟେ ମୋ ଜଗନ୍ନାଥ '(କ୍ଷୁଦ୍ର ଗଳ୍ପ ସଂକଳିକା), 'ଉପାସନା' (ଏକ ଉପନ୍ୟାସ)ର ପୁସ୍ତକ ପ୍ରକାଶନ ହୋଇଥିଲା। ତା'ପରେ ନାରୀ ଜନ୍ମର ଦ୍ୱତୀୟ ପାହାଚମାନେ ଶାଶୁ ଘରେ ପାଦ ଦେବା ପରେ 'ତୁମ ଅପେକ୍ଷାରେ' (ପ୍ରେମ ଉପନ୍ୟାସ) ଜନ୍ମ ହୋଇଥିଲା ଏବଂ ପୁସ୍ତକ ପ୍ରକାଶିତ ହୋଇଥିଲା। ଧୀରେ ଧୀରେ ଏ ଯାତ୍ରା ଆଗକୁ ବଢିବା ସହ ହିନ୍ଦୁସ୍ତାନ ରାଇଟର ଆୱାର୍ଡ,ଫମେ ଇନ ଫମେ ଆୱାର୍ଡ, ଆହ୍ୱାହନଇ ପତ୍ରିକା ଆୱାର୍ଡ, ନବଭାରତ ରାଷ୍ଟ୍ରୀୟ ଜ୍ଞାନପିଠ ଆୱାର୍ଡ, ଆୱାର୍ଡର ହକଦାର ହୋଇପାରିଛିନ୍ତି। ସବୁଠୁ ବଡ଼ କଥା ହେଲା ସେ ନୂଆ ବୋହୂ ଏବଂ ହୃଦୟେ ମୋ ଜଗନ୍ନାଥ ନିମନ୍ତେ ଇଣ୍ଡିଆ ବୁକ ଅଫ ରେକର୍ଡରେ ମଧ୍ୟ ସ୍ଥାନ ପାଇଥିଲେ। ନିଜ ଲେଖା ପାଇଁ ମଧ୍ୟ ସେ ଷ୍ଟୋରୀ ମୀରର ତରଫରୁ ପେନ -ଇନ -ବୁକ ତରଫରୁ ଯୁବ ଲେଖକ ପୁରସ୍କାର ଓ ଦିଲ୍ଲୀର ୱେଲଫ୍ୟାରେ ତରଫରୁ ଓଡ଼ିଆ ଶ୍ରେଷ୍ଠ ଯୁବ ଲେଖିକା ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ବର୍ତ୍ତମାନ ଏକ ପତ୍ରିକା ସୌଦାମିନୀ ଓଡ଼ିଆ ହୃଦୟର ପ୍ରତିଷ୍ଠାତ୍ରୀ, ଯାହା ଦ୍ୱାରା ଲୁଚି ରହିଥିବା ସମସ୍ତ ଲେଖକ ଓ ଲେଖିକାଙ୍କୁ ତାଙ୍କ ଲେଖା ନିମନ୍ତେ ଆହ୍ୱାନ କରୁଛନ୍ତି। ତାଙ୍କ କହିବା ଅନୁଯାୟୀ ପ୍ରତିଷ୍ଠିତ ପତ୍ରିକାମାନେ କେବଳ ଭଲ ଲେଖା ସ୍ଥାନ ଦିଅନ୍ତି କିନ୍ତୁ ସେ ତାଙ୍କ ପତ୍ରିକାରେ ସମସ୍ତ ଲେଖା ଗ୍ରହଣ କରୁଛନ୍ତି ଯାହା ଫଳରେ ଆହୁରି ଓଡ଼ିଆ ଭାଷାକୁ ନେଇ ଯୁବ ଗୋଷ୍ଠୀଙ୍କ ଆଗ୍ରହ ବଢିବ ଓ ଓଡ଼ିଆ ଭାଷା ଲୋକାଦୃତ ହେବ। ସତରେ ତାଙ୍କ ଏ ମହତ୍ତ୍ୱ କର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ।

## ଚାନ୍ଦୁଆରେ ହକି ତାଲିମ କେନ୍ଦ୍ର ଉଦ୍‌ଘାଟିତ




ବାରିପଦା (ଭାସ୍କର ନ୍ୟୁଜ୍): ଓଡ଼ିଶା ନାଭାଲ ଟାଟା ଓ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ମିଳିତ ଉଦ୍ୟମରେ ଏକ ହକି ତାଲିମ କେନ୍ଦ୍ର ଚାନ୍ଦୁଆ ଏସ୍ ଏସ୍ ଡି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଛି। ଏହି ତାଲିମ କେନ୍ଦ୍ରକୁ ଭିଡ଼ିଓ କନଫରେସିଂ ମାଧ୍ୟମରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଓସ୍ୱାନ ହଲରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେବାସହ ଆଗାମୀ ଦିନରେ ବହୁ ଯୁବ ଖେଳାଳି ଏଠାରେ ତାଲିମ ନେଇ ଭବିଷ୍ୟତରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖେଳିପାରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ। ତାଲିମ ନେବା ସମୟରେ କ୍ରୀଡା କୌଶଳକୁ ଉତ୍ତମ ଭାବେ ଶିଖିବା ପାଇଁ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ଏଥିପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ନାଏକ ତଥା ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜ୍ଞାନ ଓ ବୈଷୟିକ ବିଭାଗ ଆନୁକୂଲ୍ୟରେ ରାଜ୍ୟର ନୂତନ ବାୟୋଟେକ୍‌ନୋଲୋଜି ନୀତି ନେଇ ଏକ ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଭିନ୍ନ ଶିକ୍ଷଣ ପ୍ରତିଷ୍ଠାନ, ଶିଳ୍ପାନୁଷ୍ଠାନ ଓ ସରକାରଙ୍କ ତରଫରୁ ୫୦ରୁ ଅଧିକ ପ୍ରତିନିଧି ଯୋଗଦେଇ ସେମାନଙ୍କର ମୂଲ୍ୟବାନ ମତାମତ ରଖିଥିଲେ । ରାଜ୍ୟ ଶିଳ୍ପ ନୀତି-୨୦୨୨ରେ ଓଡ଼ିଶା ସରକାର ବାୟୋଟେକ୍‌ନୋଲୋଜିକୁ ଏକ ପ୍ରମୁଖ କ୍ଷେତ୍ର ଭାବେ ଚିହ୍ନିତ କରିଥିବାବେଳେ ସମସ୍ତ ଯୋଗ୍ୟ ବାୟୋଟେକ୍‌ନୋଲୋଜି ଉଦ୍ୟୋଗୀଙ୍କୁ ପର୍ଯ୍ୟାପ୍ତ ସରକାରୀ ସମର୍ଥନ ଓ ସହାୟତା ଦେବାକୁ ଅଂଶୀଦାରମାନେ ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଓ କାରଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିନିଧି ତଥା ଅଂଶୀଦାରମାନଙ୍କ ସହିତ ମତବିନିମୟ ସମୟରେ ବାୟୋଟେକ୍ନୋଲୋଜି ନୀତିରେ ବାୟୋ-ସାମୁଦ୍ରିକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବା ଓ ସେ ଦିଗରେ ରାଷ୍ଟ୍ରୀୟ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନ ସହିତ ସଂପର୍କ ରଖିବା ଉପରେ ପରାମର୍ଶ ଦେଇଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କର ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀବୃନ୍ଦ କର୍ମଶାଳାରେ ଉପସ୍ଥିତ ଥିଲେ।

## ସିଏମ୍‌ସିରେ କାୟାକଳ୍ପ ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧନା




କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ(ସିଏମସି) କାର୍ଯ୍ୟାଳୟ ବିଜୁଭବନରେ ବୁଧବାର ପୌର ନିଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରି କାୟାକଳ୍ପ ପୁରସ୍କାର ପାଇଥିବା ୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟ, ଏଡିପିଏଚଓ ଡାକ୍ତର ମମତା ମହାପାତ୍ର, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ଦେ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ସିଟି ପ୍ରୋଗ୍ରାମ ମ୍ୟାନେଜର ଏଲିନା ମହାପାତ୍ର ଯୋଗଦେଇ ସହରାଞ୍ଚଳରେ ଥିବା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଥିବାରୁ ତାହାର ଉଚ୍ଚ ପ୍ରଶଂସା କରିଥିଲେ । ସିଏମସି ଅଧୀନରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ପୁରସ୍କୃତ ହୋଇଥିବାରୁ ମେୟର ଶ୍ରୀ ସିଂହ ସଂପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି, ଉଲ୍ଲେଖନୀୟ ସ୍ୱାସ୍ଥ୍ୟ ସେବା ପାଇଁ ସିଏମସିର ୧୪ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିଲା । ସେଥିମଧ୍ୟରୁ ଷଣ୍ଢପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କଟକ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରନର୍ସ ଅପ୍ ହୋଇଥିବାରୁ ୧ ଲକ୍ଷ ଟଙ୍କାର ଚେକ ଦିଆଯାଇ ପୁରସ୍କୃତ କରାଯାଇଥିଲା । ସେହିପରି ଅନ୍ୟ ଦୁଇଟି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାଉଳିଆଗଞ୍ଜ ଓ ସିଡିଏକୁ ୧ ଲକ୍ଷ ଟଙ୍କା ଲେଖାଏ ଚେକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍ ବ୍ୟତୀତ ବିଡାନାସୀ, ଜଗତପୁରର ନିମପୁର, ଥୋରିଆସାହି, ନୂଆବଜାର, ବ୍ରଜରମ୍ଭାପୁର, ବକୁଦ, ଏମ ଏସ ଦାସ, ସିଆରଆରଆଇ, ମଞ୍ଜୁଲତା, ତୁଳସୀପୁର ଓ ଓଡିଆବଜାର ଆଦି ୧୧ଟି ସହରାଞ୍ଚଳ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କାୟାକଳ୍ପ ପୁରସ୍କାର ହାସଲ କରିଥିବାରୁ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ।

### ଅନୁଭବ-ବର୍ଷା ମାମଲା

## ପରିବାର ଅଦାଲତରେ ବର୍ଷାଙ୍କୁ ଜେରା

କଟକ(ଭାସ୍କର ନ୍ୟୁଜ୍): କଟକର ପରିବାର ଅଦାଲତରେ ବୁଧବାର ଅନୁଭବ-ବର୍ଷା ଛାଡପତ୍ର ମାମଲାର ଶୁଣାଣି ହୋଇଯାଇଛି । ମାମଲାର ଶୁଣାଣିବେଳେ ଆଜି ପରିବାର ଅଦାଲତରେ ଉଭୟ ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟ ଦର୍ଶିନୀ ହାଜର ହୋଇଥିଲେ। ଏହି ମାମଲାରେ ଆଜି ବର୍ଷାଙ୍କୁ ଜେରା କରାଯାଇଥିଲା । ଜେରା ଅସମ୍ପୂର୍ଣ୍ଣ ରହିଥିବାରୁ ଗୁରୁବାର ଦିନ ପୁଣି ଥରେ ବର୍ଷାଙ୍କୁ ଜେରା କରାଯିବ । ସୂଚନାଥାଉକି ବର୍ଷା - ଅନୁଭବ



ଛାଡପତ୍ର ମାମଲା ଏବେ କଟକର ପରିବାର ଅଦାଲତରେ ବିଚାରଧିନ ରହିଛି । ଅନୁଭବ ବର୍ଷାଙ୍କ ବିରୋଧରେ ଦିଲ୍ଲୀର ପଟିଆଲା କୋର୍ଟରେ ମାମଲା ରୁଜୁ କରିଥିବାବେଳେ ଏହି ମାମଲା ବର୍ଷାଙ୍କ ଆବେଦନ ଆଧାରରେ କଟକର ପାରିବାରିକ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା ।

## କ୍ଷୁଦ୍ର ଗଳ୍ପ ସଂକଳନ 'ମିରମେଡ' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ପୂର୍ବାହ୍ନରେ ରାଜଭବନ ଠାରେ ଓଡ଼ିଆ ସାହିତ୍ୟ ଜଗତର ଆଗଧାଡିର ଗାଳ୍ପିକା ସୁଜାତା ମହାପାତ୍ରଙ୍କ ରଚିତ କିଛି ଗଳ୍ପ ସମୂହର ଇଂରାଜୀ ଅନୁବାଦ ପୁସ୍ତକ 'ମିରମେଡ'କୁ ମହାମହିମ ରାଜ୍ୟପାଳ ଗଣେଶି ଲାଲଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଉନ୍ମୋଚନ ହୋଇଛି । ମହାମହିମ ରାଜ୍ୟପାଳ ଲେଖିକାଙ୍କ ଲେଖନୀର ଭୂୟସୀ ପ୍ରଶଂସା କରିଥିଲେ । ଏହି ଉତ୍ସବରେ



ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶକ ପ୍ରକାଶ ମହାପାତ୍ର, ଓଡିଶା ଲେଖିକା ସଂସଦର ସମ୍ପାଦିକା ଡ଼ଃ ଶକୁନ୍ତଳା ବଳିୟାରସିଂ, ଏ ବି ମହାପାତ୍ର, ଆଶୁତୋଷ ମହାପାତ୍ର, ସ୍ମିତା ମହାପାତ୍ର ଉପସ୍ଥିତ ଥିଲେ ।

## ରାଜସ୍ଥାନ ପରିଦର୍ଶନରେ ଯିବେ ସୋଆ ଛାତ୍ରଛାତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଯୁବ ସଂଗମ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରାଜସ୍ଥାନର ଆଇଆଇଟି ଯିବାକୁ ମନୋନୀତ ହୋଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ୭ ଜଣ ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମରେ ସୋଆର ଛାତ୍ରଛାତ୍ରୀମାନେ ରାଜସ୍ଥାନର ସାଂସ୍କୃତିକ ଭିତିଭୂମି ତଥା ଶିକ୍ଷାଗତ ଅଭିବୃଦ୍ଧି ସମ୍ପର୍କିତ ପ୍ରସଙ୍ଗ ଉପରେ ଅଧ୍ୟୟନ କରିବେ। ଏହି କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ ଅଭିନନ୍ଦନ ଜଣାଇବା ସହ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଉପଦେଶ ଦେଇଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସାମଗ୍ରିକ ଅଭିବୃଦ୍ଧିର ମାଧ୍ୟମ ହେବ ବୋଲି ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସୋଆର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲିକ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ଅଂଶୁମାନ ଜେନା ଉପସ୍ଥିତ ଥିଲେ।

## ୧୨ ଲକ୍ଷ ଟଙ୍କାର ଲୋନ୍ ଠକେଇ, ୩ ଗିରଫ

କଟକ(ଭାସ୍କର ନ୍ୟୁଜ୍): ବାଜାଜ୍ ଫାଇନାନ୍‌ସରୁ ଦୁଇ ଜଣ ବ୍ୟକ୍ତିଙ୍କ ନାମରେ ଲୋନ୍ କରିଥିବା ୩ ଅଭିଯୁକ୍ତଙ୍କୁ ବୁଧବାର କମିଶନରେଟ୍ ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଛି । ବାଜାଜ୍ ଫାଇନାନ୍‌ସ କମ୍ପାନୀର କର୍ମଚାରୀ ବିନୋଦ କୁମାର ସାହୁ କୃଷକ ବଜାରର ରଶ୍ମୀ ରଞ୍ଜନ ଚୌଧୁରୀ ଓ ତେଲେଙ୍ଗା ବଜାର ଅଞ୍ଚଳର ଅଙ୍କିତ୍ କୁମାର ଜେନା ସରଳ ଲୋକମାନଙ୍କର ଆଧାର କାର୍ଡ, ସେମାନଙ୍କ ଫଟୋ, ପ୍ୟାନ୍ କାର୍ଡ, ପାସବୁକ୍ ଆଦି ସଂଗ୍ରହ କରି ସେମାନଙ୍କ ନାମରେ ୪୩ ହଜାର ଓ ୫୬ ହଜାର ଟଙ୍କାର ଲୋନ୍ ଉଠାଇ ନେଇଥିଲେ । ଅଭିଯୁକ୍ତମାନେ ଏହି ଭଳି ୫୬ ଜଣ ଲୋକଙ୍କ ନାମରେ ୧୨ ଲକ୍ଷ ଟଙ୍କାର ଲୋନ୍ କରି ଠକି ନେଇଥିବା ଜଣାପଡିଛି । ଏହି ଘଟଣାରେ କମିଶନରେଟ୍ ପୋଲିସ୍ ବିନୋଦ ସାହୁ, ଅଙ୍କିତ୍ ଜେନା ଓ ସତ୍ୟ ନାରାୟଣ ମହାରଣାଙ୍କୁ ଗିରଫ କରିଥିବାବେଳେ ରଶ୍ମୀ ରଞ୍ଜନ ଚୌଧୁରୀ ଫେରାର ଥିବା ଜଣାପଡିଛି ।

## କାର ସହ ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

କଟକ(ଭାସ୍କର ନ୍ୟୁଜ୍): ନିଜକୁ ଉତ୍ତର ପ୍ରଦେଶର ପୂର୍ବତନ ବିଧାୟକ ପରିଚୟ ଦେଇ ଓଡିଶାରୁ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଅଭିଯୁକ୍ତକୁ ବୁଧବାର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଗିରଫ କରାଯାଇଛି। ପୋଲିସ୍ ଏହି ଘଟଣାରେ ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ଏକ ହୋଣ୍ଡା ସିଟି କାର୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ୨ଜଣ ହେଲେ ଉତ୍ତରପ୍ରଦେଶର ମଜାଦ୍ ଓ ତାବ୍ରେଜ୍ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଜବତ ଗାଡିର ସିକ୍ରେଟ ଚ୍ୟାମ୍ବରରେ ଗଞ୍ଜେଇ ରଖି ଆନ୍ଧ୍ର ପ୍ରଦେଶରୁ ଉତ୍ତର ପ୍ରଦେଶକୁ ଚାଲାଣ କରାଯାଉଥିବା ଜଣାପଡିଛି। କଟକ ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଅବକାରୀ ଗୁଇନ୍ଦା ବିଭାଗ ଉକ୍ତ ଗାଡି ସହ ଚୋରା ଗଞ୍ଜେଇ ଜବତ କରିଛି । ଗିରଫ ପରେ ପୋଲିସ୍ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି ।

## 'ରାଜ୍ୟରେ ଧଣିଚା ଚାଷକୁ ବ୍ୟାପକ କରାଯିବ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ଖରିଫ ଚାଷ ନିମନ୍ତେ ଚାଷୀମାନଙ୍କୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ବିହନ ଓ ସାର ଅନ୍ୟ କୃଷି ସାମଗ୍ରୀ ଯୋଗାଇଦେବା ସହିତ ସବୁଜ ସାର ଭାବରେ ରାଜ୍ୟରେ ଧଣିଚା ଚାଷକୁ ବ୍ୟାପକ କରାଯାଇ କୃଷି ଉତ୍ପାଦନକୁ ବୃଦ୍ଧି କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଇ ମାସ ଶେଷ ସୁଦ୍ଧା ସମସ୍ତ ଜିଲ୍ଲାକୁ ଧଣିଚା ବିହନ ଯୋଗାଇଦେବାକୁ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି କୃଷି ଭବନଠାରେ ଆୟୋଜିତ ଏବଂ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ଓଡ଼ିଶାରେ ଚଳିତ ବର୍ଷ ରେକର୍ଡ ୧୩ ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବାରୁ ବିଭାଗର ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ । ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଯୋଗାଇ କ୍ଷେତ୍ରରେ କୌଣସି ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ଏବଂ ଅସାଧୁ ଡିଲର ଓ କର୍ମଚାରୀମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ସଂପ୍ରତି କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ରୂପେ ପରିଗଣିତ ହୋଇପାରିଛି। ନାନୋ ୟୁରିଆର ବ୍ୟବହାରିତାକୁ ଦେଖି ଚାଷ କ୍ଷେତ୍ରରେ ତାହାର ପ୍ରୟୋଗକୁ ବ୍ୟାପକ କରିବା ପାଇଁ ଡ. ପାଢ଼ୀ ପରାମର୍ଶ ଦେଇଥିଲେ। ଆବଶ୍ୟକତାଠାରୁ ଅଧିକ ପରିମାଣର କୀଟନାଶକ ପ୍ରୟୋଗକୁ ରୋକିବା ଦିଗରେ ସରକାରୀ ସ୍ତରରେ ଏକ ବିଧିବଦ୍ଧ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୃତିକା ପରୀକ୍ଷଣ, ଜଳନିଧି-୧, ଆରଆଇଏଫ୍ ଜଳନିଧି-୨ ଓ ସୌର ଜଳନିଧି ଆଦି ଯୋଜନା ସଂପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ସମସ୍ତ ଜିଲ୍ଲାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇଥିଲେ ।

### 'ମୋ ସ୍କୁଲ୍ ଅଭିଯାନର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

## ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ମିଳିଲା ଅନୁମୋଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟଗୁଡିକୁ ୨୦୨୩ ଡିସେମ୍ବର ସୁଦ୍ଧା ୫ ଟିରେ ରୂପାନ୍ତରିତ କରିବାକୁ ନିଷ୍ପତି ନେଇଛନ୍ତି । ବିଦ୍ୟାଳୟ ଶିକ୍ଷା ସଚିବ ଅଶ୍ୱଥି ଏସ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ମୋ ସ୍କୁଲ ଅଭିଯାନ'ର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଚତୁର୍ଥ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ପ୍ରସ୍ତାବିତ ସମୟସୀମା ପୂର୍ବରୁ ଶେଷ କରିବା ନେଇ ଆଲୋଚନା ହୋଇଥିଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପରେ ଚତୁର୍ଥ ପର୍ଯ୍ୟାୟରେ ୧୫୦୦ରୁ ଉଦ୍ଧ୍ୱର୍ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହେବ । ଫଳସ୍ୱରୂପ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର, ଉନ୍ନତ କ୍ରୀଡ଼ା ଭିତିଭୂମି, ଶିଶୁ ସୁଲଭ ସ୍କୁଲ କ୍ୟାମ୍ପସ୍ ସହ ଶୁଦ୍ଧ ପାନୀୟ ଜଳ ଓ ପୃଥକ୍ ଶୌଚାଳୟର ସୁବିଧା ପାଇପାରିବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ ଆଣ୍ଡ ଏସ୍‌ସିଇଆରଟି ଏବଂ ମୋ ସ୍କୁଲ୍ ଅଭିଯାନ ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## କିମ୍‌ସରେ ବିଶ୍ୱ ଲୁପ୍‌ସ ଦିବସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିମ୍‌ସ-ଭୁବନେଶ୍ୱରରେ ବୁଧବାର ବିଶ୍ୱ ଲୁପସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିମ୍‌ସ କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ 'ସୁସ୍ଥ ଜୀବନ ପାଇଁ ଯୋଗ' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗାଭ୍ୟାସ ଓ ପ୍ରାଣାୟମ ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରତିବର୍ଷ ମେ ୧୦ ତାରିଖରେ ବିଶ୍ୱ ଲୁପସ୍ ଦିବସ ବିଭିନ୍ନ ବିଷୟବସ୍ତୁକୁ ନେଇ ପାଳିତ ହୋଇଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା 'ମେକ୍ ଲୁପସ୍ ଭିଜିବଲ'। ସମାଜରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଲୁପସ୍ ରୋଗୀମାନଙ୍କୁ ଶାରିରିକ ଓ ମାନସିକ ଭାବେ ସୁଦୃଢ଼ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ କିମ୍‌ସ କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ରାମନାଥ ମିଶ୍ର କହିଲେ ଲୁପସ୍ ଓ ଅନ୍ୟାନ୍ୟ ସ୍ୱପ୍ରତିରୋଧୀ ରୋଗର ବିଭିନ୍ନ ରୋଗୀଙ୍କ କ୍ଷେତ୍ରରେ ଅଲଗା ଅଲଗା ଚିକିତ୍ସା ହୋଇଥାଏ। ତେବେ ଡାକ୍ତରଙ୍କ ଉପରେ ଭରସା ଓ ବିଶ୍ୱାସ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। କିମ୍‌ସର ବିଶିଷ୍ଟ ର୍ୟୁମାଟୋଲୋଜିଷ୍ଟ ଡା. ପ୍ରଶାନ୍ତ ପଧାନ ଲୁପସ୍ ରୋଗ ନେଇ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏ କ୍ଷେତ୍ରରେ ରୋଗୀମାନେ ନିଜେ ନିଜର ଚିକିତ୍ସା ନିଷ୍ପତ୍ତି ନ ନେଇ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ ବୋଲି ସେ କହିଥିଲେ। କୌଣସି ପୁରାତନ ରୋଗ ଥିଲେ ରୋଗୀ ବିନା ଦ୍ୱିଧାରେ ଡାକ୍ତରଙ୍କ ସହ ରୋଗ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିବାକୁ କିମ୍‌ସ ସହକାରୀ ପ୍ରଫେସର ସକିର ଅହମ୍ମଦ ପରାମର୍ଶ ଦେଇଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରି ଆଗେଇ ଚାଲିଥିବା ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ( ଓଏସଓୟୁ )ର ପଞ୍ଚମ ସମାବର୍ତ୍ତନ ଉତ୍ସବ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳସଚିବ ଡ ମାନସ ରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ସମାବର୍ତ୍ତନ ସମାରୋହ ପ୍ରାରମ୍ଭ ହୋଇଥିଲା । ମହାମହିମ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କର ନିର୍ଦ୍ଦେଶାନୁସାରେ କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ AICTEର ପୂର୍ବତନ ଅଧକ୍ଷ, ଆଇ.ଆଇ.ଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ଆଚାର୍ଯ୍ୟ ଯୋଗଦେଇ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବ ପାଇଁ ଶୁଭେଚ୍ଛା ଓ ଶୁଭବର୍ତ୍ତା ଜଣାଇଲେ । କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ର ବିଶ୍ୱବିଦ୍ୟାଳୟର ଅଗ୍ରଗତି ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ଓଏସଓୟୁର ପରିଚାଳନା କମିଟିର ସଦସ୍ୟ ଭାବେ ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର , ପ୍ରଫେସର କାଳିଦାସ ମିଶ୍ର, ଡ ଆଁ.ବି ମିଶ୍ର , ପ୍ରଫେସର ମଧୁଲିକା କୌଶିକ ଯୋଗଦେଇଥିଲେ । ଶୈକ୍ଷିକ ପରିଷଦ(ଏକାଡେମିକ କାଉନସିଲ) ସଦସ୍ୟ ଭାବେ, ଡ ଉତ୍ତମ କୁମାର ପ୍ରଧାନ, ଡ ପ୍ରଫୁଲ୍ଲ କୁମାର ପଣ୍ଡା, କ୍ଷୀତିଶ ଚନ୍ଦ୍ର ଭୋଇ, ଡ ସୁରେଶ ଚନ୍ଦ୍ର ପଟେଲ, ଡ ସାଗରିକା ମିଶ୍ର, ଡ ଦିଲ୍ଲୀପ କୁମାର ନାୟକ,ଡ ରତ୍ନାକର ରାୟ ଓ ଯୋଜନା ପରିଷଦର ସଦସ୍ୟ ଭାବେ ତ୍ରିବିକ୍ରମ ପ୍ରଧାନ, ଅସୀମ କୁମାର ପଟେଲ, ସୁଶ୍ରୀ ଶୀତଲ ପୂର୍ଣ୍ଣିମା, ଡ ନଳିନୀ ରଞ୍ଜନ ଷଡଙ୍ଗୀ ଯୋଗ ଦେଇଥିଲେ । ଉତ୍ସବରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଜିଏମୟୁରୁ କୁଳସଚିବ ଡ ଯୁଗଳେଶ୍ୱରୀ ଦାଶ, ଉପକୂଳ ସଚିବ ଡ ଉମା ଚରଣ ପତି, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା,ଭିସ୍ୟୁଟ କୁଳପତି ପ୍ରଫେସର ବଂଶୀଧର ମାଝୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡ ନୃପରାଜ ସାହୁ, ପ୍ରଫେସର ବିଶ୍ୱଜିତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ସମେତ ସହରର ଅନେକ ବରିଷ୍ଠ ତଥା ମାନ୍ୟଗଣ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ବିଶ୍ୱ ଲୁପ୍‌ସ ଦିବସରେ ସଚେତନତା ରାଲି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ମେ ୧୦ତାରିଖରେ ବିଶ୍ୱ ଲୁପସ ଦିବସ ପାଳନ କରାଯାଇଥାଏ। ଏହି ଦିବସର ଉଦ୍ଦେଶ୍ୟ ହେଉଛି ସମାଜରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଆକ୍ରାନ୍ତମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଏହି କ୍ଷେତ୍ରରେ ସାମ୍ପ୍ରତିକ ବିକାଶର ହିତାଧିକାରୀ କରିବା। ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ସେଣ୍ଟର (ଓଏଆରସି) ସହଯୋଗରେ ଆମେ ଲୁପସର ସାହସୀ ଯୋଦ୍ଧାମାନଙ୍କୁ ସମ୍ମାନିତ କରୁଛୁ। ଓଡିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ସେଣ୍ଟର ସହୀଦନଗର ଠାରେ ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି। ୨୦୨୩ ମସିହା ମେ ୧୦ତାରିଖ ସକାଳ ୮ଟାରୁ ସହୀଦନଗରର ରୁପାଲି ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ବିଧାକ ଅନନ୍ତ ନାରାୟଣ ଜେନା ସଭାପତିଭାବେ ଯୋଗଦେଇ ରାଲିକୁ ଉଦ୍‌ଘାଟନ କରିଥିଲେ।




ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କୁଅଁର, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଭାରତୀୟ ରିଉମାଟୋଲୋଜି ସଂଘ, ଓଡ଼ିଶା ଶାଖାର ସଭାପତି ଡାକ୍ତର ମନୋଜ ଛୋଟରାୟ, ପୂର୍ବତନ ସଭାପତି ଡାକ୍ତର ବିଜୟ କୁମାର ମିଶ୍ର ଓ ଡାକ୍ତର ଭରତ କୁମାର ପାଣିଗ୍ରାହୀର ରାଲିକୁ ସମ୍ବୋଦ୍ଧିତ କରିଥିଲେ। (ଓଏଆରସି)ର ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡଃ ଜ୍ୟୋତି ରଞ୍ଜନ ପରିଡା କହିଥିଲେ ଯେ ପ୍ରତି ୧୦୦୦ଲୋକଙ୍କ ମଧ୍ୟରେ ଜଣେ ଏହି ରୋଗରେ ଆକ୍ରାନ୍ତ ଅଛନ୍ତି ଏବଂ ୧୦ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୯ଜଣ ମହିଳା ଅଛନ୍ତି। ଜ୍ୱର, ଛାତିରେ ଯନ୍ତ୍ରଣା, କେଶ ଝଡିବା, ଚର୍ମ ସଂକ୍ରମଣ ଭଳି ସମସ୍ୟା ଦେଖାଦେଲେ ରୋଗୀଙ୍କୁ ଗଣ୍ଠି ଯନ୍ତ୍ରଣା ହେବାର ଆଶଙ୍କା ଥାଏ। ଏହା କୌଣସି ସଂକ୍ରାମକ ରୋଗ ନୁହେଁ। ଆଣ୍ଟି ନ୍ୟୁକ୍ଲିୟର ଆଣ୍ଟିବଡି ଟେଷ୍ଟ ଦ୍ୱାରା ଏହାକୁ ଚିହ୍ନଟ କରାଯାଇପାରିବ।

## ଓଡିଶା ପାଇଁ କାର୍ଯ୍ୟ ଅପେକ୍ଷା ପ୍ରଚାରରେ ଆଗ୍ରହୀ କେନ୍ଦ୍ରମନ୍ତ୍ରୀ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶା ପାଇଁ ପ୍ରକୃତରେ କାର୍ଯ୍ୟ କରିବା ଅପେକ୍ଷା ପ୍ରଚାରରେ ଅଧିକ ଆଗ୍ରହୀ । ବିଜେପିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି ପ୍ରତି ଏଭଳି ମନ୍ତବ୍ୟ ଦେଇଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ଲେନିନ ମହାନ୍ତି । ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି ଯେ ଏ ସଂକ୍ରାନ୍ତରେ ସର୍ବଶେଷ ଉଦାହରଣ ହେଉଛି କପିଳେଶ୍ୱର ମନ୍ଦିର ପ୍ରସଙ୍ଗ । ମଇ ୫ତାରିଖରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଥିଲେ ଯେ କପିଳେଶ୍ୱର ମନ୍ଦିରର ରକ୍ଷଣାବେକ୍ଷଣ ଏଏସଆଇ ଦ୍ୱାରା ହାତକୁ ନିଆଯିବ । ତେବେ ମଇ ୯ତାରିଖରେ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମରେ ଜୋରଦାର ପ୍ରଚାର ସହ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଏକ ଚିଠି ଲେଖି କପିଳେଶ୍ୱର ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଏଏସଆଇକୁ ଅନୁରୋଧ କରିଛନ୍ତି । ଏହି ପ୍ରସଙ୍ଗରେ ଏବେ ସମସ୍ତେ ହସୁଛନ୍ତି । ଶ୍ରୀ ପ୍ରଧାନ ନିଜର ପ୍ରଚାର ପ୍ରସାର କରିବା ଏବଂ ଚିଠି ଦେବା ପରିବର୍ତେ କେବଳ ତାଙ୍କ ସହକର୍ମୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ଠାରୁ ଏ ସଂକ୍ରାନ୍ତରେ ବୁଝି ପାରିଥାନ୍ତେ । ଆମେ ଜାଣିଛୁ ଯେ କପିଳେଶ୍ୱର ମନ୍ଦିର କିମ୍ବା ଅନ୍ୟାନ୍ୟ ପ୍ରସଙ୍ଗରେ କାର୍ଯ୍ୟ ଅପେକ୍ଷା ଶ୍ରୀ ପ୍ରଧାନ ପ୍ରଚାରରେ ଅଧିକ ଆଗ୍ରହୀ । ସେ ତାଙ୍କ ଦଳର ସହକର୍ମୀ ଶ୍ରୀମତୀ ଅପରାଜିତାଙ୍କ ଠାରୁ ଶିଖି ନେବା ଉଚିତ ବୋଲି ଡକ୍ଟର ମହାନ୍ତି କହିଛନ୍ତି ।



ଝରିଗାଁ, (ଭାସ୍କର ନ୍ୟୁଜ୍): ୬୨ଟି କଇଁଛ ସହିତ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ଖବର ଝରିଗାଁ ଅଞ୍ଚଳରେ ଚହଳ ସୃଷ୍ଟି କରିଛି। ସୂଚନା ମୁତାବକ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତର କଂଗ୍ରା ଗ୍ରାମ ଅଞ୍ଚଳରେ ଝରିଗାଁ ବନବିଭାଗ ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବ୍ୟକ୍ତି ନମ୍ବର ନ ଥିବା ଏକ ବାଇକ୍‌ରେ ଜରିବସ୍ତାଟେ ଲଦି ଯାଉଥିଲେ। ଏହାଦେଖି ସନ୍ଦେହ କରି ବନ କର୍ମଚାରୀମାନେ ଯୋଡ଼ାଆମ୍ବ ଠାରେ ଉକ୍ତ ଗାଡିକୁ ଅଟକେଇ ଥିଲେ। ଜରିବସ୍ତା ଭିତରେ ୬୨ଗୋଟି କଇଁଛ ଦେଖି ଉକ୍ତ ବ୍ୟକ୍ତିକୁ ଅଟକ ରଖିଥିଲେ। ପଚରାଉଚରା କରିବାରୁ ବ୍ୟକ୍ତି ଜଣକ ନିଜ ନାମ ଧୀରଜ ମିସ୍ତ୍ରୀ (୩୫), ଓ କୋଦଭଙ୍ଗା ଗ୍ରାମର ବାସିନ୍ଦା ବୋଲି କହିଥିଲେ। ସେ କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଅନ୍ତର୍ଗତ ଗୋଟୋମୁଣ୍ଡା ପଞ୍ଚାୟତରୁ କଇଁଛ ନେଇକି ଆସୁଛନ୍ତି ବୋଲି କହିଥିଲେ। କଇଁଛ କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଥିବା କହିଥିଲେ ଉକ୍ତ ବ୍ୟକ୍ତି। ତାଙ୍କ ନାମରେ କେସ ନମ୍ବର ୩୧/୨୩-୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏହି ସମୟରେ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ଏନ୍ ବାବାଜୀ ରାଓ, ଅନନ୍ତ କୁମାର ଝାଙ୍କର ଓ ପାରାଷ୍ଟାଫ୍‌ମାନେ ଉପସ୍ଥିତ ରହିଥିଲେ।

## ‘୫-ଟି’ ସଚିବଙ୍କ ସମୀକ୍ଷା ପରେ

# ୧୧ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ୬.୨୫ କୋଟି ଟଙ୍କା ମଞ୍ଜୁର



ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, (ମୁଖ୍ୟମନ୍ତ୍ରୀଙ୍କର ଟ୍ରାନ୍ସଫର୍ମେସନ୍ ଆଣ୍ଡ ଇନିସିଏଟିଭ୍ସର) ୫-ଟି ସଚିବ ଭିକେ. ପାଣ୍ଡିଆନ ଶନିବାର ଓ ରବିବାର ହିଞ୍ଜିଳିକାଟୁ ଗସ୍ତରେ ଆସି ବିଭିନ୍ନ ଉନ୍ନୟମୂଳକ ପ୍ରକଳ୍ପର ସମୀକ୍ଷା କରି ଫେରିଥିଲେ। ଏହି କ୍ରମରେ ସେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁ ଏବଂ ଶେରଗଡ଼ ପଞ୍ଚାୟତ ସମିତିର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ସ୍ଥାନ ପରିଦର୍ଶନ କରି ବିକାଶ କାର୍ଯ୍ୟର ସମୀକ୍ଷା କରିବା ସହ ଉକ୍ତ ସ୍ଥାନମାନଙ୍କରେ ଆବଶ୍ୟକୀୟ ବିକାଶ ପ୍ରକ୍ରିୟାର ରୂପରେଖ ପ୍ରସ୍ତୁତ କରିଥିଲେ। ସମୀକ୍ଷା କରି ଫେରିବାର ମାତ୍ର ୨୪ ଘଣ୍ଟା ଭିତରେ ବିଭିନ୍ନ ପ୍ରକଳ୍ପ ଅନୁମୋଦିତ ହୋଇ ବିକାଶ ପ୍ରକ୍ରିୟା ପାଇଁ ଆବଶ୍ୟକୀୟ ଅର୍ଥରାଶି ମଞ୍ଜୁର କରାଯାଇଥିବା ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା ଏନେଇ ସୂଚନା ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ୧୧ଟି ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ୬.୨୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ସେ ପ୍ରକାଶ କରିଛନ୍ତି। ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅନ୍ତର୍ଗତ ବେଲଗାଁ ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୨୫ ଲକ୍ଷ, ଖମ୍ବେୟା ଦୋରା ବିଜ୍ଞାନ ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ, କଞ୍ଚୁରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୨୫ ଲକ୍ଷ, ଶାସନ ଆମ୍ବଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୨୫ ଲକ୍ଷ, ଗଣ୍ଡଲା ଶ୍ରୀ ବେଲେଶ୍ୱର ସ୍ନାତକ ମହାବିଦ୍ୟାଳୟ ପାଇଁ ୨୫ ଲକ୍ଷ ଟଙ୍କା, ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ ସ୍ୱୟଂଶାସିତ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ ପାଇଁ ୧କୋଟି ୨୫ଲକ୍ଷ ଟଙ୍କା, ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ ହିଞ୍ଜିଳିକାଟୁ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୧ କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଶେରଗଡ଼ ପଞ୍ଚାୟତ ସମିତି ଅନ୍ତର୍ଗତ ଉଦୟ ପ୍ରତାପ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟ ପାଇଁ ୧କୋଟି ଟଙ୍କା, ପାକିଡି ପିଉଳ କନିଷ୍ଠ ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ, ଶେରଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୨୫ଲକ୍ଷ, ଶେରଗଡ଼ ଉଦୟ ପ୍ରତାପ ବିଜ୍ଞାନ (ସ୍ନାତକ) ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତାର ଷଷ୍ଠ ପର୍ଯ୍ୟାୟର ଦ୍ୱିତୀୟ ଭାଗରେ ଏହି ଆର୍ଥିକ ସହାୟତା ରାଶି ଆବଣ୍ଟିତ କରାଯାଇଥିବା ଜଣା ପଡ଼ିଛି।

## ନଥିପତ୍ର ଜାଲିଆତି କରି ଜମି ବିକ୍ରି ଅଭିଯୋଗ

# ଅବସରପ୍ରାପ୍ତ ଶିକ୍ଷକ ଓ ଭାଇ ଗିରଫ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଡକ୍ୟୁମେଣ୍ଟ ଜାଲିଆତି କରି ଜମି ବିକ୍ରି କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେକ ଅବସରପ୍ରାପ୍ତ ଶିକ୍ଷକ ଓ ତାଙ୍କ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମ ନଗର ଦ୍ୱିତୀୟ ଲାଇନରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ମିଶ୍ର (୭୨) ଓ ତାଙ୍କ ସାନଭାଇ ଅଶୋକ କୁମାର ମିଶ୍ର (୬୨)। ପୁଲିସ ଅଭିଯୁକ୍ତ ନିକଟରୁ ଜାଲ୍ ବିକ୍ରୟ କାରବାର ନମ୍ବର, ପ୍ଲଟଗୁଡିକର ଲେଆଉଟ୍, ଅଶୋକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦଲିଲ ଗୁଡ଼ିକର ସାର୍ଟିଫାଇଡ୍ କପି, ଜମି କ୍ରୟର ଇ.ସି ସାର୍ଟିଫାଇଡ୍ କପି ଜବତ କରିଛି। ଅଭିଯୋଗକାରୀ ସରୋଜ କୁମାର ମିଶ୍ର ଓ ଅଶୋକ କୁମାର ମିଶ୍ରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାର କାଗଜପତ୍ରକୁ ମଧ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ସିଦ୍ଧାର୍ଥନଗର ତୃତୀୟ ଲାଇନରେ ସରୋଜ କୁମାର ମିଶ୍ର ଓ ସଲିଳ କୁମାର ମିଶ୍ର ରୁହନ୍ତି। ସଲିଳ ବାହାରେ କାର୍ଯ୍ୟ କରନ୍ତି। ଗତ ୨୦୧୦-୧୧ ମସିହାରେ ସୋରଜ୍ ତାଙ୍କ ଭାଇ ସଲିଳଙ୍କ ପାଇଁ ଅଶୋକ ମିଶ୍ର ଓ ଦିଲ୍ଲିପ ମିଶ୍ରଙ୍କଠାରୁ ସମସ୍ତ ଚୁକ୍ତି ଅର୍ଥ ପୈଠ କରି ଗୁରୁଣ୍ଟି ମୌଜାରେ ୬ ପ୍ଲଟ୍ ବିକ୍ରି କରିଥିଲେ। ଏହି ଜମି ବିକ୍ରୟ ପ୍ରସ୍ତାବ ଦିଲୀପ କୁମାର ମିଶ୍ର ପ୍ରଦାନ କରିଥିଲେ। କିଛିମାସ ପୂର୍ବେ ସଲିଳ ଛୁଟିରେ ଘରକୁ ଫେରିଥିଲେ ଓ କିଣିଥିବା ୬ଟି ପ୍ଲଟରେ ପାଚେରୀ ନିର୍ମାଣ କରିବାକୁ ଯାଇଥିଲେ। ଏହି ସମୟରେ ଉଭୟ ଭାଇଙ୍କୁ ଜମିର ପ୍ରକୃତ ମାଲିକ ଭାଗ୍ୟଶ୍ରୀ ବିଶ୍ୱାସରାଏ ଓ ଡାକ୍ତର ପାଣିଗ୍ରାହୀ ପ୍ରତିବାଦ କରିଥିଲେ। ଶ୍ରୀମତୀ ରାଏ ଓ ପାଣିଗ୍ରାହୀ ଦେଖାଇଥିବା ଦଲିଲ ଯାଞ୍ଚ ପରେ ସରୋଜ ଓ ସଲିଳ ଜାଣିବାକୁ ପାଇଲେ ଯେ ତିନୋଟି ପ୍ଲଟ୍‌ର ଡକୁମେଣ୍ଟଗୁଡିକୁ ଜାଲିଆତି କରି ଦିଲ୍ଲିପ ଓ ଅଶୋକ ଜମି ବିକ୍ରୟ କରି ତାଙ୍କୁ ପ୍ରତାରଣା କରିଛନ୍ତି। ସେମାନେ କିଣିଥିବା ୬ଟି ପ୍ଲଟ ମଧ୍ୟରୁ ୩ଟି ପ୍ଲଟ ଅନ୍ୟ ଜଣଙ୍କ ନାମରେ ଥିବା ଜଣାପଡ଼ିଥିଲା। ସରୋଜ ଓ ସଲିଳ ଏନେଇ ଦିଲୀପ ଅଶୋକଙ୍କୁ ଓ ପଚାରିଥିଲେ। ଶେଷରେ ଦିଲ୍ଲିପ ଓ ଅଶୋକ ୧୫ ଲକ୍ଷ ଟଙ୍କା ସରୋଜ ଓ ସଲିଳଙ୍କୁ ଫେରାବେ ବୋଲି ଚୁକ୍ତି କରିଥିଲେ। ହେଲେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏମାନେ ଟଙ୍କା ଫେରାଇନଥିଲେ। ବାରମ୍ବାର ଟଙ୍କା ମାଗିବାରୁ ଉଭୟ ଭାଇ ଟଙ୍କା ଫେରାଇବା ପରିବର୍ତ୍ତେ ଧମକଚମକ ଦେଇଥିଲେ। ଶେଷରେ ସରୋଜ ଓ ସଲିଳ ସୋମବାର ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଦୁଇ ଭାଇଙ୍କୁ ପୁଲିସ ଗିରଫ କରିଛି।

## ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ୍‌ର ୮ଜଣ ଇନ୍ସପେକ୍ଟରଙ୍କୁ ଅଦଳବଦଳ

କୋରାପୁଟ, (ଭାସ୍କର ନ୍ୟୁଜ୍): ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ୍‌ର ୮ଜଣ ଇନ୍ସପେକ୍ଟରଙ୍କୁ ଅଦଳବଦଳ କରାଯାଇଛି। କୋରାପୁଟ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ମାଲକାନଗିରି ଜିଲ୍ଲାକୁ ବଦଳି ହୋଇଛି। ଗତ ୪ତାରିଖରେ ଦକ୍ଷିଣ ପଶ୍ଚିମାଞ୍ଚଳରେ ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୯୪ ତା.୦୪/୦୫/୨୦୨୩ରେ ଏହି ବଦଳି ଆଦେଶ ଜାରି ହୋଇଛି। ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକଙ୍କୁ ମାଲକାନିଗିରି ଜିଲ୍ଲା ଏବଂ ନୂଆପଡ଼ା ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କୁ କଳାହାଣ୍ଡି ଜିଲ୍ଲାକୁ ବଦଳି ହୋଇଛି। ସେହିପରି ପତ୍ର ସଂଖ୍ୟା ୯୫ତା.୦୪/୦୫/୨୦୨୩ରେ ମାଲକାନଗିରି ଜିଲ୍ଲାର କାର୍ଯ୍ୟରତ ଇନ୍ସପେକ୍ଟର ରାମପ୍ରସାଦ ନାଗଙ୍କୁ କୋରାପୁଟ ଜିଲ୍ଲା, ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଜୋହନ କୁଜୁରଙ୍କୁ କୋରାପୁଟ ଜିଲ୍ଲା, କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଦୀପାଳି ପ୍ରଧାନଙ୍କୁ କୋରାପୁଟ ଜିଲ୍ଲା, କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର କ୍ଷୀରେଶ୍ୱରଙ୍କୁ ସାହୁଙ୍କୁ ନୂଆପଡା ଜିଲ୍ଲା ଏବଂ କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଚିତରନ ବେହେରାଙ୍କୁ ରାୟଗଡ଼ା ଜିଲ୍ଲାକୁ ବଦଳି ହୋଇଛି।

## ମୋରମ୍ ରାସ୍ତାକୁ ପିଚୁ କରିବାକୁ ଦୁଇ ଗ୍ରାମବାସୀଙ୍କ ଦାବି



ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ପୌରାଞ୍ଚଳ ଅଧୀନସ୍ଥ ନୂଆଗାଁରୁ ଭାଲୁବସାକୁ ସଂଯୋଗ ହେଉଥିବା ରାସ୍ତାଟି ମରାମତି ଅଭାବରୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ରାସ୍ତାସାରା ମେଟାଲ ଦେଖାଯାଉଛି। ସ୍ଥାନେ ସ୍ଥାନେ ରାସ୍ତାଟି ଖାଲରେ ଭର୍ତ୍ତି ହୋଇଯାଇଛି। ଭୋଟ ସମୟରେ ନେତାମାନେ ଆସି କଥା ଦେଇଥିଲେ ଏକ ବର୍ଷ ମଧ୍ୟରେ ରାସ୍ତା ପିଚୁ କରାଯିବ କିନ୍ତୁ ତାହା କଥାରେ ହିଁ ରହିଯାଇଛି ବୋଲି ଏହି ଦୁଇ ଗାଁର ବୁଦ୍ଧିଜୀବୀ ବ୍ୟକ୍ତି ବିଶେଷ ଜଣାଇଛନ୍ତି। ଉକ୍ତ ରାସ୍ତାକୁ ପିଚୁ କରାଯାଉ ବୋଲି ଭାଲୁବସା, ନୂଆଁଗାଁ ଗ୍ରାମବାସୀ ଦାବି କରିଛନ୍ତି।

## କାହା ପାଇଁ ଆବାସ ଯୋଜନା ?

# ସରକାରୀ ସୁବିଧା ପାଇବାରୁ ବଞ୍ଚିତ ବୃଦ୍ଧ ଦମ୍ପତି



### ବିପଦ ସଂଙ୍କୁଳ ଅବସ୍ଥାରେ ଭଙ୍ଗା ଘରେ ବିତୁଛି ଜୀବନ

ଗୁଣପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଗରୀବ, ନିଃସହାୟ ତଥା ସମାଜର ବଞ୍ଚିତ ଶ୍ରେଣୀ ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମାଳମାଳ ଯୋଜନା ପ୍ରଣୟନ କରି ଚାଲିଛନ୍ତି। କିନ୍ତୁ ବାସ୍ତବିକ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ଗୁଣପୁର ପୌରପରିଷଦର ୧୯ ନଂ ୱାର୍ଡ ହାଉସିଂବୋର୍ଡ କଲୋନିରେ। ଏହି କଲୋନିରେ ବୃଦ୍ଧ ଦମ୍ପତି ସତ୍ୟବାଦି ପଣ୍ଡା ଓ ରାଜଲକ୍ଷ୍ମୀ ପଣ୍ଡା ରହୁଛନ୍ତି। ଗରିବ ବ୍ରାହ୍ମଣ ବୃଦ୍ଧ ଦମ୍ପତି ମଧ୍ୟରେ ସତ୍ୟବାଦୀଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ବିଭିନ୍ନ ଜାଗାରେ ଛୋଟ ମୋଟ କାମ କରି ଦୁଃଖକଷ୍ଟ ମଧ୍ୟରେ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ମୁଣ୍ଡ ଉପରେ ଟିକେ ଛାତ ପାଇଁ ଯେଉଁ ଘରେ ରହୁଛନ୍ତି ଘରର ଅବସ୍ଥା ଦେଖିଲେ ଲୋମ ଟାଙ୍କୁରି ଉଠିବ। ଘରଟି ବହୁବର୍ଷ ତଳେ ମାଟି ଝିଙ୍କରରେ ତିଆରି ହୋଇଥିବା ବେଳେ ଏହା ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଝିଙ୍କରଗୁଡିକ ଖସି ଯାଇଛି। ଏପରିକି ଘରର ଥିବା ଝିଙ୍କର ନଖସିବା ପାଇଁ ତଳପଟୁ କାଠ ଠେସ ଦେଇ ରଖିଛନ୍ତି। ବିପଦ ସଙ୍କୁଳ ଅବସ୍ଥାରେ ଏହି ଘରେ ଜୀବନ ବିତାଉଛନ୍ତି ଏହି ପରିବାର। ଘରର ମରାମତି ବି କରିବା କି କାଠ ଖୁଣ୍ଟ କିଣି ମଧ ଘର ସଜାଡିବା ଏହି ପରିବାର ପାଇଁ କଷ୍ଟ ହୋଇପଡିଛି। ଘର ଭିତରେ ଦିନରେ ସୂର୍ଯ୍ୟ ଚନ୍ଦ୍ର ଦେଖାଦେଉଛି। ବର୍ଷା ଖରା ଏମାନଙ୍କ ପାଇଁ ଗୋଟିଏ ହୋଇଯାଇଛି। ଘର ଖଣ୍ଡିଏ ପାଇଁ ଅନେକ ଥର ପୌରପରିଷଦକୁ ଦୌଡି ଦୌଡି ନୟାନ୍ତ ହୋଇଗଲେ। ବିଭିନ୍ନ ପ୍ରକାର ଆଶ୍ୱାସନ ପାଇଲେ କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ପାଇଲେ ନାହିଁ। ଏହି ପରିବାର ଘର ପାଇବାର ତ ଦୁରର କଥା ଜାଗା ପ୍ରମାଣପତ୍ର ମଧ୍ୟ ଆଜି ପର୍ଯ୍ୟନ୍ତ ପାଇ ପାରିନାହାନ୍ତି। ଏହି ଗ୍ରାମରେ ୭୦ ଭାଗ ଲୋକ ଜାଗା ପ୍ରମାଣ ପତ୍ର ପାଇଛନ୍ତି, କିନ୍ତୁ ଏହି ଗରିବ ବ୍ରାହ୍ମଣ ପରିବାର ଜାଗା ପ୍ରମାଣପତ୍ର ପାଇବାରୁ ବଞ୍ଚିତ। ରାସନ କାର୍ଡ ବ୍ୟତିତ ସମସ୍ତ ସରାକାରୀ ସୁବିଧା ପାଇବାରୁ ବଞ୍ଚିତ ଏହି ବୃଦ୍ଧ ଦମ୍ପତି। ଗୁଣପୁର ପୌରପରିଷଦରେ ଏଭଳି ଗରିବଙ୍କ ପାଇଁ ଘର ଖଣ୍ଡିଏ ମିଳୁନାହିଁ କି ସରକାରୀ ବାବୁମାନଙ୍କ ଏହି ଅସହାୟ ବୃଦ୍ଧା ଦମ୍ପତିଙ୍କ ଉପରେ ନଜର ପଡୁନାହିଁ। ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ରହୁଥିବା ବେଳେ ଯେଉଁମାନଙ୍କ ଘର ଅଛି ଆର୍ଥିକ ସ୍ୱଚ୍ଛଳ ମଧ ରହିଛନ୍ତି ତାଙ୍କ ନାମରେ ଘର ଦିଆଯାଉଥିବା ନଜିର ରହିଛି। ଏପରିକ କିଛି ଘର ମୁହଁ ପଟରୁ ଭାଙ୍ଗି ପୁଣି ମରାମତି କରି ଆବାସ ଟଙ୍କା ଉଠାଯାଉଥିବା ମଧ୍ୟ ସାଧାରଣରେ ଆଲୋଚନା ହେଉଛି। ଏହିଭଳି କ୍ଷେତ୍ରରେ ଏହି ଗରିବଙ୍କ ଅବସ୍ଥା ବୁଝିବ କିଏ? ଏହି ବୃଦ୍ଧ ଦମ୍ପତିଙ୍କ ଉପରେ ପ୍ରଶାସନର କେବେ ଶୁଭ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା।

## କୋରାପୁଟରେ ଘଡ଼ଘଡ଼ି ସହ ବର୍ଷା

କୋରାପୁଟ, (ଭାସ୍କର ନ୍ୟୁଜ୍): କାଳ ବୈଶାଖୀ ବର୍ଷା ପ୍ରଭାବରେ କୋରାପୁଟ ସହରରେ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଓ ପବନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡି ଘର ଭାଙ୍ଗିଥିବା ସୂଚନା ମିଳିଛି। ଏଥିଯୋଗୁଁ କୋରାପୁଟ ସମତେ ଆଖପାଖ ଅଞ୍ଚଳରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଥିଲା। କୋରାପୁଟ ସହର ସମେତ ଡୁମୁରିପୁଟ, ଲାଣ୍ଡିଗୁଡା, ଓଏମ୍‌ପି, ପୋଡ଼ାଗଡ, ବଙ୍ଗଳାଗୁଡା, ବାଉଁଶଗୁଡା, ମହାଦେଇପୁଟ, ମସ୍ତିପୁଟ ଆଦି ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡିଛି। କୋରାପୁଟ ରାୟଗଡ଼ା ରାସ୍ତାର ବଙ୍ଗଳାଗୁଡା ଗ୍ରାମ ନିକଟରେ ଏକ ବିରାଟ ଗଛ ଉପୁଡିବା ଫଳରେ କୋରାପୁଟ-ରାୟଗଡା ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା।

## ସରିଲା ସରକାରୀ ଉଚ୍ଚ ବିଦ୍ୟାଳୟ ଜୁବୁଲି ଉତ୍ସବ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ସର୍ବପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ, କଣାସର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୩ଦିନ ଧରି ଚାଲିଥିବା ଜୁବିଲି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚୁତ ସାମନ୍ତ ଯୋଗଦେଇ ଶିକ୍ଷା ହେଉଛି ମଣିଷର ତୃତୀୟ ନୟନ ଓ ପ୍ରତ୍ୟକ ପିତାମାତା ନିଜର ପିଲାମାନଙ୍କୁ ଶିକ୍ଷାଦାନ ଦିଗରେ ଅଧିକ ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ। ଉଦ୍‌ଯାପନ ଉତ୍ସବ ସଭାରେ ଆଲମିନ୍ ଟ୍ରଷ୍ଟର ସଭାପତି ମହେଶ୍ୱର ମାର୍ଥାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିଟ୍ ଓ କିସ୍‌ର ପ୍ରତିଷ୍ଠା ଡଃ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପ୍ରଫେସ୍‌ର ଶଶାଙ୍କ ଚୁଡାମଣୀ ମୁଖ୍ୟବକ୍ତା, ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଡଃ ବିଶ୍ୱଜିତ୍ ଘୋଷ, କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ଆଲୁମିନ୍ ଟ୍ରଷ୍ଟର ସଂପାଦକ ମହେନ୍ଦ୍ର କୁମାର ରଣସିଂହ ଅତିଥିଭାବେ ଯୋଗଦେଇ କଣାସରେ ଶିକ୍ଷାର ପ୍ରଗତି ଦିଗରେ ଆଲୁମିନ୍ ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ଅତିଥିମାନେ କହିଥିବା ବେଳେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଶିକ୍ଷାର ବିକାଶ ଦିଗରେ ମଠର ସମସ୍ତ ସଂପତ୍ତି ଦାନ କରିଦେବେ ବୋଲି ଡଃ ଅଚୁତ ସାମନ୍ତଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟରେ ଅଭାବ ଥିବା ଶ୍ରେଣୀଗୃହ, ପାଠାଗାରା ଓ ଅନ୍ୟାନ୍ୟ କାର୍ଯ୍ୟ ପୂରଣ ଦିଗରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଘୋଷ ପୂର୍ଣ୍ଣ ସହଯୋଗ କରିବେ ବୋଲି ଉଦ୍‌ଯାପନ ସଭାରେ ଘୋଷଣା କରିଥିଲେ। କଣାସ ଅଞ୍ଚଳର ପୂର୍ବ ଐତିହ୍ୟ ପରମ୍ପରା ସମ୍ପର୍କରେ ପ୍ରଫେସ୍‌ର ଶଶାଙ୍କ ଚୂଡାମଣୀ ସୂଚନା ଦେଇଥିବା ବେଳେ ପୌରାଣିକ କାଳରେ ଚାଲିଥିବା ଗୁରୁକୂଳ ଆଶ୍ରମ ଶିକ୍ଷାଦାନ ବର୍ତ୍ତମାନ ସମୟରେ ନଥିବା ମହନ୍ତ ଶ୍ରୀପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଉଦ୍‌ବେଗ ପ୍ରକାଶ କରିଥିଲେ। ଡଃ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବା ବେଳେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ପ୍ରତିଭାମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ସମ୍ପର୍କର ସୂତା ଖିଅ ଯେତିକି ଟାଣିବ ସେତିକି ମଜଭୁତ ହୋଇ ଆଗକୁ ଯିବ। ଆଉ ଟିକିଏ ଭୁଲ ବୁଝାମଣାରୁ ଭାଙ୍ଗିଯାଏ ଦୀର୍ଘ ଦିନର ସମ୍ପର୍କ। ଏଭଳି ଏକ ନିବିଡ଼ ସମ୍ପର୍କ ହେଉଛି ସ୍ୱାମୀ ସ୍ତ୍ରୀଙ୍କ ପବିତ୍ର ସମ୍ପର୍କ। ଏହି ସମ୍ପର୍କର ଡୋରୀରେ ଅନ୍ୟମାନେ ବାନ୍ଧି ହୋଇଥାଆନ୍ତି। ସମ୍ପର୍କର ମୂଳଦୁଆ ଭରସା ଓ ବିଶ୍ୱାସ ଉପରେ ବଞ୍ଚି ରହିଥାଏ। ହେଲେ ଆଜିର ସମାଜରେ ଲୋକଙ୍କ ଉଗ୍ର ମାନସିକତା, ପରିବର୍ତ୍ତିତ ଜୀବନଶୈଳୀ, ଅପ ସଂସ୍କୃତି ଓ ଭୁଲ ବୁଝାମଣା ପାଇଁ ସମ୍ପର୍କରେ ସୃଷ୍ଟି ହୋଇଥାଏ ଝଡ଼। ଦେଖୁଦେଖୁ ଭାଙ୍ଗିଯାଏ ସୁନାର ସଂସାର। ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖୁଥିବା କଅଁଳ ଓ ଅନାଥ ଶିଶୁଟିର ଆଶାବାଦୀ ହୃଦୟଟି ଶ୍ୱାସରୁଦ୍ଧ ହୋଇଯାଏ। ସବୁ ସ୍ମୃତିକୁ ସାଉଁଟି ସେ ସନ୍ଧାନ କରେ ତାର ପ୍ରକୃତ ପରିଚୟ। ଯାହା ଲାଗି ତା’ ଜୀବନ ଅନ୍ଧାର ହୋଇଗଲା। ଯାହାକୁ ନେଇ ସେ ଗୁମୁରି ଗୁମୁରି କାନ୍ଦେ। ହେଲେ ଏ ଦରଦୀ ସମାଜ ତାକୁ ଆଶ୍ରା ସିନା ଦେଇପାରିବ, ହେଲେ ମା’ର କୋଳ ଓ ବାପାର ଅନୁଶାସନ କଣ ଦେଇପାରିବ। ସମ୍ପର୍କର ସେତୁବନ୍ଧ ଉପରେ ସନ୍ଦେହର କଳା ବାଦଲ ଡାଙ୍କି ହୋଇ କିଭଳି ଭୟଙ୍କର ହୋଇଛି ପରିଣାମ, ସେଭଳି କିଛି ସୁନ୍ଦର ସାମାଜିକ ବାର୍ତ୍ତା ଦେଇ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ନାଟକ ‘ସେଇ ଚାରିଦିନ’। ଓଡ଼ିଶା ନାଟକ ସମାରୋହ ସମିତି ତରଫରୁ ବ୍ରହ୍ମପୁର କଳାକାର ଏକତା ମଞ୍ଚ ସହଯୋଗରେ ଆୟୋଜିତ ନାଟକ ମହୋତ୍ସବରେ ସୁନାବେଡା ଉତ୍କଳ ସାଂସ୍କୃତିକ ପରିଷଦ ତରଫରୁ ମଞ୍ଚସ୍ଥ ଏହି ନାଟକକୁ ପ୍ରଦୀପ୍ତ ମହାନ୍ତି ରଚନା କରିଥିବା ବେଳେ ମୃଣ୍ମୟ ସରକାର ନିର୍ଦ୍ଦେଶନା ଦେଇଥିଲେ। ସଂଗୀତରେ ପ୍ରତାପ ରୁଦ୍ର ବିଶ୍ୱାଳ ଓ ମଞ୍ଚସଜ୍ଜାରେ ଏମ୍. ଜି ରାଜୁ ଦାୟିତ୍ୱ ତୁଲାଇଥିଲେ। ନାଟକର ବିଭିନ୍ନ ଭୂମିକାରେ ଜିତେନ ପୁରୋହିତ, ସୋନମ ପୁରୋହିତ, ଶ୍ରାୟା, ଅନିକେତ, ଅମରେଶ, ଶଙ୍କର, ଗୋପାଳ, ମୀରା, ରାଘବ, ପ୍ରକାଶ, ରୋହିତ ଓ ରବି ଅଭିନୟ କରିଥିଲେ। ନାଟକ ପୂର୍ବରୁ ଆୟୋଜିତ ଷଷ୍ଠ ସନ୍ଧ୍ୟାରେ ମହୋତ୍ସବ କମିଟିର ଅଧକ୍ଷ ଡ. ମିହୀର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ଇଂ.ଜାମିନିକାନ୍ତ ଦାସ ଏବଂ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ସଭାପତି ବଳରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉଷାରାଣୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନଳିନୀ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶଙ୍କର୍ଷଣ ସାବତ ପରିଚାଳନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶକ ରାଜଗୋପାଳ ପାଢ଼ୀ କଳାକାର ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଅନିଲ ପାତ୍ର, ସାଧାରଣ ସମ୍ପାଦକ ସାପା ସୀମାଦ୍ରୀ, ମହୋତ୍ସବ କମିଟି ଉପାଧକ୍ଷ ନାରାୟଣ ମହାଙ୍କୁଡ଼, ରାମଚନ୍ଦ୍ର ସାସମଲ, ସୁନୀଲ ସ୍ୱାଇଁ, କୈଳାସ ପାଣିଗ୍ରାହୀ, ଆରତୀ ପାତ୍ର, ରବୀନ୍ଦ୍ର ନାୟକ, ଭାବଗ୍ରାହୀ ପାଳ, ଉମେଶ ଚୌଧୁରୀ, ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲା ପରିଷଦ ଏବଂ ଜିଲ୍ଲା ଯୋଜନା କମିଟି ବୈଠକ

# ଜଳଛାୟା ଦୁର୍ନୀତିର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବେ ଜିଲ୍ଲାପାଳ




ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଆଜି ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତିରାଜ, ଜଙ୍ଗଲ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ସାଂସଦ ଡଃ. ଅଚ୍ୟୁତାନନ୍ଦ ସାମନ୍ତ, କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ମହୀଧର ରଣା ଏବଂ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷାଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଅନ୍ୟପଟେ ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅଗ୍ରଗତି ସମୀକ୍ଷାରେ ଭାଗନେଇ ଥିଲେ। ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଉକ୍ତ ବୈଠକ ସହିତ କନ୍ଧମାଳ ସାଂସଦ ଡଃ. ସାମନ୍ତଙ୍କ ସଭାପତିତ୍ୱରେ ଜିଲ୍ଲା ଉନ୍ନୟନ ସମନ୍ୱୟ ପରିଚାଳନା କମିଟିର ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଶେଷରେ ମାନ୍ୟବର କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ମହୀଧର ରଣାଙ୍କ ଅଧକ୍ଷତାରେ ଜିଲ୍ଲା ଯୋଜନା କମିଟି ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାରେ କପାଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବା ପ୍ରକାଶ କରିଥିଲେ। ଏଥି ନିମନ୍ତେ ଆବଶ୍ୟକୀୟ ସାର କୀଟନାଶକ ଓ ରସାୟନ ଯୋଗାଇ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ ଜିଲ୍ଲାରେ ହଳଦୀ ଓ ଅଦା ଚାଷ ପାଇଁ ଚଳିତ ବର୍ଷ ୧୦୦ ହେକ୍ଟର ଲକ୍ଷ୍ୟ ଥିବା କହିଥିଲେ। ଆମ୍ବ ଚାଷ ସହିତ ଏହି ଚାଷ କରାଯାଇ ପାରିବ। ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ୨୫୦ ମେଟ୍ରିକ ଟନ ବିଶିଷ୍ଟ ସୌର ଚାଳିତ ପନିପରିବା ସାଇତା ଘର ପ୍ରତି ବ୍ଲକରେ ନିର୍ମାଣ କରାଯିବାର ଯୋଜନା ରହିଥିବା କହିଥିଲେ। ୱାଟରସେଡ ବିଭାଗ ଦ୍ୱାରା କଣ୍ଟାମାଳ ବ୍ଲକ୍‌ରେ ଚେକଡ୍ୟାମ ଓ ଫାର୍ମଫଣ୍ଡ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଗୃହରେ ଅଭିଯୋଗ ଆସିଥିଲା। ଏଥି ନିମନ୍ତେ ଜିଲ୍ଲାପାଳ ନିଜେ ଅନୁଧ୍ୟାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା। ୯ ଗୋଟି କମିଟି ମଧ୍ୟରୁ ୬ ଗୋଟି ଗଠିତ ହୋଇଛି। ଅନ୍ୟ ୩ ଗୋଟି ଯେପରି ଶୀଘ୍ର ଗଠିତ ହେବ ପଦକ୍ଷେପ ନେବାକୁ କୁହାଯାଇଥିଲା। ଜିଲ୍ଲାରେ ତିନୋଟି ପର୍ଯ୍ୟାୟରେ ଅଦ୍ୟାବଧି ୫୭ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫ଟି ଅଧୀନରେ ହାତକୁ ନିଆ ଯାଇ ସାରିଛି। ଆଉ ୧୯ ଗୋଟି ମଧ ଖୁବ ଶୀଘ୍ର ହାତକୁ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ। ଆମିକସ କ୍ୟୁରୀଙ୍କ ଦ୍ୱାରା ଜିଲ୍ଲାର ୭ ଗୋଟି ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା ଏବଂ ତାଙ୍କ ରିପୋର୍ଟ ଆଧାରରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି। ସର୍ବଶିକ୍ଷା ଅଭିଯାନରେ କେତେ ଟଙ୍କା ଆବଶ୍ୟକ ଆକଳନ କରି ପ୍ରସ୍ତାବ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଧନୁଷ୍ଟଙ୍କାର ରୋଗ ମୂଳୋତ୍ପାଟନ ପାଇଁ ବୌଦ୍ଧ ଜିଲ୍ଲା ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗୃହରେ ପ୍ରକାଶ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଜଳସେଚନଙ୍କୁ ବାଘ ନଦୀ ଏବଂ ମହାନଦୀ କୂଳରେ ଆଡିବନ୍ଧ ନିର୍ମାଣ ସକାଶେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିଲ୍ଲାରେ ଚଳିତ ବର୍ଷ ୮୫ଲକ୍ଷ ମାଛ ଜାଆଁଳ ଯୋଗାଇ ଦେବାର ଲକ୍ଷ୍ୟ ଥିବା କହିଥିଲେ। ଏମ୍‌ଆଇ ପ୍ରକଳ୍ପଗୁଡିକରେ ମାଛ ଚାଷ ସହିତ ଚିଙ୍ଗୁଡି ଚାଷ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ତିନି ଗୋଟି ବ୍ଲକ୍‌ରେ ତିନିଗୋଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେବାକୁ କୁହାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହିତାଧିକାରୀଙ୍କ ଖାତାକୁ ଯେପରି ଭତ୍ତା ପଇସା ସୁରୁଖୁରୁରେ ଯାଇପାରିବ ବ୍ୟାଙ୍କ ଗୁଡିକ ସହିତ ନିୟମିତ ବୈଠକ କରି ସ୍ଥିର କରିବାକୁ କୁହାଯାଇଥିଲା। ମୃତ୍ୟୁ ଜନିତ ହରିଶଚନ୍ଦ୍ର ସହାୟତା ରାଶି ଯେପରି ତୁରନ୍ତ ପଇଠ ହୋଇପାରିବ ନିର୍ଦ୍ଦେଶ ଦିଆଗଲା। କାର୍ଯ୍ୟ ନିର୍ବାହୀ ସଂସ୍ଥାଗୁଡିକ ଦ୍ୱାରା ଯେପରି ସବୁ ପ୍ରକଳ୍ପରେ ସୂଚନା ଫଳକ ଲଗାଯାଇ ପାରିବ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେତେକ ଅଞ୍ଚଳରେ ଗମନାଗମନ ଅସୁବିଧା ଥିବାରୁ ପଞ୍ଚାୟତିରାଜ ବିଭାଗ ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ନିମନ୍ତେ ପ୍ରସ୍ତାବ ଦେବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାର୍ଗଦର୍ଶୀ ଅନୁସାରେ ଗାର୍ଡୱାଲ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା। ଯୋଗେନ୍ଦ୍ରପୁର, ଖଟଖଟିଆ, ବୀରନରସିଂହପୁର ଆଦି ଗ୍ରାମ ପଞ୍ଚାୟତରେ ନୂତନ ସେବା ସମବାୟ ସମିତି ଗଠନ ନିମନ୍ତେ ପ୍ରସ୍ତାବ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଟାଟା ପାୱାର ଦ୍ୱାରା ତେଲ ନଦୀ ଉପରେ ଟାୱାର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ କଣ୍ଟାମାଳ ଠାରେ ଏକ ୧୩୨/୩୩ ଗ୍ରୀଡ ଷ୍ଟେସନ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ମନରେଗା ଯୋଜନାରେ ଅଧିକରୁ ଅଧିକ ପ୍ରକଳ୍ପ ସଂପୂର୍ଣ୍ଣ କରିବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା। ଗ୍ରାମୀଣ ଆବାସ ଯୋଜନାରେ ଯେପରି ସ୍ଥାନ ପାଇନଥିବା ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରାଯାଇପାରିବ ସେଥି ନିମନ୍ତେ ସଦସ୍ୟ ସଦସ୍ୟାମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପୋର୍ଟାଲ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ, ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଖବର





ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରରେ ନଗରପଲ୍ଲୀ ସାହିରେ ୭.୫.୨୦୨୨ଠାରୁ ଆରମ୍ଭ ହୋଇ ୯.୫.୨୦୨୨ ମଙ୍ଗଳବାର ଦିନ ସରିବ। ସୁଚନା ଯୋଗ୍ୟ ଯେ, ପ୍ରତି ଦୁଇବର୍ଷ ବ୍ୟବଧାନରେ ଯାତ୍ରା ହୁଏ। ମାତ୍ର କୋଭିଡ୍୧୯ କାରଣରୁ ଚଳିତବର୍ଷ ୫ ବର୍ଷରେ ହୋଇଛି। ପ୍ରତ୍ୟେକ ଘରକୁ ଝିଅମାନେ ଓ କୁଣିଆ ବନ୍ଧୁ ବାନ୍ଧବ ଆସିଥାନ୍ତି। ପ୍ରତିବର୍ଷ ମା' ଦୁଇବର୍ଷ ପରେ ମା'ନିଜ ବାପାଙ୍କ ଘରକୁ ଆସନ୍ତି। ପ୍ରତ୍ୟେକ ସାହି ମା'ଘଟ ପରିକ୍ରମା କରନ୍ତି। ବିଭିନ୍ନ ବେଶ ଶ୍ରଦ୍ଧାଳୁମାନେ ମାନବିକ ପୁରଣ ହେବ ବୋଲି ବିଶ୍ୱାସ ଅଛି। ପୁଜାରୀ ଓ୍ୱା, ବାବା ପୂଜାର୍ଚ୍ଚନା କରିଥାନ୍ତି। ଯାତ୍ରା କମିଟି ସଭାପତି ଭି, ବସନ୍ତ ରାଓ, ପି, ରାଜା ରାଓ, ସୂର୍ଯ୍ୟ ନାରାୟଣ ପ୍ରଧାନ, ଜି, କାଲେଶ୍ ରାଓ, ପ୍ରମୁଖମାନେ ପରିଚାଳନା କରିଛନ୍ତି।

## ପାହାଡିଆ ଅଞ୍ଚଳରେ କାଇପୁଡ଼ା ଏକ ସ୍ୱାଦିଷ୍ଟ ଖାଦ୍ୟ, ପୂର୍ବପୁରୁଷରୁ ବଜାଇ ରହିଛି ଔଷଧୀୟ ଗୁଣ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଟେ। ଗଜପତି ଜିଲ୍ଲାରେ ୭ ଗୋଟି ବ୍ଲକ ମଧ୍ୟରୁ ୫ ଗୋଟି ବ୍ଲକରେ ଆଦିବାସୀ ଜୀବନଯାପନ କରନ୍ତି। ବିକଶିତ ଯୁଗରେ ବୈଜ୍ଞାନିକ ପଦ୍ଧତିରେ ପରିକ୍ଷିତ ଖାଦ୍ୟକୁ ସ୍ୱାସ୍ଥ୍ୟ ବିଭାଗର ଅନୁମୋଦନ କ୍ରମେ ସୁଷମ ଖାଦ୍ୟର ଚାହିଦା ବୃଦ୍ଧି ପାଇଛି। ତେବେ କିଛି ଖାଦ୍ୟରେ ବିଷ ପ୍ରକ୍ରିୟାର ଯଥେଷ୍ଟ ସମ୍ଭାବନା ରହୁଥିବା ଆଶଙ୍କାରେ ଏଭଳି କିଛି ଖାଦ୍ୟ ପଦାର୍ଥ ଯଥା, ଆମ୍ବଟାକୁଆ, ବିଭିନ୍ନ ପ୍ରକାରର ଛତୁ, ସରୀସୃପ, କୀଟ ପତଙ୍ଗ ଆଦିକୁ ଧିରେ ଧିରେ ପ୍ରତ୍ୟାଖ୍ୟାନ କରାଯାଉଛି। କିନ୍ତୁ ପୁରୁଷ ପରମ୍ପରା କ୍ରମେ କାଇପୁଡାକୁ ଖାଦ୍ୟ ଭାବେ ବ୍ୟବହାର କରି ଆସୁଥିବା ଏହି ଅଞ୍ଚଳର ଆଦିବାସୀମାନେ। ଏଥିରେ ଔଷଧୀୟ ଗୁଣ ସମ୍ପନ୍ନ, ସୁସ୍ୱାଦୁ ଓ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି ଦାବି କରିଛନ୍ତ ପାହାଡିଆ ଅଞ୍ଚଳରେ ଥିବା ଲୋକେ। ପ୍ରକୃତିରୁ ବିଭିନ୍ନ ପ୍ରକାରର ପଦାର୍ଥକୁ ଖାଦ୍ୟ ଭାବେ ସଂଗ୍ରହ କରିଥାନ୍ତି ଲୋକେ। ଭିନ୍ନ ଭିନ୍ନ ଅଞ୍ଚଳରେ ଏହାର ପ୍ରକାର ଅନେକ ସାଧାରଣତଃ ଫଳମୂଳ ଡାଳପତ୍ର ଏପରିକି ପଶୁପକ୍ଷୀଙ୍କୁ ଶିକାର କରି ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ। ଏଠି କିନ୍ତୁ ପୁରୁଷ ପରମ୍ପରା ଭାବେ କୀଟ ପ୍ରଜାତିର ଖାଦ୍ୟକୁ ଆଦର ସହ ଭୋଜନ କରିଥାନ୍ତି ଲୋକେ। ଏହି ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ ଅଞ୍ଚଳରେ। ଜଣେ ଆଦିବାସୀ ବୃଦ୍ଧା ନିକଟ ଜଙ୍ଗଲରୁ କାଜୁ ସଂଗ୍ରହ କରି ଫେରିବା ସମୟରେ ଘରକୁ ସାଥିରେ ନେଉଛି କିଛି ପରିମାଣର ପିମ୍ପୁଡ଼ି ପ୍ରଜାତିର କୀଟ। ଯାହାକୁ ପ୍ରସ୍ତୁତ କରି ଖାଇବେ ପରିବାର ଲୋକେ। ସ୍ଥାନୀୟ ଭାଷାରେ ଏହାକୁ କାଇ ପୁଡା କୁହାଯାଉଥିବା ବେଳେ ଏହାକୁ ଆବୁ ବୋଲି କହନ୍ତି ଆଦିବାସୀ। ଜଙ୍ଗଲରେ ଆମ୍ବ, ପଣସ, କାଜୁ, କରଞ୍ଜ ଆଦି ଗଛରେ ଦେଖିବାକୁ ମିଳେ ଏହି କାଇ ଗୁଡ଼ିକ। ଗଛ ଉପରେ ପତ୍ରଗୁଡ଼ିକୁ ଲାଳରେ ଯୋଡ଼ି ପୁଡା ଆକାରରେ ଘର ତିଆରି କରି ସେଥିରେ ଅଣ୍ଡା ଓ ଛୁଆ ଦିଅନ୍ତି କାଇମାନେ। ଏହାକୁ ସଂଗ୍ରହ କରି ନିଆଁରେ ପକାଇ ମାରି ଦେବା ପରେ ସିଧାସଳଖ ଖାଇବା ଆରମ୍ଭ କରିଦିଅନ୍ତି। କେତେକାଂଶରେ ଏଥିରେ ତେଲ ଲୁଣ, ମରିଚ ଆଦି ପକାଇ ସ୍ୱାଦିଷ୍ଟ କରିଥାନ୍ତି ତ ପୁଣି ଶାଗ ଓ ଅନ୍ୟାନ୍ୟ ପନିପରିବାରେ ଏହାକୁ ମିଶାଇ ତରକାରୀ ପ୍ରସ୍ତୁତ କରି ସମସ୍ତେ ଭୋଜନ କରିଥାନ୍ତି ବୋଲି କହିଛନ୍ତି। ଇଲାରୀ ଗମାଙ୍ଗ, ଅର୍ଜୁନ ଗମାଙ୍ଗ, ଜନାସ ଗମାଙ୍ଗ ଓ ସୁଲମୀ ଶବର ସ୍ଥାନୀୟ ସରପଞ୍ଚ। ଏନେଇ ଖାଦ୍ୟ ନିରୀକ୍ଷଣ ବିଭାଗ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଛନ୍ତି। କାଇପୁଡାକୁ ପରୀକ୍ଷା କରି ଏହା କେତେ ପରିମାଣର ଖାଦ୍ୟ ଉପଯୋଗୀ ନିର୍ଦ୍ଧାରଣ କରିବା ଆବଶ୍ୟକ ରହିଥିବା ବେଳେ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବା ଜରୁରି ହୋଇଛି। ସାଧାରଣରେ ଦାବି ମେଡିକାଲ ଓ ଜିଲ୍ ପ୍ରଶାସନ ନଜର ଦେବା ଦରକାର। ଶିଶୁ ଓ ମହିଳା ଅକାଳ ମୃତ୍ୟୁ ପାଇଁ ଏଥି ପ୍ରତି ଦାୟୀ କିଏ ରହିବ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ଲକ୍ଷ୍ମୀପୁର.(ଭାସ୍କର ନ୍ୟୁଜ୍): ଗତ କାଲି ରାତିରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୟାପୁଟ ପଞ୍ଚାୟତର ରାଇସିଲ ଗ୍ରାମ ଠାରେ ଜଣେ ଆଦିବାସୀ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣା ପଡିଛି। ରାଇସିଲ ଗ୍ରାମର ସାଲୁ ମାଣ୍ଡିଙ୍ଗା ନିଜର ଏକ ସାଙ୍ଗ କୈଳାସ ମାଣ୍ଡିଙ୍ଗା ସହ ରାତି ପ୍ରାୟ ଦଶଟା ବେଳେ ଘର ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ ସୁକର ମାଣ୍ଡିଙ୍ଗା, ଶସି ମିଣିଆକା, ମଙ୍ଗ ପ୍ରାସ୍କା, ସୁଦା ପ୍ରାସ୍କା ଓ ଘାସି ମିଣିଆକା ପହଁଞ୍ଚି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସାଲୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟି ତୁଣ୍ଡ ହେବାଶୁଣି ଗ୍ରାମବାସୀମାନେ ଘଟନବା ସ୍ଥଳରେ ପହଁଞ୍ଚିବାରେ ଆକ୍ରମଣକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଆକ୍ରମଣରେ ସାଲୁ ଲୋହୁ ଲୁହାଣ ହେଇ ଥିବା ଦେଖି ଗ୍ରାମବାସୀ ଆମ୍ବୁଲାନ୍ସକୁ ଫୋନ କରି ଜଣାଇବା ପରେ ଗୁରୁତର ସାଲୁଙ୍କୁ ଲକ୍ଷ୍ମୀପୁର ଡାକ୍ତରଖାନାରେ ରାତି ୧୧ଟା ବେଳେ ଭର୍ତ୍ତି କରାଇଥିଲେ। ଏନେଇ ଆଜି ସାଲୁ ଲକ୍ଷ୍ମୀପୁର ଥାନାରେ ଲିଖିତି ଅଭିଯୋଗ କରିଥିଲା ବେଳେ ତଦନ୍ତ ଚାଲିଥିବା ପୋଲିସ କହିଛି। ପ୍ରକାଶ ଥାଉକି ଦିନକୁ ଦିନ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। କିଛି ଦିନ ତଳେ ଲକ୍ଷ୍ମୀପୁର ବ୍ଲକ ସଦର ଗ୍ରାମ ଦେବୀ ମୋତ୍ୟାଲୁ ମାଙ୍କ ନବ ଦିନ ଧରି ଘଟ ଯାତରାରେ ଜଣେ ଯୁବକଙ୍କୁ ଛୁରାମାଡ ହେବା ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିନଥିବା ବେଳେ ବୁର୍ଜା ଗ୍ରାମର ଗ୍ରାମଦେବୀଙ୍କ ଯାତରା ଆରମ୍ଭରେ ଜଣେ ଯୁବକଙ୍କୁ ଛୁରା ମାଡ ହୋଇଥିଲା। ଅଭିଯୁକ୍ତଙ୍କୁ ଧରି ଗ୍ରାମବାସୀ ପୋଲିସର ଜିମା ଦେଇଥିଲେ। ପରେ ଆପସା ବୁଝାମଣା ହେବାରୁ ସବୁକିଛି ସମାଧାନ ହୋଇ ଯାଇଥିଲେ ମଧ୍ୟ ସେଇ ଦିନ ଖାଲକଣା ଗ୍ରାମ ଠାରେ ମଧ୍ୟ ଗ୍ରାମଦେବୀଙ୍କ ଯାତରା ଚାଲୁଥିବା ବେଳେ ଜଣେ ଯୁବକଙ୍କୁ ଛୁରା ମାଡ଼ ହେଇଥିବା ଘଟଣା ଶୁଣିବାକୁ ମିଳିଥିବା ବେଳେ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଖବର ମିଳିଛି।

## ସିଭିଲ କୋର୍ଟରେ ନୂତନ ଜେଏମ୍ଏଫ୍‌ସିଙ୍କ କାର୍ଯ୍ୟଭାର ଗ୍ରହଣ

କଣ୍ଟାବାଞ୍ଜି,(ଭାସ୍କର ନ୍ୟୁଜ):ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସିଭିଲ କୋର୍ଟରେ ମଙ୍ଗଳବାର ଦିନ ନୂତନ ଭାବେ ରାହୁଲକୁମାର ଜେନା ଜେ.ଏମ.ଏଫ.ସି.ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଜେନାଙ୍କୁ ସ୍ଥାନୀୟ ଓକିଲ ସଂଘ ଦ୍ୱାରା ଓକିଲ ସଂଘ କାର୍ଯ୍ୟାଳୟେର ଫୁଲ ତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରେର ଓକିଲ ସଂଘ ସଭାପତି ସମିମ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହିଂମାଶୁ ଶେଖର ମଲ୍ଲିକ ( ମୁଖ୍ୟ ଅତିଥୀ), ରାହୁଲ କୁମାର ଜେନା (ସମ୍ମାନୀତ ଅତିଥୀ), ସଂଘର ସଂପାଦକ ଏସ.ଜେ.ରାଓ ମଞ୍ଚାସୀନ ଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ବହୁ ସଭ୍ୟା/ସଭ୍ୟା ଉପସ୍ଥିତ ଥିଲେ।

## ବିଜୁ ଜନତା ଦଳ ପକ୍ଷରୁ ବୁଥସ୍ତରୀୟ କମିଟି ଗଠନ



ଖଇରପୁଟ (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଜୋନ ୩ରେ ଆଜି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବୈଠକ କରି ବୁଥସ୍ତରୀୟ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜୋନ ୩ର କୋଡିନେଟର ସର୍ବ କୁମାର ବିଶୋଇ ଏବଂ ଅବଜରଭର ବାଲିଙ୍କି ରାଓ, ମାନି ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ମହେଶ ବାକା, ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, ଚକ୍ରଧର ମିଶ୍ର, ମାଥିଲି ସରପଞ୍ଚ, ଚାଉଳମେଦି ସରପଞ୍ଚ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି ଅବସରରେ ଅଞ୍ଚଳରେ ବିଜୁ ଜନତା ଦଳକୁ କିପରି ଆହୁରି ଅଧିକ ସୁଦୃଢ଼ କରାଯାଇ ପାରିବ ସେନେଇ ଆଲୋଚନା କରି ବୁଥ କମିଟି ଓ ୱାର୍ଡ କମିଟି ତୁରନ୍ତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦଳକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ସହ ଆଗାମୀ ଦିନରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେନେଇ ଆଜିର ଏହି ବୈଠକରେ ଆଲୋଚନା ହୋଇଥିବା ସହ ରଣନୀତି ପ୍ରସ୍ତୁତ କରାଯାଇଥିଲା।

## ଏଫ୍‌ଏଲ୍‌ଏନ୍ ନୋଡାଲ ସେଣ୍ଟର ଉଦ୍‌ଘାଟିତ

ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଡା ପଞ୍ଚାୟତ ଅନ୍ତର୍ଗତ ସୋନପୁର ଆଦିବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏଫ୍.ଏଲ .ଏନ୍ ନୋଡାଲ ସେଣ୍ଟରର ଶୁଭ ଉଦ୍‌ଘାଟନ ସମାରୋହ ହୋଇଯାଇଛି। ଏହି ଶୁଭ ଉଦ୍‌ଘାଟନ ସମାରୋହ ଉସବରେ ବ୍ଲକ ଗୋଷ୍ଠି ଶିକ୍ଷ୍ୟା ଅଧିକାରୀ ଈଶ୍ୱର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ସମ୍ମାନନୀୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଜିଲ୍ଲା ପରିଷଦ ଉପାଦ୍ଧକ୍ଷା ଲିପିକା ବାରୋଇ ଚାରି ନୋ ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ ହୋଇଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ କମିଟିର ସଭାପତି, କମିଟିର ସଦସ୍ୟେ ଓ ଶିକ୍ଷକ ତଥା ବହୁ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।




## ମୋବାଇଲ ଦୋକାନରୁ ଚୋରି



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ଏକ ବନ୍ଦ ମୋବାଇଲ ଦୋକାନ ତାଲା ଭାଙ୍ଗି ୨ଲକ୍ଷରୁ ଅଧିକ ଟଙ୍କାର ଜିନିଷ ଚୋରି ମାମଲାରେ ୪ଜଣ ନାବାଳକଙ୍କୁ କାବୁ କରିଛି ଡାବୁଗାଁ ପୋଲିସ ।ଏମାନଙ୍କ ପାଖରୁ ନଗଦ ୧୫ହଜାର ଟଙ୍କା,୧୨ଟି ନୁଆ ଓ ୮ଟି ପୁରୁଣା ମୋବାଇଲ,ଲାମିନେସନ୍ ମେସିନ୍,ମନିଟର ଓ ମୋବାଇଲ ସାମଗ୍ରୀ ଜବତ ହୋଇଛି । ଚାରି ନାବାଳକଙ୍କୁ ଭବାନୀପାଟଣାସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡର ପ୍ରମୁଖ ବିଚାରପତିଙ୍କ ନିକଟରେ ହାଜର କରାଯିବ ବୋଲି ପୋଲିସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆରକ୍ଷୀ ଅଧୀକ୍ଷିକା ଏସ୍.ସୁଶ୍ରୀ କହିଛନ୍ତି,ଡାବୁଗାଁ ଥାନା ଡିଏନ୍‌କେ ଚାଟିଗୁଡା ଗାଁରେ ଗତ ୬ ତାରିଖ ରାତିରେ ମୋବାଇଲ ଦୋକାନ ମାଲିକ ଅଭୟ ଦତ ସବୁଦିନ ଭଳି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତା ପରଦିନ ସକାଳେ ତାଙ୍କ ଦୋକାନ କବାଟ ଖୋଲାଥିବା ନେଇ ପାଖ ଦୋକାନ ମାଲିକ ଖବରଦେଇଥିଲେ । ଅଭୟ ଆସି ଦେଖିବାକୁ ପାଇଥିଲେ ଦୋକାନରୁ ଚୋରି ହୋଇଛି । ତୁରନ୍ତ ଏ ନେଇ ସେ ଥାନାରେ ଏତଲା ଦେଇଥିଲେ । ଥାନା ଅଧିକାରୀ ସୁନୀଲ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଘଟଣା ଦିନ ଦୋକାନ ନିକଟରେ ଜଣେ ନାବାଳକ ବୁଲାବୁଲି କରୁଥିବା ଜଣାପଡିଥିଲା ।ସେହି ପିଲାକୁ ପଚରାଉଚରା ପରେ ଏଥିରେ ତାଙ୍କୁ ମିଶାଇ ୪ଜଣ ସମ୍ପୃକ୍ତ ଥିବା ପଦାକୁ ଆସିଥିଲା । ତୁରନ୍ତ ପୋଲିସ ସମସ୍ତଙ୍କୁ କାବୁ କରିଥିଲା । ସାମ୍ବାଦିକ ସମ୍ମିଳନୀରେ ଡିଏସପି ଡ.ଚନ୍ଦ୍ର ଶେଖର ହୋତା,ଡାବୁଗାଁ ଥାନା ଅଧିକାରୀ ଶ୍ରୀ ପ୍ରଧାନ ଉପସ୍ଥିତ ଥିଲେ ।

## ପୁଣି ଏକ ମଦୁଆକୁ ବାନ୍ଧି ପୋଲିସକୁ ଜିମା ଦେଲେ ଚିତ୍ରକୋଟର ମହିଳା



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଚିତ୍ରକୋଟ ଗ୍ରାମର ମହିଳାମାନେ ପୁଣି ଏକ ମଦୁଆ କୁ ବାନ୍ଧି ପୋଲିସକୁ ଜଣେଇଲେ । ଗତ କିଛି ଦିନ ହେବ ଚିତ୍ର କୋଟର ମହିଳାମାନେ ଗ୍ରାମରେ ମଦ ବିକ୍ରିବନ୍ଦ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି । ଗ୍ରାମରେ ବୁଲି ମଦ ବିକ୍ରି କରୁଥିବା ଘରକୁ ଯାଇ ବନ୍ଦ କରିବା ସହ ପଚ ମଦ ନଷ୍ଟ କରୁଛନ୍ତି ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗାଁରେ ମଦ ବନ୍ଦ ହେବା ପରେ ଅନ୍ୟ ଗାଁରେ ମଦ ପିଇ ରାସ୍ତାରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ବ୍ୟକ୍ତି ମାନଙ୍କୁ ମହିଳା ମାନେ ବାନ୍ଧୀ ପୋଲିସକୁ ହସ୍ତାନ୍ତର କରୁଛନ୍ତି। ସେହିପରି ପୁଣି ଏକ ମଦୁଆ ମଦ ପିଇ ରାସ୍ତାରେ ଗଲି ଗୁଲଜ କରିବା ମହିଳାମାନେ ଦେଖି ଥିଲେ। ତେଣୁ ଉକ୍ତ ମଦୁଆ ଯୁବକଙ୍କୁ ବାନ୍ଧି ପୋଲିସକୁ ହସ୍ତାନ୍ତର କରିଛନ୍ତି। ମହିଳାମାନେ କହିବା ଅନୁସାରେ ଗ୍ରାମର କେତେକ ଦୋକାନୀ ମହୁଲ ବିକ୍ରି ମଦ ରାନ୍ଧିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ କରୁଛନ୍ତି । ଚିତ୍ରକୋଟ ନିକଟ ଗ୍ରାମର ପଡୋଶୀ ଗାଁ ଗୁଡାକା ଠାରେ ପ୍ରଚୁର ପରିମାଣର ମଦରନ୍ଧା ହେଉ ଥିବାର କେତେକ ବ୍ୟକ୍ତି ମଦ ପିଇ ଆସି ଗ୍ରାମରେ ପାଟିତୁଣ୍ଡ କରୁଛନ୍ତି ସେଥିପାଇଁ ବାନ୍ଧୀ ବାକୁ ବାଧ ହେଉଛୁ ବୋଲି ଚିତ୍ର କୋଟ ଗ୍ରାମର ମହିଳାମାନେ କହିଛନ୍ତି।

## ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିମେଳା,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସ୍ଥିତ ମୁଖ୍ୟ ବସଷ୍ଟାଣ୍ଡ ଠାରେ ନବ ନିର୍ବାଚିତ ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ଶ୍ରୀ ରଞ୍ଜିତ ନାୟକଙ୍କୁ ଜିଲ୍ଲା ଶିକ୍ଷକ ସଂଘ ତରଫରୁ ଫୁଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରା ଯାଇଛି। ପୂର୍ବରୁ ଲଗାତାର ୭ ବର୍ଷ ଧରି ମାଲକାନଗିରି ଜିଲ୍ଲା ଶିକ୍ଷକ ସଂଘ ର ସଭାପତିତ୍ୱ କରିବା ପରେ ବର୍ତ୍ତମାନ ରଞ୍ଜିତ ବର୍ତ୍ତମାନ ରାଜ୍ୟ ଶିକ୍ଷକ ସଂଘର କାର୍ଯ୍ୟଭାର ନିଜ ହାତକୁ ନେଇଛନ୍ତି। ଗତ



ରବିବାର ଦିନ ରାଜଧାନୀ ଭୁବନେଶ୍ୱର ଠାରେ ଏହି ରାଜ୍ୟ ସଂଘ ନିର୍ବାଚନ ପକ୍ରିୟା କରା ଯାଇଥିଲା। ଯେଉଁଥିରେ ରାଜ୍ୟ ସଂଘର ଉପସଭାପତି। ରଞ୍ଜିତ ନାୟକ ନୂତନ ଭାବରେ ନିର୍ବାଚିତ ହୋଇ ଥିଲେ। ଏହି ସଫଳତା ପରେ ଜିଲ୍ଲା ଶିକ୍ଷକମାନଙ୍କ ମଧ୍ୟରେ ଏକ ଖୁସିର ମାହୋଲ ଦେଖିବାକୁ ମିଳିଛି। ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରେକ ମଣ୍ଡଳ, ଶ୍ରୀଧର ସାହୁ, କଳ୍ପତରୁ ନାୟକ, ପ୍ରଶାନ୍ତ ବେହେରା, ଚିତ୍ତରଞ୍ଜନ ସରକାର, ମନୋରଞ୍ଜନ ବେହେରା, ମଙ୍ଗଳା ଜେନା, ପିଣ୍ଟୁ ପାଢ଼ୀ, ମନୋରଞ୍ଜନ ସେଠୀ, ବସନ୍ତ ପାତ୍ର, ପ୍ରମୋଦ ପଣ୍ଡା ଆଶୁତୋଷ ବିଶ୍ୱାସ, ତରୁଣ ଦେ, ସୁରନ୍ଦ୍ର ମହାରଣା, ପ୍ରଶନ୍ନ ବାରିକ, ସିମାଞ୍ଚଳ ଭୂୟାଁ, ଜଗନ୍ନାଥ ରାଉତ, ଅନିଲ ନାୟକ ଯୋଗ ଦେଇ ଥିଲେ। ଆଗାମୀ ଦିନରେ ରାଜ୍ୟର ସମସ୍ତ ଶିକ୍ଷକଙ୍କ କାର୍ଯ୍ୟ ସମ୍ବନ୍ଧୀୟ ସୁବିଧା ଅସୁବିଧା ଉପରେ ବିଶେଷ ଧ୍ୟାନ ଦେବେ ବୋଲି ରଞ୍ଜିତ କହିଛନ୍ତି।

## ଗ୍ରାମରେ ପାଣିର ଘୋର ଅଭାବ, ଦୂଷିତ ପାଣି ପିଇ କିଡ଼ନୀ ରୋଗରେ ଆକ୍ରାନ୍ତ

ପାରାଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ ନିର୍ମଳ ପାନୀୟ ଜଳ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ମୋହନା ଅଞ୍ଚଳର ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ମୋହନା ବ୍ଲକ ଠାରୁ ମାତ୍ର ୨ କିମି ଦୂର ବିଜୟପୁର ଗ୍ରାମ ପାନୀୟ ଜଳ ଅଭାବରୁ ଦୀପ ତଳ ଅନ୍ଧାର। ଗ୍ରାମରେ ୧୫ ଘର ଥିବା ବେଳେ ଲୋକ ସଂଖ୍ୟା ୮୦ରୁ ଊର୍ଦ୍ଧ୍ୱ । ଗ୍ରାମରେ ରହିଛି ୨ଟି ନଳକୂପ । ଗୋଟିଏ ଅଚଳ ହୋଇ ପଡି ରହିଥିବା ବେଳେ ଅନ୍ୟଟିରେ କଳଙ୍କିଯୁକ୍ତ ଦୂଷିତ ପାଣି ବାହାରୁଛି। ଗ୍ରାମରେ ରହିଥିବା ଏକ ପରିତ୍ୟକ୍ତ କୂଅରେ ପାଣି ନାହିଁ। ମାଟି ଦିଶୁଛି। ଗ୍ରାମବାସୀ ନିକଟସ୍ଥ ନଦୀର ଦୂଷିତ ଗୋଳିଆ ପାଣିକୁ ଭରଷା କରି ସେହି ପାଣି ପିଇ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିକଟସ୍ଥ ପାହାଡ଼ରୁ ପାଇପ ବିଛାଇ ଟାଙ୍କି ନିର୍ମାଣ କରି ଗ୍ରାମକୁ ପାଣି ଆଣି ବ୍ୟବହାର କରୁଥିଲେ। କିନ୍ତୁ ଖରାଦିନେ ପାହାଡି ପାଣି ଶୁଷ୍କ ଓ ଏନେଇ ଗ୍ରାମବାସୀ ବାରମ୍ବାର ବିଡ଼ିଓ, ପାନୀୟ ଜଳ ଯୋଗାଣ ଯନ୍ତ୍ରୀ, ସରପଞ୍ଚଙ୍କୁ ଗୁହାରି କରି ଥକି ଗଲେଣି କିନ୍ତୁ ସେମାନଙ୍କ ଗୁହାରି କେହି ଶୁଣୁ ନାହାଁନ୍ତି। ଦୂଷିତ ପାଣି ପିଇ ଗ୍ରାମର ୩ ଜଣ ନମିତା ଶବର, ସୁମିତ୍ରା ଶବର ସୁବାଷ ଶବରଙ୍କ ପେଟରେ ଷ୍ଟୋନ୍ ରୋଗରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ନମିତା ଅପରେସନ୍ ହୋଇ ଆସି ଘରେ ରହି ଔଷଧ ସେବନ କରୁଥିବା ବେଳେ ସୁମିତ୍ରା ମଧ୍ୟ ବ୍ରହ୍ମପୁର ଯାଇ ଚିକିତ୍ସା ହେବା ପରେ ସେ ମଧ୍ୟ ଘରେ ରହି ଔଷଧ ସେବନ କରୁଥିବା କହିଛନ୍ତି। କିନ୍ତୁ ସୁବାଷଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନି। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ମୋହନା ବ୍ଲକ ପ୍ରଶାସନର ତତ୍ପରତା ନଥିବା କହିଛନ୍ତି ଗ୍ରାମର ଏଲିସାୟ ଶବର ।

## ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତିଙ୍କୁ ସମ୍ବର୍ଦ୍ଧନା



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସଭାପତି ଭାବେ ନିର୍ବାଚିତ ହେବା ପରେ ନବରଙ୍ଗପୁରଠାରେ ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ସହରର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଭୁବନେଶ୍ୱରଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡରେସନର ରାଜ୍ୟ ସଭାପତି ପଦବି ପାଇଁ ହୋଇଥିବା ନିର୍ବାଚନରେ ରମଣି ରଞ୍ଜନ ତ୍ରିପାଠୀ ନିର୍ବାଚିତ ହୋଇଥିଲେ । ନବରଙ୍ଗପୁରରେ ପହଞ୍ଚିବା ପରେ ମା'ଭଣ୍ଡାର ଘରଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ସ୍ଥାନୀୟ ସର୍କିଟ ହାଉସଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷକଙ୍କ ଉନ୍ନତିକୁ ପ୍ରାଥମିକତା ଦେବେ ବୋଲି କହିଥିଲେ । ରାଜ୍ୟ ସରକାର ଉଚ୍ଚବିଦ୍ୟାଳୟ ଓ ଅପଗ୍ରେଡେଡ୍ ହାଇସ୍କୁଲ ଗୁଡିକୁ ୫-ଟିରେ ରୂପାନ୍ତରିତ କରିବା ଭଳି ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକୁ ମଧ୍ୟ ୫-ଟିରେ ରୂପାନ୍ତୀକରଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିବା ସୂଚନା ଦେଇଥିଲେ । ଶିକ୍ଷକଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଚାପ ସହ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟ କରାଯାଉଥିବାରୁ ଶିକ୍ଷକମାନେ ଶିକ୍ଷାଦାନରୁ ବଞ୍ଚିତ ରହୁଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଶ୍ରେଣୀ ଗୃହ ଅନୁଯାୟୀ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରାଯାଇଥିବା କହିଥିଲେ । ସେହିପରି ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତା ମୂଳକ ବୋଲି ଯେଉଁ ଚିଠି ରହିଛି ସେଥିରେ ତ୍ରୁଟି ରହିଥିବାରୁ ଏହି ନିର୍ଦ୍ଦେଶନାମାକୁ ସଂଶୋଧନ ପାଇଁ ଦାବିପତ୍ର ପ୍ରଦାନ ସହ ଆଲୋଚନା ଚାଲିଥିବା ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନତ ପ୍ରହରାଜ, ଉପସଭାପତି ନାଗେଶ୍ୱରୀ ପଟ୍ଟନାୟକ, ସଂଘ ଉପଦେଷ୍ଟା ରତନ ମାଝୀ, ଜିଲ୍ଲା ସହ ସମ୍ପାଦକ ବିଘ୍ନରାଜ ପାତ୍ର, ନନ୍ଦହାଣ୍ଡି ବ୍ଲକ ସଭାପତି ଗଲତ କୁମାର ସଗରିଆ, ବୈଦନାଥ ଦାଶ, ନନ୍ଦାହାଣ୍ଡି ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ, ବୃନ୍ଦାବନ ଚନ୍ଦ୍ର ପାଢ଼ି, ଦୁର୍ଗାମାଧବ ଦାସ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକମାନେ ଉପସ୍ଥିତ ଥିଲେ ।

## ବନବିଭାଗ, ବନସମିତି ଓ ଜନ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ତୁଟିଲା ଜଙ୍ଗଲ କଟା ବିବାଦ



ଝରିଗାଁ (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷରୁ ଝରିଗାଁ ବନବିଭାଗ ଅଧିନସ୍ଥ ଇଚ୍ଛାପୁର ଫରେଷ୍ଟ ବିଟ ଅଧୀନରେ ରହିଥିବା ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଚିକିଲି ବନ ସୁରକ୍ଷା ସମିତି ପକ୍ଷରୁ ଏହାର ସୁରକ୍ଷା ଓ ନୂତନ ବନୀକରଣ ବୃକ୍ଷ ରୋପଣ କରାଯାଇ ଯତ୍ନ ଏବଂ ସୁରକ୍ଷା ଦିଆଯାଇ ଆସୁଥିଲା। ସମୁଦାୟ ଜଙ୍ଗଲ ପରିମାଣ ୨୦୦ ଶହ ହେକ୍ଟର ହୋଇଥିବା ବେଳେ ଏହାର ସୁରକ୍ଷା ବନ ସୁରକ୍ଷା କମିଟି ପକ୍ଷରୁ ହୋଇଆସୁଛି। ବନ ବିଭାଗ ଦ୍ୱାରା ୨୦୧୪ ମସିହାରେ ଏହି ଦୁଇ ଶହ ହେକ୍ଟର ଜମି ପଟ୍ଟା ଚିକାଲି ବନ ସୁରକ୍ଷା ସମିତିକୁ ବିଭାଗୀୟ ପକ୍ଷରୁ ପ୍ରଦାନ କାରାଯାଇଛି। ଉକ୍ତ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଗଛ କଟା ହୋଇଥିବା ଦେଖିବାକୁ ମିଳିଥିଲା। ସଂରକ୍ଷିତ ଜଙ୍ଗଲରେ ବେଆଇନ୍ ଭାବେ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଢେପ୍ ଗୁଡ଼ା କିଛି ଗ୍ରାମବାସୀ ଗଛ କାଟିବା ପରେ ବନ ସୁରକ୍ଷା ସମିତି ପକ୍ଷରୁ ଝରିଗାଁ ରେଞ୍ଜରଙ୍କୁ ଜଣାଇଥିଲେ। ଏନେଇ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ବନ ସୁରକ୍ଷା ସମିତି ଓ ବନବିଭାଗ ମିଳିତ ଆନୁକୁଲ୍ୟରେ ଚିଲିଲି ଗାଁ ଠାରେ ବିଗତ ୨୯ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଢ଼େପ୍ ଗୁଡ଼ା ଗ୍ରାମବାସୀଙ୍କୁ ଡକାଯାଇଥିଲା। କିନ୍ତୁ ଆୟୋଜିତ ବୈଠକରେ ଢ଼େପ ଗୁଡ଼ାବାସୀ କେହି ଯୋଗ ଦେଇନଥିଲେ। ଆଜି ଅପରାହ୍ନ ଦୁଇ ଘଣ୍ଟା ସମୟରେ ଝରିଗାଁ ବନ ବିଭାଗ ରେଞ୍ଜର ଶ୍ରୀ ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ଏବଂ ଅନ୍ୟାନ୍ୟ ବନ ବିଭାଗ କର୍ମଚାରୀ ସମେତ ଜନ ପ୍ରତିନିଧି ଭାବେ ଇଚ୍ଛାପୁର ପଞ୍ଚାୟତ ସରପଞ୍ଚ ଜଗଦୀଶ ମାଝୀ, ସମାଜ ସେବୀ ସୁଦର ମାଝି ବୈଠକରେ ଉପସ୍ଥିତ ରହିଥିଲେ ତଥା ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ବିବାଦର ସମାଧାନ ଲାଗି ଢେପ ଗୁଡ଼ା ଗ୍ରାମବାସୀ ବୈଠକରେ ଅଂଶ ଗ୍ରହଣ କରିଥିଲେ। କୁନ୍ଦ୍ରୀ ଛାପର ପଞ୍ଚାୟତ ଅନ୍ତର୍ଗତ ୭ ଖଣ୍ଡ ଗ୍ରାମବାସୀ ଏହି ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଏବଂ ବୃଦ୍ଧି କରିବା ନେଇ ୨୦୦୬ ମସିହାରୁ ଦୀର୍ଘ ୧୭ ବର୍ଷ ହେବ ଯତ୍ନ ସାଙ୍ଗକୁ ଏହାର ସୁରକ୍ଷା କରି ଆସୁଥିଲେ। ଦୀର୍ଘ ଦିନର ସଂରକ୍ଷିତ ଜଙ୍ଗଲ ବିବାଦର ସମାଧାନ ଆଜି ହୋଇଥିବା ପ୍ରକାଶ କରିଛନ୍ତି ବନ ସୁରକ୍ଷା ସମିତି ସଭାପତି ବାସୁଦେବ ଜାନି ଏବଂ ସମ୍ପାଦକ ନନ୍ଦ ଜାନି। ଆଗାମୀ ଦିନରେ ପରସ୍ପର ସହଭାଗିତାରେ ଜଙ୍ଗଲ ସୁରକ୍ଷା କରିବାକୁ ସହମତି ପ୍ରକାଶ କରିଥିଲେ। ବୈଠକରେ ଉପସ୍ଥିତ ସମିତି ସଦସ୍ୟ ଏବଂ ଢେପ ଗୁଡ଼ା ଗ୍ରାମବାସୀ। ଧଅଡା କୋଟ, ସରଗିପାଣି, ଚିକିଲି, ଡ଼ିପୁ ଭାଟା, ରେକାମାଲ, ଢ଼େପ ଗୁଡ଼ା, ମାଣିକ ସାହି, ଗୌଡ଼ ସାହି, ମାଣ୍ଡିଆ ଡୁସି, କୋଟି ଦୋରା ଆଦି ଗ୍ରାମର ଏକାଧିକ ଗାଁ ଲୋକେ ଆଜିର ବୈଠକରେ ଯୋଗଦେଇଥିଲେ। ଆପୋଷ ବୁଝାମଣା କରି ଜଙ୍ଗଲ ସୁରକ୍ଷା ଓ ଏହାର ବିକାଶ ଲାଗି ସମସ୍ତେ ଏକମନା ହୋଇ କାର୍ଯ୍ୟ କରିବାକୁ ରେଞ୍ଜର ଶ୍ରୀ ନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଦୀର୍ଘ ଦିନର ବିବାଦ ସମାଧାନ ହୋଇଥିବାରୁ ବନ ସୁରକ୍ଷା ସମିତି ପକ୍ଷରୁ ବନ ବିଭାଗ କର୍ମଚାରୀଙ୍କୁ ସମିତି ସଭାପତି ବାସୁଦେବ ଜାନି ଧନ୍ୟବାଦ ଜଣାଇଥିଲେ।



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



## ଇମ୍ରାନ୍‌ଙ୍କ ଗିରଫଦାରି

# ପାକିସ୍ତାନରେ ଗୃହଯୁଦ୍ଧ ସ୍ଥିତି

ଯାହା ଆଶଙ୍କା କରାଯାଉଥିଲା, ଶେଷରେ ତାହା ସତ୍ୟ ପ୍ରମାଣିତ ହେଲା । ଲୋକପ୍ରିୟ କ୍ରିକେଟ୍ ତାରକାରୁ ରାଜନେତା ପାଲଟିଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଗିରଫ ହୋଇଛନ୍ତି । ଦୁର୍ନୀତି ଅଭିଯୋଗରେ ମଙ୍ଗଳବାର ଦିନ ଇସଲାମାବାଦ୍ ହାଇକୋର୍ଟ ପରିସରରେ ତାଙ୍କୁ ଗିରଫ କରାଯିବା ପରେ ସମଗ୍ର ପାକିସ୍ତାନରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନ ତେହରିକ-ଏ-ଇସଲାମ୍ (ପି.ଟି.ଆଇ)ର ସର୍ବୋଚ୍ଚ ନେତା ଇମ୍ରାନ୍‌ଙ୍କ ବିରୋଧରେ ଗତ ମଇ ପହିଲାରେ ନ୍ୟାସନାଲ୍ ଆକାଉଣ୍ଟାବିଲିଟି ବ୍ୟୁରୋ ବା ଏନ୍.ଏ.ବି ଏକ ଗିରଫ ପରୱାନା ଜାରି କରିଥିଲେ । ତଦନୁଯାୟୀ ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ଇସଲାମାବାଦ ହାଇକୋର୍ଟକୁ ଯାଉଥିବାବେଳେ ଯେଉଁ ଢଙ୍ଗରେ ତାଙ୍କୁ ଗିରଫ କରାଗଲା, ତାହା ହିଁ ଦେଶବାସୀଙ୍କୁ କ୍ରୋଧାନ୍ୱିତ କରିଛି । ମିଳିଥିବା ସୂଚନା ଅନୁଯାୟୀ ଦେଶର ଅର୍ଦ୍ଧ ସାମରିକ ବାହିନୀର ରେଞ୍ଜର୍ସମାନେ କୋର୍ଟ ପରିସରରୁ ତାଙ୍କୁ ଧକ୍କା ମାରି ମାରି ଉଠାଇ ନେଇଥିଲେ । ତାଙ୍କୁ ଓ ତାଙ୍କର ଆଇନଜୀବୀଙ୍କୁ ମାଡ଼ପିଟ୍ କରାଯାଇଥିବା ଖବର ପ୍ରଚାରିତ ହେବାମାତ୍ରେ ଦେଶବ୍ୟାପୀ ହିଂସା ଓ ଗଣ୍ଡଗୋଳ ଦେଖିବାକୁ ମିଳିଥିଲା । ତାଙ୍କର ସମର୍ଥନରେ ହଜାର ହଜାର ଲୋକ ରାଜରାସ୍ତାକୁ ଓହ୍ଲାଇ ହିଂସାତ୍ମକ ଉପାୟରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ । ପାକ୍ ସେନାବାହିନୀର ମୁଖ୍ୟାଳୟ ଉପରେ ଆକ୍ରମଣ କରାଯିବା ସହିତ ସରକାରୀ ସମ୍ପତ୍ତିରେ ନିଆଁ ଲଗାଇ ଦିଆଯାଇଥିଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲାବେଳେ ସୁରକ୍ଷା ବାହିନୀ ହାତ ଟେକି ଦେଇଥିଲା । କଟକଣା ଜାରିଥିବା ସତ୍ତ୍ୱେ ଉତ୍ତ୍ୟକ୍ତ ଜନତା ତାହାକୁ ଭ୍ରୂକ୍ଷେପ ନକରି ହିଂସାକାଣ୍ଡ ଘଟାଇ ଚାଲିଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ସମଗ୍ର ପାକିସ୍ତାନରେ ୧୪୪ ଧାରା ଜାରି କରାଯାଇଛି । ଏହାକୁ କେହି ଅମାନ୍ୟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁରକ୍ଷା ବାହିନୀ ସତର୍କ କରାଇଛି । ସେହିପରି ଗିରଫଦାରି ସମୟରେ ଇମ୍ରାନ୍‌ଙ୍କୁ ମାଡ଼ପିଟ୍ କରାଯାଇଥିବା ଅଭିଯୋଗକୁ ମଧ ପୁଲିସ୍ ପକ୍ଷରୁ ଅସ୍ୱୀକାର କରାଯାଇଛି । ମାତ୍ର ସିସିଟିଭି ଦ୍ୱାରା ରେକର୍ଡ ହୋଇଥିବା ଦୃଶ୍ୟରୁ ସ୍ପଷ୍ଟ ହେଉଛି ଯେ, କୋର୍ଟ ପରିସରରେ ରେଞ୍ଜର୍ସମାନେ ଇମ୍ରାନ୍‌ଙ୍କ କଲର୍ ଧରି ତାଙ୍କୁ ଘୋଷାଡ଼ି ନେଇ ପୁଲିସ୍ ଭ୍ୟାନ୍‌କୁ ଠେଲି ଦେଇଥିଲେ । ତାଙ୍କର ସୁରକ୍ଷା କର୍ମୀ ଓ ଆଇନଜୀବୀଙ୍କୁ ଜୋରରେ ପିଟିଥିଲେ । ଅନ୍ୟପକ୍ଷରେ ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ସଫେଇ ବାଢ଼ି କହିଛନ୍ତି ଯେ, ବାରମ୍ବାର ନୋଟିସ୍ ଦିଆଯିବା ସତ୍ତ୍ୱେ ଇମ୍ରାନ୍ କୋର୍ଟରେ ହାଜର ହେଲେନାହିଁ । ତେଣୁ ଜାତୀୟ ଦୁର୍ନୀତି ନିବାରଣ ବ୍ୟୁରୋ ଦ୍ୱାରା ତାଙ୍କୁ ଗିରଫ କରାଯାଇଛି । ଇମ୍ରାନ୍‌ଙ୍କ ଦଳ ପି.ଟି.ଆଇ ପକ୍ଷରୁ ଅଭିଯୋଗ ହୋଇଛି ଯେ, ତାଙ୍କୁ କୋର୍ଟ ପରିସରରୁ ଅପହରଣ କରି ନିଆଯାଇଛି । ପାକିସ୍ତାନ ଏବେ ଘୋର ଆର୍ଥିକ ସଙ୍କଟ ଭିତର ଦେଇ ଗତି କରୁଥିବାବେଳେ ଇମ୍ରାନ ଖାଁଙ୍କ ଗିରଫଦାରି ଓ ତଜ୍ଜନିତ ହିଂସା ଦେଶକୁ ଗୃହଯୁଦ୍ଧ ଆଡ଼କୁ ଟାଣିନେବା କିଛି ଅସମ୍ଭବ ନୁହେଁ । ନିଜେ ଇମ୍ରାନ୍ ମଧ ଗିରଫ ହେବାର ଅଳ୍ପ ସମୟ ପୂର୍ବରୁ ଟ୍ୱିଟ୍‌ରେ ଏକ ଭିଡ଼ିଓ ବାର୍ତ୍ତା ଜାରି କରି ଜଣେ ବରିଷ୍ଠ ସାମରିକ ଅଧିକାରୀ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବାର ସୂଚନା ଦେଇଥିଲେ । ସେପଟେ ଇମ୍ରାନ୍‌ଙ୍କୁ ହାଇକୋର୍ଟରେ ହାଜର କରାଯିବାବେଳେ ରେଞ୍ଜର୍ସମାନେ ତାଙ୍କୁ ଗିରଫ କରି ନେଇଯିବା ଘଟଣାରେ ମୁଖ୍ୟ ବିଚାରପତି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ପୁଲିସ୍ ପକ୍ଷରୁ ନ୍ୟାୟାଳୟର ଅବମାନନା କରାଯାଇଥିବା ଦର୍ଶାଯାଇ ପୁଲିସ୍ ମୁଖ୍ୟଙ୍କୁ କୋର୍ଟ ପକ୍ଷରୁ ସମନ କରାଯାଇଛି । ପଡ଼ୋଶୀ ଦେଶରେ ଏବେ ଭୀଷଣ ଗୋଳମାଳିଆ ସ୍ଥିତି ଦେଖାଦେଇଥିବାରୁ ଭାରତକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ବିଶେଷ କରି ସୀମାରେ ହାଇ ଆଲର୍ଟ ଜାରି କରାଯାଇ ଆମ ସେନାବାହିନୀକୁ ଜାଗ୍ରତିଆର ରଖାଯିବା ଏକାନ୍ତ ଜରୁରୀ । ପାକିସ୍ତାନର ଅଶାନ୍ତ ସ୍ଥିତି ନିଶ୍ଚିତ ଭାବରେ ଆମ ପାଇଁ ଯେ ଏକ ସତର୍କ ଘଣ୍ଟି, ଏଥିରେ ସନ୍ଦେହ ନାହିଁ ।

# ‘ନିଶାମୁକ୍ତ ଓଡ଼ିଶା’ ପାଇଁ ମହାମହୀମ ରାଷ୍ଟ୍ରପତିଙ୍କ ଆହ୍ୱାନ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ : ୬୩୭୦୬ ୭୫୫୬୨

ଓଡ଼ିଶାରେ ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଏଇ ଓଡ଼ିଆ ମାଟିର ଝିଅ ଆମ ମହାମହୀମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସି ନିଜ ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଏକ ସୁନ୍ଦର ତଥା ମହତ ବାଣୀ ଯାହାହେଲା “ମଦମୁକ୍ତ ଓଡିଶା” ପାଇଁ ଆହ୍ୱାନ ଆମ ସମସ୍ତଙ୍କ ପାଇଁ ତଥା ସମାଜ ପାଇଁ ଏକ ମହନୀୟ ତଥା ଗୌରବର ବିଷୟ। ସେ ତାଙ୍କର ଦୀକ୍ଷାନ୍ତ ଭାଷଣରେ କହିଥିଲେ ମଣିଷ ପ୍ରଥମେ ନିଶା ଖାଏ ମାତ୍ର ଯେତେବେଳେ ନିଶା ମଣିଷକୁ ଖାଇବା ଆରମ୍ଭ କରେ ସେତେବେଳେ ମଣିଷ ସର୍ବସ୍ୱ ହରାଇ ନିଃସ୍ୱ ପାଲିଟି ଯାଇଥାଏ। ନିଜ ଜନ୍ମମାଟିରେ ପାଦ ଦେଲାବେଳେ ସେ ଭୁଲି ଯାଇଥିଲେ ରାଇସିନିଆ ଭବନର ସୁଖ ସ୍ୱାଚ୍ଛନ୍ଦ୍ୟ ତାଙ୍କ ନିଜ ଘର ରାଇରଙ୍ଗପୁର ତାଙ୍କୁ ଟାଣି ରଖିଥିଲା। ଜଣେ ଦେଶର ରାଷ୍ଟ୍ରପତି ତଥା ପ୍ରଥମ ନାଗରିକ ଭାବରେ ନିଜ ଜନ୍ମମାଟିର ଆକର୍ଷଣ, ମା’ ମାଟିର ମମତାରେ ସେ ଏତେ ମଜ୍ଜି ଯାଇଥିଲେ ଯେ ବାରମ୍ବାର ପ୍ରୋଟକଲ ଭାଙ୍ଗି ନିଜ ମାଟିର ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ସହ ମନଖୋଲି ବାର୍ତ୍ତାଳାପ କରିଥିଲେ। ମାତ୍ର ତାଙ୍କର ନିଜ ରାଜ୍ୟର ସରକାର ତଥା ସାଧାରଣ ଜନତାଙ୍କୁ ଦେଇଥିବା ଆହ୍ୱାନ ‘ନିଶାମୁକ୍ତ ସମାଜ’ କ’ଣ ପ୍ରକୃତରେ ଫଳପ୍ରଦ ହେବ?

ଆଧୁନିକ ସମାଜ ବିପର୍ଯ୍ୟୟର ଏକ ପ୍ରମୁଖ କାରଣ ନିଶା ସେବନ। ଛୋଟ ବଡ଼ ବିଭିନ୍ନ ଧରଣର ମାଦକ ଦ୍ରବ୍ୟ ଆଜିର ସାମାଜିକ ଜୀବନକୁ ରୁଗ୍‌ଣ କରିବାରେ ବ୍ୟସ୍ତ। କାହାର ପାନ, ବିଡ଼ି, ସିଗାରେଟ୍, ନାସ ଇତ୍ୟାଦି ଆବଶ୍ୟକ ପଡିଥିବାବେଳେ ଆଉ କାହାର ଦେଶୀ ମଦ, ହାଣ୍ଡିଆ, ଗଞ୍ଜେଇ, ଭାଙ୍ଗ, ଇତ୍ୟାଦି ଦରକାର ହୋଇଥାଏ। କିନ୍ତୁ ଆମ ପାଠ ପଢୁଆ ବାବୁମାନେ ଆମ ଅଫିସରମାନେ ଦାମୀ ନିଶା ସେବନ କରିବା ସହ ନିଶାର ବ୍ରାଣ୍ଡ ‘ଅଫିସରସ୍ ଚଏସ୍’ ରଖି ଦେଇଛନ୍ତି ଏବଂ ଏ ନିଶା ବେଳେ, ବେଳେ ତାଙ୍କୁ ଅମିଣିଷ କରି ଦେଇଥାଏ। ଏ ନିଶାର ବ୍ୟବହାରକୁ ରୋକିବା ପାଇଁ ସରକାରଙ୍କର ଏକ୍ସାଇଜ୍ ବିଭାଗ ଅଛି କିନ୍ତୁ ଯାହା ତଥ୍ୟ କହେ ଏହି ବିଭାଗର କେତେକ ଅସାଧୁ କର୍ମଚାରୀ ନିଶା କାରବାର କରୁଥିବା ବ୍ୟବସାୟୀମାନଙ୍କ ସହ ହାତ ମିଳାଇ ମାଲେ ମାଲ ହେଉଛନ୍ତି। ବର୍ତ୍ତମାନ ଓଡ଼ିଶାରେ ବ୍ରାଉନ ସୁଗାର କାରବାର ବ୍ୟାପକ ଭାବରେ ଚାଲିଛି, ତେବେ ଆମେ କିପରି ଆମ ମହାମହୀମ ରାଷ୍ଟ୍ରପତିଙ୍କ ଆହ୍ୱାନକୁ ସଫଳ ରୁପାୟନ ଦେବା। ହଁ ଆମେ ସମସ୍ତେ କାୟ ମନୋବାକ୍ୟରେ ଚେଷ୍ଟା ଜାରି ରଖିଲେ ଦିନେ ନା ଦିନେ ଏହା ନିଶ୍ଚୟ ସଫଳ ହେବ।

ତେବେ ଏହି ବିଷୟକୁ ନେଇ ଏକ ସୁନ୍ଦର କାହାଣୀ ମନେପଡେ ଯାହା ହେଲା- ଗୋଟିଏ ପରିବାରରେ ଉଭୟେ ସ୍ୱାମୀ ଓ ସ୍ତ୍ରୀ ବିଦ୍ୱାନ ତଥା ସଂସ୍କୃତରେ ଜ୍ଞାନଗର୍ଭା। ପତି ବିଦ୍ୱାନ ଓ ପତ୍ନୀ ବିଦୁଷୀ ଉଭୟଙ୍କର ଦାମ୍ପତ୍ୟ ଜୀବନ କିଛିକାଳ ଆନନ୍ଦରେ ବିତିବା ପରେ ନିଜର ବିଦ୍ୟାର ଗରିମାକୁ ଭୁଲିଯାଇ ସ୍ୱାମୀ ‘ଦୁର୍ଜନ ସଙ୍ଗ ମେଳେନ ଅକାଳେ ମଦ୍ୟ ଭକ୍ଷଣ’ କଲେ। ପ୍ରତ୍ୟେହ ଏହିପରି ମଦ, ଗଞ୍ଜେଇ, ପ୍ରଭୃତି ଯାବତୀୟ ମାଦକ ଦ୍ରବ୍ୟ ସେବନ କରି ଘରକୁ ଫେରିବାରୁ ପତ୍ନୀ ଏହାର ଘୋର ବିରୋଧ କରିବାରୁ ବିଦ୍ୱାନ ପତି ନିଜ ପତ୍ନୀଙ୍କୁ ‘ମନୁ’ ସ୍ମୃତିରୁ ଉଦାହରଣ ଦେଇ କହିଥିଲେ- “ନମାଂସ ଭକ୍ଷଣେ ଦୋଷ ନ ମଦ୍ୟେ ନଚ ମୈଥୁନେ”। ପତ୍ନୀ ସଙ୍ଗେ ସଙ୍ଗେ କହିଥିଲେ ତୁମେ କହିଥିବା ଶ୍ଲୋକର ତଳ ଧାଡି ମନେପକାଅ। ନିଶାଗ୍ରାସ ଯୋଗୁ ତୁମର ମନ ପଙ୍କରେ ପୋତି ହୋଇଯାଇଥିବାରୁ ତୁମର ତଳଧାଡିଟି ମନେ ପଡୁନି ଯାହା ହେଲା “ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହା ଫଳମ୍”। ଉପର ଧାଡିଟିର ଅର୍ଥ ହେଲା ମଦ, ମାଂସ ଖାଇବା ଶୃଙ୍ଗାର କରିବା ଦୋଷାବହ ନୁହେଁ, ତଳଧାଡିର ଅର୍ଥ ହେଲା ଜୀବମାନଙ୍କର ଏହା ସହଜାତ ପ୍ରବୃତି କିନ୍ତୁ ମାଂସ, ମଦ ଓ ମୈଥୁନ ତ୍ୟାଗ କରିବା ଦ୍ୱାରା ମହାନ ଫଳ ମିଳିଥାଏ। ତେଣୁ ତୁମେ ନିଶା ଛାଡିଦିଅ। ପତି ପତ୍ନୀଙ୍କ ମଧ୍ୟରେ ନିତିଦିନ ଏପରି କଳିରେ ପୁତ୍ରମାନେ ପିତାଙ୍କ ଏପରି ଆଚରଣରେ କ୍ଷୁବ୍ଧ ହୋଇ ପିତାଙ୍କୁ କଟୁବାକ୍ୟ କହିଥିଲେ। ପିତା ନିଜର ପୁଅମାନଙ୍କୁ କହିଥିଲେ ପିତାକୁ ଏପରି ଗାଳିଦେବା କ’ଣ ପୁତ୍ରର କର୍ତ୍ତବ୍ୟ? ପୁଅମାନେ କହିଥିଲେ ହେ ପିତା ରାମାୟଣରେ ଲେଖାଅଛି “ଗୁରୁରପ୍ୟବଲିପ୍ତସ୍ୟ କାର୍ଯ୍ୟାକାର୍ଯ୍ୟ ମଜାନତଃ/ ଉତ୍ପଥ ପ୍ରତିପର୍ଣ୍ଣସ୍ୟ କାର୍ଯ୍ୟ ଭବତି ଶାସନମ” ଅର୍ଥାତ ଗୁରୁ ହୁଅନ୍ତୁ, ବାପା ହୁଅନ୍ତୁ ଯଦି ଭଲ ମନ୍ଦ, ପାପପୁଣ୍ୟ ଜାଣନ୍ତି ନାହିଁ ସେମାନଙ୍କୁ ଶାସନ କରି ବାଟକୁ ଆଣିବା ପୁତ୍ରମାନଙ୍କର ପରମ କର୍ତ୍ତବ୍ୟ। ଏଥିରେ ନିଶାଗ୍ରସ୍ତ ସ୍ୱାମୀ ତଥା ବାପା ନିଜର ଭୁଲ ବୁଝିବା ସହ ନିଶା ସେବନରୁ ଦୂରେଇ ରହିବା ପାଇଁ ଶପଥ ନେଇଥିଲେ। ତେଣୁ ପ୍ରତ୍ୟେକ ପରିବାରର ନାରୀ ତଥା ପୁଅ ଝିଅମାନେ ଏହି ନିଶା ରାକ୍ଷାସକୁ ରୋକିବା ପ୍ରଥମ କାମ।

ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ ନିଶା ନିବାରଣ ପାଇଁ ଉଦ୍ୟମ କରାଯାଇଥିଲା। ଏଥିପାଇଁ ଆମ ଜାତିର ଜନକ ମହାତ୍ମା ଗାନ୍ଧିଜୀଙ୍କ ଭୂମିକା ଥିଲା ଉଲ୍ଲେଖଯୋଗ୍ୟ। ସ୍ୱାଧୀନତା ପରବର୍ତ୍ତୀ କାଳରେ ସରକାରୀ ସ୍ତରରେ ନିଶାନିବାରଣ ସକାଶେ ଚେଷ୍ଟା କରାଯାଇଛି ମାତ୍ର ତାହା ଆଜିପର୍ଯ୍ୟନ୍ତ ଫଳପ୍ରଦ ହୋଇ ପାରିନାହିଁ! ଆମ ଓଡ଼ିଶା ସରକାର ମଧ ଏଥିପ୍ରତି ଧ୍ୟାନ ଦେଇଚନ୍ତି ମାତ୍ର ତାକୁ ଏକ ସୁଦୃଢ଼ ଆଇନରେ ପରିଣତ କରି ପ୍ରଥମେ ସରକାରୀ କର୍ମଚାରୀ, ଶାସକ, ପ୍ରଶାସକ ପାଇଁ ନିଶାସେବନ ଆଇନର ଉଲ୍ଲଘଂନକାରୀଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କୃତ କରାଯିବା ସହ ନିଶାସେବନକାରୀ ରାଜନେତାଙ୍କୁ ନିର୍ବାଚନ ଲଢିବାକୁ ନଦିଆଯିବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଗଲେ ଆମ ମହାମହୀମ ରାଷ୍ଟ୍ରପତିଙ୍କ ‘ନିଶାମୁକ୍ତ ଓଡ଼ିଶା’ର ଆହ୍ୱାନ ସଫଳ ହେବ ବୋଲି ଆଶା ତଥା ବିଶ୍ୱାସ।

# ଜୀବନ ଚିନ୍ତା



ନିମାଇଁ ଚରଣ ଲେଙ୍କା
ମୋ-୯୨୩୮୬୧୫୪୭୮

‘ହର୍ ଘଡିକୋ ଅପନା ଅନ୍ତିମ୍ ଘଡି ସମଝୋ’(ମମ୍ମା)। ଅର୍ଥାତ୍ ପ୍ରତିକ୍ଷଣକୁ ନିଜ ଅନ୍ତିମକ୍ଷଣ ବୋଲି ଭାବ। ‘ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମମୃତ୍ୟୁଶ୍ଚ’(ଗୀତା)। ଅର୍ଥାତ୍ ଜନ୍ମ ହୋଇଥିବା ଲୋକର ମୃତ୍ୟୁ ନିଶ୍ଚିତ ଏବଂ ମରିଥିବା ଲୋକର ଜନ୍ମ ନିଶ୍ଚିତ। ଆଜିହେଉ କି କାଲି, ବା ଶହେବର୍ଷ ପରେ ହେଉ, ଦିନେନା ଦିନେ ସମସ୍ତଙ୍କୁ ସେହି ଶମନ ସଦନକୁ ଯିବାକୁ ହିଁ ପଡିବ। ଏହା ଚରମ ସତ୍ୟ। Death is certain, but we are living accidentally. ମୃତ୍ୟୁ ସ୍ୱାଭାବିକ ବା ନିଶ୍ଚିତ, କିନ୍ତୁ ଆମେ ଅସ୍ୱାଭାବିକ, ଅନିଶ୍ଚିତ ଓ ଆକସ୍ମିକଭାବେ ବଞ୍ଚିଛେ। ମୃତ୍ୟୁ ଅନିର୍ବାର୍ଯ୍ୟ ଏବଂ ସମସ୍ତେ ତା’ର ଅଧୀନ, କିନ୍ତୁ ତା’ର ଅବଧାରିତ କାଳ କିଛିନାହିଁ। ମାୟା, ମମତାହୀନ ନିର୍ଦ୍ଦୟମୃତ୍ୟୁର ସମୟ, ଅସମୟ ଓ କାଳାକାଳ ବିଚାରନାହିଁ। ସେ କାହାରି ସୁବିଧା, ଅସୁବିଧା ଦେଖେନାହିଁ କି କାହାରି ଉପରୋଧ, ଅନୁରୋଧ ଶୁଣେନାହିଁ। କାହାରି ଭଲମନ୍ଦ, ଦୁଃଖକଷ୍ଟ ବୁଝେନାହିଁ କିମ୍ବା କାହାରି ତୋଷାମଦ, ପ୍ରଲୋଭନରେ ଭୁଲେନାହିଁ। କାହାରି ରୂପ, ଗୁଣ, ଧନ, ମାନ, ଯଶ, ଗୌରବ ପ୍ରତି ଦୃଷ୍ଟିପାତ କରେନାହିଁ। ମୃତ୍ୟୁ ବୟସର ଅପେକ୍ଷା କରେନାହିଁ କିମ୍ବା ସାଂସାରିକ କାର୍ଯ୍ୟ ସଂପନ୍ନର ଅସଂପୂର୍ଣ୍ଣତା ଭାବେନାହିଁ। ବାସ୍ତବରେ ଏ ଜଗତରେ ଏପରିଶକ୍ତି ନାହିଁ ବା ମନୁଷ୍ୟର ଏପରିସାଧ ନାହିଁ, ଯାହାଦ୍ୱାରା ବିଭୀଷିକାମୟ ମୃତ୍ୟୁର ଗତିରୋଧ କରାଯାଇ ପାରିବ। କେବଳ ମୃତ୍ୟୁର ଦୟାରେ ହିଁ ଆମେ ବଞ୍ଚିଛେ। ଅର୍ଥାତ୍ ସେ’ ଆମକୁ ବଞ୍ଚିବାକୁ ଅବସର ଦେଇଛି। ତା’ର ସମୟ ଆସିଲେ ଅକସ୍ମାତ୍, ଆଚମ୍ବିତ ଭାବେ ପହଞ୍ଚି ମାତ୍ର କେତୋଟି ମୁହୂର୍ତ୍ତରେ ଆମକୁ କବଳିତ କରିନେବ। କାରଣ ତାହା ଆମ ଜୀବନ ପରିଧିର ଚତୁର୍ପାଶ୍ୱରେ ସଦା ଘୂର୍ଣ୍ଣାୟମାନ। ସେହିମୃତ୍ୟୁ ହିଁ ସାଥୀହୀନ ପ୍ରାଣୀଙ୍କର ଶେଷସାଥୀ ଅଟେ। କେବଳ ‘ମୃତ୍ୟୁଚିନ୍ତା’ ହିଁ ସମଗ୍ର ସାଂସାରିକ କର୍ମର ଭାରସାମ୍ୟ ବଜାୟ ରଖିପାରିଛି ଏବଂ ଯୁଗଯୁଗଧରି ଧର୍ମ ତଥା ଧାର୍ମିକ ଜୀବନକୁ ପ୍ରବୋଧିତ କରିଆସିଛି ଓ ମନୁଷ୍ୟକୁ ଅମରତ୍ୱର ଅନୁସନ୍ଧାନରେ ବ୍ରତୀ କରାଇଛି। ପିଞ୍ଜରାବଦ୍ଧ ମହାବଳବାଘ ସମ୍ମୁଖରେ ଗୋଟିଏ ଛେଳିଟିକୁ ବାନ୍ଧିଦେଲେ, ବାଘଭୟରେ ଛେଳିଟି ଯେପରି ଅନ୍ୟମନସ୍କ ବା ବିପଥଗାମୀ ହୋଇପାରେ ନାହିଁ, ଠିକ୍ ସେହିପରି ମୃତ୍ୟୁଭୟ ଯୋଗୁ ହିଁ ସାଧାରଣ ମଣିଷ ଆଗପଛ, ପାପପୁଣ୍ୟ, ଭଲମନ୍ଦ, ଏସବୁର ବିଚାର କରିଥାଏ ଓ ନାନା ଫନ୍ଦିଫିକର, ଦୁର୍ନୀତି, ଅସତକର୍ମରୁ ଦୂରେଇ ରହିଥାଏ। ମୃତ୍ୟୁର ନାମଶୁଣିଲେ ଦେହସର୍ବସ୍ୱ ଲୋକ ଭୟରେ ଶିହରୀ ଉଠନ୍ତି। ଅଧିକାଂଶ ଲୋକ ଭୟକଲାବେଳେ କିଛିଲୋକ ସଂସାରପ୍ରତି ବୀତସ୍ପୃହ ହୋଇ ନିଜେ ନିଜେ ମୃତ୍ୟୁରଫାଶକୁ ନେଇ ନିଜଗଳାରେ ଲଗାନ୍ତି। ସଂସାରରେ ଧନ, ଗୌରବ, କାମିନୀକାଞ୍ଚନ, କ୍ଷମତା, ସୁଖବୋଧ, ଏ’ସବୁ ଯେତିକି କାମନା, ବାସନାକୁ ଜାଗ୍ରତକରେ, ପ୍ରାଣୀକୁ ଲୋଭଗ୍ରସ୍ତକରେ, ‘ମୃତ୍ୟୁଚିନ୍ତା’ ସେତିକି ନିର୍ଲୋଭ କରାଏ। ‘ମିଛରେ କାହିଁକି ଲୋଭ କରିବିରେ ଏ’ ଦେହରେ ଦିନେ ଲାଗିବ ନିଆଁ’। ସମସ୍ତଙ୍କ ଜୀବନରେ ମୃତ୍ୟୁ ଅବଶ୍ୟମ୍ଭାବୀ। କିନ୍ତୁ ଯେଉଁବ୍ୟକ୍ତି ସରଳ, ନିଷ୍କପଟ ଓ ସେବାପରାୟଣ ହୋଇ ସଂସାରରେ କାହାରି ଦୁଃଖ, କଷ୍ଟ ଓ ପୀଡାର କାରଣ ନହୁଏ, ସେ ମୃତ୍ୟୁର ଅମୃତଦୃଷ୍ଟିରେ, ଆଉ ଯେଉଁ ଅହଂକାରୀ, ନୃଶଂସ, କପଟୀ, ଅତ୍ୟାଚାରୀ ଅନ୍ୟର ଦୁଃଖ, କଷ୍ଟ ଓ ପୀଡାର କାରଣ ହୁଏ, ସେ ଅନ୍ତିମକ୍ଷଣ ପର୍ଯ୍ୟନ୍ତ ବିଷଦୃଷ୍ଟିରେ ହିଁ ରହେ। କେବଳ ସାଂସାରିକ ଲୋକପକ୍ଷରେ ମରଣ ଯନ୍ତ୍ରଣାଦାୟକ। କିନ୍ତୁ ଯୋଗୀ, ମୁନି, ଋଷି, ଏପରିକି ଯେକେହି ପ୍ରକୃତସାଧକ ମରଣକୁ ଆଦୌ ଭୟ କରନ୍ତିନାହିଁ। ମହାନ୍ ଆତ୍ମାମାନେ ମୃତ୍ୟୁଚିନ୍ତାକୁ ପବିତ୍ର ଓ ଅତିଆପଣାର ବୋଲି ଭାବିଥାଆନ୍ତି। ସେମାନେ ମୃତ୍ୟୁକୁ ଭୟନକରି ବରଂ ଜନ୍ମକୁ ହିଁ ଭୟ କରନ୍ତି। ନିଷ୍କାମବ୍ୟକ୍ତି ମରଣକାଳରେ ଆଦୌ ଅଶ୍ରୁମୋଚନ କରନ୍ତିନାହିଁ। ପୂର୍ଣ୍ଣଜ୍ଞାନୀ ପୁରୁଷ ମରଣଜୟୀ ଅଟନ୍ତି। ତାଙ୍କ ପ୍ରାଣ ତାଙ୍କ ଠାରୁ କଦାପି ଅନ୍ତର ହୁଏନାହିଁ। କେବଳ ମୃତ୍ୟୁଭୟ ଯୋଗୁ ହିଁ ବାର୍ଦ୍ଧକ୍ୟ ଆସିଗଲେ ମନୁଷ୍ୟ ଭଗବାନଙ୍କ ବିଷୟରେ ଚିନ୍ତା କରିବାକୁ ଚେଷ୍ଟାକରେ। ମରଣକାଳରେ ରୋଗଯନ୍ତ୍ରଣା ହେତୁ ଏବଂ ସ୍ମୃତିଶକ୍ତି କ୍ଷୀଣହୋଇଯିବା ଯୋଗୁଁ ଈଶ୍ୱରଚେତନା ଜାଗ୍ରତ ରଖିବା କଷ୍ଟକର ହୋଇଥାଏ। କିନ୍ତୁ ଯିଏ ପ୍ରଥମରୁ ମନକୁ ସଂଯତ, ଶୃଙ୍ଖଳିତ କରିଥାଆନ୍ତି, ଭଗବତ ପଦରେ ଲୟ ରଖିଥାଆନ୍ତି, ତାଙ୍କର ଭଗବତ ଚେତନା ଜାଗ୍ରତଥାଏ। ତେଣୁ ବାଲ୍ୟକାଳରୁ ହିଁ ଭଗବତ୍ ଚିନ୍ତାକରିବା ଓ ଆଧ୍ୟାତ୍ମିକ ସାଧନାରେ ବ୍ରତୀହେବା ଆବଶ୍ୟକ। କାରଣ କାଳକୁ ଅତିକ୍ରମ କରିଯିବା ଲାଗି, ମୃତ୍ୟୁକୁ ପରାସ୍ତ କରିଦେବା ଲାଗି, ସାଧନାର ଆବଶ୍ୟକତା ରହିଛି। ‘ମୃତ୍ୟୁଭୟ ଦୂର ହୋଇଯାଉ’, ବୋଲି ଖାଲି କହିଦେଲେ ତାହା ଦୂରେଇ ଯାଏନାହିଁ, ଦୂର କରିବାର ଅନୁଭୂତି ବା ଅମରତ୍ୱର ସନ୍ଧାନ ଏବଂ ଆତ୍ମସ୍ଥ ହେଲେ ତାହା ଦୂରହୁଏ। ମୃତ୍ୟୁଭୟ ଆମ ମନରେ ସେତେବେଳେ ରହିବନାହିଁ, ଯେତେବେଳେ ଆମେ ଅଜ୍ଞାନରୁ ଜ୍ଞାନୀ ଓ ଜ୍ଞାନୀରୁ ଆତ୍ମଜ୍ଞାନୀ ହୋଇପାରିବା। ମନୁଷ୍ୟ ମୃତ୍ୟୁକୁ ଭୟକରେ। ସେ’ ମରିବାକୁ ନଚାହିଁ ବରଂ ଚିରଦିନ ବଞ୍ଚିରହିବାକୁ ଚାହେଁ। ଏହି ‘ମୃତ୍ୟୁଚିନ୍ତା’ ହିଁ ଦର୍ଶନଶାସ୍ତ୍ରର ପ୍ରାରମ୍ଭସ୍ଥଳ। ଦର୍ଶନଶାସ୍ତ୍ର ଜିଜ୍ଞାସାକରେ, ଅନୁସନ୍ଧାନକରେ ଓ ଦୃଢତାର ସହିତ ଘୋଷଣାକରେ,‘ବାଲ୍ୟକାଳୁ ଧର୍ମଧନ ମୁଁ ସଞ୍ଚିବି ଏ’ଜୀବନ ଅନିଶ୍ଚିତ, କେଜାଣେ କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ’(ଭକ୍ତକବି ମଧୁସୂଦନ)। ପରବର୍ତ୍ତୀ କାଳରେ ଏକ ଶାନ୍ତିପୂର୍ଣ୍ଣ ଜୀବନଲାଭ ପାଇଁ ନିଜକୁ ପ୍ରସ୍ତୁତକରିବା ହିଁ ଏ’ ଜୀବନରେ ଆମର ପ୍ରଧାନକର୍ତ୍ତବ୍ୟ। ମୃତ୍ୟୁଭୟ ଉପରେ ବିଜୟପ୍ରାପ୍ତ କରିବା ହିଁ ସକଳ ଆଧ୍ୟାତ୍ମିକ ସାଧନାର ଶ୍ରେଷ୍ଠତମ ଉପଯୋଗ। ସକଳ ଯୋଗସାଧନାର ଅନ୍ୟତମ ଲକ୍ଷ୍ୟହେଉଛି, ନିର୍ଭୀକଭାବରେ, ହସହସ ମୁଖରେ, ମହାମୃତ୍ୟୁର ସମ୍ମୁଖୀନ ହେବା। ସେହି ପରମପିତାଙ୍କ ପ୍ରତି ସମର୍ପିତହୋଇ ଚକ୍ଷୁରୁ ମୃତ୍ୟୁଭୟର ଅନ୍ଧପୁଟୁଳି ଖୋଲି, ମରଣକୁ ସଦାସ୍ମରଣରେ ରଖି ଅବଶିଷ୍ଟ ଆୟୁଷକୁ ସାହସର ସହିତ ଅତିକ୍ରମ କରିବା। କାରଣ ମରଣ ଜୀବନର ବିପରୀତ ବିଷୟନୁହେଁ, ଏକ ଅବସ୍ଥାମାତ୍ର। ଏହା ଆଉଏକ ନବଜୀବନର ଦ୍ୱାରପଥ। ଜନ୍ମ, ମୃତ୍ୟୁ, ଏସବୁ ମାୟାର ଯାଦୁଖେଳ। ଯେ’ ଜନ୍ମହେଉଛି, ସେ’ ମରିବାକୁ ଆରମ୍ଭ କରୁଛି। ଯେ’ ମରୁଛି, ସେ’ ଜନ୍ମହେବାକୁ ପ୍ରସ୍ତୁତ ହେଉଛି। ଜୀବନ ହେଉଛି ମୃତ୍ୟୁ ଓ ମୃତ୍ୟୁ ହେଉଛି ଜୀବନ। ଏହି ବିଶ୍ୱରଙ୍ଗମଞ୍ଚରେ ଜନ୍ମ ଓ ମୃତ୍ୟୁ ଯଥାକ୍ରମେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରମାତ୍ର। ତେଣୁ ଅନ୍ତିମ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଜୀବନସ୍ରୋତ ଏହିପରି ନିରବଚ୍ଛିନ୍ନ ଭାବରେ ପ୍ରବାହିତ ହୋଇଚାଲିଛି ଓ ଚାଲିଥିବ।

# ରାସନକାର୍ଡଧାରୀଙ୍କୁ ଗହମ ଦିଆଯାଉ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,
ମୋ: ୯୪୩୭୯୯୪୩୭୯

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ହିତାଧିକାରୀମାନଙ୍କୁକେନ୍ଦ୍ର ସରକାର ରିହାତି ଦରରେ ଯୋଗାଇ ଦେଉଥିବା ଖାଦ୍ୟଶସ୍ୟ ମଧ୍ୟରୁ ଗତ ୧୦ମାସ ହେଲା ଗହମ ଯୋଗାଣକୁ ବନ୍ଦ ରଖିଛନ୍ତି। ଚଳିତ ମାସରୁ ଗହମ ଯୋଗାଣ ଆରମ୍ଭ ହେବାକୁ ଥିବାବେଳେ ଏବେ ଆଉ ଦୁଇମାସ ଗହମ ଯୋଗାଣକୁ ବନ୍ଦ ରଖିଛନ୍ତି। ଅବଶ୍ୟ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ବଦଳରେ ହିତାଧିକାରୀଙ୍କୁ ଚାଉଳ ଦିଆଯିବ। ଗତବର୍ଷ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ଦେଶରେ ଗହମ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ବହୁତ କମ ହୋଇଥିବାବେଳେ ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଆମଦାନୀ ହୋଇନପାରିବା ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡିଛି। ଅନ୍ୟପକ୍ଷରେ ଗହମ ଅଭାବ ଯୋଗୁ ଦେଶରେ ଗହମଜାତ ସାମଗ୍ରୀ ତଥା ଅଟା, ମଇଦା, ସୁଜି ଆଦିର ମୂଲ୍ୟ ଆକାଶଛୁଆଁ ହୋଇଛି। ଚଳିତ ରବି ଋତୁରେ ଅଦିନିଆ ବର୍ଷା ସତ୍ତ୍ୱେ ଦେଶରେ ବର୍ତ୍ତମାନ ସୁଦ୍ଧା ୨୦.୫ ମିଲିଅନ ମେଟ୍ରିକ ଟନ୍ ଗହମ ସଂଗ୍ରହ ହୋଇସାରିଲାଣି। ତେବେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଗହମ ଉତ୍ପାଦନ ଉତ୍ସାହଜନକ ହୋଇଛି। କହିବା ବାହୁଲ୍ୟ ଯେ, ଗତବର୍ଷ ଦେଶରେ ୧୮.୮ ମିଲିଅନ ମେଟ୍ରିକ ଟନ ଗହମ ଉତ୍ପାଦନ ହୋଇଥିବା ସମୟରେ ଏବେ ଏହାକୁ ଟପିଯାଇଥିବାରୁ ଚଳିତ ବର୍ଷ ଉତ୍ପାଦନ ଅଧିକ ହେବା ଏକ ପ୍ରକାର ନିଶ୍ଚିତ। ଗତବର୍ଷ ତୁଳନାରେ ଚଳିତ ବର୍ଷ ଉତ୍ପାଦନ ଅଧିକ ହେବା ଏହା ପ୍ରମାଣିତ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୦୭ ପରଠାରୁ ୨୦୨୨ରେ ଗହମ ଉତ୍ପାଦନ ସର୍ବନିମ୍ନ ରହିଥିଲା। ଏହା ସତ୍ୟ ଯେ, ଆମ ଦେଶରେ କନ୍ୟା, ମରୁଡି ହେଉଛି କୃଷି ଓ କୃଷକର ସହଚର । ଗତବର୍ଷ ମାର୍ଚ୍ଚ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଚାଷୀର ମୁଣ୍ଡରେ ଚଡକ ପଡିଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ମଧଭାଗରେ ଅଦିନିଆ ବର୍ଷା ଗହମ ଉତ୍ପାଦନରେ ବାଧକ ସାଜିଛି। ଏହା ସତ୍ତ୍ୱେ ଗତବର୍ଷଠାରୁ ଅଧିକ ଅମଳ ହେବା ନିଶ୍ଚିତ ଭାବେ ଦେଶର ଖାଉଟି ଓ ଅର୍ଥନୀତି ପାଇଁ ଉତ୍ସାହଜନକ। ଏଥିରେ ସନ୍ଦେହ ନାହିଁ। ଅନ୍ୟପକ୍ଷରେ ଦେଶରେ ଚାଉଳ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିଛି। ଆମ ରାଜ୍ୟରେ ଏତେ ଅଧିକ ପରିମାଣର ଚାଉଳ ଉତ୍ପାଦନ ହୋଇଛି ଯେ, ଏହାକୁ ମହଜୁଦ ରଖିବା ଏବେ ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟାଥାର କାରଣ ହୋଇଛି। ଦୀର୍ଘ ୧୦ମାସ ଧରି ରାଜ୍ୟର ୩କୋଟି ୫୦ଲକ୍ଷରୁ ଊର୍ଦ୍ଧ୍ୱ ରାସନକାର୍ଡଧାରୀ ଗହମ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଏବେ ଆଉ ଦୁଇମାସ ଯୋଗାଣ ସ୍ଥଗିତ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୨-୨୩ (ଏପ୍ରିଲ-ମାର୍ଚ୍ଚ) ବର୍ଷରେ ଦେଶରେ ମୋଟ ଖାଦ୍ୟଶସ୍ୟ ୯୨.୭ ମିଲିଅନ ମେଟ୍ରିକ ଟନ ଉତ୍ପାଦିତ ହୋଇଛି। ଏଥିମଧ୍ୟରୁ ୬୩.୮ ମିଲିଅନ ମେଟ୍ରିକଟନ୍ ଚାଉଳ ହୋଇଥିବାବେଳେ ୨୮.୯ ମିଲିଅନ ମେଟ୍ରିକ ଟନ୍ ହେଉଛି ଗହମ। ଦେଶରେ ଗହମ ମହଜୁଦ ଆଶାନୁରୂପ ନଥିବା ବେଳେ ଚାଉଳ ହିଁ ଏବେ ସାଧାରଣ ବଣ୍ଟନ ବ୍ୟବସ୍ଥା ଭାର ସମ୍ଭାଳିଛି। କହିବା ବାହୁଲ୍ୟ ଯେ, ଗହମ ତୁଳନାରେ ଚାଉଳ ଉତ୍ପାଦନ ଦେଶରେ ଦୁଇଗୁଣରୁ ଅଧିକ ହୋଇଛି। ଆହୁରିମଧ ଆସନ୍ତା ବର୍ଷ ଦେଶରେ ସାଧାରଣ ନିର୍ବାଚନ ହେଉଥିବାରୁ ସରକାର ଯଥେଷ୍ଟ ପରିମାଣର ଚାଉଳ ଓ ଗହମ ମହଜୁଦ ରଖିବାକୁ ଚାହାଁନ୍ତି ଯଦି କୌଣସି କାରଣରୁ ଗହମ ଉତ୍ପାଦନ ବାଧାପ୍ରାପ୍ତ ହୁଏ, ସାଧାରଣ ବଣ୍ଟନ ବ୍ୟବସ୍ଥାର ଭାର ଚାଉଳ ହିଁ ସମ୍ଭାଳିବ। ଚଳିତ ବର୍ଷ କେନ୍ଦ୍ର ସରକାର ୩୪.୧ ମିଲିଅନ ମେଟ୍ରିକ ଟନ ଗହମ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏହା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଏବେ ବହୁ ଦୂରରେ ରହିଛି। ଚଳିତ ବର୍ଷ ଏନ-ନିନୋ ପ୍ରଭାବରେ ଦେଶରେ ମୌସୁମୀ ବର୍ଷା ନିଅଣ୍ଟିଆ ରହିବା ନେଇ ବହୁ ବିଦେଶୀପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ଯାହାକି କୃଷି, କୃଷକ ଓ ସରକାରଙ୍କ ପାଇଁ ଚିନ୍ତାର କାରଣ। ଦେଶରେ ଏବେ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବଢିବାରେ ଲାଗିଛି। ଚାଉଳ, ଗହମ, ଅଟା, ଡାଲି, ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଦେଶରେ ଡାଲି ଦର କେବଳ ୧୫.୩ ବୃଦ୍ଧି ପାଇଛି। ମୌସୁମୀ ବର୍ଷା ଯଦି ସ୍ୱାଭାବିକ ନହୁଏ, ତେବେ ନିର୍ବାଚନୀ ବର୍ଷାରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବା ନିଶ୍ଚିତ। ଯାହାକି କେବଳ ସରକାରଙ୍କ ପାଇଁ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଚିନ୍ତାର କାରଣ ହେବ, ଏହା ନିଶ୍ଚିତ। ଏବେ ଗହମ ଉତ୍ପାଦକ ସନ୍ତୋଷଜନକଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କ ଗହମ ଯୋଗାଇ ଦିଆଯାଉ।

# କର୍କଟ ପ୍ରତି ସତର୍କ ରହିବାକୁ ଆହ୍ୱାନ



ଡା. ସୁଶାନ୍ତ କୁମାର ପାଇକରାୟ
ମେଡିକାଲ ଅଙ୍କୋଲୋଜିଷ୍ଟ

କ୍ୟାନସର ବା କର୍କଟ ରୋଗ ନାଁ ଶୁଣିବା ମାତ୍ରେ ଲୋକଙ୍କ ମନରେ ଛନକା ପଶିଯାଏ। କିଛି ଲୋକ ମଧ ମନେମନେ ଭାବି ନିଅନ୍ତି ଯେ, କର୍କଟ ରୋଗରେ ପୀଡିତ ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ। ଏପରିକି ଏହି ରୋଗ ପାଇଁ ଖର୍ଚ୍ଚ ବ୍ୟୟବହୁଳ ହେବା ସହିତ ଗରିବ ଅସହାୟମାନଙ୍କ ପାଇଁ ଏହି ରୋଗ ଯମଦୂତ ସାଜିଥିବା କଥା ମଧ ଶୁଣିବାକୁ ମିଳିଥାଏ। ମାତ୍ର ଏଭଳି ଚିନ୍ତାଧାରା ମନରେ ଆଦୌ ଆଣିବା ଠିକ୍ ନୁହେଁ। କାରଣ ବର୍ତ୍ତମାନର ବିଜ୍ଞାନ ଯୁଗରେ କର୍କଟ ରୋଗ ପାଇଁ ବହୁ ଉନ୍ନତମାନର ଚିକିତ୍ସା ପଦ୍ଧତି ଉପଲବ୍ଧ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ହସ୍ପିଟାଲମାନଙ୍କରେ କର୍କଟ ରୋଗର ଚିକିତ୍ସା ପାଇଁ ବ୍ୟାପକ ବ୍ୟବସ୍ଥା ମଧ କରିଛନ୍ତି। ତେଣୁ କର୍କଟ ରୋଗ ପ୍ରତି ଆଦୌ ଭୟ କରିବା ଉଚିତ୍ ନୁହେଁ। ଏବେ ଆମ ଦେଶ ତଥା ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଥିବା ବେଳେ ଏହାର ନିରାକରଣ ଉପରେ ଗୁରୁତ୍ୱ ଦିଆଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବିଶେଷ କରି ଲୋକମାନେ ଅଧିକରୁ ଅଧିକ ସଚେତନ ହୋଇପାରିଲେ ନିଶ୍ଚିତ ଭାବେ ଏହି କର୍କଟ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବ। ବିଶେଷ କରି ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର)ର ରିପୋର୍ଟ ଅନୁଯାୟୀ ଭାରତରେ କର୍କଟ ରୋଗ ବୃଦ୍ଧି ଘଟୁଛି। ଏପରିକି ଆସନ୍ତା ୫ ବର୍ଷ ମଧ୍ୟରେ ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶଙ୍କା ମଧ କରାଯାଇଛି। ତେବେ ଲୋକମାନେ ସଚେତନ ହେଲେ ଏହି କର୍କଟ ରୋଗର ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ତଥା ଡାକ୍ତର ସୁଶାନ୍ତ କୁମାର ପାଇକରାୟ କହିଛନ୍ତି। ଶ୍ରୀ ପାଇକରାୟ ଗଣମାଧ୍ୟମକୁ କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଲେ ଯାହା ଅନୁମାନ କରାଯାଏ ୨୦୨୫ ସୁଦ୍ଧା ଭାରତରେ କର୍କଟରୋଗୀଙ୍କ ସଂଖ୍ୟା ୧୫.୬୯ ଲକ୍ଷ ଅତିକ୍ରମ କରିବ। ଆଇସିଏମଆର୍ ରିପୋର୍ଟରେ ପ୍ରକାଶ ପାଇଛି ଯେ ଦିଲ୍ଲୀରେ ପିଲାମାନଙ୍କ ଠାରେ କର୍କଟ ରୋଗ ସଂଖ୍ୟା ବୃଦ୍ଧି ପାଉଛି। ଏହି ଆଇସିଏମ୍ଆର୍ ରିପୋର୍ଟ ଏବେ ଡାକ୍ତର ଓ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଦେଇଛି। ଏହି ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୧ ମସିହାରେ ମୋଟ କ୍ୟାନସରର ୩୩.୩% ତମାଖୁ ବ୍ୟବହାର ଯୋଗୁଁ ଲୋକମାନେ କ୍ୟାନସରରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି। ତେବେ ଏହା ମଧ୍ୟରୁ ୪୮.୭% ପୁରୁଷ କ୍ୟାନସରରେ ପୀଡ଼ିତ ହୋଇଥିବାବେଳେ ୧୬.୫% ମହିଳା କ୍ୟାନସରରେ ପୀଡ଼ିତ ହୋଇଛନ୍ତି। ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ ସେଣ୍ଟର ଅଫ ଡିଜିଜ୍ ଇନଫରମେଟିକ ଆଣ୍ଡ ରିସର୍ଚ୍ଚ ଓ ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ଇନଫରମେଟିକ ଆଣ୍ଡ ରିସର୍ଚ୍ଚ ଶାଖା ପକ୍ଷରୁ ଏହି କ୍ୟାନସର ରୋଗ ଉପରେ ମିଳିତ ସର୍ଭେ କରାଯାଇଛି। ତଥ୍ୟ ଅନୁଯାୟୀ ଦୀର୍ଘ ୭ ବର୍ଷ ଧରି ଏନସିଡିଆଇଆର କ୍ୟାନସର କେସ୍ ଉପରେ ସର୍ଭେ କରିଆସୁଛି। ସେହିଭଳି ସମଗ୍ର ଏସିଆରେ ମହିଳାମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ରୋଗର ସର୍ବାଧିକ ମାମଲା ଦେଖାଯାଇଛି। ଡାକ୍ତର ଶ୍ରୀ ପାଇକରାୟ କହିଛନ୍ତି ଯେ, ଦୀର୍ଘଦିନ ଧରି କର୍କଟ ରୋଗରେ ଦ୍ରୁତ ଅଭିବୃଦ୍ଧି ହେଉଥିବା ଲକ୍ଷ୍ୟ କରାଯାଇଛି ଏବଂ ଏହା ପଛରେ ତମାଖୁ ଏକ ବଡ଼ କାରଣ ଭାବେ ଉଭା ହୋଇଛି। କେବଳ ତମାଖୁ ନୁହେଁ ବିଭିନ୍ନ ପ୍ରକାର ନିଶା ବା ମାଦକ ଦ୍ରବ୍ୟ ସେବନ ଦ୍ୱାରା କର୍କଟ ରୋଗୀଙ୍କ ସଂଖ୍ୟା ବଢିଛି। ୪୦ ପ୍ରତିଶତ କର୍କଟ ତମାଖୁ ସେବନ ହେତୁ ହୋଇଥାଏ ଏବଂ ବର୍ତ୍ତମାନ ଏହି ରୋଗ ୨୦-୨୫ ବର୍ଷର ଯୁବକମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଛି। ଶ୍ରୀ ପାଇକରାୟଙ୍କ କହିବାନୁଯାୟୀ ତମାଖୁ ସେବନକୁ ଠିକ ସମୟରେ ନିୟନ୍ତ୍ରଣ କରାଯିବା ଦରକାର। ଯଦି ଏହା ନ ହୁଏ, ତେବେ ଆଗାମୀ ଦିନରେ ଫୁସଫୁସ କର୍କଟ ରୋଗ ଭୟଙ୍କର ଭାବେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ୧୦ ବର୍ଷ ମଧ୍ୟରେ ଆମେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ଦେଖିବାକୁ ପାଇଛୁ। ତମାଖୁ ଏବଂ ବାୟୁପ୍ରଦୂଷଣ ସହ ଜଡ଼ିତ ରୋଗ କର୍କଟର ମୂଳ ଉତ୍ସ ବୋଲି ନିଃସନ୍ଦେହରେ କୁହାଯାଇପାରେ। ‘ଗ୍ଲୋବାଲ ବର୍ଡେନ ଅଫ ଡିଜିଜ୍ ଷ୍ଟଡ଼ି’ ଅନୁଯାୟୀ ମହିଳାମାନଙ୍କ କ୍ଷେତ୍ରରେ ଭାରତରେ ସର୍ବାଧିକ ସ୍ତନ କର୍କଟ ରୋଗ ଦେଖାଦେଉଛି। ମହିଳାମାନଙ୍କଠାରେ ସ୍ତନ କର୍କଟ ସହିତ ଗର୍ଭାଶୟ କର୍କଟ, କୋଲେନ କର୍କଟ, କୋଲନ ଏବଂ ରେକ୍ଟମ ସମସ୍ୟା ମଧ କିଛି କମ୍ ନୁହେଁ। ଏହାଛଡ଼ା କେତେକାଂଶରେ ଓଠ କର୍କଟ ରୋଗ ମଧ ଦେଖିବାକୁ ମିଳୁଛି। ଅଧ୍ୟୟନ ଅନୁଯାୟୀ ମହିଳାମାନଙ୍କଠାରେ ଜରାୟୁ, ଗ୍ରୀବା, ଗର୍ଭାଶୟ କର୍କଟ, ମୁଖ ଗହ୍ୱର କର୍କଟ ଆଦି ଦେଖିବାକୁ ମିଳୁଥିବାବେଳେ ପୁରୁଷଙ୍କ ଶରୀରରେ କୋଲନ କର୍କଟ, ସ୍ତନ କର୍କଟ, ମୁଖ ଗହ୍ୱର କର୍କଟ ଆଦି ଦେଖିବାକୁ ମିଳିଛି। ଉଭୟ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏବେ ବିଭିନ୍ନ ପ୍ରକାର କର୍କଟ ରୋଗ ଦେଖାଦେଉଛି। ବିଶେଷ କରି ଠିକ୍ ସମୟରେ ଖାଦ୍ୟ ଗ୍ରହଣ ନକରିବା ଏବଂ ଉପଯୁକ୍ତ ଶାରିରୀକ ପରିଶ୍ରମ ନକରିବା ଘଟଣା କର୍କଟ ରୋଗକୁ ଅଧିକ ପ୍ରୋତ୍ସାହିତ କରିଥାଏ। ତେବେ ସେ ଯାହା ହେଉନା କାହିଁକି ଆମ ଶରୀରରେ ଯଦି କିଛି ବ୍ୟତିକ୍ରମ ଦେଖାଦିଏ ତେବେ ତୁରନ୍ତ ବିଶେଷଜ୍ଞ ଓ ଡାକ୍ତରମାନଙ୍କ ପରାମର୍ଶ ନିଆଯିବା ଜରୁରି। ଦୀର୍ଘଦିନ ଧରି ଘା’ ବା କ୍ଷତଚିହ୍ନ ନଶୁଖିବା, ଝାଡ଼ା ପରିସ୍ରାରେ କିମ୍ବା ବାନ୍ତିରେ ବାରମ୍ବାର ରକ୍ତ ପଡ଼ିବା, ଶରୀରର କୌଣସି ସ୍ଥାନରେ ଗେଟାଳିଆ ବା ଆବୁ ଦେଖାଦେବା କ୍ୟାନସର ରୋଗର ମୂଳ ଲକ୍ଷଣ ହୋଇଥାଏ। ଏଭଳି ସ୍ଥିତିରେ କାଳବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଆଯିବା ଉଚିତ୍। ଏବେ ପାକସ୍ଥଳୀ କର୍କଟ ରୋଗୀଙ୍କ ସଂଖ୍ୟା ମଧ କିଛି କମ୍ ନାହିଁ। ତେଣୁ ଗ୍ୟାଷ୍ଟ୍ରିକ ସମସ୍ୟା ଉପୁଜିବା ମାତ୍ରେ ଏହାର ପ୍ରତିକାର କରାଯିବା ନିହାତି ଆବଶ୍ୟକ। ବିଶେଷ କରି କହିବାକୁ ଗଲେ ପ୍ରାଥମିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ ହୋଇପାରିଲେ ଏବଂ ତାର ଉପଯୁକ୍ତ ଚିକିତ୍ସା ହେଲେ ରୋଗୀଟି ସୁସ୍ଥ ଜୀବନଯାପନ କରୁଥିବା ନଜିର ରହିଛି। ତେଣୁ ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ ବିଶେଷଜ୍ଞଙ୍କ ସହ ପରାମର୍ଶ ଜରୁରି ହୋଇଥାଏ। ଲୋକମାନେ ସଚେତନ ହେଲେ ଏହି କର୍କଟ ରୋଗର ନିରାକରଣ ସମ୍ଭବ ହୋଇପାରିବ ବୋଲି ଡାକ୍ତର ଶ୍ରୀ ପାଇକରାୟ କହିଛନ୍ତି।



# ଆମ କଳାହାଣ୍ଡି







## ମୋ ସ୍କୁଲ୍ ଯୋଜନାରେ '୫-ଟି' ରୂପାନ୍ତକରଣ

# ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ୧୧୫ଟି ହାଇସ୍କୁଲକୁ ୫ଟି ହାଇସ୍କୁଲ ରୂପାନ୍ତକରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ ଭର୍ଚ୍ୟୁଆଲ୍ ମୋଡରେ ୯ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଭିଡିଓ କନଫରେନ୍ସ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଜଣାଇବା ସଙ୍ଗେସଙ୍ଗେ '୫-ଟି' ଉପଯୋଗ ସମ୍ପର୍କରେ ସୂଚନା ଦେଇ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଇ ନିଜ ପ୍ରତିଭାର ପରିଚୟ ଦେବାକୁ ଆହ୍ୱାନ କରିଥିଲେ। '୫-ଟି' ସଚିବ ଭିକେ ପାଣ୍ଡିଆନ୍ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସ୍ଥାନୀୟ ପୋଲିସ ହାଇସ୍କୁଲ ଠାରେ ସଂଧ୍ୟା ୫.୩୦ ମିନିଟ ସମୟରେ ଜିଲ୍ଲାପାଳ କଳାହାଣ୍ଡି ପି. ଅନ୍ୱେଷା





ରେଡ୍ଡୀଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ମୌଶଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ନାୟକ '୫-ଟି' ରୂପାନ୍ତରିତ ହାଇସ୍କୁଲରେ ନିଜ ସ୍କୁଲର ଅନୁଭୂତିକୁ ପ୍ରକାଶ କରିଥିଲେ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଥିଲେ। '୫-ଟି'ର ସଫଳ ରୂପାୟନ ଦ୍ୱାରା ଛାତ୍ର ଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା, ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାରର ସୁବିଧା ନିଜ ବିଦ୍ୟାଳୟରେ ପାଇପାରୁଛନ୍ତି। ଜୁନାଗଡ଼ ବିଧାୟକ କ୍ୟାପଟେନ ମିଶ୍ର ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇ କଳାହାଣ୍ଡି ଜିଲ୍ଲା ଆଜି ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଏବଂ କଳାହାଣ୍ଡି ବାସୀ ମେଡିକାଲ କଲେଜ, କୃଷି ମହାବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ ଭଳି ବହୁ ଅନୁଷ୍ଠାନ ଉପହାର ପାଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସହିତ ଏକ ସମୟରେ ଜିଲ୍ଲାର ୧୧୪ଟି ହାଇସ୍କୁଲରେ ମୁଖ୍ୟମନ୍ତ୍ରୀଙ୍କ ଆଭାଷୀ ମାଧ୍ୟମରେ ଲୋକାର୍ପଣ ଉତ୍ସବକୁ ଏଲ୍ଇଡି ମାଧ୍ୟମରେ ସଂପୃକ୍ତ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଆଲୁମିନି, ପଞ୍ଚାୟତ ପ୍ରତିନିଧିମାନେ ଦେଖିଥିଲେ। ସୂଚନା ଯୋଗ୍ୟ ଯେ, ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ୧୨୯ଟି ହାଇସ୍କୁଲ ଏବଂ ଗତ ୯ତାରିଖରେ ୧୧୫ଟି ହାଇସ୍କୁଲ ରୂପାନ୍ତରିତ ହୋଇଥିଲାବେଳେ ଚତୁର୍ଥ ପର୍ଯ୍ୟାୟରେ ଜିଲ୍ଲାର ଆହୁରି ୮୬ଟି ହାଇସ୍କୁଲ ରୂପାନ୍ତିରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବ। ଏହି କାର୍ଯ୍ୟକ୍ରମରେ ୧୧୫ଟି ରୂପାନ୍ତରିତ ବିଦ୍ୟାଳୟର ପ୍ରତିନିଧିଙ୍କ ସହ ସ୍କୁଲ୍ ଆଲୁମିନି, ଜନପ୍ରତିନିଧି, ଭବାନୀପାଟଣାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ବିଡିଓ, ଶିକ୍ଷା ବିଭାଗର କର୍ମଚାରୀ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ମୋ ସ୍କୁଲ ଯୋଜନାରେ '୫-ଟି' ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାରେ ମୋଟ ୧୧୫ଟି ବିଦ୍ୟାଳୟ ରୂପାନ୍ତରିତ ହୋଇ ସୋମବାର ତାର ଲୋକାର୍ପଣ ହୋଇ ଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ୍ ଜୟନ୍ତପୁର ସ୍ଥିତ କନ୍ୟାଶ୍ରମ '୫-ଟି' ରୂପାୟନର ଲୋକାର୍ପଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ସରପଞ୍ଚ ଜୟନ୍ତୀ ବାଗ, ସମିତି ସଭ୍ୟ ଥବିର ନାଗ, ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରା, ଶିକ୍ଷକ ସଂଜୟ କୁମାର ଭୋଇ, ହିମାଂଶୁ ଶେଖର ମାଝୀ, ସୁଧାଂଶୁ ବାଗ, ସୁବାସ ବାଗ, ପାର୍ବତୀ ନାଗେଶ୍ୱର, ଚୁଇକଲ ଶତପଥୀ, ଲକ୍ଷ୍ମୀ ଧର ବାଗ, ଶର୍ମିଷ୍ଠା ଗୋପାଳ, ଦୀପକ ରଞ୍ଜନ ପଣ୍ଡା, ସ୍କୁଲ୍ କମିଟି ସଦସ୍ୟ, ସଦସ୍ୟା ପୁର୍ବତନ





ଛାତ୍ରୀ, ବର୍ତ୍ତମାନ ଅଧ୍ୟୟରତ ଛାତ୍ରୀ ଓ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ ଉତ୍ସବକୁ ଅଭିବାଦନ ଜଣାଇଥିଲେ। ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ମୋଟ ୩୩୫ଟି ବିଦ୍ୟାଳୟ '୫-ଟି' ରୂପାୟନ ହୋଇଥିବା ବେଳେ ଚତୁର୍ଥ ପର୍ଯ୍ୟାୟ ଆଉ ୮୨ଟି ବିଦ୍ୟାଳୟ ରହିଥିବା ଜଣାପଡେ। '୫-ଟି' ରୂପାୟନରେ ବିଦ୍ୟାଳୟଗୁଡିକ କେବଳ ସୌନ୍ଦର୍ଯ୍ୟକରଣ ହୋଇନି ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ପ୍ରତି ଦ୍ୱିଗୁଣ ଆକୃଷ୍ଟ କରିପାରିଛି। ଶାରୀରିକ, ମାନସିକ ତଥା ଗୁଣାତ୍ମକ ଶିକ୍ଷା ସହ ଆଧୁନିକ ଡିଜିଟାଲ ଶିକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳର ରାସ୍ତା ଦେଖାଇଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରନ୍ତି। ସେହିପରି ଅଧ୍ୟୟନରତ ଛାତ୍ରଛାତ୍ରୀ ଆଗ ଅପେକ୍ଷା ବର୍ତ୍ତମାନ '୫-ଟି' ରୂପାୟନ ଫଳରେ ବିଦ୍ୟାଳୟରେ ଅନେକ ପ୍ରକାର ସୁବିଧା ପାଇ ପାରୁଥିବା ବେଳେ ଅତ୍ୟାଧୁନିକ ଡିଜିଟାଲ କରଣ ଓ ଗୁଣାତ୍ମକ ଶିକ୍ଷା ବେଶ ସହାୟକ ହୋଇପାରିଛି। ଯାହା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ସଚିବ ଭିକେ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଦ୍ୟୁତ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ କଳା ବ୍ୟାଚ୍ ପରିଧାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଏସ୍ଇବି ଏମ୍ପ୍ଲୋଇଜ୍ ଫେଡେରେସନ୍, ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘ, ଓଏସ୍ଇବି ଶ୍ରମିକ ମହାସଂଘ ଓ ପଶ୍ଚିମ ଓଡ଼ିଶା ବିଦ୍ୟୁତ ମହାସଂଘକୁ ନେଇ ଗଠିତ ଏକତା ମଞ୍ଚର ଡାକରାରେ ୯ ତାରିଖ ମଙ୍ଗଳବାର ଦିନ ଜିଲ୍ଲାର ସମସ୍ତ ଓପିଟିସିଏଲ୍ ଅଫିସ ଆଗରେ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ କଳାବ୍ୟାଚ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବରେ ଯୋଗାଇଦେବା, ନୂତନ ମଜୁରୀ ନିର୍ଦ୍ଧାରଣ ପାଇଁ ଦିଆଯାଇଥିବା ସମସ୍ତ ଦାବିକୁ ପୂରଣ କରିବା ଆଦି ସମସ୍ୟାକୁ ନେଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଥିଲା। ଆଗାମୀ ୧୫.୦୫.୨୦୨୩ ତାରିଖ ସୁଦ୍ଧା ଶ୍ରମିକ କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ନହେଲେ ୧୬.୦୫.୨୦୨୩ ତାରିଖ ଠାରୁ ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଘେରାଉ ଓ ବିକ୍ଷୋଭ କରାଯିବ ବୋଲି ଏକତା ମଞ୍ଚ ପକ୍ଷରୁ





ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦିନ ଧରି ବିଦ୍ୟୁତ କ୍ଷେତ୍ରରେ କାମ କରି ଆସୁଥିବା କର୍ମଚାରୀମାନଙ୍କ ବିଭିନ୍ନ ପ୍ରକାର ଦାବି ଯଥା କର୍ମଚାରୀମାନଙ୍କ ଦରମାରେ ତାରତମ୍ୟ ଦୂର କରିବା, କ୍ୟାଡର ରିଷ୍ଟ୍ରକଚରିଂ କରି ୦୧.୦୪.୨୦୧୫ ପୂର୍ବରୁ ଲାଗୁ କରିବା, ବେଆଇନ୍ ଭାବେ କରିଥିବା ଚାକିରୀ ସର୍ତ୍ତାବଳୀକୁ ବାତିଲ କରିବା, ନୂତନ ମଜୁରୀ ନିର୍ଦ୍ଧାରଣ ୦୧.୦୪.୨୦୨୦ ରୁ ଲାଗୁ କରିବା, ସମସ୍ତ ଦରମାଗତ ଅସଙ୍ଗତକୁ ଦୂର କରିବା, ୨୫୩୦ ଏବଂ ୩୩୩୦ ଗ୍ରେଡ୍ ପେ ହଟାଇବା, କର୍ମଚାରୀଙ୍କୁ ଫ୍ରୀ ବିଦ୍ୟୁତ ବା ବିଦ୍ୟୁତ ଭତ୍ତା ପ୍ରକାଶ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ ଶରତ ଚନ୍ଦ୍ର ସାହୁ, ଭଗବାନ ଛତ୍ରିଆ, ପରମେଶ୍ୱର ବେହେରା, ଦୁର୍ଗାମାଧବ ପଣ୍ଡା, ଭବାନୀ ଶଙ୍କର ସାହୁ, ପୂର୍ଣ୍ଣଚନ୍ଦ୍ର ମାଝୀ, ଭକ୍ତ ଚରଣ ତାଣ୍ଡି, ନିଗମାନନ୍ଦ ଦାସ, ଭବାନୀଶଙ୍କର ସାହୁ, ମଣ୍ଟୁ ରଣା, ବିଶିକେଶନ ଭୋଇ, ମନୋଜ କୁମାର ସାହୁ, ଅଖିଳ କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ବାଗ, ସୁବ୍ରତ କୁମାର ସାହୁ, ଅଜୟ କୁମାର ସିଂ, ମନୋଜ କୁମାର ମିଶ୍ର ଓ ଅନ୍ୟାନ୍ୟ ଶ୍ରମିକ ନେତା ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉପାନ୍ତରେ କନ୍ଦାଉଛି ନେଟ୍‌ୱର୍କ

କୋକସରା, (ଭାସ୍କର ନ୍ୟୁଜ୍): ମୋବାଇଲ ଅଛି ହେଲେ ନେଟ୍‌ୱର୍କ ନାହିଁ। କଲ୍ ଯାଉନି କି କଲ୍ ବି ଆସୁନି। '୫-ଜି' ଜମାନାରେ '୨-ଜି' ତ ଦୂରର କଥା ଲୋକେ ଟାୱାରଟିଏ ବି ପାଇ ପାରିନାହାନ୍ତି। ନେଟ୍‌ୱର୍କ ନଥିବାରୁ ଯୋଗାଯୋଗ, ଆମ୍ବୁଲାନ୍ସ କିମ୍ବା ଅନଲାଇନ୍ ପଠପଢ଼ା ମଧ୍ୟ ହୋଇପାରୁନି। ଏମିତି ଏକ ଚିତ୍ର ଦେଖିବାକୁ ମିଳୁଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦରମ ହକୁମା ଠାରୁ ପ୍ରାୟ ୧୮ କିମି ଦୂରରେ ଥିବା ଉପାନ୍ତ ଅଞ୍ଚଳ ଖଲିଗଡ଼ ଗ୍ରାମରେ। ଏହି ଗାଁରେ ପ୍ରାୟ ୨୫ ଶହରୁ ଉର୍ଦ୍ଧ୍ୱ ଜନ ସଂଖ୍ୟା ରହିଥିବାବେଳେ ପ୍ରାୟ ସମସ୍ତଙ୍କ ଘରେ ମୋବାଇଲ ରହିଛି। ହେଲେ ଅନେକ ଦାବି ସତ୍ୱେ ଆଜି ପର୍ଯ୍ୟନ୍ତ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ। ଗାଁରେ ନେଟ୍‌ୱର୍କ ନଥିବା ଯୋଗୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ କାହାରି ପ୍ରସବ ଯନ୍ତ୍ରଣା ହେଲେ ଆମ୍ବୁଲାନ୍ସକୁ ଫୋନ୍ କରିବା ପାଇଁ ହେଲେ ୩କିମି ଦୂର ବାଟକୁ ଯିବାକୁ ପଡ଼େ। ନଚେତ ଗଛ ଉପରେ ବିପଦପୂର୍ଣ୍ଣ ଭାବରେ ଚଢ଼ି ଯିବାସହ ନେଟ୍‌ୱର୍କ ଆସିବା ସ୍ଥାନରେ ପଥର ରଖି ଚିହ୍ନଟ କରିଥିବା ଲୋକେ କହିଛନ୍ତି। ଗାଁରେ ଆମ୍ବୁଲାନ୍ସ ପହଞ୍ଚିଲେ ଡ୍ରାଇଭର ଫୋନ୍ ନଲାଗିବାରୁ ଅନେକ ହଇରାଣ ମଧ୍ୟ ହୁଅନ୍ତି। ଏଥିପାଇଁ ଲୋକ ଗାଁ ମୁଣ୍ଡରେ ଆମ୍ବୁଲାନ୍ସକୁ ଜଗି ରୁହନ୍ତି। ଖାଲି ସେତିକି ନୁହେଁ ନେଟ୍‌ୱର୍କ ଅସୁବିଧା ଯୋଗୁଁ ଗଛ ଓ ପାହାଡ଼ ଉପରେ



ଚଢିଲେ ମଧ୍ୟ ଠିକ୍ ହିସାବରେ ମୋବାଇଲର ସିଗନାଲ୍ ମଧ୍ୟ ଆସେନାହିଁ। ତେଣୁ ସରକାରୀ କାମରେ ବି ନାକେଦମ ହେଉଛନ୍ତି ସରକାରୀ କର୍ମଚାରୀ। ଏମିତି କି ଶିକ୍ଷକଙ୍କୁ ଏମ୍‌ଡିଏମ୍ ରିପୋର୍ଟ ଦେବା ପାଇଁ ହେଉ କି ଅଙ୍ଗନୱାଡି କର୍ମୀ ପ୍ରତିଦିନ ସରକାରଙ୍କୁ ରିପୋର୍ଟ ପ୍ରଦାନ ପାଇଁ ହେଉ। ଅଥବା ସୁଖ, ଦୁଃଖ, ଭଲ ମନ୍ଦରେ ବି ଗାଁ ବାହାରେ ଥିବା ନିଜ ପରିବାର ତଥା ସମ୍ପର୍କୀୟ ସହ ଭଲରେ ସମ୍ପର୍କ ମଧ୍ୟ ହୋଇପାରୁ ନାହିଁ। ଗାଁ ଲୋକେ ବାରମ୍ବାର ମୋବାଇଲ ଟାୱାର ସ୍ଥାପନ ପାଇଁ ନେତା ଠାରୁ ଆରମ୍ଭ କରି ପ୍ରଶାସକ ସମସ୍ତଙ୍କୁ ଦାବି କରିବା ସତ୍ୱେ ମଧ୍ୟ କାହାରି ନଜର ପଡିନାହିଁ। ଗାଁ ଲୋକ ଟାୱାର ଟିଏ ବସାଇବା ପାଇଁ ଅନେକ ସମୟରେ ଠକାମିର ଶୀକାର ମଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି। ଏଣେ ଗାଁରେ ବିଏସ୍ଏନ୍ଏଲ୍ ୪ଜି ନେଟ୍‌ୱର୍କ ବସାଇବାକୁ ସରକାର ପକ୍ଷରୁ ଜାଗ ଚିହ୍ନଟ ମଧ୍ୟ ହୋଇଛି। ହେଲେ ଏହାରି ଭିତରେ ଅନେକ ଦିନ ବିତିଗଲାଣି ଅଥଚ ଗାଁରେ ନେଟ୍‌ୱର୍କ ସ୍ଥାପନା ପାଇଁ କାଣିଚାଏ ମଧ୍ୟ କାମ ଆରମ୍ଭ ହୋଇନାହିଁ। ଏପଟେ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ନିକଟରେ ରହିଥିବାବେଳେ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ଲୋକେ ଖଲିଗଡ଼ ଗାଁ ମୁଣ୍ଡରେ ପହଞ୍ଚିବା ପରେ ନେଟ୍‌ୱର୍କ ସେବା ବ୍ୟାହତ ହେବା ଯୋଗୁଁ ନିଜ ପରିବାର ସହିତ ଯୋଗାଯୋଗରେ ବିଚ୍ଛିନ୍ନ ହୋଇଥାଏ। ତେଣୁ ପରିବାର ଲୋକେଙ୍କ ସହିତ ଯୋଗାଯୋଗ ନହେଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଏହି ରାସ୍ତା ଦେଇ ଯାତାୟତ କରୁଥିବା ପର୍ଯ୍ୟଟନମାନେ ପ୍ରକାଶ କରିଛନ୍ତି। ଏହି ଟାୱାର ବିହୀନ ଖଲିଗଡ଼ ଗ୍ରାମରେ ବସବାସ କରୁଥିବା ଗ୍ରାମବାସୀ ମୋବାଇଲ ଟାୱାର ସମସ୍ୟାକୁ ନେଇ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତି ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ କରାଯିବାର ସରକାରଙ୍କ ଲକ୍ଷ ରହିଥିବାବେଳେ ଖଲିଗଡ଼ ଭଳି ବ୍ଲକ୍‌ର ଅନେକ ଗ୍ରାମରେ ଇଣ୍ଟରନେଟ ତ ଦୂରର କଥା ମୋବାଇଲ ସିଗ୍ନାଲ ମଧ୍ୟ ସାତ ସପନ ହୋଇପଡିଛି। ଏଣୁ ସରକାର ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ନେଟ୍‌ୱର୍କ ସମସ୍ୟା ଦୂର କରିବା ପାଇଁ ଖଲିଗଡ଼ ଗ୍ରାମବାସୀ ଦାବି କରିଛନ୍ତି।

## ଏନ୍ଏଚ୍ କଡ଼ରେ ଜମୁଛି ତାଳ ବେପାର

କେସିଙ୍ଗା, (ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ଖରାରେ ସିଝୁଛି ସାରା ରାଜ୍ୟ। ସକାଳ ୮ଟାରୁ ଖରାର ପ୍ରକୋପ ବଢୁଥିବା ବେଳେ ଅପରାହ୍ନ ପର୍ଯ୍ୟନ୍ତ ଘରୁ ବାହରିବା ଏକ ପ୍ରକାର ମୁସ୍କିଲ ହୋଇପଡିଛି। କେସିଙ୍ଗା–ଭବାନୀପାଟଣାକୁ ସଂଯୋଗ ହୋଇଥିବା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଲୋକେ ତାଳ ବେପାର ଜମାଇଥିବା ଦେଖିବାକୁ ମିଳିଛି। ଭବାନୀପାଟଣା ସହର ସମେତ ସମସ୍ତ ଅଞ୍ଚଳରେ ମଧ୍ୟ ଖରାର ପ୍ରକୋପରେ ଘାଣ୍ଟି ହେଉଛନ୍ତି ଲୋକେ। ଏମିତି କି ଖରାର ତାତିରେ ମଧ୍ୟାହ୍ନ ସମୟରେ ସାରା ସହର



ଗୁଡିକ ଖାଁ ଖାଁ ହୋଇଯାଉଥିବା ବେଳେ ଥଣ୍ଡା ପାନୀୟ ବେପାର ମଧ୍ୟ ବେଶ ଜମିବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହର ପ୍ରକୋପରେ ଏବେ ସାରା ସହର ସମେତ ପୁରା ଜିଲ୍ଲା ସିଝୁଛି। ଦିନ ୧୦ ବାଜିଗଲେ ଏକ ପ୍ରକାର ସହର ଖାଁ ଖାଁ ପାଲଟିଯାଉଛି। ଘରୁ ବାହରିବା ଏକ ପ୍ରକାର ମଧ୍ୟ କଷ୍ଟକର ହୋଇପଡୁଛି। ତଥାପି ଜରୁରୀ କାର୍ଯ୍ୟରେ ଲୋକେ ଘରୁ ବାହରିବାକୁ ହେଲେ ଛତା ଓ ମୁଣ୍ଡରେ ଚାଦର ଘୋଡାଇ ବାହାରୁଥିବାର ଦେଖିବାକୁ ମିଳୁଛି। ତଥାପି ବାହାରକୁ ବାହରିଲେ ମୁଣ୍ଡରେ ଓଦା ଚାଦର ପକାଇ ବାହାରିଥାଉ। ଆଉ ବାଟରେ ଆଖୁରସ, ଲେମ୍ବୁ ସରବତ ପିଇ ଫେରିବାକୁ ପଡୁଛି। ଅନ୍ୟପଟେ କିନ୍ତୁ ଖରାର ପ୍ରକୋପ ବୃଦ୍ଧି ଅନୁସାରେ ମଧ୍ୟ ବଢିବାରେ ଲାଗିଛି ଥଣ୍ଡାପାନୀୟ ବେପାର। ଉଦଉଦିଆ ଖରାରେ ଆଖୁରସ, ତରଭୁଜ ଓ ତାଳକୁ ଲୋକେ ଆପଣାଉଥିବା ଦେଖିବାକୁ ମିଳିଛି। ଖରାର ପ୍ରକୋପକୁ ନେଇ ଆଖୁରସ ସାଙ୍ଗକୁ ତାଳ ଭଳି ବେପାର ମଧ୍ୟ ବେସ ଜମିଥିବା ନେଖିବାକୁ ମିଳିଛି। ଅନ୍ୟପଟେ କିନ୍ତୁ ପ୍ରଚଣ୍ଡ ଖରାକୁ ଖାତିର ନ କରି ଦିନ ଦ୍ୱିପ୍ରହରରେ କେସିଙ୍ଗା–ଭବାନୀପାଟଣାକୁ ସଂଯୋଗ ହୋଇଥିବା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଲୋକେ ତାଳ ବେପାର ଜମାଇଥିବା ଦେଖିବାକୁ ମିଳିଛି।

## ପିଚୁ ପ୍ଲାଣ୍ଟ ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି



ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ରୁପ୍ରାରୋଡ ପଞ୍ଚାୟତ ଲାଖଗୁଡା ଗ୍ରାମ ନିକଟରେ ଏକ ପିଚୁ ପ୍ଲାଣ୍ଟ ପ୍ରାୟ ଚାରି ବର୍ଷରୁ ଅଧିକ ହେବ ପିଚୁ ତିଆରି କରି ନିଜ ଠିକା କାମ ସହିତ ଅନ୍ୟଙ୍କୁ ବିକି ବ୍ୟବସାୟ କରୁଛନ୍ତି ଜଣେ ଠିକାଦାର। ଠିକାଦାର ଜଣକ ହେଲେ ଲାଠୋରର ଆକାଶ ଅଗ୍ରୱାଲ। ପରିପାର୍ଶ୍ୱିକ ଦୃଷ୍ଟିରୁ ପ୍ଲାଣ୍ଟକୁ ଲାଗି ଲାଖଗୁଡା ଗ୍ରାମ, ସମ୍ମୁଖରେ ସାନ୍ଦୁଲ ନଦୀ, ନିକଟରେ ଐତିହ ଦୁର୍ଗ ଅସୁରଗଡ ୫୦ଫୁଟ ଦୂରତ୍ୱରେ ମୁଖ୍ୟ ରାସ୍ତା ଯାହାକି ପିଚୁ ପ୍ଲାଣ୍ଟ ହେବାପାଇ ଯୋଗ୍ୟ ନୁହେଁ। ହେଲେ ତିନିରୁ ଚାରି ବର୍ଷ ହେବ ସ୍ଥାନୀୟ ଲୋକେ ଏହାପ୍ରତି ଆପତ୍ତି କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏଣୁ ଲୋକ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ପ୍ଲାଣ୍ଟରୁ ନିର୍ଗତ ଧୂଆଁ ଯୋଗୁ ଦୁର୍ଗନ୍ଧ ଓ ଅନ୍ଧାର ଯୋଗୁଁ ଲୋକେ ଅତିଷ୍ଠ ହୋଇ ପଡିଥିବା ବେଳେ ପ୍ଲାଣ୍ଟରେ ଗଚ୍ଛିତ ଥିବା ବଜ୍ରି ଓ ଡଷ୍ଟ ଉଡି ଲୋକଙ୍କ ନାକ, କାନ, ଆଖିରେ ପଡି ଲୋକେ ରୋଗାକ୍ରାନ୍ତ ସହିତ ଚାଷ ଜମି ନଷ୍ଟ ହେବାକୁ ଲାଗିଛି। ଏହା ନେଇ ଠିକାଦାର ଆକାଶ ଅଗ୍ରୱାଲଙ୍କୁ କହିବାରୁ ମୋ ନିକଟରେ ପୋଲୁସନ ସାର୍ଟିଫିକେଟ ଅଛି ବୋଲି ପ୍ରକାଶ କରିଥିଲେ। ଅନ୍ୟପଟରେ ସ୍ଥାନୀୟ ସରପଞ୍ଚ ହେମନ୍ତ ଭୋଇ ଓ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଣାଙ୍କୁ ପଚାରିବାରୁ କୌଣସି ଏନ୍ଓସି ଦିଆଯାଇ ନାହିଁ ବୋଲି ପ୍ରକାଶ କରିଥିଲେ। ଯାହାକି ପୋଲ୍ୟୁସନ ସାର୍ଟିଫିକେଟ ସ୍ଥାନୀୟ ପଞ୍ଚାୟତର ଅନୁମତି ବିନା ମିଳିବା ଅସମ୍ଭବ ଓ ଯଦି ଅଛି ତାହା ହେଲେ କେଉଁ ବଳବତ୍ତରରେ ସେ ପାଇଛନ୍ତି ବୋଲି ପ୍ରଶ୍ନ ଉଠୁଛି। ଏହି ଜମିରେ ପିଚୁ ପ୍ଲାଣ୍ଟର ପରିମିଶନ ନଥିବାବେଳେ ରୁପ୍ରାରୋଡ ଜମି ମାଲିକ କେଉଁ ପ୍ରକାରରେ ପିଚୁ ପ୍ଲାଣ୍ଟ ବସାଇବା ପାଇଁ ଅନୁମତି ଦେଲେ ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି। ଏହା ବ୍ୟତୀତ ଏହି ପ୍ଲାଣ୍ଟ ନିକଟସ୍ଥ ସାନ୍ଦୁଲ ନଦୀରେ ଏକ ବ୍ରିଜ୍ ନିର୍ମାଣ କରୁଛନ୍ତି ଯାହାକି ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଥିବା ବେଳେ ଅବୈଧ ବ୍ଲାଷ୍ଟିଂ କରି ମାଛମାରୁଥିବା ବେଳେ ନଦୀ ପାଣି ଦୂଷିତ ହେଉଥିବାରୁ ପାନୀୟ ଜଳ ଓ ଗାଧୋଇବାପାଇ ଅନୁପଯୋଗୀ ବୋଲି ଅଭିଯୋଗ ହେଉଛି। ଏହା ନେଇ ସ୍ଥାନୀୟ ଲୋକେ ନିଜର ଅଧିକାର ପାଇଁ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ଆଲୋଚନା ହେଉଛି। ତା' ସହିତ ଆଦିସ୍କନ୍ଧ ସମାଜର ଦେବରାଜ ମାଝୀ ଏକ ଲିଖିତ ଅଭିଯୋଗ କରିଛନ୍ତି।

## କଳାହାଣ୍ଡି କୃଷି ମହାବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ 'ଏନିମନ୍' ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆମେ ପ୍ରତ୍ୟେକ ବ୍ୟକ୍ତି ପରସ୍ପରଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ଏମିତିକି ଆମ ନିଜର ବାମହାତ ବୁଢା ଆଙ୍ଗୁଠି ଟିପ ଚିହ୍ନଠାରୁ ନିଜ ଡାହାଣ ହାତର ବୁଢା ଆଙ୍ଗୁଳି ଟିପଚିହ୍ନ ମଧ୍ୟ ଅଲଗା। ଏଣୁ ଆମେ ନିଜକୁ କାହାସହ ତୁଳନା ନ କରି ନିଜକୁ ନିଜେ ଆବିଷ୍କାର କରି ସଫଳତାର ଶୀର୍ଷରେ ପହଞ୍ଚିବା ଦରକାର ବୋଲି ସ୍ଥାନୀୟ ଓୟୁଏଟି ପରିଚାଳିତ କଳାହାଣ୍ଡି କୃଷି ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ପ୍ରକାଶ କରିଛନ୍ତି। ଗତ ନଅ ତାରିଖ ମଙ୍ଗଳବାର ଦିନ ଅପରାହ୍ନରେ କଳାହାଣ୍ଡି କୃଷି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆନେମନ୍ - ୨୦୨୩' ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୃଷି





ମହାବିଦ୍ୟାଳୟର ଡିନ୍ ପ୍ରଫେସର ସ୍ୱପନ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲାବେଳେ ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡିର ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଛାତ୍ର ୟୁନିୟନର ଉପଦେଷ୍ଟା ଡ.ଭଗବାନ କବାଟ, ୟୁନିୟନର ସଭାପତି ଫଗୁରାମ ହାଁସଦା ଓ ସମ୍ପାଦକ ଆଶୁତୋଷ ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଡିନ୍ ପ୍ରଫେସର ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲାବେଳେ ମୁଖ୍ୟଅତିଥି ଓୟୁଏଟିର ପ୍ରଫେସର ରାଉଳ ଛାତ୍ରଛାତ୍ରୀମାନଙ୍କୁ ସମୟାନୁବର୍ତ୍ତୀ ହେବାପାଇଁ ଉପଦେଶ ଦେଇଥିଲେ। ସେ କହିଥିଲେ ବିଦ୍ୟାର୍ଥୀର ସମୟ ଉପଭୋଗର ସମୟ ନୁହେଁ ବରଂ ଏହା ଉଦ୍‌ଯୋଗର ସମୟ। ତେଣୁ ସମୟର ମୂଲ୍ୟ ସମସ୍ତେ ଉପଲବ୍ଧ କରିବା ଦରକାର। ଏହି ଅବସରରେ ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ସାହୁ ସମଗ୍ର ବିଶ୍ୱ ଏକ ସଙ୍କଟମୟ ସମୟ ଭିତର ଦେଇ ଗତି କରୁଛି ପାଣିପାଗର ପରିବର୍ତ୍ତନ ଏବେ ସମସ୍ତଙ୍କ ପାଇଁ ବିଷମ ସମସ୍ୟା ସୃଷ୍ଟି କରିଛି ତେଣୁ ସେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣ ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ମୁଖପତ୍ର 'ଭାସ୍ୱତୀ'କୁ ଅତିଥିମାନେ ଏହି ଅବସରରେ ଉନ୍ମୋଚନ କରିଥିଲେ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ର ୟୁନିୟନର ସମ୍ପାଦକ ଆଶୁତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚ କାର୍ଯ୍ୟକ୍ରମକୁ ଛାତ୍ରୀ ଦିବ୍ୟା ମିଶ୍ର ଓ ଛାତ୍ର ଶୁଭ୍ରଜିତ୍ ଷଡଙ୍ଗୀ ସଂଯୋଜନା କରିଥିଲାବେଳେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡିକୁ ରିତିକା ପାଣିଗ୍ରାହୀ, ଭେଲେଣ୍ଟିନା ପଟ୍ଟନାୟକ, ଲିଜା ଆଚାର୍ଯ୍ୟ, ସୁଦୀପ୍ତା ମହାପାତ୍ର, ମୃତ୍ୟୁଞ୍ଜୟ ଖଟୁଆ ପ୍ରମୁଖ ସଂଯୋଜନା କରିଥିଲେ।

## ରାଶିଫଳ

ଗୁରୁବାର, ୧୧ ମଇ ୨୦୨୩



**ମେଷ:** ଆଜି ଆପଣଙ୍କୁ କୌଣସି ପ୍ରକାରେ ସମ୍ମାନିତ କରାଯିବାର ସମ୍ଭାବନା ଅଛି। ଆଜି ପତ୍ନୀଙ୍କ ପକ୍ଷରୁ ଉତ୍ତମ ସହଯୋଗ ପ୍ରାପ୍ତ ହୋଇପାରେ। ରାତ୍ରି ସମୟ ଆମୋଦ-ପ୍ରମୋଦରେ ବିତିବ। ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧ୍ୟାତ୍ମିକତା ଆଡ଼କୁ ଧ୍ୟାନ ରହିବ। ଅଚାନକ ଧନ ଲାଭ ହେବ। ନୂଆ କାର୍ଯ୍ୟ ଆରମ୍ଭ କରନ୍ତୁ।



**ବୃଷ:** ଆଜିର ଦିନ ଆପଣ ବ୍ୟସ୍ତ ରହିବେ। ଅଧିକ ଦୌଡ଼ଦୌଡ଼ି କରିବାରେ ସାବଧାନ ରୁହନ୍ତୁ। ରହିଯାଇଥିବା କାର୍ଯ୍ୟଗୁଡ଼ିକ ପୂରଣ ହେବ। କୌଣସି କାମରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ହୃଦୟ ଖୋଲିକରି ଆଗକୁ ଚାଲନ୍ତୁ ଭରପୂର ଲାଭ ମିଳିବ। ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। ଧନ ଲାଭ ହେବ।



**ମିଥୁନ:** ଆଜି ଆପଣ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ। ସାମାଜିକ କ୍ରିୟା କଳାପରେ ବ୍ୟବଧାନ ଆସିପାରେ। କିଛି ଅକସ୍ମାତ୍ ଲାଭ ହେବାରୁ ଆପଣଙ୍କ ଧର୍ମ, ଆଧ୍ୟାତ୍ମ ପ୍ରତି ରୁଚି ସୁଦୃଢ଼ ହେବ। ସନ୍ତାନମାନଙ୍କ ପକ୍ଷରୁ ହର୍ଷବର୍ଦ୍ଧକ ସମାଚାର ମିଳିବ। ଆଜି ଆପଣଙ୍କ ଅଧୂରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।



**କର୍କଟ:** ଭାଗ୍ୟ ଦୃଷ୍ଟିରୁ ଆଜିର ଦିନ ଉତ୍ତମ ରହିବ। ଆପଣଙ୍କ ପରିଶ୍ରମର ଫଳ ଭଲ ମିଳିବ। ଆପଣ ନିଜର ମାନମର୍ଯ୍ୟାଦା ଏବଂ ଆମୋଦ ପ୍ରମୋଦ ପାଇଁ ଧନ ଖର୍ଚ୍ଚ କରିବେ। ଯେଉଁଥିରେ ଆପଣଙ୍କ ପାଖରେ ଥିବା ଶତ୍ରୁର ବ୍ୟଥା ବଢ଼ାଇବ। ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ। ସ୍ୱାସ୍ଥ୍ୟରେ ଅଭିଯୋଗ ମଧ୍ୟ ରହିବ। ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ।



**ସିଂହ:** ଆଜିର ଦିନରେ ମିଶ୍ରିତ ଫଳ ମିଳିବ। ଶ୍ୱଶୁରଘର ପକ୍ଷରୁ ଆଜି ଅସନ୍ତୋଷର ସଂକେତ ମିଳିବ। ମଧୁର ବାଣୀର ପ୍ରୟୋଗ କରନ୍ତୁ ଅନ୍ୟଥା ସମ୍ବନ୍ଧ ଖରାପ ହୋଇପାରେ। ଯଦି ନେତ୍ର ସମ୍ବନ୍ଧିତ କୌଣସି କଷ୍ଟ ଅଛି ତେବେ ସେଥିରେ ସୁଧାର ହେବା ନିଶ୍ଚିତ ଅଟେ। ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ। ଶାରୀରିକ ଏବଂ ମାନସିକ ଅସୁସ୍ଥତା ଅନୁଭବ କରିବେ।



**କନ୍ୟା:** ଆଜି ଆପଣଙ୍କମଧ୍ୟରେ ନିର୍ଭୀକତାର ଭାବ ରହିବ ତଥା ସାହସ ପୂର୍ବକ ନିଜର କଠିନ କାର୍ଯ୍ୟ ଗୁଡ଼ିକ ସମ୍ପନ୍ନ କରିବାରେ ସକ୍ଷମ ରହିବେ। ଆପଣଙ୍କୁ ନିଜର ମାତା-ପିତାଙ୍କର ସୁଖ ସହଯୋଗ ଯଥେଷ୍ଟ ରୂପରେ ପ୍ରାପ୍ତ ହେବ। ବ୍ୟର୍ଥ ବ୍ୟୟର ଯୋଗ ମଧ୍ୟ ଅଛି। ବ୍ୟାପାରରେ ଧନ ଲାଭ ହେବ। କାର୍ଯ୍ୟରେ ସଫଳତା ମିଳିବ। ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ।



**ତୁଳା:** ଆଜିର ଦିନ ଆପଣଙ୍କପାଇଁ ଶୁଭ ଫଳଦାୟୀ। ଆପଣ ଅନ୍ୟମାନଙ୍କର ହୃଦୟଭରି ସେବା ମଧ୍ୟ କରିବେ। ଆଜି ନୂଆ କାର୍ଯ୍ୟଗୁଡ଼ିକ ଯଦି କରିବାକୁ ପଡ଼େ ତେବେ ଶୁଭ ରହିବ। ଆପଣ ଜିଦ୍ଦୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ। ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ।



**ବିଛା:** ଆଜି ଆପଣଙ୍କ ମନ ଅଶାନ୍ତ ଏବଂ ଚିନ୍ତିତ ରହିବ। ଯଦି କୌଣସି ବାଦ ବିବାଦ ଲମ୍ବିତ ଅଛି ତେବେ ସେଥିରେ ସଫଳତା ମିଳିବାର ସଂପୂର୍ଣ୍ଣ ସମ୍ଭାବନା ଅଛି। ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ। ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ। ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ। ଆର୍ଥିକ ଲାଭ ହେବ ଏବଂ ଆନନ୍ଦଦାୟକ ସମାଚାର ପ୍ରାପ୍ତ ହେବ। ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ।



**ଧନୁ:** ଆଜି ଆପଣଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନର ବୃଦ୍ଧି ହେବ। ଭାଗ୍ୟର ମଧ୍ୟ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସନ୍ଧ୍ୟା କାଳରୁ ନେଇକରି ରାତ୍ରି ପର୍ଯ୍ୟନ୍ତ ପେଟର ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ସାବଧାନ ରୁହନ୍ତୁ ତଥା ଖାଇବା ପିଇବା ଉପରେ ନିୟନ୍ତ୍ରଣ ରଖନ୍ତୁ। ପାରିବାରିକ ସଦସ୍ୟମାନଙ୍କ କାରଣରୁ ମନ ଦୁଃଖୀ ହେବ। ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି। କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ। ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ।



**ମକର:** ଆଜି ଆପଣଙ୍କୁ ମୂଲ୍ୟଯୁକ୍ତ ବସ୍ତୁ ପ୍ରାପ୍ତି ଯୋଗ ରହିବ। ବ୍ୟବସାୟରେ ମନ ଲାଗିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। କୌଣସି ନୂଆ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ଅବଶ୍ୟ କରନ୍ତୁ, ଭବିଷ୍ୟତରେ ଲାଭ ହେବ। ସାମାଜିକ କ୍ଷେତ୍ରରେ ଚାକିରି ଏବଂ ଅନ୍ୟ କ୍ଷେତ୍ରରେ ଲାଭଦାୟକ ରହିବ। ବୈବାହିକ ସମସ୍ୟା ଦୂର ହେବ।



**କୁମ୍ଭ:** ଆଜିର ଦିନ ବୁଦ୍ଧି ବିବେକରେ ନୂଆ-ନୂଆ ଖୋଜ କରିବାରେ କଟିବ। ଆପଣ ସୀମିତ ଏବଂ ଆବଶ୍ୟକତାନୁସାରେ ହିଁ ବ୍ୟୟ କରନ୍ତୁ। ସାଂସାରିକ ସୁଖ ଭୋଗ, ଚାକରମାନଙ୍କର ସୁଖ ସମ୍ପୂର୍ଣ୍ଣ ରୂପରେ ମିଳିବ। ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ରହିବ। ଧନ ପ୍ରାପ୍ତି ଏବଂ ପ୍ରମୋଶନର ଯୋଗ ଅଛି।



**ମୀନ:** ଆଜି ଶୁଭଗ୍ରହ ସ୍ଥିତି କାରଣରୁ ବହୁତ ସମୟରେ ଲଟକି ରହିଥିବା ବିବାଦର ସମାଧାନ ହେବ। ଖୁସିମିଜାଜ ବ୍ୟକ୍ତିତ୍ୱ ହେବାର କାରଣରୁ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ସମ୍ବନ୍ଧ ବନାଇବା ପାଇଁ ଚେଷ୍ଟା କରିବେ। ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ। ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଭିଯୋଗ ରହିବ। ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନୀପୂର୍ବକ କାର୍ଯ୍ୟ କରିବେ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର




ତାଳଚେର (ଭାସ୍କର ନ୍ୟୁଜ୍): ଏକ ମିଳିତ ଟିମ୍ ଗଠନ କରାଯାଇ ଗତକାଲି ରାତ୍ରୀରେ ତାଳଚେର ଅଞ୍ଚଳର ମୁଖ୍ୟ ହାଟତୋଟା ସ୍ଥିତ ଧରିତ୍ରୀ ଜୁଏଲର୍ସ ସୁନା ଦୋକାନ ଉପରେ ଚଢ଼ାଉ କରାଯାଇ କାଗଜପତ୍ର ଜାଞ୍ଚ କରାଯାଇଥିଲା ଓ ଏଥିରେ ତୃଟି ରହିଥିବାରୁ ୧୦ହଜାର ଟଙ୍କାର ଉକ୍ତ ଦୋକାନକୁ ଜୋରିମନା ଆଦାୟ କରାଯାଇଥିଲା ବୋଲି ସ୍ଥାନୀୟ ଓଜନମାପ ଅଧିକାରୀ ଏହା ପ୍ରକାଶ କରିଛନ୍ତି । ଏଥି ସହିତ ହାଟତୋଟା ଅଞ୍ଚଳରେ ରହିଥିବା ଏସଏସମାର୍ଟ ଓ ବିଭିନ୍ନ ଫାଷ୍ଟଫୁଡ୍ ଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇ ଅପମିଶ୍ରିତ ବାସିଖାଦ୍ୟ ଓ ଏକ୍ସପ୍ୟାରୀ ଡ଼େଟ୍ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ବିଭିନ୍ନ ତଥ୍ୟକୁ ନେଇ ଜୋରିମନା ଆଦାୟ କରାଯାଇଥିଲା। ତାଳଚେର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଫୁଡ଼ଆଣ୍ଡ ସପ୍ଲାଇ, ଓଜନମାପ, ଅବକାରୀ ପୋଲିସ୍‌ଙ୍କ ମିଳିତ ଉଦ୍ୟମରେ ଓ ଆଗାମୀ ଦିନରେ ଯୋରଦାର ଚଢ଼ାଉ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି ।



## ବେଆଇନ୍ ମାଟି ଚାଲାଣ, ୮୦ ହଜାର ଡଣ୍ଡ ଗଣିଲେ




ବାଲିପାଟଣା (ଭାସ୍କର ନ୍ୟୁଜ୍): ବେଆଇନ୍ ମାଟି ଚାଲାଣ ହେଉଥିବା ଅଭିଯୋଗ ପରେ ବାଲିପାଟଣା ତହସିଲ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବେଆଇନ୍ ମାଟି ଚାଲାଣ ସ୍ଥାନ ରେ ଚଢାଉ କରି ଫାଇନ୍ ଆଦାୟ କରିବା ସହିତ ସେହି ସ୍ଥାନରୁ ମାଟି ଖୋଳିବା ବ୍ୟାନ୍ କରାଯାଇଥିବା ତହସିଲ୍ ? ପକ୍ଷରୁ ସୂଚନା ମିଳିଛି। ଏହି ଅନୁକ୍ରମରେ ବାଲିପାଟଣା ତହସିଲ ଅଧୀନସ୍ଥ ରାଜସ ଗରିଆ ଅଞ୍ଚଳରୁ ଆଜି ବେଆଇନ୍ ମାଟି ଉଠାଣ ନେଇ ଅଭିଯୋଗ ହେବା ପରେ ବାଲିପାଟଣା ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମାଟି ଉଠାଉଥିବା ଜିସିବିକୁ ଜବତ କରିବା ସହିତ ଜେସିବି ମାଲିକ ଙ୍କ ଠାରୁ ୮୦ ହଜାର ଟଙ୍କା ଫାଇନ୍ ଆଦାୟ କରିଥିବା ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ମଲ୍ଲିକ ସୂଚନା ଦେଇଛନ୍ତି। ଚଢାଉ ବେଳେ ସୁପରଭାଇଜର କାଳନ୍ଦୀ ନାୟକ, ଆଇତଲଙ୍ଗ ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ବେହେରା ଏବଂ ଅଦଲାବାଦ ରାଜସ୍ୱ ନିରୀକ୍ଷକ ବସନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ଫାଇନ୍ ? ଆଦାୟ କରିବା ପରେ ଉକ୍ତ ଜେସିବି ମେସିନ୍‌କୁ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ତିହିଡ଼ି ବ୍ଲକରେରେ ଖରିଫ୍ ଧାନ ଚାଷର ପାଇଁ ୨୦ହଜାର ହେକ୍ଟର ଲକ୍ଷ୍ୟ

# ପ୍ରତିକୂଳ ପାଗକୁ ନେଇ ଚିନ୍ତାରେ ଚାଷୀକୂଳ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ବ୍ଲକରେ ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୨୦ହଜାର ହେକ୍ଟର ଜମିରେ ଲକ୍ଷ୍ୟ ରଖାଯାଇଛି। ତେବେ ପାଗର ର୍ପତିକୂଳ ଅବସ୍ଥା ପାଇଁ ଚାଷୀକୂଳ ଚିନ୍ତାରେ ପଡ଼ି ଯାଇଛନ୍ତି। ପାଗ ଅନୁସାରେ ଠିକ୍ ସମୟରେ ତଳି କିମ୍ବା ବୁଣା ହୋଇ ପାରୁନଥିବାରୁ ଖରିଫ ଚାଷରେ ବାଧା ସୃଷ୍ଟି ହେବ ବୋଲି ଆଶଂକା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଚାଷୀ ସରକାରୀ ବିହନ ପାଇ ପାରିନଥିବା ବେଳେ ହଜାର ହଜାର ହେକ୍ଟର ଜମି ପଡ଼ିଆ ପଡ଼ି ରହିଛି। ବ୍ଲକର ଅଧିକାଂଶ ଲୋକ ଖରିଫ ଚାଷ ଉପରେ ନିର୍ଭର କରିଥାନ୍ତି। ତେବେ ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଜଳସେଚନର ବ୍ୟବସ୍ଥା ନଥିବାରୁ ସେହିସବୁ ପଞ୍ଚାୟତର ଚାଷୀମାନେ ଧାନଚାଷ ପାଇଁ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ତେବେ ଅକ୍ଷୟ ତୃତୀୟା ଠାରୁ



ଚାଷ ଅନୁକୂଳ ହୋଇଥିଲେ ମଧ ଅଦ୍ୟାବଧି ଚାଷୀ ତଳି କିମ୍ବା ବୁଣା କରି ପାରିନାହାନ୍ତି। ଅନିୟମିତତା ବର୍ଷା ପାଇଁ ଚାଷୀ ଘରୁ ବିହନ ମୁଠେ ବାହାର କରିବା ସମ୍ଭବ ହୋଇ ପାରିନାହିଁ। ମୋଟ ୨ହଜାର ହେକ୍ଟର ଜମିରେ ଧାନ ତଳି ପଡିଥାଏ। ଚାଷୀମାନେ ପ୍ରାୟତଃ ବତିରି ତଳି ପକାଇବାକୁ ଆଗ୍ରହ ପ୍ରକାଶ କରିଥିବା ବେଳେ ଚଳିତ ବର୍ଷ ପ୍ରତିକୂଳ ପାଗ ପାଇଁ ଏହି ତଳି ପକାଇବା ସମ୍ଭବ ହୋଇନପାରେ। ବ୍ଲକର ବାରସର, ଗୋବିନ୍ଦପୁର, କାଁପଡା, ଶ୍ୟାମସୁନ୍ଦରପୁର ପ୍ରମୁଖ ବନ୍ୟାପ୍ଲାବିତ ପଞ୍ଚାୟତରେ ଖରାଟିଆ ହଳ କରାଯାଇ ବୁଣାଧାନ କରାଯାଇଥାଏ। ବ୍ଲକର ମୋଟ ୪ହଜାର ହେକ୍ଟର ଜମିରେ ବୁଣାଧାନ କରାଯାଇଥାଏ। ତେବେ ସେହିସବୁ ପଞ୍ଚାୟତ ବୁଣାଧାନ ଚାଷରେ ପଛେଇଯିବା ଆଶଙ୍କା ଉପୁଜିଛି। ଚାଷୀମାନଙ୍କୁ ବିହନ ଯୋଗାଇବା ପାଇଁ ସ୍ମୃତି ରଞ୍ଜନ ବିଶ୍ୱାଳ, ଆକାଶ ସିଡ୍‌ସ, ଆଲୋକ କୁମାର ଦାସ, ତାରିଣୀ ଫର୍ଟିଲାଇଜର, ଧନଲକ୍ଷ୍ମୀ ଫର୍ଟିଲାଇଜର, ଶ୍ରୀଧର ପ୍ରସାଦ ନାୟକ, ଶୁଭରଞ୍ଜନ ନାୟକ, ପୀରହାଟ ଫାର୍ମରସ୍ ପ୍ରଡ୍ୟୁସର କମ୍ପାନୀ, ଅକ୍ଷୀମୁଠି ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ, ଉତ୍କଳ ଫର୍ଟିଲାଇଜର କର୍ପୋରେସନ, ଚନ୍ଦନ କୁମାର ଗୁପ୍ତା, ଗୁପ୍ତା ଫର୍ଟିଲାଇଜରସ୍, ଆଶୀଷ କୁମାର ରାଉତ ଓ ଅଶ୍ୱିନୀ କୁମାର ମଲ୍ଲିକ ପ୍ରମୁଖ ୧୩ ଜଣ ଡିଲର ଦାୟିତ୍ୱରେ ଥିବାବେଳେ ଅଦ୍ୟାବଧି ଜଣେ ଡିଲର ବିହନ ଉଠାଇଥିବା କୃଷି ସୂଚନା ଓ ଗବେଷଣା କେନ୍ଦ୍ର ସୂତ୍ରରୁ ଜଣାଯାଇଛି। ଚଳିତ ବର୍ଷ ସ୍ୱର୍ଣ୍ଣ ସମେତ କଳାଚମ୍ପା, ହସନ୍ତ,୧୧୪୦, ପ୍ରତୀକ୍ଷା,୧୦୭୫ ଇତ୍ୟାଦି ଧାନ ଚାଷ କରାଯିବାର ଲକ୍ଷ୍ୟ ରହିଛି। ଅନଲାଇନରେ ଆବେଦନ କରିଥିବା ପଞ୍ଜିକୃତ ଚାଷୀମାନେ ଡିଲର ପାଖରୁ ବିହନ ସବସିଡରେ ପାଇବାର ବ୍ୟବସ୍ଥା ରହିଛି। ବିହନ ୨୦ କି.ଗ୍ରା ପ୍ରତି ୭୩୦ଟଙ୍କା ମୂଲ୍ୟ ରଖା ଯାଇଥିବା ବେଳେ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ଆସିଥିବା ବିହନ ୨୫୦ଟଙ୍କା ଓ ୧୦ବର୍ଷ ମଧ୍ୟରେ ଆସିଥିବା ବିହନ ୩୦୦ଟଙ୍କାର ସବ୍‌ସିଡ୍ ଚାଷୀଙ୍କୁ ମିଳିବାର ନିୟମ ରହିଛି। ଏହି ସବ୍‌ସିଡ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯିବ ବୋଲି ଜଣାପଡ଼ିଛି। ଏହିକ୍ରମରେ ଏବେ ସୁଦ୍ଧା ମୋଟ ୨୨୭ଜଣ ଚାଷୀ ବିହନ ପାଇଁ ଆବେଦନ କରିଥିବା ଜଣାଯାଇଛି। ତେବେ ଧାନ ତଳି ପକାଇବାକୁ ଆଉ ମାସେ ସମୟ ରହିଥିବା ବେଳେ ଯଦି ପାଗ ପ୍ରତିକୂଳ ଅବସ୍ଥାରେ ରୁହେ ତେବ ଚାଷୀମାନେ ଆତରା ତଳିକୁ ଭରସା କରିବେ ବୋଲି କୁହାଯାଉଛି। ଆତରା ବିହନରେ ଚାଷ ହେଲେ ଅମଳ ମଧ କମିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ରଘୁନାଥ ପତିଙ୍କୁ ପଚାରିବାରୁ ସେ କହନ୍ତି, ପାଗ ଏବେଠୁ ଶୁଖିଲା ରହିଲେ ଖରିଫ ଧାନଚାଷରେ କୌଣସି ପ୍ରତିବନ୍ଧକ ହେବ ନାହିଁ ଏବଂ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଜମିରେ ଠିକରୂପେ ଚାଷ ହୋଇପାରିବ।

## ଆର୍ଥିକ ବର୍ଷ ୨୨-୨୩ ରେ କମିଲା ରାଜସ୍ୱ ଆଦାୟ




ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ତହସିଲ୍ ପକ୍ଷରୁ ଆର୍ଥିକ ବର୍ଷ ୨୦୨୨-୨୩ ରେ ରାଜସ୍ୱ ଆଦାୟ ୩ କୋଟି ପାର୍ କରିଥିବା ଅତିରିକ୍ତ ତହସିଲ୍‌ଦାର ପର୍ଶୁରାମ ମଲ୍ଲିକ୍ ସୂଚନା ପ୍ରଦାନ କରିଛନ୍ତି। କିନ୍ତୁ ପୁର୍ବ ବର୍ଷ ଅପେକ୍ଷା ରାଜସ୍ୱ ଆଦାୟ କମ୍ ହୋଇ ହୋଇଥିବା ପୁର୍ବ ତଥ୍ୟରୁ ଜଣାପଡିଛି । ସୂଚନା ଅନୁଯାୟୀ ଜିଲ୍ଲା ମୁଖ୍ୟାଳୟ ରୁ ପ୍ରତି ବର୍ଷ ପ୍ରତ୍ୟେକ ତହସିଲ୍ କାର୍ଯ୍ୟାଳୟକୁ ରାଜସ୍ୱ ଆଦାୟ ପାଇଁ ଏକ ଧାର୍ଯ୍ୟ ମୂଲ୍ୟ କରାଯାଇଥାଏ। ଏହି ଅନୁକ୍ରମରେ ବାଲିପାଟଣା ତହସିଲ୍ ପ୍ରଶାସନକୁ ୨୦୨୦-୨୧ ରେ ପୁର୍ବ ବର୍ଷ ଧାର୍ଯ୍ୟ ମୂଲ୍ୟର ଶତକଡା ୧୧୦ % ଅର୍ଥାତ୍ ୨ କୋଟି ୨୧ ଲକ୍ଷ ୧୦ ହଜାର ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆଦାୟ ମୂଲ୍ୟ ଧାର୍ଯ୍ୟ ମୂଲ୍ୟ ର ୧୨୧.୯୦% ଅର୍ଥାତ୍ ୨ କୋଟି ୬୯ ଲକ୍ଷ ୩୯୭ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ୨୦୨୦-୨୧ ଆର୍ଥିକ ବର୍ଷର ଧାର୍ଯ୍ୟ ମୂଲ୍ୟ ର ଶତକଡ଼ା ୧୮୦% ଅର୍ଥାତ୍ ୩ କୋଟି ୯୮ ଲକ୍ଷ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆଦାୟ ଧାର୍ଯ୍ୟ ମୂଲ୍ୟର ଶତକଡ଼ା ୯୬.୮୪% ଅର୍ଥାତ୍ ୩ କୋଟି ୮୫ ଲକ୍ଷ ୪୪ ହଜାର ୮୭୨ ଟଙ୍କା ଆଦାୟ ହୋଇ ପାରିଥିଲା। ଏହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୨୦୨୧-୨୨ ଆର୍ଥିକ ବର୍ଷର ଧାର୍ଯ୍ୟ ମୂଲ୍ୟର ଶତକଡ଼ା ପ୍ରାୟ ୧୨୬% ଅର୍ଥାତ୍ ୫କୋଟି ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆଦାୟ ଧାର୍ଯ୍ୟ ମୂଲ୍ୟର ଶତକଡ଼ା ୬୪.୪୯% ଅର୍ଥାତ୍ ୩ କୋଟି ୨୨ ଲକ୍ଷ ୪୩ ହଜାର ୩୮୧ ଟଙ୍କା ଆଦାୟ ହୋଇ ପାରିଥିଲା ଯାହା ପୁର୍ବ ବର୍ଷ ଠାରୁ ଶତକଡ଼ା ୩୨.୩୫% ହ୍ରାସ ପାଇଥିବାର ସୂଚନା ମିଳିଛି । ଏହି ଆଦାୟ ମୁଖ୍ୟତ ତିନିଟି ଉତ୍ସରୁ ହୋଇଥାଏ ଯଥା ଜମି ଖଜଣା, ଖଣିଜ (ମୁଖ୍ୟତ ବାଲିଘାଟ ) ଏବଂ ଜଳ କର। ବାଲିଘାଟର ସଂଖ୍ୟା ହ୍ରାସ ପାଇଥିବା ସହିତ ଅଦିନିଆ ବର୍ଷା ମଧ ରାଜସ୍ୱ ହ୍ରାସର ମୁଖ୍ୟ କାରଣ ବୋଲି ପୁର୍ବତନ ତହସିଲ୍‌ଦାର ମୃତ୍ୟୁଞ୍ଜୟ ତ୍ରୀପାଠୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବାଲିଘାଟ ଏବେ ଲୌହ ଏବଂ ଖଣିଜ ସମ୍ପଦ ବିଭାଗକୁ ସ୍ଥାନାନ୍ତର ହେଇଯିବ ବୋଲି ଖବର ମିଳିଛି । ଏହା ଘଟିଲେ ତହସିଲ୍ ପ୍ରଶାସନର ରାଜସ୍ୱ ଆୟ ଢେର୍ କମିଯିବ।

## ଓଏମ୍‌ସି ଖଣିର ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଜନ ଶୁଣାଣି

ଯୋଡା (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡା ତଥା ବଡବିଲ ତହସିଲ ଅନ୍ତର୍ଗତ ମେସର୍ସ ଓଡିଶା ମାଇନିଂ କର୍ପୋରେସନ ଲିମିଟେଡର ସର୍ବସାଧାରଣ ଶୁଣାଣି ସଫଳ ହୋଇଥିବା ଖବର ହସ୍ତଗତ ହୋଇଛି। କେନ୍ଦୁଝର ଜିଲ୍ଲା ଜଳହରୀ ଠାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ନିକଟସ୍ତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସେମାନଙ୍କ ପରିବେଶୀୟ ମତାମତ ଉପସ୍ଥାପନା କରିଥିବା ବେଳେ କେତେକ ଗ୍ରାମବାସୀ ଲିଖିତ ଆକାରରେ ଜଣାଇ ଥିବା ଖବର ମିଳିଛି। ଜଳହରୀ, ଜୁରୁଡି, ବାଂଶବାଣୀ, ଭୋଲବେଡା ,ଜଜାଙ୍ଗ ଏବଂ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ସ୍ଥିତ ଜିଲିଂ ଲୋଙ୍ଗାଲୋଟା ଲୌହଖଣି (୪୫୬.୦୩୭ ହେକ୍ଟର (ଡିଜିପିଏସ ଅନୁଯାୟୀ) / ୪୬୫.୧୦୦ ହେକ୍ଟର (ଆର ଓ ଆର ଅନୁଯାୟୀ) ସମୁଦାୟ ଉତ୍ତୋଳନ ସହ ବର୍ତ୍ତମାନର ପ୍ରସ୍ତାବରେ ଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୬.୨୮ ମିଲିୟନ ଟନ୍‌ରୁ ୧୦ ମିଲିୟନ ଟନକୁ ବୃଦ୍ଧି ସହିତ ବିଦ୍ୟମାନ କ୍ରସିଂ ଏବଂ ସ୍କ୍ରିନିଂ ୟୁନିଟର କ୍ଷମତା ବୃଦ୍ଧି ହେବା ସହିତ ସ୍ଥାନ ପରିବର୍ତ୍ତନର ପ୍ରସ୍ତାବ ନେଇ



ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ୧୯୫୪ ପର ଠାରୁ ଜିଲିଂ ଲୋଙ୍ଗଲୋଟା ଖଣି କାର୍ଯ୍ୟକ୍ଷମ ରହିଛି। ଏହି ଖଣି ପୂର୍ବରୁ ଏସେଲ ମାଇନିଙ୍ଗ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଥିଲା । ଜାନୁଆରୀ ୨୦୨୧ରେ ଓଡ଼ିଶା ଖଣି ନିଗମ ଖଣି ଦାୟିତ୍ୱ ଗ୍ରହଣ କରିଥିଲା । ବାର୍ଷିକ ୬.୨୮ ନିୟୁତ ଟନରୁ ୧୦ ନିୟୁତ ଟନ୍‌କୁ ବୃଦ୍ଧି ସହିତ ବର୍ଜ୍ୟ ୭.୪୩୮୫ ନିୟୁତ ଟିପିଏ ଟପ ସଏଲ, ଷ୍ଟେସନାରୀ କ୍ରସିଂ ୟୁନିଟ , ୧୫୦ ଟିପିଏଚ୍ ମୋବାଇଲ ସ୍କ୍ରିନିଙ୍ଗ ୟୁନିଟ , କ୍ରସିଂ ୟୁନିଟ, ପୋର୍ଟବୋଲ ସ୍କ୍ରିନିଙ୍ଗ ୟୁନିଟ ସ୍ଥାପନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ , ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ମୁରୀ ନିମନ୍ତେ ଏହି ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଭାବିତ ବାସିନ୍ଦାମାନେ କର୍ମ ନିଯୁକ୍ତିରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ, ଯୁବତୀମାନଙ୍କୁ ଅଗ୍ରାଧିକାର, ପାରିପାର୍ଶ୍ୱିକ ଉନ୍ନୟନ ଏବଂ ସାମାଜିକ ବନୀକରଣ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ । ଯାହାକୁ ଓଏମସି କର୍ତ୍ତୃପକ୍ଷ ମାନିନେଇଥିବା ବେଳେ ସର୍ବ ସମ୍ମତିକ୍ରମେ ଓଡ଼ିଶା ଖଣି ନିଗମ (ଓଏମସି) ସପକ୍ଷରେ ଯାଇଥିଲା ଜନଶୁଣାଣି । ଏହି ଜନଶୁଣାଣିରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ସଭାପତିତ୍ୱରେ ଅନୁଷ୍ଠିତ। ଏହି ସଭାରେ କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ପ୍ରଶାନ୍ତ କର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ । ଓଡ଼ିଶା ଖଣି ନିଗମ ଖଣି ନିକଟବର୍ତ୍ତି ଗ୍ରାମ ମାନଙ୍କରେ ସିଏସଆର ଜରିଆରେ ଏହି ଅଞ୍ଚଳର ଉନ୍ନୟନ ପାଇଁ ଗୁରୁତ୍ୱ ଦେଇଥିବା ବେଳେ ଖଣି ନିକଟବର୍ତ୍ତୀ ଜନସାଧାରଣଙ୍କର ଜୀବୀକା , ଗୋଷ୍ଠୀ ଉନ୍ନୟନ, ସ୍ୱାସ୍ଥ୍ୟ , ଭିତ୍ତିଭୂମି ବିକାଶ , ଶିକ୍ଷା, ଦକ୍ଷତା ବିକାଶ , କ୍ରୀଡା ଓ ସଂସ୍କୃତିକ କ୍ଷେତ୍ରେ ଗତ ଦୁଇ ବର୍ଷ (୨୦୨୧ରୁ ୨୦୨୩) ମଧ୍ୟରେ ସର୍ବମୋଟ ୬.୫୮ କୋଟି ଟଙ୍କା ଜିଲିଂ ଲୋଙ୍ଗଲୋଟା ଖଣିର ଗୋଷ୍ଠୀ ସାମାଜିକ ଦାୟିତ୍ୱ ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ଓଏମସି ଅଧିକାରୀ ପ୍ରକାଶ କରିଥିଲେ । ଖଣିରେ ପ୍ରଭାବିତ ସମ୍ପ୍ରସାରଣ ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିଯୁକ୍ତି ପାଇବେ । ଖଣିର ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ୪୮୮ ବ୍ୟକ୍ତି ପ୍ରତ୍ୟେକ୍ଷ ନିଯୁକ୍ତି ପାଇବେ ଏବଂ ବହୁବ୍ୟକ୍ତି ପରୋକ୍ଷ ନିଯୁକ୍ତି ପାଇବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଅର୍ଥନୈତିକ ଅଭୀବୃଦ୍ଧି, ଶିକ୍ଷ କ୍ଷେତ୍ରରେ ଅର୍ଥନୈତିକ ଉନ୍ନତି ହେବ ବୋଲି ଏହି ଅଭସରରେ ଓଡିଶା ଖଣି ନିଗମର ବଡବିଲ ରିଜିଓନାଲ ମ୍ୟାନେଜର ଅଭନୀକାନ୍ତ ପ୍ରଧାନ ପ୍ରକାଶ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହଠାରେ ଜିଲ୍ଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ମାନ୍ୟବର ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲ୍ଲାର ସମସ୍ତ ନଦୀନାଳରେ ଥିବା ପ୍ରକୃତ ଦୁର୍ବଳବନ୍ଧକୁ ଚିହ୍ନଟ କରି ଏହାର ମରାମତି ଏବଂ ଜଳ ନିଷ୍କାସନକୁ ଅବରୋଧ କରୁଥିବା ଅଳିଆ ଆବର୍ଜନା ଓ ବୃକ୍ଷଲତାକୁ ସଫା ନିମନ୍ତେ ବିହୀତ ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଯେପରି କାହାରି ଧନଜୀବନ ହାନି ନ ଘଟେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ନଈକୂଳିଆ ଓ ଖାଲୁଆ ଅଞ୍ଚଳରେ ଯନ୍ତ୍ର ଚାଳିତ ବୋଟ ଓ ଡଙ୍ଗା ମୁତୟନର ବ୍ୟବସ୍ଥା କରି ଆବଶ୍ୟକ ହେଲେ ଲୋକମାନଙ୍କୁ ଉଦ୍ଧାର କରିବାର ବ୍ୟବସ୍ଥା କରିବାକୁ ପରଜଙ୍ଗ ବିଧାୟକ ଡକ୍ଟର ନୃସିଂହ ଚରଣ ସାହୁ ପରାମର୍ଶ



ଦେଇଛନ୍ତି । ସମ୍ଭାବ୍ୟ ବର୍ଷା ଓ ବନ୍ୟାକୁ ଦୃଷ୍ଟିରେ ରଖି, ଜିଲ୍ଲାର ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳ, ପ୍ରମୁଖ ବିଦ୍ୟାଳୟଗୁଡିକୁ ପ୍ରସ୍ତୁତ ରଖାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଶ୍ରୟସ୍ଥଳୀରେ ଆବଶ୍ୟକ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଜେନେରେଟର ଆଦିର ବ୍ୟବସ୍ଥା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି । ଆବଶ୍ୟକ ସତର୍କ ସୂଚନା ପ୍ରଦାନ ନିମନ୍ତେ ସମସ୍ତ ବ୍ଲକ୍‌ରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରିବ । ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧ, ବୃଦ୍ଧାଙ୍କୁ ପୂର୍ବରୁ ଚିହ୍ନଟ କରି ଆବଶ୍ୟକ ହେଲେ ସେମାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ସେ ପ୍ରକାଶ କରିଥିଲେ। ବୃକ୍ଷ ଭାଙ୍ଗି ରାସ୍ତା ଅବରୋଧ ହେଲେ ଓଡ୍ରାଫ୍ ଟିମ୍‌ର ସହଯୋଗରେ ଯଥା ଶୀଘ୍ର ରାସ୍ତା ସଫାର ବ୍ୟବସ୍ଥା, ଆମ୍ବୁଲାନ୍ସ ଏବଂ ଆବଶ୍ୟକ ଔଷଧ ସହିତ ଡାକ୍ତରୀଦଳ ବ୍ୟବସ୍ଥା, ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଲେ କିପରି ତୁରନ୍ତ ମରାମତି କରି ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା, ଯନ୍ତ୍ରଚାଳିତ ବୋଟ୍ ମୁତୟନ, ପାଣିପାଗ ସମ୍ପର୍କିତ ରିପୋର୍ଟ ପ୍ରଦାନ, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା, ଅସ୍ଥାୟୀ ଯୋଗାଯୋଗ ବ୍ୟବସ୍ଥା, ବୃଷ୍ଟିପାତ ପରିମାଣ ରେକର୍ଡ କରିବା, ପୌରାଞ୍ଚଳରେ ନାଳ ନର୍ଦ୍ଦମା ସଫା ଆଦି ପ୍ରସ୍ତୁତି ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆଲୋଚନା କରି ଅବଗତ କରାଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର (ରାଜସ୍ୱ), ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାଶ, ସଦର ଉପଜିଲ୍ଲାପାଳ ସୁଶ୍ରୀ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ସାହୁ, ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ, ଓସଡମାର ଡି.ଆର୍.ଆର୍. କନ୍ସଲଟାଣ୍ଟ ସଙ୍ଗୀତ ଦାଶ ଏବଂ ସାଂସଦ, ଢେଙ୍କାନାଳଙ୍କ ପ୍ରତିନିଧି, ଢେଙ୍କାନାଳ ବିଧାୟକ ଓ ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି, ସଂପୃକ୍ତ ବିଭାଗୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାରମାନେ ଯୋଗ ଦେଇଥିଲେ । ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଶେଷରେ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଞ୍ଜ ସେନା ପକ୍ଷରୁ ଅଖଣ୍ଡ ମୟୂରଭଞ୍ଜ ମୋର ପରିଚୟର ପ୍ରଥମ ବୈଠକ




ଶୁଳିଆପଦା (ଭାସ୍କର ନ୍ୟୁଜ): ମେ ୧୦ ତାରିଖ ଦିନ ଦେଉଳି ଠାରେ ଭଞ୍ଜ ସେନା ପକ୍ଷରୁ 'ଅଖଣ୍ଡ ମୟୂରଭଞ୍ଜ ମୋର ପରିଚୟ 'ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହାମହିମ ରାଷ୍ଟ୍ରପତି ଜିଲ୍ଲାର ସୁପୁତ୍ରୀ ଆମ ସମସ୍ତଙ୍କ ଗର୍ବ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ହୋଇଥିବା ଅସମ୍ମାନ ଏବଂ ପ୍ରଥମ ଆଦିବାସୀ ମହିଳା ମନ୍ତ୍ରୀ ଆମ ଜିଲ୍ଲାର ଅନ୍ୟତମ ଗୌରବ ସରସ୍ୱତୀ ହେମ୍ବ୍ରମଙ୍କ ପ୍ରତି ହୋଇଥିବା ଅସମ୍ମାନ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଅଣାଯାଇ ଥିଲା। ଆଗାମୀ ତିନି ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଯଦି କୌଣସି ଆଖିଦୃଶିଆ ପଦକ୍ଷେପ ନ ନିଅନ୍ତି ଭଞ୍ଜ ସେନା ଆସନ୍ତା ୧୫ ତାରିଖ ହେବାକୁ ଥିବା ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରାକୁ ବଳବତ୍ତର ରଖିବ। ଆଜିର ଏହି କାର୍ଯ୍ୟକ୍ରମରେ ଭଞ୍ଜ ସେନାର ନୀତି ଆଦର୍ଶ ଏବଂ କାର୍ଯ୍ୟ ପନ୍ଥାରେ ଅନୁପ୍ରାଣିତ ହୋଇ ଭଞ୍ଜ ସେନାର କାର୍ଯ୍ୟକାରୀ ଅଧକ୍ଷ ସଞ୍ଜିବ ରାଉତଙ୍କ ନେତୃତ୍ୱରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଯୁବକ ଏବଂ ଛାତ୍ର ସଂଗଠନରେ ଯୋଗ ଦେଇଥିଲେ। ଏହି ବୈଠକ ସଫଳ କରିବାରେ ସମିତି ସଭ୍ୟ ସରୋଜ ଟୁଡୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମାରାଣ୍ଡି, ବାବଲୁ ସୋରେନ, ବିନ୍ଦୁ ଚାନ୍ଦାନ ହାଁସଦାଃ, ନରେନ୍ଦ୍ର ଥୟାଳ, ଅଞ୍ଜନ ପାତ୍ର, କନକ ଧଳ, ସଂଗ୍ରାମ ସୋରେନ, ଅଙ୍ଗଦ ସି, ପ୍ରଶାନ୍ତ କୁମାର ଭଞ୍ଜ, ରାଜ କୁମାର ପାତ୍ର, ସନ୍ତୋଷ କୁମାର ଦେଓ, ଲକ୍ଷ୍ମଣ ସି, ନବକିଶୋର ବେହେରା ପ୍ରମୁଖ ଦାୟିତ୍ୱ ନେଇ ଥିଲେ। ସଂଗଠନର ଉପାଧକ୍ଷ ନିମାଇଁ ତ୍ରିପାଠୀ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଃ, ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ସାଂଗଠନିକ ସଂପାଦକ ଗଣେଶ ମହାନ୍ତି, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତି ରଞ୍ଜନ ପୃଷ୍ଟି, ବାରିପଦା ସହର ସଭାପତି ସିଂରାୟ ହେମ୍ବ୍ରମ ଉପସ୍ଥିତ ଥିଲେ। ବୈଠକରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଆଞ୍ଚଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଭଞ୍ଜ ସେନା ରାଜରାସ୍ତାକୁ ଓହ୍ଲାଇବା ଏବଂ ଗ୍ରାମାଞ୍ଚଳରେ ସଙ୍ଗଠନ ଅଧିକ ମଜବୁତ କରିବେ ବୋଲି କାର୍ଯକାରୀ ଅଧକ୍ଷ ସଞ୍ଜିବ ରାଉତ ମତ ପ୍ରକାଶ କରିଥିଲେ।

## ରାଶିଫଳ

**ଗୁରୁବାର, ୧୧ ମଇ ୨୦୨୩**



***ମେଷ:*** ଆଜି ଆପଣଙ୍କୁ କୌଣସି ପ୍ରକାରେ ସମ୍ମାନିତ କରାଯିବାର ସମ୍ଭାବନା ଅଛି। ଆଜି ପତ୍ନୀଙ୍କ ପକ୍ଷରୁ ଉତ୍ତମ ସହଯୋଗ ପ୍ରାପ୍ତ ହୋଇପାରେ। ରାତ୍ରି ସମୟ ଆମୋଦ-ପ୍ରମୋଦରେ ବିତିବ। ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧ୍ୟାତ୍ମିକତା ଆଡ଼କୁ ଧ୍ୟାନ ରହିବ। ଅଚାନକ ଧନ ଲାଭ ହେବ। ନୂଆ କାର୍ଯ୍ୟ ଆରମ୍ଭ କରନ୍ତୁ।



***ବୃଷ:*** ଆଜିର ଦିନ ଆପଣ ବ୍ୟସ୍ତ ରହିବେ। ଅଧିକ ଦୌଡ଼ଦୌଡ଼ି କରିବାରେ ସାବଧାନ ରୁହନ୍ତୁ। ରହିଯାଇଥିବା କାର୍ଯ୍ୟଗୁଡ଼ିକ ପୂରଣ ହେବ। କୌଣସି କାମରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ହୃଦୟ ଖୋଲିକରି ଆଗକୁ ଚାଲନ୍ତୁ ଭରପୂର ଲାଭ ମିଳିବ। ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ।



***ମିଥୁନ:*** ଆଜି ଆପଣ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ। ସାମାଜିକ କ୍ରିୟା କଳାପରେ ବ୍ୟବଧାନ ଆସିପାରେ। କିଛି ଅକସ୍ମାତ୍ ଲାଭ ହେବାରୁ ଆପଣଙ୍କ ଧର୍ମ, ଆଧ୍ୟାତ୍ମ ପ୍ରତି ରୁଚି ସୁଦୃଢ଼ ହେବ। ସନ୍ତାନମାନଙ୍କ ପକ୍ଷରୁ ହର୍ଷବର୍ଦ୍ଧକ ସମାଚାର ମିଳିବ। ଆଜି ଆପଣଙ୍କ ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।



***କର୍କଟ:*** ଭାଗ୍ୟ ଦୃଷ୍ଟିରୁ ଆଜିର ଦିନ ଉତ୍ତମ ରହିବ। ଆପଣଙ୍କ ପରିଶ୍ରମର ଫଳ ଭଲ ମିଳିବ। ଆପଣ ନିଜର ମାନମର୍ଯ୍ୟାଦା ଏବଂ ଆମୋଦ ପ୍ରମୋଦ ପାଇଁ ଧନ ଖର୍ଚ୍ଚ କରିବେ। ଯେଉଁଥିରେ ଆପଣଙ୍କ ପାଖରେ ଥିବା ଶତ୍ରୁର ବ୍ୟଥା ବଢ଼ାଇବ। ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ। ସ୍ୱାସ୍ଥ୍ୟରେ ଅଭିଯୋଗ ମଧ ରହିବ। ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ।



***ସିଂହ:*** ଆଜିର ଦିନରେ ମିଶ୍ରିତ ଫଳ ମିଳିବ। ଶ୍ୱଶୁରଘର ପକ୍ଷରୁ ଆଜି ଅସନ୍ତୋଷର ସଂକେତ ମିଳିବ। ମଧୁର ବାଣୀର ପ୍ରୟୋଗ କରନ୍ତୁ ଅନ୍ୟଥା ସମ୍ବନ୍ଧ ଖରାପ ହୋଇପାରେ। ଯଦି ନେତ୍ର ସମ୍ବନ୍ଧିତ କୌଣସି କଷ୍ଟ ଅଛି ତେବେ ସେଥିରେ ସୁଧାର ହେବା ନିଶ୍ଚିତ ଅଟେ। ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ। ଶାରୀରିକ ଏବଂ ମାନସିକ ଅସୁସ୍ଥତା ଅନୁଭବ କରିବେ।



***କନ୍ୟା:*** ଆଜି ଆପଣଙ୍କମଧ୍ୟରେ ନିର୍ଭୀକତାର ଭାବ ରହିବ ତଥା ସାହସ ପୂର୍ବକ ନିଜର କଠିନ କାର୍ଯ୍ୟ ଗୁଡ଼ିକ ସମ୍ପନ୍ନ କରିବାରେ ସକ୍ଷମ ରହିବେ। ଆପଣଙ୍କୁ ନିଜର ମାତା-ପିତାଙ୍କର ସୁଖ ସହଯୋଗ ଯଥେଷ୍ଟ ରୂପରେ ପ୍ରାପ୍ତ ହେବ। ବ୍ୟର୍ଥ ବ୍ୟୟର ଯୋଗ ମଧ ଅଛି। ବ୍ୟାପାରରେ ଧନ ଲାଭ ହେବ। କାର୍ଯ୍ୟରେ ସଫଳତା ମିଳିବ। ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ।



***ତୁଳା:*** ଆଜିର ଦିନ ଆପଣଙ୍କପାଇଁ ଶୁଭ ଫଳଦାୟୀ। ଆପଣ ଅନ୍ୟମାନଙ୍କର ହୃଦୟଭରି ସେବା ମଧ କରିବେ। ଆଜି ନୂଆ କାର୍ଯ୍ୟଗୁଡ଼ିକ ଯଦି କରିବାକୁ ପଡ଼େ ତେବେ ଶୁଭ ରହିବ। ଆପଣ ଜିଦୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ। ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ।



***ବିଛା:*** ଆଜି ଆପଣଙ୍କ ମନ ଅଶାନ୍ତ ଏବଂ ଚିନ୍ତିତ ରହିବ। ଯଦି କୌଣସି ବାଦ ବିବାଦ ଲମ୍ବିତ ଅଛି ତେବେ ସେଥିରେ ସଫଳତା ମିଳିବାର ସଂପୂର୍ଣ୍ଣ ସମ୍ଭାବନା ଅଛି। ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ। ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ। ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ। ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ।



***ଧନୁ:*** ଆଜି ଆପଣଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନର ବୃଦ୍ଧି ହେବ। ଭାଗ୍ୟର ମଧ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସନ୍ଧ୍ୟା କାଳରୁ ନେଇକରି ରାତ୍ରି ପର୍ଯ୍ୟନ୍ତ ପେଟର ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ସାବଧାନ ରୁହନ୍ତୁ ତଥା ଖାଇବା ପିଇବା ଉପରେ ନିୟନ୍ତ୍ରଣ ରଖନ୍ତୁ। ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି। କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ। ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ।



***ମକର:*** ଆଜି ଆପଣଙ୍କୁ ମୂଲ୍ୟଯୁକ୍ତ ବସ୍ତୁ ପ୍ରାପ୍ତି ଯୋଗ ରହିବ। ବ୍ୟବସାୟରେ ମନ ଲାଗିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। କୌଣସି ନୂଆ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ଅବଶ୍ୟ କରନ୍ତୁ, ଭବିଷ୍ୟତରେ ଲାଭ ହେବ। ସାମାଜିକ କ୍ଷେତ୍ରରେ ଚାକିରି ଏବଂ ଅନ୍ୟ କ୍ଷେତ୍ରରେ ଲାଭଦାୟକ ରହିବ। ବୈବାହିକ ସମସ୍ୟା ଦୂର ହେବ।



***କୁମ୍ଭ:*** ଆଜିର ଦିନ ବୁଦ୍ଧି ବିବେକରେ ନୂଆ-ନୂଆ ଖୋଜ କରିବାରେ କଟିବ। ଆପଣ ସୀମିତ ଏବଂ ଆବଶ୍ୟକତାନୁସାରେ ହିଁ ବ୍ୟୟ କରନ୍ତୁ। ସାଂସାରିକ ସୁଖ ଭୋଗ, ଚାକରମାନଙ୍କର ସୁଖ ସମ୍ପୂର୍ଣ୍ଣ ରୂପରେ ମିଳିବ। ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ। ଧନ ପ୍ରାପ୍ତି ଏବଂ ପ୍ରମୋଶନର ଯୋଗ ଅଛି।



***ମୀନ:*** ଆଜି ଶୁଭଗ୍ରହ ସ୍ଥିତି କାରଣରୁ ବହୁତ ସମୟରେ ଲଟକି ରହିଥିବା ବିବାଦର ସମାଧାନ ହେବ। ଖୁସି ମିଜାଜ ବ୍ୟକ୍ତିତ୍ୱ ହେବାର କାରଣରୁ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ସମ୍ବନ୍ଧ ବନାଇବା ପାଇଁ ଚେଷ୍ଟା କରିବେ। ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ। ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନୀପୂର୍ବକ କାର୍ଯ୍ୟ କରିବେ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ଭାରତୀୟ ସେନାର ୟୁନିଫର୍ମକୁ ନେଇ ବଡ ପରିବର୍ତ୍ତନ କରାଯାଇଛି। ଭାରତୀୟ ସେନା ବ୍ରିଗେଡିୟର ଏବଂ ଏହା ଉପରିସ୍ଥ ର୍ୟାଙ୍କ୍ ଅଧିକାରୀଙ୍କ ୟୁନିଫର୍ମକୁ ନେଇ ବଡ଼ ନିଷ୍ପତ୍ତି ନେଇଛି। ସବୁ କ୍ୟାଡରର ବ୍ରିଗେଡିୟର ଏବଂ ଉପରିସ୍ଥ ର୍ୟାଙ୍କର ଅଧିକାରୀଙ୍କ ପାଇଁ ସମାନ ୟୁନିଫର୍ମ ଲାଗୁ କରିବାର ନିଷ୍ପତ୍ତି ନେଇଛି। ରିପୋର୍ଟ ଅନୁଯାୟୀ ଅଗଷ୍ଟ ୧ରୁ ଏହି ନିୟମ ଲାଗୁ ହେବ। ନିକଟରେ ହୋଇଥିବା ସେନା କମାଣ୍ଡର ସ୍ତରୀୟ ସମ୍ମିଳନୀରେ ବିସ୍ତୃତ ବିଚାର ବିମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ, ବରିଷ୍ଠ ଅଧିକାରୀଙ୍କ ଟୋପି, କାନ୍ଧରେ ବ୍ୟାଜ୍, ଗୋରଗେଟ ପ୍ୟାଚ୍, ବେଲ୍ଟ ଏବଂ ଜୋତା ସବୁ ଏକାଭଳି ହେବ। ତେବେ କର୍ଣ୍ଣେଲର୍ ଏବଂ ତଳ ରାଙ୍କର ଅଧିକାରୀଙ୍କ ବର୍ଦ୍ଦିରେ କୌଣସି ପରିବର୍ତ୍ତନ କରାଯିବନାହିଁ। ସେନାରେ ପ୍ରତ୍ୟେକ ରେଜିମେଣ୍ଟର କାମ ପ୍ରାୟତଃ ସମାନ ରହିଥାଏ। ରେଜିମେଣ୍ଟ ଗୁଡ଼ିକରେ କାର୍ଯ୍ୟ ପ୍ରଣାଳୀର କୌଣସି ଭିନ୍ନତା ନଥାଏ। ଏହା ଏକ ନିରପେକ୍ଷ ଏବଂ ନ୍ୟାୟସଙ୍ଗତ ସଂଗଠନ ହେବା ପାଇଁ ଭାରତୀୟ ସେନାର ଚରିତ୍ରକୁ ମଧ୍ୟ ମଜବୁତ କରିବ।

## ରାଜସ୍ଥାନରେ ୫,୫୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ଜୟପୁର: ରାଜସ୍ଥାନର ନାଥଦ୍ୱାରାରେ ରୋଡ୍ ସୋ' ପରେ ଆଜି ପ୍ରଧାନମନ୍ତ୍ରୀ ୫,୫୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଆଜି ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜସ୍ଥାନରେ ପହଞ୍ଚିବା ପରେ ରାଜ୍ୟପାଳ କଲରାଜ ମିଶ୍ରା ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀନାଥଜୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ନାଥଦ୍ୱାରାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, କିଛି ଲୋକଙ୍କ ମଧ୍ୟରେ ଏଭଳି ନକାରାତ୍ମକତା ଭରିଯାଇଛି ଯେ, ସେମାନେ ଦେଶରେ କରାଯାଉଥିବା ଭଲ କାମ ସବୁ ଦେଖିପାରୁ ନାହାନ୍ତି। ସେମାନେ କେବଳ ବିବାଦ ସୃଷ୍ଟି କରିବାକୁ ଚାହୁଁଛନ୍ତି। ରାଜସ୍ଥାନରେ ୫,୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛି। ଏହି ବିକାଶମୂଳକ ପ୍ରକଳ୍ପ ଲାଗି ମୁଁ ରାଜସ୍ଥାନବାସୀଙ୍କୁ ଅଭିନନ୍ଦନ ଜଣାଉଛି। ରାଜସ୍ଥାନରେ ଆଧୁନିକ ଭିତ୍ତିଭୂମି ଯୋଗାଇ ଦେବା ଉପରେ ଆମ ସରକାର ଗୁରୁତ୍ୱାରୋପ କରୁଛି ବୋଲି ସେ କହିଛନ୍ତି। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହ୍‌ଲଟ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ସହିତ ତାଙ୍କ କାର୍ଯ୍ୟକୁ ନେଇ ପ୍ରଶଂସା କରିଥିଲେ।

## ଜଙ୍ଗଲରେ ନିଆଁ : ୨୧ ମୃତ, ଜଳିଗଲା ୫ ହଜାରରୁ ଅଧିକ ଘର



ନୂଆଦିଲ୍ଲୀ: ରୁଷର ୟୁରାଲ ପର୍ବତରେ ଜଙ୍ଗଲରେ ଲାଗିଥିବା ନିଆଁରେ ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କ ମୃତ୍ୟୁ ହୋଇଛି । କୁରଗନ ଏବଂ ସାଇବେରିଆର ଜଙ୍ଗଲରେ ଗତ ଏକ ସପ୍ତାହ ଧରି ଭୀଷଣ ନିଆଁ ଲାଗିଛି । ନିଆଁ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଅଧିକ ଘର ଜଳି ପାଉଁଶ ହୋଇସାରିଛି । ରୁଷର ନ୍ୟୁଜ ଏଜେନ୍ସି ତାସ ମଙ୍ଗଳବାର କହିଛି ଯେ ପଶ୍ଚିମ ସାଇବେରିଆର ତ୍ୟୁମେନ ପ୍ରାନ୍ତରେ ଜଣେ ବ୍ୟକ୍ତି ନିଆଁ ଲିଭାଇବା ବେଳେ ଜଳି ପ୍ରାଣ ହରାଇଛନ୍ତି । ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ ଜଙ୍ଗଲ ନିଆଁ ଯୋଗୁଁ କୁରଗନ ପ୍ରାନ୍ତର ୟୁଦ୍ଧୁସ ଗାଁରେ ସବୁଠୁ ଅଧିକ ମୃତ୍ୟୁ ହୋଇଛି । ଏହା ୟୁରାଲ ପର୍ବତ ଶୃଙ୍ଖଳା ଏବଂ ସାଇବେରିଆ ନିକଟରେ ରହିଛି । ଜଙ୍ଗଲ ନିଆଁ ଯୋଗୁଁ ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ ବୋଲି ଆଶଂକା କରାଯାଉଛି। ଗତ କିଛି ବର୍ଷ ଧରି ରୁଷର ଜଙ୍ଗଲଗୁଡିକରେ ବଡ଼ ଧରଣର ନିଆଁ ଲାଗିବା ଘଟଣା ସାମନାକୁ ଆସିସାରିଛି। ବିଶେଷଜ୍ଞମାନେ ଏଥିପାଇଁ ଅସାମାନ୍ୟ ରୂପେ ଶୁଷ୍କ ଗ୍ରୀଷ୍ମକାଳ ଏବଂ ବଢୁଥିବା ତାପମାତ୍ରାକୁ ଦାୟୀ କରିଛନ୍ତି। ରୁଷର ଜରୁରୀକାଳିନ ମନ୍ତ୍ରୀ ଦାବି କରିଛନ୍ତି ଯେ ବସ୍ତିଗୁଡିକରେ ବିସ୍ଫୋରଣର ଆଉ କୌଣସି ଭୟ ନାହିଁ । କେବେ ସ୍ଥାନୀୟ ମିଡିଆର ରିପୋର୍ଟ ଅନୁସାରେ ଜଙ୍ଗଲ ଏବେ ବି ଜଳୁଛି ।

ସଂସଦରେ ଅଭାବନୀୟ ଘଟଣା

## ପୋଷାକ ଓ ଅନ୍ତବସ୍ତ୍ର ଖୋଲିଦେଲେ ସାଂସଦ

ନୂଆଦିଲ୍ଲୀ: ନେପାଳରେ ସଂସଦ ଅଧିବେଶନ ଚାଲିଥିବା ସମୟରେ ଜଣେ ସାଂସଦ ନିଜର ବସ୍ତ୍ର ଦେହରୁ କାଢ଼ି ଚର୍ଚ୍ଚା ପରିସରକୁ ଆସିଛନ୍ତି। ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏହା ନେପାଳର ପ୍ରଥମ ଘଟଣା ବୋଲି କୁହାଯାଉଛି। ସାଂସଦ ଜଣଙ୍କ ହେଲେ ଅମରେଶ କୁମାର ସିଂହ। ଯିଏକି ନେପାଳ କଂଗ୍ରେସର ଜଣେ ପୂର୍ବତନ ନେତା। ଗତବର୍ଷ ସରଲାହୀରୁ ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। କାରଣ ତାଙ୍କୁ ନେପାଳୀ



କଂଗ୍ରେସ ତରଫରୁ ଟିକେଟ ଦିଆଯାଇ ନଥିଲା। ସୂଚନାଯୋଗ୍ୟ, ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ବାଚସ୍ପତି ଦେବରାଜ ଧିମିରେ ସଂସଦରେ ସାଂସଦ ଅମରେଶ କୁମାର ସିଂହ କିଛି କହିବାକୁ ଚାହୁଁଥିବା ବେଳେ ତାଙ୍କୁ ସୁଯୋଗ ଦେଇ ନଥିଲେ। କାରଣ ଅମରେଶ କୁମାର ସିଂହ ସଂସଦରେ ବ୍ୟବହାର ଠିକ କରି ନଥିଲେ। ଏହି କାରଣରୁ ଅମରେଶ ଖୁବ ରାଗି ଯାଇ ସଂସଦରେ ପୋଷାକ ଖୋଲି ଦେଇଥିଲେ। ତେବେ ତାଙ୍କର ଏଭଳି ସ୍ୱଭାବ ଦେଖି ବାଚସ୍ପତି କହିଥିଲେ, 'ତୁମେ ବ୍ୟବହାର ଠିକ କର। ଯେପର୍ଯ୍ୟନ୍ତ ବ୍ୟବହାର ଠିକ କରି ନାହଁ, ସେପର୍ଯ୍ୟନ୍ତ ତୁମକୁ କହିବାର ସୁଯୋଗ ମିଳିବ ନାହିଁ।' ଏଭଳି ଘଟଣା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି।

## ଇମ୍ରାନଙ୍କ ପରେ କୁରେଶୀ ଗିରଫ



ଇସଲାମାବାଦ : ପାକିସ୍ତାନରେ ହିଂସା ଥମିବାର ନା ନେଉନି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ତେହେରିକ୍-ଇ-ଇନ୍‌ସାଫର ଅଧକ୍ଷ ଇମ୍ରାନ ଖାନ୍ ଗିରଫ ହେବା ପରେ ଇମ୍ରାନଙ୍କ ଗିରଫକୁ ବିରୋଧ କରୁଥିବା ଶାହା ମହମୁଦ କୁରେଶୀଙ୍କୁ ମଧ୍ୟ ଗିରଫ କରାଯାଇଛି। କୁରେଶୀ ଇମ୍ରାନଙ୍କ କ୍ୟାବିନେଟରେ ବୈଦେଶିକ ମନ୍ତ୍ରୀ ଥିଲେ। ଅନ୍ୟପକ୍ଷରେ ଇମ୍ରାନଙ୍କ ଗିରଫକୁ ବିରୋଧ କରି ପିଟିଆଇ ପକ୍ଷରୁ ସୁପ୍ରିମକୋର୍ଟରେ ଯେଉଁ ଆବେଦନ କରାଯାଇଥିଲା ତାହାକୁ କୋର୍ଟ ଖାରଜ କରିଦେଇଛନ୍ତି।

## 'ଗୋ ଫାଷ୍ଟ' ଉଡାଣ ବାତିଲ ମେ' ୧୯କୁ ବୃଦ୍ଧି




ନୂଆଦିଲ୍ଲୀ: ସଙ୍କଟରେ ପଡ଼ିଥିବା ଏୟାରଲାଇନ୍‌ସ ଗୋ ଫାଷ୍ଟ୍ ନିଜର ସମସ୍ତ ବିମାନ ଉଡାଣ ବାତିଲକୁ ଆସନ୍ତା ମେ' ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏୟାରଲାଇନ୍‌ସ ପକ୍ଷରୁ ଜାରି କରା ଯାଇଥିବା ଏକ ନୂତନ ବିଜ୍ଞପ୍ତିରେ ଏହି ଅସୁବିଧା ପାଇଁ ପରିଚାଳନାଗତ କାରଣ ଦର୍ଶାଯାଇଛି। ବିମାନ ଚଳାଚଳ ନିରାପତ୍ତା ନିୟାମକ (ଡିଜିସିଏ) ଗୋ ଫାଷ୍ଟକୁ ତୁରନ୍ତ ବିମାନ ଟିକେଟ୍ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହ ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଏୟାରଲାଇନ୍‌ସର ଅନୁମତି ରଦ୍ଦ କରିବାକୁ ନିଷ୍ପତ୍ତି ନେବା ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରିଛି। ଆଜି ଜାରି ବିଜ୍ଞପ୍ତିରେ ଏୟାରଲାଇନ୍‌ସ କହିଛି ଯେ ଯେଉଁ ଯାତ୍ରୀମାନେ ପୂର୍ବରୁ ଟିକେଟ ବୁକ୍ କରି ସାରିଛନ୍ତି ସେମାନଙ୍କୁ ସମ୍ପୂର୍ଣ୍ଣ ରିଫଣ୍ଡ ପ୍ରଦାନ କରାଯିବ। ଖୁବଶୀଘ୍ର ବୁକିଂ ଆରମ୍ଭ ହେବ ବୋଲି ଏଥିରେ କୁହାଯାଇଛି। ଏହି ସବୁ ଅସୁବିଧା ପାଇଁ ଏୟାରଲାଇନ୍‌ସ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି।

## ପୋଲିସ ଏସ୍‌ଆଇ ଓ ତାଙ୍କ ପରିବାରର ୪ଜଣଙ୍କ ମୃତ୍ୟୁରେ ବାଘେଲଙ୍କ ଶୋକ



ରାୟପୁର : ପୋଲିସ ସବ୍ ଇନ୍‌ସପେକ୍ଟର ମନୋଜ ତିର୍କି ଏବଂ ତାଙ୍କ ପରିବାରର ୪ଜଣଙ୍କର ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇବା ଘଟଣାରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ତିର୍କି କୋରଭା ଜିଲ୍ଲାର ମରୋଗା ଚୌକିରେ ଏକ କାରରେ ଯାଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଥିଲା। ଫଳରେ କାର୍‌ରେ ଥିବା ସ୍ୱର୍ଗତ ତିର୍କିଙ୍କ ପତ୍ନି ଓ ଦୁଇ ଶିଶୁ ମୃତ୍ୟୁବରଣ କରିଥିଲେ। ଶ୍ରୀ ବାଘେଲ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଉକ୍ତ ପରିବାରକୁ ଯଥାସ ସମ୍ଭବ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ସମଲିଙ୍ଗୀ ବିବାହକୁ ରାଜସ୍ଥାନର ବିରୋଧ



ନୂଆଦିଲ୍ଲୀ : ରାଜସ୍ଥାନରେ ସମଲିଙ୍ଗୀ ବିବାହକୁ ବିରୋଧ କରାଯାଇଛି। ଏହା ବ୍ୟତୀତ ଆଉ ଛଅ ରାଜ୍ୟ ଏହି ପ୍ରସଙ୍ଗରେ ବିଚାର ପାଇଁ ସମୟ ମାଗିଛନ୍ତି। ଏନେଇ ବୁଧବାର ସୁପ୍ରିମକୋର୍ଟରେ କହିଛନ୍ତି କେନ୍ଦ୍ର ସରକାର। ଏହି ପ୍ରସଙ୍ଗକୁ ନେଇ ସବୁ ରାଜ୍ୟଙ୍କୁ ଚିଠି ଲେଖିଥିଲେ ବୋଲି କହିଛନ୍ତି କେନ୍ଦ୍ର ସରକାର। ସେହିପରି ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ମଣିପୁର, ଆସାମ ଏବଂ ସିକ୍କିମ୍ ଅଧିକ ସମୟ ମାଗିଛନ୍ତି। ସୂଚନାଥାଉକି, ସୁପ୍ରିମକୋର୍ଟରେ ଗତ ୯ ଦିନରୁ ଏହି ପ୍ରସଙ୍ଗରେ ଶୁଣାଣି ହେଉଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଏସକେ କୌଲ, ଜଷ୍ଟିସ୍ ରବୀନ୍ଦ୍ର ଭଟ, ଜଷ୍ଟିସ୍ ପିଏସ ନରସିଂହ ଏବଂ ଜଷ୍ଟିସ୍ ହିମା କୋହଲିଙ୍କ ପୀଠ ଏହି ମାମଲାରେ ଶୁଣାଣି କରୁଛନ୍ତି। ସୂଚନାଥାଉକି ଶିଶୁ ଅଧିକାର ସଂରକ୍ଷଣ ଆୟୋଗ ଦାବି କରିଥିଲା ଯେ ସମଲିଙ୍ଗୀ ଯୋଡ଼ିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଅନୁମତି ମିଳୁ। ଏହା ପୂର୍ବରୁ ଏପ୍ରିଲ ୧୯ରେ ଶୁଣାଣି ସମୟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କଟ ଅବଗତ କରିଥିଲେ ଯେ ସେ ଏହି ପ୍ରସଙ୍ଗକୁ ନେଇ ସବୁ ରାଜ୍ୟଙ୍କୁ ଚିଠି ଲେଖାଯାଇଛି। ତେବେ ସୁପ୍ରିମକୋର୍ଟ ବୁଧବାର କହିଛନ୍ତି ଯେ ଯଦି କେହି ଶିଶୁର ମା'ଙ୍କ ମୃତ୍ୟୁ ହୁଏ ତେବେ ଏପରି ସ୍ଥିତି ପିତା ହିଁ ମାଆ-ବାପା ଦୁହିଁଙ୍କ ଦାୟିତ୍ୱ ତୁଲାଇଥାନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ, ଆଇନ ଅନୁଯାୟୀ ଜଣେ ବ୍ୟକ୍ତି ମଧ୍ୟ ପୋଷ୍ୟ ପୁତ୍ର ଗ୍ରହଣ କରିପାରିବେ। ସେହିଭଳି ଯଦି କୌଣସି ସମଲିଙ୍ଗୀ ଯୋଡ଼ା ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଚାହିବେ ତେବେ ଆଇନ୍ ଅନୁଯାୟୀ ତାଙ୍କୁ ଭିନ୍ନ ଲିଙ୍ଗ ହୋଇଥିବା ଦରକାର।

# ବାଣିଜ୍ୟ




ଭାବନୀପାଟଣା : ଓଡିଶାର ସର୍ବବୃହତ୍ତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଚଳିତ ମେ ମାସ ୧୨ ତାରିଖରେ ନୂତନ ଓ ଅତ୍ୟାଧୁନିକ ଫ୍ଲାଗସିପ୍ ଗହଣା ସୋରୁମ୍‌ର ଶୁଭରାମ୍ଭ କରିବାକୁ ଯାଉଅଛି। ଅଜି ଏକ ପ୍ରେସ୍ ବାର୍ତ୍ତାରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି। ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନୀକ ଫ୍ଲାଗସିପ୍ ସୋରୁମ୍ ୫୦୦୦ ବର୍ଗଫୁଟ ପରିମିତ ଏବଂ ଏହା ମଧ୍ୟରେ ସର୍ବୋତ୍ତମ ଡିଜାଇନ୍ ଓ ସଂପୂର୍ଣ୍ଣ ହଲମାର୍କ ସୁଦ୍ଧତାଯୁକ୍ତ ୫୦୦୦ରୁ ଉର୍ଦ୍ଧ ସୁନା ଗହଣା ଡିଜାଇନ, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୂପା ଗହଣା ଓ କଳାକୃତି ସମ୍ଭାର ରଖାଯିବା ସହ ଅରୁନ୍ଧତୀର ୫ ଷ୍ଟାର ପ୍ରମିଜ୍ ସେବା ପାଇପାରିବେ। ୫୦୦୦ଟଙ୍କା କ୍ରୟ ଉପରେ ମାଗଣା କୁପନ ମାଧ୍ୟମରେ ମାରୁତି ଡିଜାୟାର ଭି.ଏକ୍ସ.ଆଇ, ହିରୋ ଗ୍ଲାମର ମୋଟର ସାଇକେଲ, ହିରୋ ଜୁମ୍ ସ୍କୁଟି ଓ ଲକ୍ଷପତି ହେବାର ସୁଯୋଗ ପାଇପରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଓଲିଉଡ ନାୟିକା ଅର୍ଚ୍ଚିତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଟାଟା ଷ୍ଟିଲ୍ ମାଇନିଂକୁ 'ଏକ୍ସିଲେନ୍ସ ଇନ୍ ବାୟୋଡାଇଭରସିଟି ମ୍ୟାନେଜମେଣ୍ଟ' ସମ୍ମାନ



ନୂଆଦିଲ୍ଲୀ : ଜୈବ ବିବିଧତାର ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ସିଆଇଆଇ ଆଇଟିସି ସଷ୍ଟେନେବିଲିଟି ଆୱାର୍ଡସ୍ ୨୦୨୨ରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ)କୁ 'ଏକ୍ସିଲେନ୍ସ ଇନ୍ ବାୟୋଡାଇଭରସିଟି ମ୍ୟାନେଜମେଣ୍ଟ' ପୁରସ୍କାର ପ୍ରଦାନ କରାଯାଇଛି। ମଇ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଭାରତ ସରକାରଙ୍କ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି। କଂପାନି ତରଫରୁ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ବରିଷ୍ଠ ମହାପ୍ରବନ୍ଧକ ରାଜଶ୍ରୀ ପାଲିତ ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରଜାତୀୟ ଖାଦ୍ୟୋତ୍ସବ, ଗ୍ରିନ୍ ଥେରାପି, ଜୈବକଳା ବିବିଧତା, ସୁକିନ୍ଦା ଇକୋରେସ୍, ପ୍ରଜାପତି ବଗିଚା (ବଟରଫ୍ଲାଏ ଗାର୍ଡେନ) ଓ ଔଷଧୀୟ ଉଦ୍ୟାନ ଭଳି ଟିଏସ୍‌ଏମ୍‌ଏଲ୍‌ର ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମକୁ ବିଚାରକମାନେ ପ୍ରଶଂସା କରିଛନ୍ତି। ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି ଯେ, 'ଏହି ପୁରସ୍କାର ଗ୍ରହଣ କରି ଆମେ ବହୁତ ଖୁସି ଯାହା ଟିଏସ୍‌ଏମ୍‌ଏଲ୍‌ରେ ଜୈବ ବିବିଧତାର ସଂରକ୍ଷଣ ଓ ନିରନ୍ତରତା ପରିଚାଳନା ପ୍ରତି ଥିବା ପ୍ରତିବଦ୍ଧତା ଦିଗରେ ଏକ ସ୍ୱୀକୃତି। ଏହି ପୁରସ୍କାର ଆମକୁ ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିବା ପାଇଁ ଆହୁରି ଅନୁପ୍ରାଣିତ କରିବ। ଏହି ପୁରସ୍କାର ଲାଗି ଆମକୁ ବିଚାରକୁ ନେଇଥିବାରୁ ବିଚାରକମାନଙ୍କୁ ଆମେ କୃତଜ୍ଞତା ଜଣାଉଛୁ।'' ଜୈବବିବିଧତାର ସଂରକ୍ଷଣ ଓ ଉନ୍ନତି ହେଉଛି ଟିଏସ୍‌ଏମ୍‌ଏଲ୍‌ର କର୍ପୋରେଟ୍ ରଣନୀତି ଓ ମୂଲ୍ୟବୋଧ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସବୁ ଗୁରୁତ୍ୱପୂର୍ଣ୍ଣ ଓ ପରିଚାଳନା ନିଷ୍ପତ୍ତିରେ ଜୈବବିବିଧତାକୁ ମୁଖ୍ୟ ସ୍ରୋତରେ ରଖିବାକୁ ଟିଏସ୍‌ଏମ୍‌ଏଲ ସର୍ବଦା ଉଦ୍ୟମ କରିଆସୁଛି। ନିଜ କାର୍ଯ୍ୟକ୍ଷେତ୍ର ଆଖାପାଖ ଗୋଷ୍ଠୀ, ସ୍କୁଲ ଛାତ୍ରଛାତ୍ରୀ ଓ କର୍ମଚାରୀ ଏବଂ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଅନ୍ୟ ଅଂଶୀଦାରଙ୍କ ମଧ୍ୟରେ ଏହି ମହତ ଉଦ୍ଦେଶ୍ୟ ପାଇଁ ଜରୁରୀକାଳୀନ ଭାବ ଜାଗ୍ରତ କରିବାକୁ ଟିଏସ୍‌ଏମ୍‌ଏଲ୍ ଉଦ୍ୟମ କରୁଛି।

## ଅତ୍ୟାଧୁନିକ ପ୍ରେକ୍ଷାଳୟ 'ସ୍ପେକ୍ଟ୍ରମ୍' ଉଦ୍‌ଘାଟିତ

ରାଉରକେଲା, (ଭାସ୍କର ନ୍ୟୁଜ୍) : ରାଉରକେଲା କ୍ଲବ ପରିସରରେ ଅତ୍ୟାଧୁନିକ ପ୍ରେକ୍ଷାଳୟ 'ସ୍ପେକ୍ଟ୍ରମ୍'କୁ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପିକେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା, ଖଣି ବିଭାଗର ସିଜିଏମ ଇନ ଚାର୍ଜ ପି କେ ରଥ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନ ଚାର୍ଜ ଏ କେ ବେହୁରିଆ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, ରାଉରକେଲା କ୍ଲବ୍ ପରିଚାଳନା କମିଟି ସଦସ୍ୟ ଏବଂ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ପ୍ରାୟ ୧୫୦ ଜଣଙ୍କର ବସିବା କ୍ଷମତା ସହିତ, ସ୍ପେକ୍ଟ୍ରମ୍ ଅଡିଟୋରିୟମ୍ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଯଥା ସେମିନାର ସମ୍ମିଳନୀ ଠାରୁ ଆରମ୍ଭ କରି ସଂଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଆୟୋଜନ କରିପାରିବ। ଏହି ନୂତନ ରୂପ ସହିତ, ଉକ୍ତ ଅଡିଟୋରିୟମ୍ ଇସ୍ପାତ ସହରର ଜୀବନ୍ତ ସାମାଜିକ ସାଂସ୍କୃତିକ ଗତିଧାରାକୁ ଅଧିକ ବଳିଷ୍ଠ ଗଢିବାରେ ସହଯୋଗ କରିବ।

## ଡାଲମିଆ ଭାରତ ଜିତିଲା ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ଆୱାର୍ଡସ୍



ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ତଥା ଚତୁର୍ଥ ବୃହତ୍ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ଭାରତ ଲିମିଟେଡକୁ 'କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଉତ୍କର୍ଷ' ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନଜନକ ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ଆୱାର୍ଡସ୍ ୨୦୨୨ ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଜନସମୁଦାୟଙ୍କ କଲ୍ୟାଣ ଏବଂ ସିମେଣ୍ଟ ଉତ୍ପାଦନ କ୍ଷେତ୍ରରେ ନିରନ୍ତର ସର୍ବୋତ୍ତମ କାର୍ଯ୍ୟାଭ୍ୟାସ ନିମନ୍ତେ କମ୍ପାନୀର ମଜଭୁତ ଏବଂ ଆନ୍ତରିକ ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରୁଛି । ଡଃ.ଅରବିନ୍ଦ ବୋଧାନକର, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଓ ହେଡ୍ ଇଏସ୍‌ଜି ଏବଂ ଚିଫ୍ ରିସ୍କ ଅଫିସର, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ସିମେଣ୍ଟ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ନୂଆଦିଲ୍ଲୀର ହୋଟେଲ ଅଶୋକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡକରୀଙ୍କ ନିକଟରୁ ଗ୍ରହଣ କରିଥିଲେ।

## ଭୁବନେଶ୍ୱରରେ ମୁଫ୍‌ତି ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରସ୍ଥିତ ସହିଦ ନଗର ଜନପଥଠାରେ ମୁଫ୍‌ତିର ୫ମ ବୃହତ୍ତମ ନୂତନ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ୮୦୦ ବର୍ଗଫୁଟ ବିଶିଷ୍ଟ ଏହି ନୂତନ ଷ୍ଟୋରଟି ସମସ୍ତଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ବାସ୍ତବତାର ରୂପ ଦେଇପାରିବ ବୋଲି ଆଶା କରାଯାଇଛି। ନିଜସ୍ୱ ଡିଜାଇନ୍ ଏବଂ ବିଶେଷ ସଂଗ୍ରହ ପାଇଁ ପ୍ରସିଦ୍ଧ ଲାଭ କରିଥିବା ଏହି ପ୍ରତିଷ୍ଠିତ ବ୍ରାଣ୍ଡ ସମଗ୍ର ଓଡ଼ିଶାରେ ଏହା ୧୫ତମ ଷ୍ଟୋର ହୋଇଥିବା ବେଳେ ଭୁବନେଶ୍ୱରଠାରେ ଏହାର ୫ମ ଷ୍ଟୋର ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ହସ୍ପିଟାଲର ଏମ୍.ଡି ପେଡିଆଟ୍ରିକ୍ସ ଡଃ ବିଶ୍ୱଜିତ୍ ମିଶ୍ର ଏବଂ ବରିଷ୍ଠ ଚାଇଲ୍ଡ ସ୍ପେସିଆଲିଷ୍ଟ ଡଃ ଅଭିଜିତ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଷ୍ଟୋରଟିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଷ୍ଟୋରର କିଛି ଅଫର ମଧ୍ୟ ଉପଲବ୍ଧ ରହିଛି ଯାହା କି ଷ୍ଟୋରର ମାଲିକ ସଞ୍ଜୟ ନରୁଲା ସୂଚନା ଦେଇଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଷ୍ଟୋରର ଫ୍ରାଞ୍ଚାଇଜ୍ ନେଇଥିବା ସଞ୍ଜୟ ନରୁଲା, ନିର୍ମଳା ରାଣୀ ନରୁଲା, ଷ୍ଟୋର ମ୍ୟାନେଜର ପ୍ରଶାନ୍ତ ସାମଲ, ଉମେଶ ଅଗ୍ରୱାଲ ଏବଂ ମୁଫ୍‌ତିର ଆସିଷ୍ଟାଣ୍ଡ ଭାଇସ୍ ପ୍ରେସିଡେଣ୍ଟ ମାନିକ ଶର୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଆମାଜନ୍ ଫ୍ରେସ୍‌ରେ ବିଭିନ୍ନ ମ୍ୟାଙ୍ଗୋ ଫିଏଷ୍ଟା ବଜାରରେ ଉପଲବ୍ଧ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆମାଜନ ଫ୍ରେସର ମ୍ୟାଙ୍ଗୋ ଫିଏଷ୍ଟା ନେଇଆସିଛି ବିଭିନ୍ନ ଅଂଚଳରୁ ବ୍ୟାପକ ଶ୍ରେଣୀୟ ଉଚ୍ଚମାନର ଆମ୍ବ । ପ୍ରତ୍ୟେକରେ ରହିଛି ସ୍ୱତନ୍ତ୍ର ସ୍ୱାଦ ଓ ଫ୍ଲେଭର ସହିତ ଆକର୍ଷଣୀୟ ଡିଲର ସୁଯୋଗ। ଏହା ରତ୍ନଗିରି ଆଲଫୋନସୋରୁ ପାଇପାରିବେ । ଏହା ସହିତ ରହିଛି ବାଇଗଣପଲ୍ଲୀ ବା ଉତ୍କୃଷ୍ଟ ଓ ଫାଇବରଲେସ ଥୋଥାପୁରୀ, ଜୁସି ବାଦାମୀ ଆମ୍ବ, ଭିଟାମିନରେ ଭରପୁର ସଫେଦା / ବାଇଗଣପଲ୍ଲୀ ଆମ୍ବ, ସୁଇଟ ସିନ୍ଧୁରା (ଲାଲବାଗ) ଆମ୍ବ । ଲୋକପ୍ରିୟ ଭେରାଇଟି ସହିତ ଆମାଜନ ଫ୍ରେସ ଗ୍ରାହକମାନଙ୍କର ଆଂଚଳିକ ପସନ୍ଦ ଆବଶ୍ୟକତାକୁ ମଧ୍ୟ ପୂରଣ କରୁଛି ଯେଉଁଥିରେ ବାଙ୍ଗାଲୋରରେ ଥିବା ଅଧିବାସୀଙ୍କ ପାଇଁ ରହିଛି ପେଡ୍ଡା ରସମ, କାଲାପଡ଼ ଓ ଚେରୁକୁରାସମ, ମୁମ୍ବାଇରେ ଥିବା ଗ୍ରାହକଙ୍କ ପାଇଁ ଥୋଥାପୁରୀ ଏବଂ ସିନ୍ଧୁରା ରହିଛି । ଏହି ଫିଏଷ୍ଟା ସମୟରେ ଗ୍ରାହକମାନେ ବିଭିନ୍ନ ସୁବିଧାକୁ ଉପଭୋଗ କରିବା ସହିତ ବ୍ୟାଙ୍କ ଅଫର, କ୍ୟାଶବ୍ୟାକ ଓ ରିୱାର୍ଡ ଉପରେ ୧୦% ପର୍ଯ୍ୟନ୍ତ ଡିସକାଉଣ୍ଟ ଲାଭ କରିପାରିବେ । ବାଙ୍ଗାଲୋର, ଦିଲ୍ଲୀ, ଫରିଦାବାଦ, ଗୁଡ଼ଗାଓଁ, ଗଜିଆବାଦ, ନୋଇଡା, ଅହମ୍ମଦାବାଦ, ମହୀଶୂର, ଜୟପୁର, ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ପୁନେ, କୋଲକାତା, ଇନ୍ଦୋର ଏବଂ ଚଣ୍ଡୀଗଡ଼ ଭଳି ୫୦ରୁ ଅଧିକ ସହରରେ ଥିବା ଗ୍ରାହକମାନେ ଉଚ୍ଚ ଗୁଣବତାର ସତେଜ ଆମ୍ବ ଉପଭୋଗ କରିପାରିବେ ।

# ଖେଳ ଖବର



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାରେ ଆୟୋଜିତ ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ପ୍ରମୋଦ ଖେଳିଥିବା ୩ଟି ଯାକ ବର୍ଗ (ଏକକ, ମିଶ୍ରିତ ଓ ପୁରୁଷ ଯୁଗଳ)ରେ ବିଜୟୀ ହୋଇଛନ୍ତି। ପୁରୁଷ ଏକକରେ ସେ ୨୧-୧୨, ୨୧-୧୨ରେ ଇଂଲଣ୍ଡର ୱିଲିୟମ ସ୍ମିଥ୍‌ଙ୍କୁ ପରାସ୍ତ କରିଥିଲେ। ମିଶ୍ରିତ ଯୁଗଳରେ ସେ ଓ ତାଙ୍କ ସାଥୀ ମନୀଷା ରାମଦାସ ୨୧-୧୨, ୨୧-୧୧ରେ ଚୀନ୍ ଯୋଡ଼ି ଜିଓଙ୍ଗ ଲିଚୁଆଁ ଓ ଲି ଟଙ୍ଗଟଙ୍ଗଙ୍କୁ ହରାଇଥିଲେ। ପୁରୁଷ ଯୁଗଳରେ ସୁକାନ୍ତ କଦମଙ୍କୁ ସହ ମିଶି ପ୍ରମୋଦ ୨୧-୧୭, ୨୧-୯ରେ ଅନ୍ୟ ଏକ ଭାରତୀୟ ଯୋଡ଼ି ବିଟୁ କୁମାର ଓ ହେମନ୍ତ ଠାକୁରଙ୍କୁ ମାତ୍ ଦେଇଥିଲେ। ଏହି ପ୍ରତିଯୋଗିତାରେ ଭାଗନେଇଥିବା ଅନ୍ୟ ଦୁଇ ଓଡ଼ିଶା ଖେଳାଳି ଦୀପ ରଂଜନ ବିଶୋଇ ଓ ଦିଲେଶ୍ୱର ରାଓ ଏକକରେ ହାରିଯାଇଛନ୍ତି।



## ଦିନିକିଆ ବିଶ୍ୱକପ୍: ଅହମ୍ମଦାବାଦରେ ଉଦ୍‌ଘାଟନୀ ଓ ଫାଇନାଲ ମ୍ୟାଚ୍

# ଅକ୍ଟୋବର ୧୫ରେ ଭାରତ-ପାକିସ୍ତାନ ଲଢ଼େଇ



ନୂଆଦିଲ୍ଲୀ: ଚଳିତ ବର୍ଷ ଅକ୍ଟୋବର - ନଭେମ୍ବର ମାସରେ ଅନୁଷ୍ଠିତ ହେବ ୫୦ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ବିଶ୍ୱକପ। ଏଥିରେ ଭାଗ ନେବେ ୧୦ ଦଳ। ଆଇସିସି ଦିନିକିଆ ମାନ୍ୟତା ଆଧାରରେ ୮ ଦଳ ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ବାଂଲାଦେଶ , ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ସିଧା ସଳଖ ବିଶ୍ୱକପ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ଅବଶିଷ୍ଟ ଦୁଇ ଦଳ ଜିମ୍ବାୱେରେ ଅନୁଷ୍ଠିତ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ସଫଳ ହୋଇ ନିଜର ସ୍ଥାନ ହାସଲ କରିବେ। ଆସନ୍ତା ଜୁନ-ଜୁଲାଇ ମାସରେ ଜିମ୍ବାୱେରେ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୧୯୯୬ ବିଶ୍ୱକପ ଚାମ୍ପିଅନ ଶ୍ରୀଲଙ୍କା ଓ ୧୯୭୫ ଏବଂ ୧୯୭୯ ବିଶ୍ୱକପ ଟାଇଟଲ ହାସଲକାରୀ ୱେଷ୍ଟଇଣ୍ଡିଜ ସହିତ ଓମାନ, ନେଦରଲାଣ୍ଡ, ନେପାଳ,ସ୍କଟଲାଣ୍ଡ, ୟୁନାଇଟେଡ ଆରବ ଏମିରେଟ୍ସ ଓ ଆୟୋଜକ ଜିମ୍ବାୱେ ମଧ୍ୟରେ ମୁକାବିଲା ହେବ। ଆସନ୍ତା ଅକ୍ଟୋବର ମାସ ୫ ତାରିଖରୁ ଆରମ୍ଭ ହେବ ବିଶ୍ୱକପର ମୁଖ୍ୟ ପ୍ରତିଯୋଗିତା। ନଭେମ୍ବର ୧୯ ତାରିଖରେ ଅନୁଷ୍ଠିତ ହେବ ଫାଇନାଲ ମ୍ୟାଚ। ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ୧୦ ଦଳ ପରସ୍ପର ମଧ୍ୟରେ ୯ ଲେଖାଏଁ ଲିଗ ମ୍ୟାଚ ଖେଳିବେ। ସେହିପରି ସମସ୍ତ ମ୍ୟାଚକୁ ମିଶାଇ ମୋଟ ୪୮ ମ୍ୟାଚ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଗୁଜରାଟର ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବିଶ୍ୱକପ ଉଦଘାଟନୀ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ବିଶ୍ୱକପର ମ୍ୟାଚ କାର୍ଯ୍ୟସୂଚୀ ଏ ପର୍ଯ୍ୟନ୍ତ ଘୋଷଣା କରା ଯାଇନାହିଁ। ଚଳିତ ବର୍ଷର ଆଇପିଏଲ ମେ ୨୮ ତାରିଖ ଦିନ ସମାପ୍ତ ହେବା ପରେ ଆଇସିସି ଓ ବିସିସିଆଇ ମଧ୍ୟରେ ଆଲୋଚନା ହୋଇ କାର୍ଯ୍ୟସୂଚୀ ଚୂଡ଼ାନ୍ତ ସହ ଆନୁଷ୍ଠାନିକ ଘୋଷଣା କରାଯିବ। ଅହମ୍ମଦାବାଦ ବ୍ୟତିତ କୋଲକାତା, ଦିଲ୍ଲୀ, ଇନ୍ଦୋର, ଧର୍ମଶାଳା, ଗୌହାଟି, ରାଜକୋଟ, ରାଇପୁର, ଚେନ୍ନାଇ, ହାଇଦ୍ରାବଦ, ବେଙ୍ଗାଲୁର ଓ ମୁମ୍ବାଇରେ ଦିନିକିଆ ବିଶ୍ୱକପର ମ୍ୟାଚ ଆୟୋଜନ କରିବା ପାଇଁ ଆପାତଃ ସ୍ଥିର କରା ଯାଇଛି। ତେବେ ପଞ୍ଜାବର ମୋହାଲି ଓ ମହାରାଷ୍ଟ୍ରର ନାଗପୁରରେ ବିଶ୍ୱକପର କୌଣସି ମ୍ୟାଚ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ନାହିଁ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଗୋଟିଏ ସେମିଫାଇନାଲ ମ୍ୟାଚ ଆୟୋଜନ କରାଯିବ। ବିଶ୍ୱକପ ଉଦଘାଟନୀ ମ୍ୟାଚରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଭାରତ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ ଖେଳି ବିଶ୍ୱକପ ଅଭିଯାନ ଆରମ୍ଭ କରିବାକୁ ଥିବା ବେଳେ ଅକ୍ଟୋବର ୧୫ ତାରିଖ ଦିନ ଅହମଦାବାଦରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ ହାଇଭୋଲଟେଜ ମ୍ୟାଚ। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ପାକିସ୍ତାନ ଏସିଆ କପ ଆୟୋଜନ କରିବା ସୁଯୋଗ ପାଇଥିବା ବେଳେ ଭାରତ ସେଠାରେ ଖେଳିବା ପାଇଁ ମନା କରିବା ପରେ ପାକିସ୍ତନରୁ ଏସିଆ କପ ହଟାଇ ଦିଆ ଯାଇଛି। ତେଣୁ ଶ୍ରୀଲଙ୍କାରେ ଏହା ଆୟୋଜନ କରାଯିବା ସମ୍ଭାବନା ରହିଛି। ଭାରତ ଏସିଆ କ୍ପ ଖେଳିବା ପାଇଁ ପାକିସ୍ତାନ ନ ଗଲେ ଏହାର ପାଲଟା ଜବାବ ଦେଇ ପାକିସ୍ତାନ ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଭାରତ ଆସିବ ନାହିଁ ବୋଲି ପୂର୍ବରୁ ଧମକ ଦେଇଥିଲା। ମାତ୍ର ଏସିଆ କପର ଭବିଷ୍ୟତ ବର୍ତ୍ତମାନ ଅନ୍ୟତ୍ର ଘୁଞ୍ଚାଇ ଦିଆ ଯାଇଥିବା ବେଳେ ପାକିସ୍ତାନ ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଭାରତ ଆସିବ ବୋଲି ଜଣଶ ପଡିଛି। ତେବେ ପାକିସ୍ତାନ ଅହମଦାବାଦରେ ଭାରତ ବିପକ୍ଷ ମ୍ୟାଚ ଖେଳିବ କି ନାହିଁ ତାହା ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ କୌଣସି ପ୍ରତିକ୍ରିୟା ଜଣଶ ପଡିନାହିଁ। ମାତ୍ର ଅନ୍ୟ ସମସ୍ତ ମ୍ୟାଚ ପାକିସ୍ତାନ ଚେନ୍ନାଇ, ବେଙ୍ଗାଲୁର ଓ କୋଲକାତାରେ ଖେଳିବା ସମ୍ଭାବନା ରହିଛି।

## ଆୟର୍ଲାଣ୍ଡ-ବାଂଲାଦେଶ ପ୍ରଥମ ଦିନିକିଆ ବର୍ଷା ଯୋଗୁଁ ବାତିଲ

# ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକାର ସୁଯୋଗ ସୃଷ୍ଟି



ନୂଆଦିଲ୍ଲୀ: ବାଂଲାଦେଶ ଓ ଆୟର୍ଲାଣ୍ଡ ମଧ୍ୟରେ ଇଂଲିଶ କାଉଣ୍ଟି କ୍ଲବ ଏସେକ୍ସର ହେର୍ଡ କ୍ୱାର୍ଟର ଚେମସଫର୍ଡ ଠାରେ ବୁଧବାର ଅନୁଷ୍ଠିତ ହେବାକୁ ଥିବା ଚଳିତ ଦିନିକିଆ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇ ଯିବା ଫଳରେ ଦକ୍ଷିଣ ଆଫ୍ରିକା ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ୫୦ ଓଭର ବିଶିଷ୍ଟ ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଅଷ୍ଟମ ଦଳ ଭାବେ ସୁଯୋଗ ସୃଷ୍ଟି କରିଛି। କାରଣ ବାଂଲାଦେଶ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ସିରିଜର ସମସ୍ତ ମ୍ୟାଚରେ ଆୟର୍ଲାଣ୍ଡ ବିଜୟୀ ହୋଇଥିଲେ ଆଇସିସି ଦିନିକିଆ ସୁପର ଲିଗ୍ ମାନ୍ୟତାର ୧୧ତମ ସ୍ଥାନରୁ ଅଷ୍ଟମ ସ୍ଥାନକୁ ଆସିବା ସମ୍ଭାବନା ଥିଲା। ମାତ୍ର ପ୍ରଥମ ମ୍ୟାଚ ବାତିଲ ହେବା ପରେ ଆୟର୍ଲାଣ୍ଡ ହାତରୁ ଏହି ସୁଯୋଗ ଖସିଗଲା। ସିରିଜର ଅବଶିଷ୍ଟ ୨ ମ୍ୟାଚରେ ଆୟର୍ଲାଣ୍ଡ ବିଜୟୀ ହେଲେ ମଧ୍ୟ ଦକ୍ଷିଣ ଆଫ୍ରିକାର ଅଷ୍ଟମ ସ୍ଥାନ ପ୍ରତି କୌଣସି ବିପଦ ସୃଷ୍ଟି କରି ପାରିବ ନାହିଁ। ତେଣୁ ଆୟର୍ଲାଣ୍ଡ ବର୍ତ୍ତମାନ ଆଗାମୀ ଦିନିକିଆ ବିଶ୍ୱକପର ଅବଶିଷ୍ଟ ଦୁଇ ସ୍ଥାନ ପାଇଁ ଜୁନ ୧୯ରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଜିମ୍ବାୱେରେ ଅନୁଷ୍ଠିତ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡିବ।

## ଆଇପିଏଲ୍: ଦିଲ୍ଲୀର ଶୋଚନୀୟ ପରାଜୟ

# ବିଜୟ ସହ ଚେନ୍ନାଇ ସ୍ଥିତି ଦୃଢ଼

ଚେନ୍ନାଇ: ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଚେନ୍ନାଇ ସୁପରକିଙ୍ଗସ ନିଜର ଦ୍ୱିତୀୟ ସ୍ଥାନ ସ୍ଥିତିକୁ ଅଧିକ ମଜବୁତ କରିପାରିଛି। ବୁଧବାର ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୨୭ ରନରେ ପରାସ୍ତ କରିଛି ଚେନ୍ନାଇ ସୁପରକିଙ୍ଗସ। ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ଚେନ୍ନାଇ ୮ ୱିକେଟ ବିନିମୟରେ କରିଥିଲା ୧୬୭ ରନ। ଦଳର କୌଣସି ବ୍ୟାଟର ୩୦ ରନ କରିପାରି ନଥିଲେ ହେଁ ଓପନର ଋତୁରାଜ ଗାଏକ୍ୱାର୍ଡ ୨୪, ଅଜିଙ୍କ୍ୟ ରାହାଣେ ୨୧, ଶିଭମ ଦୁବେ ୨୫, ଅମ୍ବାତି ରାଇଡୁ ୨୩, ରବିନ୍ଦ୍ର ଜାଡେଜା ୨୧ ଓ ମହେନ୍ଦ୍ର ସିଂ ଧୋନି ୨୦ ରନ କରିବା ଫଳରେ ଚେନ୍ନାଇ ଏକ ଲଢୁଆ ସ୍କୋର କରିପାରିଥିଲା। ଦିଲ୍ଲୀ ପକ୍ଷରୁ ମିଚେଲ ମାର୍ଶ ସର୍ବାଧିକ ୩ ୱିକେଟ ଅକ୍ତିଆର କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ୧୬୮ ବିଜୟ ଟାର୍ଗେଟକୁ ପିଛାକରି ପାରମ୍ଭରୁ ଶକ୍ତ ଝଟକା ଖାଇଥିଲା। ଅଧିନାୟକ ତଥା ଓପନର ଡେଭିଡ ୱାର୍ଣ୍ଣର ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିବା ବେଳେ ଗତ ମ୍ୟାଚର ହିରୋ ଫିଲସ୍ ସଲ୍ଟ ୧୭, ମିଚେଲ ମାର୍ଶ ୫ ରନ କରି ଆଉଟ ହୋଇଥିଲେ। ତେବେ ମନିଶ ପାଣ୍ଡେ ୨୭ ଓ ରିଲି ରୋଶୟୁ ୩୫ ରନ କରିବା ଫଳରେ ଦିଲ୍ଲୀର ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା। ଶେଷ ପର୍ଯ୍ୟାୟରେ ଅକ୍ଷର ପଟେଲ ୨୧ ରନ କରି ଆଉଟ ହେବା ପରେ ଦିଲ୍ଲୀର ବିଜୟ ଆଶା ମଉଳି ଯାଇଥିଲା। ଚେନ୍ନାଇ ବୋଲିଂକୁ ମୁକାବିଲା କରିବାରେ ବିଫଳ ହୋଇ ଦିଲ୍ଲୀ ପ୍ୟାପିଟାଲ୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ କରିଥିଲା। ଚେନ୍ନାଇ ପକ୍ଷରୁ ମାଥିସା ପାଥିରାନା ସର୍ବାଧିକ ୩ ୱିକେଟ ଅକ୍ତିଆର କରିଥିଲେ। ଚେନ୍ନାଇ ୧୨ ମ୍ୟାଚରୁ ୧୫ ପଏଣ୍ଟ ହାସଲ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଦିଲ୍ଲୀ ୧୧ ମ୍ୟାଚରୁ ୮ ପଏଣ୍ଟ ପାଇଁ ସର୍ବନିମ୍ନ ସ୍ଥାନରେ ରହିଛି।

# ବିଶ୍ୱ ବକ୍ସିଂ ଇତିହାସ ରଚିଲେ ଦୀପକ ଓ ନିଶାନ୍ତ

ନୂଆଦିଲ୍ଲୀ: ଭରତୀୟ ବକ୍ସର ଦୀପକ ଭୋରିଆ(୫୧କେଜି), ନିଶାନ୍ତ ଦେବ (୭୧କେଜି)ଓ ମହମ୍ମଦ ହୁସାମୁଦ୍ଦିନ (୫୭କେଜି) ରଚିଲେ ନୂଆ ଇତିହାସ। ଉଜବେକିସ୍ତାନର ତାସକେଣ୍ଟ ଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନଶିପରେ ବିଜୟ ଧାରା ବଜାୟ ରଖି ସେମି ଫାଇନାଲରେ ପ୍ରବେଶ ସହିତ ପ୍ରଥମ ଥର ପାଇଁ ତିନି ପଦକ ଜିତିବା ନିଶ୍ଚିତ କରିଛନ୍ତି। ସେମି ଫାଇନାଲରେ ଏମାନେ ପରାସ୍ତ ହେଲେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିବା ପାଇଁ ହକଦାର ହୋଇ ପାରିବେ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ଭାରତର ଏହି ତିନି ବକ୍ସର ବିଜୟ ଲାଭ କରିଛନ୍ତି। ନିଶାନ୍ତ ଦେବ କ୍ୱାର୍ଟରଫାଇନାଲ ମୁକାବିଲାରେ କ୍ୟୁବାର ଜର୍ଜ କୁଏଲାରଙ୍କୁ ୫-୦ରେ ଚକମା ଦେଇଥିବା ବେଳେ ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡାରେ କାଂସ୍ୟ ପଦକ ବିଜେତା ଅହମ୍ମଦ ହୁସାମୁଦ୍ଦିନ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବୁଲଗାରିଆର ଜେ ଡିଆଜ ଇବାନେଜଙ୍କ ବିପକ୍ଷରେ ୪-୩ ବିଜୟ ହାସଲ କରିଛନ୍ତି। ସେହିପରି ଦୀପକ ଭୋରିଆ ମଧ୍ୟ ନିଜର ବିଜୟ ଧାରା ବଜାୟ ରଖି କ୍ୱାର୍ଟର 'ଇନାଲ ମୁକାବିଲାରେ କିରଗିଜସ୍ତାନ ବକ୍ସର ନୁରଜିଗିତ ଦିୟୁଶେଭାବେଙ୍କୁ ୫-୦ ବ୍ୟବଧାନରେ ହରାଇ ଶେଷ ୪ ବକ୍ସରଙ୍କ ମଧ୍ୟରେ ସ୍ଥାନ ପକ୍କା କରି ନେଇଛନ୍ତି। ସୂଚନା ଯୋଗ୍ୟ ଯେ ମଙ୍ଗଳବାର ଅନୁଷ୍ଠିତ ପ୍ରାକ କ୍ୱାଁର ଫାଇନାଲ ଲଢ଼େଇରେ ଦୀପକ ଦମଦାର ପ୍ରଦର୍ଶନ କରି ଚୀନର ଝାଙ୍ଗ ଜିମାଓଙ୍କୁ ୫-୦ରେ ପରାସ୍ତ କରିଥିବା ବେଳେ ରାଉଣ୍ଡ ୧୬ର ଅନ୍ୟ ଏକ ମୁକାବିଲାରେ ନିଶାନ୍ତ ଦେବ ପାଲେଷ୍ଟାଇନର ଫୋକ୍ୱା ନିଦାଲଙ୍କୁ ପ୍ରଥମ ରାଉଣ୍ଡରେ ହିଁ ନକ୍ ଆଉଟ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

# ଗ୍ରୀଷ୍ମକାଳୀନ ଟିଟି ଓ ଚେସ୍ ପ୍ରଶିକ୍ଷଣ ଶିବିର ଉଦଘାଟିତ




ଯୋଡ଼ା, (ଭାସ୍କର ନ୍ୟୁଜ): ଟାଟା ଡିଏଭି ଓ କେନ୍ଦୁଝର ଜିଲ୍ଲା ଟେବୁଲ ଟେନିସ ଓ ଚେସ ଆସୋସିଏସନ୍‌ର ମିଳିତ ଆନୁକୁଲ୍ୟରେ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ ଖେଳାଳି ମାନଙ୍କୁ ମାନସିକ ଓ ଶାରୀରିକ ବିକାଶ ସହ ବୈଷୟିକ୍ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ପ୍ରଶିକ୍ଷକ ଶ୍ରୀଯୁକ୍ତ ଶଶିକାନ୍ତ ଚୌରାଶିଆ ପ୍ରକାଶ କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ଶ୍ରୀଯୁକ୍ତ ହରିଶ ଦାସ ଉପସ୍ଥିତ ଥିଲେ। ସେହିପରି ଚେସର ପ୍ରଶିକ୍ଷକ ଶ୍ରୀଯୁକ୍ତ ଦେବୀ ପ୍ରସାଦ ନାୟକ ନିଜର ମତ ରଖିଥିଲେ। ଏହି ଶିବିର କୁ ପ୍ରିନ୍ସପାଲ ବି . ଶାଇ ଶିବା ଉଦଘାଟନ କରିଥିଲେ। ଜିଲ୍ଲା ଚେସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ ଓ ଟିଟି ଆସୋସିଏସନର କୋଷାଧକ୍ଷ ଗୋପାଳ ଚନ୍ଦ୍ର ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ମେ ୧୨ ତାରିଖ ପ୍ରଯ୍ୟନ୍ତ ଚାଲିବ ବୋଲି ସଂଯୋଜକ ବିଶ୍ୱରଂଜନ ପାଢ଼ୀ ପ୍ରକାଶ କରିଥିଲେ। ଆଜିର ଏହି ଶୁଭାରମ୍ଭ ଉତ୍ସବରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# ରୋହିତ ଶର୍ମାଙ୍କ ଆଉ ଏକ ଅଲୋଡା ବ୍ୟାଟିଂ ରେକର୍ଡ

ନୂଆଦିଲ୍ଲୀ: ମୁମ୍ବାଇ ଇଣ୍ଡିଆନସ୍ ଫ୍ରାଞ୍ଚାଇଜର ଅଧିନାୟକ ରୋହିତ ଶର୍ମା ଆଇପିଏଲ ଇତିହାସର ସବୁଠାରୁ ସଫଳ ଖେଳାଳି ଭାବେ ପାଞ୍ଚଥର ଟାଇଟଲ ହାସଲ କରିଥିଲେ ହେଁ ଚଳିତ ବର୍ଷ ଆଇପିଏଲରେ ଦୁଇ ଅଲୋଡା ରେକର୍ଡ ପ୍ରତିଷ୍ଠା କରି ଚର୍ଚ୍ଚା ପରିସରକୁ ଆସିଛନ୍ତି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ରୋହିତ ଅନ୍ୟ ଖେଳାଳିଙ୍କ ତୁଳନାରେ ସର୍ବାଧିକ ୧୬ ଥର ୦ରେ ଆଉଟ ହୋଇ ଥିବା ବେଳେ ଚଳିତ ବର୍ଷର ଆଇପିଏଲରେ ପାଞ୍ଚଥର ମଧ୍ୟ ସିଙ୍ଗଲ ଡିଜିଟରେ ଆଉଟ ହେବାର ଏକ ନିଆରା ଅଲୋଡା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗତକାଲି ରୟାଲ ଚାଲେଞ୍ଜର୍ସ ବିପକ୍ଷ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶାନ ଓ ନେହାଲ ୱାଧେରାଙ୍କ ଦମଦାର ବ୍ୟାଟିଂ ବଳରେ ବିଜୟୀ ହୋଇ ଥିଲେ ହେଁ ରୋହିତ କେବଳ ୭ ରନ କରି ଆଉଟ ହୋଇଥିଲେ। ଏହା ପୂର୍ବରୁ ୪ ମ୍ୟାଚରେ ସେ ୨,୩,୦,୦ କରି ଆଉଟ ହୋଇ ଥିଲେ। ତେଣୁ ତାଙ୍କ ପରି ଜଣେ ଅଭିଜ୍ଞ ଖେଳାଳି ପାଞ୍ଚ ମ୍ୟାଚରେ ଫେଲ ମାରି ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ନ ପହଞ୍ଚ ପାରିବା ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଯୋଗ୍ୟ ଯେ ୨୦୧୭ ଆଇପିଏଲରେ ମଧ୍ୟ ରୋହିତ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ୪ ମ୍ୟାଚରେ ବିଫଳ ହୋଇ ୩,୨,୪ ଓ ୦ ରନରେ ଆଉଟ ହୋଇଥିଲେ।

On the Occasion of Sabitri Brata
SPECIAL HANDLOOM EXPO - 2023
ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ
ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୩
Ekamra Haat, Unit -III, Bhubaneswar
Upto 21.05.2023 at 11.00 AM to 9.00 PM
AVAIL SPECIAL GOVT. DISCOUNT
Organised by :
SAMBALPURI BASTRALAYA
HANDLOOM CO-OPERATIVE SOCIETY LTD.
Sponsored by
Handlooms, Textiles & Handicrafts Department
Government of Odisha

ଓଡିଶା ସରକାର
ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୁଚନା

XXVIII-04

ପରିପତ୍ର ସଂଖ୍ୟା 1435 ତାରିଖ 26.04.2023

ଯେହେତୁ ଓଡିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଏକ ସର୍ବଜାନୀନ ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲାର ତୃତିୟ ରେଳଧାରଣା ପ୍ରକଳ୍ପ ନିର୍ମାଣ ପାଇଁ 1/700 ରୁ 6/700 କିଲୋମିଟର ରାୟଗଡା-କେରେଡା ରୋଡ ( ରାୟଗଡା-ଲଡା ମଧରେ ) ଷାନାନ୍ତରର ଭୁଅଧିଗ୍ରହଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government ) ସରକାରି ବ୍ୟୟରେ ମୌଜା ପିତାମହଲ ଥାନା-ରାୟଗଡା, ତହସିଲ-ରାୟଗଡା ଜିଲ୍ଲା ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ଋକବା ଏ 3.8896 ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି I

ତେଣୁ ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ- ଅର୍ଜନ,ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, 2013 ( RFCLTR & R Act-2013 ) ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦ୍ୱାରା ନିମ୍ନ ଅନୁସୁଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୁଚନା ଜାରି କରାଯାଉଛି I

ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ- ଅର୍ଜନ,ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, 2013 ର 11(1) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ I

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୁଚିତ ଜମିର ଉପଯୋଗିତା ଋକବା ଏବଂ ସାର୍ବଜାନିନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର 60 ଦିନ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିପାରିବେ I

### ପ୍ରକଳ୍ପ ସମ୍ବନ୍ଧିୟ ବିବରଣୀ

1. ସାର୍ବଜାନିନ ଉଦ୍ଦେଶ୍ୟର ସ୍ୱରୁପ :- ରାୟଗଡା-କେରେଡା ରୋଡ( ରାୟଗଡା-ଲଡା ମଧରେ ) ଷାନାନ୍ତରର ପ୍ରକଳ୍ପ ନିର୍ମାଣ ନିମନ୍ତେ
2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- କାର୍ଯ୍ୟନିର୍ବାହି ଯନ୍ତ୍ରୀ,ରାୟଗଡା ସାର୍ବଜନୀନ କାର୍ଯ୍ୟ ବିଭାଗ-1
3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜାନିନ ଉଦ୍ଦେଶ୍ୟରେ ଦୋହରି କରଣ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା
4. ସାମାଜିକ ପ୍ରଭାବ ମୁଲ୍ୟାୟନର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ SIA study published final assessment report vide No 1180/ Dtd 11/11/2022 of Collector, Rayagada ଦ୍ରଷ୍ଟବ୍ୟ
5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲାପାଳ ରାୟଗଡା
6. ଜମିର ବିବରଣି :-

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ଋକବା | ଅଧିସୁଚିତ ଜମିର ଋକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ରାୟଗଡା | ରାୟଗଡା | ପିତାମହଲ | ଗ୍ରାମାଞ୍ଚଳ | 20/129 | 7/219 | 0.300 | 0.170 | ଏଥି ସହ ସଂଲଗ୍ନ ଅଛି |
| | | | | 20/130 | 7/220 | 0.300 | 0.170 | ଏଥି ସହ ସଂଲଗ୍ନ ଅଛି |
| | | | | 14 | 108 | 1.820 | 0.150 | ଏଥି ସହ ସଂଲଗ୍ନ ଅଛି |
| | | | | 20/120 | 6/216 | 0.400 | 0.265 | ଏଥି ସହ ସଂଲଗ୍ନ ଅଛି |
| | | | | 20/121 | 6/217 | 0.400 | 0.265 | ଏଥି ସହ ସଂଲଗ୍ନ ଅଛି |
| | | | | 20/122 | 6/218 | 0.400 | 0.265 | ଏଥି ସହ ସଂଲଗ୍ନ ଅଛି |
| | | | | 20/131 | 7/221 | 0.800 | 0.373 | ଏଥି ସହ ସଂଲଗ୍ନ ଅଛି |
| | | | | 20/160 | 7 | 0.700 | 0.332 | ଏଥି ସହ ସଂଲଗ୍ନ ଅଛି |
| | | | | | 8/257 | 0.080 | 0.040 | |
| | | | | 20/18 | 107 | 2.170 | 0.030 | ଏଥି ସହ ସଂଲଗ୍ନ ଅଛି |
| | | | | 20/289 | 109/386 | 2.440 | 0.68 | ଏଥି ସହ ସଂଲଗ୍ନ ଅଛି |
| | | | | 20/4 | 6 | 0.020 | 0.020 | ଏଥି ସହ ସଂଲଗ୍ନ ଅଛି |
| | | | | | 7 | 0.435 | 0.435 | |
| | | | | | 8 | 2.092 | 0.500 | |
| | | | | 20/440 | 8/523 | 0.0160 | 0.0160 | ଏଥି ସହ ସଂଲଗ୍ନ ଅଛି |
| | | | | 20/472 | 8/553 | 0.030 | 0.030 | ଏଥି ସହ ସଂଲଗ୍ନ ଅଛି |
| | | | | 20/481 | 8/562 | 0.0320 | 0.0320 | ଏଥି ସହ ସଂଲଗ୍ନ ଅଛି |
| | | | | 20/483 | 7/408/564 | 0.0825 | 0.04333 | ଏଥି ସହ ସଂଲଗ୍ନ ଅଛି |
| | | | | 20/484 | 7/408 | 0.0825 | 0.0433 | ଏଥି ସହ ସଂଲଗ୍ନ ଅଛି |
| | | | | 20/493 | 8/562/571 | 0.030 | 0.030 | ଏଥି ସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରି ରାୟଗଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳି ପାରିବ I

ଉକ୍ତ ଅଧିସୁଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ ) କିମ୍ବା ଦାୟ ସୃଷ୍ଟି ରାୟଗଡା ଜିଲ୍ଲାପାଳଙ୍କ ପୁର୍ବାନୁମୋଦନ ବିନା କରାଯାଇପାରିବ ନାହିଁ I

ରାଜ୍ୟପାଳଙ୍କ ଆଦେଶ କ୍ରମେ
26/4/23
ଜିଲ୍ଲାପାଳ,ରାୟଗଡା

### ( ଭୂମି ଅଧିଗ୍ରହଣ ଅନୁସୁଚି )

ରାୟଗଡା-କେରେଡା ରୋଡ( ରାୟଗଡା-ଲଡା ମଧରେ ) ଷାନାନ୍ତରର ପ୍ରକଳ୍ପ ନିର୍ମାଣ ନିମନ୍ତେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣି
ମୌଜା :- ପିତାମହଲ, ତହସିଲ :- ରାୟଗଡା,ଥାନା –ରାୟଗଡା, ଜିଲ୍ଲା-ରାୟଗଡା
ବ୍ୟକ୍ତିଗତ ଜମି

| କ୍ର.ନଂ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ଋକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ଋକବା ( ଏକର) | କିସମ | ରୟତଙ୍କ ନାମ,ପିତାଙ୍କ ନାମ/ସ୍ୱାମିଙ୍କ ନାମ |
|---|---|---|---|---|---|---|
| 1 | 20/129 | 7/219 | 0.300 | 0.170 | ଡଙ୍ଗର ଦୁଇ | କତାକୋଟା ଭାରତି, ସ୍ୱାମି- କତାକୋଟା ଗୌରିଶଙ୍କର ରାଓ |
| 2 | 20/130 | 7/220 | 0.300 | 0.170 | ଡଙ୍ଗର ଦୁଇ | ତାଙ୍ଗୁଟୁ ଉଷାରାଣି, ସ୍ୱାମି ତାଙ୍ଗୁଟୁ ଭାସ୍କର ରାଓ |
| 3 | 14 | 108 | 1.820 | 0.150 | ଡଙ୍ଗର ଦୁଇ | ମାଣ୍ଡାଙ୍ଗି ସାଙ୍ଗା ପି- ମାଣ୍ଡାଙ୍ଗି ବଂଯା |
| 4 | 20/120 | 6/216 | 0.400 | 0.265 | ଡଙ୍ଗର ଏକ | ଗେମ୍ବାଲି ରବିନ୍ଦ୍ର ପ୍ରସାଦ ପି- ରେମ୍ବାଲି ସାମ୍ବାମୁର୍ତ୍ତୀ |
| 5 | 20/121 | 6/217 | 0.400 | 0.265 | ଡଙ୍ଗର ଏକ | ଗେମ୍ବାଲି ସୁଦର୍ଶନ ରାଓ ପି- ଗେମ୍ବାଲି ସାମ୍ବାମୁର୍ତ୍ତୀ |
| 6 | 20/122 | 6/218 | 0.400 | 0.265 | ଡଙ୍ଗର ଏକ | ଗେମ୍ବାଲି କିଶୋର କୁମାର ପି- ଗେମ୍ବାଲି ସାମ୍ବାମୁର୍ତ୍ତି |
| 7 | 20/131 | 7/221 | 0.800 | 0.373 | ଡଙ୍ଗର ଏକ | ଗେମ୍ବାଲି କୁସୁମ କୁମାରୀ ପି- ଗେମ୍ବାଲି ସାମ୍ବାମୁର୍ତ୍ତି |
| 8 | 20/160 | 7 | 0.700 | 0.332 | ଡଙ୍ଗର ଏକ | ସମାଞ୍ଚଳ ରାଉତ ପି- ବିନାୟକ ରାଉତ |
| | | 8/257 | 0.080 | 0.040 | ଡଙ୍ଗର ଏକ | |
| 9 | 20/18 | 107 | 2.170 | 0.030 | ଡଙ୍ଗର ଦୁଇ | ହରିହର ରାଜଗୁରୁ ମହାପାତ୍ର, ବଳଭଦ୍ର ରାଜଗୁରୁ ମହାପାତ୍ର ପି- ବାସୁଦେବ ରାଜଗୁରୁ ମହାପାତ୍ର |
| 10 | 20/289 | 109/386 | 2.440 | 0.680 | ଘରବାରି | ଭି ଶ୍ରୀନୀବାସ ରାଓ ପି- ଭି ଭେଙ୍କେଟ ରାଓ |
| 11 | 20/4 | 6 | 0.020 | 0.020 | ଡଙ୍ଗର ଏକ | ମାନାପାଟି ମହେଶ୍ୱର ରାଓ ପି- ମାନାପାଟି ସୁବାୟା |
| | | 7 | 0.435 | 0.435 | ଡଙ୍ଗର ଏକ | |
| | | 8 | 2.092 | 0.500 | ଡଙ୍ଗର ଏକ | |
| 12 | 20/440 | 8/523 | 0.0160 | 0.0160 | ଘରବାରି | ବାସନ୍ତି ବେହେରା ସ୍ୱା-ମହେଶ୍ୱର ବେହେରା |
| 13 | 20/472 | 8/553 | 0.030 | 0.030 | ଡଙ୍ଗର ଏକ | ଦିପ୍ତିମୟୀ ସାହୁ ସ୍ୱା- ସନ୍ତୋଷ ନିମାଳପୁରୀ |
| 14 | 20/481 | 8/562 | 0.0320 | 0.0320 | ଡଙ୍ଗର ଏକ | ପୁର୍ଣ୍ଣିମା ନିଳଗିରି ସ୍ୱାମି- ଜଦୁ ନିଳଗିରି |
| 15 | 20/483 | 7/408/564 | 0.0825 | 0.04333 | ଘରବାରି | ପୁର୍ଣ୍ଣିମା ନିଳଗିରି ସ୍ୱାମି- ଜଦୁ ନିଳଗିରି |
| 16 | 20/484 | 7/408 | 0.0825 | 0.0433 | ଘରବାରି | ଭେଙ୍କେଟ ରାଓ ଡଲ୍ଲା ପି- ଡଲ୍ଲା ସନ୍ୟାସାୟା |
| 17 | 20/493 | 8/562/571 | 0.030 | 0.030 | ଡଙ୍ଗର ଏକ | ଦେବାଶିଷ ସାମଲ ପି- ପୂର୍ଣ୍ଣ ଚନ୍ଦ୍ର ସାମଲ |

OIPR 24169/14/0004/2324

ଭୂ ଅର୍ଜନ ଅଧିକାରୀ ତଥା ତହସିଲଦାର,
ରାୟଗଡା



ପୁଦିନା ହେଉଛି ଏପରି ଏକ ଗଛ ଯେଉଁଥିରେ ଭରି ରହିଛି ଭରପୁର ଔଷଧୀୟ ଗୁଣ । ଯାହା ସତେଜରେ ପରିପୂର୍ଣ୍ଣ । ସେଥିପାଇଁ ପୁଦିନା ସହିତ ପ୍ରସ୍ତୁତ ଜିନିଷଗୁଡ଼ିକ ଆପଣଙ୍କୁ ବହୁତ ସତେଜ ଅନୁଭବ କରେ। ଲୋକମାନେ ସାଧାରଣତଃ ପୁଦିନାରୁ ଚଟନି ତିଆରି କରି ଏହାକୁ ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ଯଦି ଆପଣ ଚାହିଁବେ, ପୁଦିନା ସହ ସ୍କିନ୍ କେୟାର ମଧ୍ୟ ସାମିଲ୍ କରିପାରିବେ । ଯାହା ଗ୍ରୀଷ୍ମ ଋତୁରେ ଆପଣଙ୍କ ଚର୍ମକୁ ଥଣ୍ଡା ରଖିବାରେ ସାହାଯ୍ୟ କରିବ। କେବଳ ଏତିକି ନୁହେଁ, ଏହା ଚର୍ମରେ ଥିବା ରେଡ୍‌ନେସ୍ କିମ୍ବା କୁଞ୍ଚନ ଭଳି ସମସ୍ୟା ମଧ୍ୟ ଦୂର କରିବା ସହ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ପ୍ରତିଦିନ ରାତିରେ ପୁଦିନା ପତ୍ରରେ ପ୍ରସ୍ତୁତ ଫେସ୍ ମାସ୍କ ପ୍ରୟୋଗ କରିବା ଦ୍ୱାରା ଚର୍ମରେ ଜମା ହୋଇଥିବା ସମସ୍ତ ଧୂଳି ଏବଂ ମଇଳା ସହଜରେ ଅପସାରିତ ହୋଇଥାଏ ।





## ମୁମ୍ବାଇ ପରେ ହାଇଦ୍ରାବାଦରେ ନୂଆ ଘର କିଣିଲେ ସାମନ୍ଥା

ସାଉଥ୍ ଇଣ୍ଡଷ୍ଟ୍ରିର ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ସାମନ୍ଥା ରୁଥ୍ ପ୍ରଭୁ। ସୁନ୍ଦର ଚେହେରା ସାଙ୍ଗକୁ ସୁନ୍ଦର ଅଭିନୟ ପାଇଁ ବେଶ୍ ଜଣାଶୁଣା ସେ। ତାଙ୍କର ଅପକମିଂ ଫିଲ୍ମ 'ଖୁସି'କୁ ନେଇ ସେ ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ଏଇ ନିକଟରେ ସେ ମୁମ୍ବାଇରେ ଏକ ଘର କିଣିଥିବା ଖବର ପ୍ରକାଶ ପାଇଥିଲା । ଏବେ ସାମନ୍ଥା ହାଇଦ୍ରାଦରେ ପୁଣି ଏକ ଘର କିଣିଛନ୍ତି। ମଙ୍ଗଳବାର ଦିନ ହାଇଦ୍ରାବାଦର ଜୟାଭେରି ଅରେଞ୍ଜ କଣ୍ଟ୍ରି ଅଞ୍ଚଳରେ ଏକ ୩ ବିଏଚ୍‌କେ ଡୁପ୍ଲେକ୍ସ ଆପାର୍ଟମେଣ୍ଟ କିଣିଛନ୍ତି । ଯାହାର ମୂଲ୍ୟ ୭.୮ କୋଟି ଟଙ୍କା। ରିୟଲ ଇଷ୍ଟେଟ ଡାଟା ଅନୁସାରେ, ସେଠାରେ ସିଆର୍‌ଇ ମାଟ୍ରିକ୍ସ ସହ ୬ ପାର୍କିଂ ସ୍ଲଟ୍ ରହିଛି ଏବଂ ଉକ୍ତ ଘରଟି ୭୯୪୪ ବର୍ଗଫୁଟ ବିଶିଷ୍ଟ । ଏଥିସହ ଜୁବିଲି ହିଲ୍‌ରେ ତାଙ୍କର ୧୦୦ କୋଟିର ଏକ ଆଲିଶାନ ବଙ୍ଗଳା ରହିଛି । ଯେଉଁଠାରେ ସେ ଆଗାରୁ ନାଗାଙ୍କ ସହିତ ରହୁଥିଲେ। ଏହା ପୂର୍ବରୁ ସାମନ୍ଥାଙ୍କ ହାଇଦ୍ରାବାଦରେ ଅନ୍ୟ ଏକ ଘର ରହିଛି। ଯାହାକୁ ସେ ୧୫ କୋଟି ଟଙ୍କାରେ କିଣିଥିଲେ। ଏଥିସହ ତାଙ୍କ ପାଖରେ ବିଏମ୍‌ଡବ୍ଲ୍ୟୁ ୭ ସିରିଜ୍, ଲ୍ୟାଣ୍ଡ ରୋଭର, ରେଞ୍ଜ ରୋଭର, ଭୋଗ ଭଳି ଦାମୀ କାର୍ ରହିଛି।




## ମେ' ୧୩ରେ ରାଘବ-ପରିଣୀତିଙ୍କ ନିର୍ବନ୍ଧ

ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚା ସତ ହେବାକୁ ଯାଉଛି। ଆପ୍ ସାଂସଦ ରାଘବ ଚଡ୍ଡା ଓ ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ଖୁବଶୀଘ୍ର ବାହା ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ମେ' ୧୩ ଅର୍ଥାତ ଶନିବାର ଦିନ ଉଭୟ ବିଧିବଦ୍ଧ ଭାବେ ନିର୍ବନ୍ଧ କରିବେ। ଜାତୀୟ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଛି। ଏହି ନିର୍ବନ୍ଧ କାର୍ଯ୍ୟକ୍ରମ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିରେ ଉଭୟଙ୍କ ପରିବାର ଓ ବନ୍ଧୁଙ୍କୁ ମିଶାଇ ମୋଟ ୧୫୦ଜଣ ସାମିଲ ହେବେ। ବିବାହ କେବେ ହେବ ସେନେଇ ଏପର୍ଯ୍ୟନ୍ତ କୌଣସି ତାରିଖ ପ୍ରକାଶ କରାଯାଇ ନାହିଁ, ହେଲେ କଳ୍ପନାଜଳ୍ପନା କରାଯାଉଛି ଯେ ଉଭୟେ ଚଳିତ ବର୍ଷ ଶେଷରେ ବିବାହ କରିପାରନ୍ତି । ଏନ୍‌ଗେଜମେଣ୍ଟ ପାଇଁ ଦୁହେଁ ଦିଲ୍ଲୀ ଯାଉଥିବା ବେଳର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଉଭୟଙ୍କୁ ଏକାଠି ବିମାନ ବନ୍ଦରରେ ଦେଖିବାକୁ ମିଳିଛି।



## ଓଡ଼ିଶାରେ ପୁଷ୍ପା



୨୦୨୧ରେ ବକ୍ସ ଅଫିସ୍‌ରେ ଏକାଧିକ ରେକର୍ଡ କରିଥିଲା ପୁଷ୍ପା। ସାଉଥ୍‌ର ସୁପର ଡୁପର ହିଟ୍ ଫିଲ୍ମ 'ପୁଷ୍ପାରାଜ' ପ୍ରଥମ ଭାଗ ବିପୁଳ ସଫଳତା ପାଇବା ପରେ ପୁଷ୍ପା-୨କୁ ଆହୁରି ଲୋକପ୍ରିୟ କରିବା ପାଇଁ ଲାଗି ପଡିଛନ୍ତି ମେକର ଟିମ୍ । ପୁଷ୍ପା-୨ର ସୁଟିଂ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ରିଲିଜ୍ ହୋଇଛି ପୁଷ୍ପା-୨ର ଟ୍ରେଲର । ପୋଲିସ ହାତରେ ମରିନି ପୁଷ୍ପା । ୮ଟି ଗୁଳି ଖାଇ ମଧ୍ୟ ବଞ୍ଚିଛି । ପୁଷ୍ପା ତା'ର ର୍ୟାକେଟ୍ ପୁଣି ଚଳାଇବ । ଯାହାକୁ ପୋଲିସ ତନତନ କରି ଖୋଜୁଛି, ସେ ଯାଇ ଆନ୍ଧ୍ର-ଓଡ଼ିଶା ବର୍ଡରରେ । ଓଡ଼ିଶା ସୀମାନ୍ତରେ ଏହି ଘଞ୍ଚ ଜଙ୍ଗଲ ଭିତରୁ ରକ୍ତ ଚନ୍ଦନ କାଠ ଗଣ୍ଡି ଧରି ନଦୀ ପାର କରିବ ପୁଷ୍ପାରାଜ । ଗ୍ରାଣ୍ଡ ଏଣ୍ଟ୍ରି କରି ପୁଣି ଚମକାଇ ଦେବ ସମସ୍ତଙ୍କୁ । ପୁଣି କହିବ- 'ପୁଷ୍ପା ନାମ୍ ଶୁଣକେ ଫ୍ଲାୱାର ସମଝା କ୍ୟା, ଫ୍ଲାୱାର ନହିଁ ଫାୟାର ହେ ହମ୍'।

'ପୁଷ୍ପା ଦ ରୁଲ୍' ଚଳଚ୍ଚିତ୍ରର ସୁଟିଂ ପୂର୍ବରୁ ପ୍ରସ୍ତୁତି ମାଲକାନଗିରି ଜିଲ୍ଲାରେ ଜୋରସୋରରେ ଚାଲିଛି। କାଲିମେଲା ବ୍ଲକ୍‌ରେ ପ୍ରବାହିତ ସିଲେରୁ ନଦୀକୂଳରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଜିଠାରୁ ସେଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି, ପାର୍ଶ୍ୱ କଳାକାର ନିଜ ନିଜ ସିନ୍ ଅଭ୍ୟାସ କରୁଛନ୍ତି। ତେଣୁ ସେଟ୍‌ରେ ହିଁ କଳାକାରଙ୍କ ପୋଷାକ ତିଆରି କରାଯାଉଛି। ଏଥିପାଇଁ ରାଜ୍ୟ ବାହାରୁ ଆସିଥିବା ଟିମ୍ ଏଠାରେ କ୍ୟାମ୍ପ କରିଛି। ଯାହାଫଳରେ, ଗହଳି ବଢ଼ିଯିବାରୁ ସୁରକ୍ଷା ଦୃଷ୍ଟିରୁ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି। ଖବର ଅନୁଯାୟୀ, ମୈତ୍ରୀ ମୁଭି ମେକର୍ସ ପକ୍ଷରୁ ନିର୍ମିତ ଏହି ଚଳଚ୍ଚିତ୍ରର ସୁଟିଂ ସିଲେରୁ ନଦୀକୂଳରେ ହେବ। ଏଥିପାଇଁ ଗତକାଲି ଟ୍ରକ୍‌ରେ ନକଲି ଚନ୍ଦନ କାଠ, ନକଲି ଗଛ ଓ ପଥର ଆସିଥିଲା। ଆଜି ସକାଳୁ ଷ୍ଟେଜ୍ ପାଇଁ ଆବଶ୍ୟକ ସାମଗ୍ରୀ, କ୍ୟାମେରା, ଟ୍ରାଇପଡ୍, ରିଫ୍ଲେକ୍ଟର, ମାଇକ୍ରୋଫୋନ୍, ମନିଟର, ସାଉଣ୍ଡବକ୍ସ ଆଦି ପହଞ୍ଚିଥିଲା। ଜେନେରେଟର, ମେକ୍‌ଅପ୍ ଭ୍ୟାନ, ଭ୍ୟାନିଟି ଭ୍ୟାନ, ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିଛି। ସେଟ୍ ନିର୍ମାଣ, ପୋଷାକ ତିଆରି ଏବଂ ବୈଷୟିକ ସହାୟତା ନିମନ୍ତେ ୨ଶହ ଜଣିଆ ଟିମ୍ ଲୋକେସନ୍‌ରେ ପହଞ୍ଚି ନିଜ ନିଜ କାମ ଆରମ୍ଭ କରିଛନ୍ତି। ଆଜି ପାର୍ଶ୍ୱ କଳାକାରମାନେ ଜଙ୍ଗଲରୁ କାଟିଥିବା ଗଛକୁ ନଦୀ ପାର୍ କରାଇବା ଏବଂ ପୁଲିସ ତାହାକୁ ଜବତ ପାଇଁ ଚେଷ୍ଟା କରିବା ଦୃଶ୍ୟର ଅଭ୍ୟାସ କରିଥିଲେ। ତେଣୁ ସ୍ଥାନୀୟ ଲୋକଙ୍କୁ ମଧ୍ୟ କିଛି ଅଭ୍ୟାସ ସିନ୍‌ରେ ସୁଯୋଗ ଦିଆଯାଇଥିଲା। ବିଶ୍ୱସ୍ତ ସୂତ୍ର ଅନୁସାରେ ନଦୀକୂଳରେ ସପ୍ତାହେ ଧରି ସୁଟିଂ ଚାଲିବ। ଏଥିପାଇଁ ମୋଟୁ ଥାନା ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ସେହିପରି, ନଦୀର ଅନ୍ୟପଟେ ଆନ୍ଧ୍ରପ୍ରଦେଶ ପୁଲିସ ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି।










## ସ୍ୱାମୀଙ୍କ ବିରୋଧରେ ଏଫ୍‌ଆଇଆର୍ ଦେଲେ ଚନ୍ଦ୍ରିକା

'ସିଆଇଡି' ଫେମ୍ ଚନ୍ଦ୍ରିକା ସାହା ତାଙ୍କ ୧୫ ମାସର ଶିଶୁକୁ ପିଟିବା ଅଭିଯୋଗରେ ସ୍ୱାମୀ ଅମନ ମିଶ୍ରାଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି। ନିକଟରେ ଚନ୍ଦ୍ରିକା ତାଙ୍କ ଶିଶୁକୁ ଡାକ୍ତରଖାନା ନେଇଥିଲେ। ଏହା ପରେ ସେ ମୁମ୍ବାଇର ବଙ୍ଗୁର ନାଗର ପୋଲିସ ଷ୍ଟେସନରେ ତାଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଚନ୍ଦ୍ରିକା ଅମନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଯେ ସେ ୧୫ ମାସର ଶିଶୁକୁ ତିନିଥର ଚଟାଣରେ ଫିଙ୍ଗି ଦେଇଛନ୍ତି। ଅଭିନେତ୍ରୀ କହିଛନ୍ତି ଯେ ଅମନ ନିଜ ସନ୍ତାନର ଜନ୍ମକୁ ନେଇ ଖୁସି ନୁହଁନ୍ତି। ଚନ୍ଦ୍ରିକା ତାଙ୍କ ଅଭିଯୋଗରେ କହିଛନ୍ତି, ତାଙ୍କ ପିଲା କାନ୍ଦୁଥିବାର ଏବଂ ତା'ଦେହରେ ଆଘାତ ଲାଗିଥିବାର ସେ ଦେଖିଥିଲେ। ଫୁଟେଜ୍ ଦେଖିବା ପରେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ସ୍ୱାମୀ ପିଲାଟିକୁ ତିନିଥର ଚଟାଣରେ ପକାଇଛନ୍ତି। ଶିଶୁଟିକୁ ମାଲାଡ ୱେଷ୍ଟର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଅନୁଯାୟୀ, ଚନ୍ଦ୍ରିକାଙ୍କ ଅମନଙ୍କ ଉପରେ ଜୁଭେନାଇଲ୍ ଜଷ୍ଟିସ୍ (କେୟାର ଆଣ୍ଡ ପ୍ରୋଟେକସନ୍ ଅଫ୍ ଶିଶୁ) ଅଧିନିୟମର ୨୦୧୫ ଧାରା ୭୫ ଅନୁଯାୟୀ ଶିଶୁ ଉପରେ ଆକ୍ରମଣ କରିବାର ମାମଲା ଦାଖଲ କରିଛନ୍ତି। ବର୍ତ୍ତମାନ ଅଧିକ ତଦନ୍ତ ଚାଲିଛି। ଚନ୍ଦ୍ରିକା ପୋଲିସକୁ ଏହା ମଧ୍ୟ କହିଛନ୍ତି ଯେ ଅମନ ତାଙ୍କୁ ଗର୍ଭପାତ କରାଇବାକୁ କହିଥିଲେ। କିନ୍ତୁ ଡାକ୍ତରଙ୍କ ପରାମର୍ଶରେ ପିଲାଟିକୁ ରଖିବାକୁ ସ୍ଥିର କଲେ ଏବଂ ବର୍ତ୍ତମାନ ଅମନ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



## ସୁସ୍ଥ ରହିବେ ମନ ଖୋଲି ହସିଲେ



ହସିଲେ ରୋଗ ମୁକ୍ତ ହେବା କଥା ଆମେ ସମସ୍ତେ ଜାଣିଛେ, ମାତ୍ର ଏହାକୁ କେତେ ମାତ୍ରାରେ କାମରେ ଲଗାଉଛେ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା। ହସ ଏକ ଏପରି ଔଷଧ ଯାହା ଦ୍ୱାରା କଠିନରୁ କଠିନତମ ରୋଗକୁ ଦୂରେଇ ଦିଆ ଯାଇପାରେ। ଅଧିକାଂଶ ପରିବାରରେ ବଡ଼ ପାଟି କରି ହସିବା ଉପରେ କଟକଣା ରହିଥାଏ। ମାତ୍ର ଆପଣ ଏପରି ଆଦୌ ବି କରନ୍ତୁ ନାହିଁ। ଯଦି ଆପଣଙ୍କ ଘରେ କେହି ଖୋଲା ହୃଦୟରେ ଶବ୍ଦ କରି ହସୁଛନ୍ତି ତେବେ ତାଙ୍କୁ ହସିବାକୁ ଦିଅନ୍ତୁ ଓ ନିଜେ ତାହାକୁ ଉପଭୋଗ କରନ୍ତୁ। ହସିବା ଦ୍ୱାରା ଏଣ୍ଡୋର୍ଫିନ ନାମକ ଏକ ହରମୋନ୍ ଶରୀରରୁ ନିର୍ଗତ ହୋଇଥାଏ, ଯାହାଦ୍ୱାରା ଆପଣ ଆନନ୍ଦ ଅନୁଭବ କରିଥାନ୍ତି। ଏହି ହରମୋନ୍ ଆପଣଙ୍କୁ ମାନସିକ ଚାପରୁ ମୁକ୍ତି ଦେଇଥାଏ। ହସିବା ଦ୍ୱାରା ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ସବୁବେଳେ ହସୁଥିବା ଲୋକଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍ ଓ ଷ୍ଟ୍ରୋକ୍‌ର ସମ୍ଭାବନା କମ୍ ଥାଏ। ହସିବା ଦ୍ୱାରା ଆପଣଙ୍କ ଶରୀରରେ ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇଥାଏ। ଯଦି ଆପଣଙ୍କୁ ନିଦ ଆସିବାରେ ସମସ୍ୟା ହେଉଛି ତେବେ ଆପଣ ହସିବା ଆରମ୍ଭ କରିଦିଅନ୍ତୁ। ହସିବା କେବଳ ସ୍ୱାସ୍ଥ୍ୟ ନୁହେଁ, ବରଂ ସୌନ୍ଦର୍ଯ୍ୟ ପାଇଁ ବି ଜରୁରୀ। ଭଲ ହସୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ନିଦ୍ରାହୀନତା ପରି ସମସ୍ୟା ପ୍ରାୟ କମ୍ ଦେଖାଯାଏ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

# ରାଜ୍ୟ ଖବର



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିତୁକୁଳି ପଞ୍ଚାୟତ ସ୍ଥିତ ଟିକାତାଳ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା କମ୍ୟୁନିଷ୍ଟ ନେତା କେଲୁ ଶ୍ରୀଚନ୍ଦନଙ୍କ ସ୍ମୃତି ଚାରଣ ସଭା ଶିକ୍ଷାବିତ ଅଇଁଠୁ ରଣଜିତସିଂହଙ୍କ ସଭାପତିତ୍ୱରେ ବୁଧବାର ନିଜ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇ ସ୍ୱର୍ଗତ ଶ୍ରୀଚନ୍ଦନଙ୍କ ବହୁମୁଖୀ ପ୍ରତିଭା ଓ ଅଂଚଳରେ ଚାଷୀ ମୂଲିଆଙ୍କ ପାଇଁ କରିଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଜଣେ ଦୂରଦର୍ଶୀ ଓ ଲଢୁଆ ବ୍ୟକ୍ତି ଥିଲେ ବୋଲି ମତ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ଭାବେ ଅବସର ଗ୍ରହଣ ପରେ କମ୍ୟୁନିଷ୍ଟ ଆନ୍ଦୋଳନରେ ସାମିଲ ହୋଇ ଚାଷୀ ମୂଲିଆ ଓ ଆଦିବାସୀଙ୍କ ହକ ପାଇଁ କାମ କରିଥିଲେ । ଅନ୍ୟଅତିଥି ମାନଙ୍କ ମଧ୍ୟରେଐତିହାସିକ ରବୀନ୍ଦ୍ର ପରିଡ଼ା,ବାଲ୍ମୀକ ବଳିଆୟସିଂହ,ଶିକ୍ଷାବିତ ରାଜକିଶୋର ବ୍ରହ୍ମା, ଗଙ୍ଗାଧର ଜେନା, ପୂର୍ବତନ ସରପଞ୍ଚ କାଲୁ ଗୁମାନସିଂହ,କୁମୁଦିନୀ ପାଇକରାୟ,ପ୍ରମୋଦ ପ୍ରତାପସିଂହ, ସଚିକାନ୍ତ ପଟ୍ଟନାୟକ, ଅମିୟ ପଟ୍ଟନାୟକ, ଲକ୍ଷ୍ମଣ ସେଠୀ ପରୀକ୍ଷିତ ମାଝୀ, ପ୍ରମୁଖଙ୍କ ସହ ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତା ଓ କମ୍ୟୁନିଷ୍ଟ ପାର୍ଟିର ବହୁ ନେତା ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

## ପ୍ରେମ ପାଇଁ ଚାଲିଗଲା ଜୀବନ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଅନ୍ତର୍ଗତ ରାଣୀଓଳା ପଞ୍ଚାୟତ ଅନ୍ତର୍ଗତ ପଦାତିରା ଗ୍ରାମର ବିଶ୍ୱରଂଜନ ସ୍ୱାଇଁ (ବିଶୁ)ଙ୍କର ଗତ ୩ଦିନ ତଳେ କଟକ ବଡ଼ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଅକାଳ ବିୟୋଗ ହୋଇଯାଇଛି। ଏହି ମୃତ୍ୟୁ ଖବର ଜଣାପଡ଼ିବା ପରେ ସମଗ୍ର ରାଣୀଓଳା ପଞ୍ଚାୟତରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ତାଙ୍କର ପିତା ଗୋପୀନାଥ ସ୍ୱାଇଁ ଏ ନେଇ ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି କି ତାଙ୍କ ପୁଅ ଦୀର୍ଘ ୨ବର୍ଷ ହେବ ରାଇଟଦୋଳ ଗ୍ରାମର ଗୋପାଳ ମହାନ୍ତିଙ୍କ ଝିଅକୁ ଭଲପାଇ ଆସୁଥିଲା। ମାତ୍ର ଝିଅର ପିତାମାତା ଏହି କିଛିଦିନ ତଳେ ମାତ୍ର ୧୬ବର୍ଷର ଝିଅକୁ ଭୁବନେଶ୍ୱର ଏକ ପୁଅ ସହ ଗୁପ୍ତ ଭାବେ ବିବାହ କରାଇ ଦେଇଥିଲେ। ଏହି ଖବର ତାଙ୍କ ପୁଅ ବିଶୁ ଜାଣିବା ପରେ ଅତ୍ୟନ୍ତ ବିବ୍ରତ ହୋଇପଡ଼ିଥିଲା। ଗତ ୨୯ ଅପ୍ରେଲରେ ଏକ ଦଶାହ କର୍ମରେ ଯୋଗଦେବାକୁ ଉଭୟ ବାପପୁଅ କର୍ସଦା ପଞ୍ଚାୟତର କବିଚନ୍ଦ୍ରପୁର ପିଉଷୀ ଘରକୁ ଯାଇଥିଲେ। ସେହିଦିନ ଶେଳଦା ଗ୍ରାମରୁ ଏକ ବର ଶୋଭାଯାତ୍ରା କବିଚନ୍ଦ୍ରପୁରକୁ ଯାଉଥିଲା। ସେହି ବରଯାତ୍ରୀ ଦଳରେ ବିଶୁ ଭଲ ପାଇଥିବା ଝିଅର ବାପା, ଦାଦା ଆଦି ଅନେକ ରାଇଟଦୋଳ ଲୋକ ଯାଇଥିଲେ। ସେମାନଙ୍କ ସହ ବିଶୁର ଦେଖା ହୋଇଯିବାରୁ ସେମାନେ ବିଶୁକୁ ଧମକାଇ କହିଥିଲେ କି ତୁ ଆମ ଝିଅ ବିଷୟରେ ଆଉ ମୁଣ୍ଡ ପୁରାଇଲେ ତୋତେ ଜିବନରୁ ମାରିଦେବୁ। ବିଶୁ ଏହି କଥାର ପ୍ରତିବାଦ କରିବାରୁ ୫ରୁ ୭ଜଣ ଯୁବକ ତାକୁ ମାରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କର ବାପା ଗୋପୀନାଥ ସ୍ଥାନୀୟ ଲୋକଙ୍କ ସହଯୋଗରେ ବିଶୁକୁ ସେଠାରୁ ଉଦ୍ଧାର କରି ଗାଁକୁ ନେଇଯାଇଥିଲେ। ଏଥିରେ ବିଶୁ ମ୍ରିୟମାଣ ହୋଇ ତାଙ୍କ ଘରେ ଥିବା କୌଣସି ବିଷାକ୍ତ ପଦାର୍ଥ ପିଇ ଦେଇଥିଲେ। ଯାହାଫଳରେ କି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଅଡ଼ସପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିଲା। କିନ୍ତୁ ଗତ ୭ ମେ ରାତ୍ରୀ ୨ଘଟିକା ସମୟରେ ଆଇ.ସି.ୟୁରେ ଚିକିତ୍ସାଧିନ ଅବସ୍ଥାରେ ବିଶୁଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଶବ ସତ୍କାର କରିବାପରେ ବିଶୁଙ୍କ ବାପାଙ୍କଠୁ ଲିଖିତ ଅଭିଯୋଗ ପାଇବା ପରେ ନିଆଳି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗତକାଲି ନିଆଳି ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ସଦର ଏସ୍.ଡି.ପି.ଓ ଓ କସର୍ଦା ଫାଣ୍ଡି ଅଧିକାରୀ, ନିଆଳି ସି.ଡି.ପି.ଓଙ୍କ ସମେତ ଏକ ପୋଲିସ ଟିମ୍ ବିଶ୍ୱରଂଜନ ଘରେ ପହଞ୍ଚି ତାଙ୍କ ବାପାଙ୍କ ବୟାନ ରେକର୍ଡ କରିବା ସହ, ରାଇଟଦୋଳ ଓ କବିଚନ୍ଦ୍ରପୁରରେ ତଦନ୍ତ ସାରି ଫେରିଯାଇଛନ୍ତି। ଖୁବ୍ ଶିଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି। ବିଶ୍ୱରଂଜନ ମାତ୍ର ୨୮ବର୍ଷର ଯୁବକ ହୋଇଥିବାବେଳେ ସେ ଜଣେ ଭଲ କ୍ରିକେଟିୟର ଓ ଭାରିଯାନ ଚାଳକ ମଧ ଥିଲେ।

## ମାଗଣା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯତ୍ନ ସେବା ପ୍ରଦାନରେ ବେଦାନ୍ତ ଆଲୁମିନିୟମର ବଦାନ୍ୟତା



ସୁନ୍ଦରଗଡ଼, (ଭାସ୍କର ନ୍ୟୁଜ୍): ବେଦାନ୍ତ ଲିମିଟେଡ, ଅଗ୍ରଣୀ ଆଲୁମିନିୟମ ନିର୍ମାତା ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଲୋକମାନଙ୍କ ପାଇଁ ମାଗଣା ଭ୍ରାମ୍ୟମାଣ ମୋବାଇଲ ସ୍ୱାସ୍ଥ୍ୟସେବାକୁ ପ୍ରସାର କରିଛି। ଏଥିରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ବିଶେଷଜ୍ଞ ମେଡିକାଲ ଟେକନିସିଆନ ମାନେ ରୋଗୀଙ୍କୁ ଚିକିତ୍ସା ପରାମର୍ଶ, ରକ୍ତ ଚାପ ପରୀକ୍ଷା ଓ ସାଧାରଣ ରୋଗ ପରିଚାଳନା ଦିଗରେ ଉପଯୁକ୍ତ ପରାମର୍ଶ ଦେଉଛନ୍ତି। ସେବା ଗୁଡ଼ିକ ମାଗଣାରେ ଉପଲବ୍ଧ ହେଉଛି। ବର୍ତମାନ ସୁନ୍ଦରଗଡ଼ ଜିଲ୍ଲାର ଜାମଖାଣି, ଗରିସିମା, ଝରପଲମ, ଘୋଗରପଲ୍ଲୀ, ଭୋଗ୍ରାକଚର, ଲଡାପାଣି, ରେଙ୍ଗଲପାଣି, ଗର୍ଜଣ୍ଡୋର, ମେଣ୍ଡା, ମୁଣ୍ଡରଖେଟ୍, ବିଲାମୁଣ୍ଡା ବଜାର ଏବଂ ଲୁବାହାଲ୍ ପ୍ରଭୃତି ଗ୍ରାମରେ ଏହି ସୁବିଧା ପ୍ରଦାନ କରାଯାଉଛି। ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପରାମର୍ଶ, ଔଷଧ ପ୍ରଦାନ କରି ଏମଏଚଭି ପଦକ୍ଷେପ ୧୮୦୦ରୁ ଅଧିକ ଲୋକମାନଙ୍କୁ ସେବା ଯୋଗାଇଛି। ବେଦାନ୍ତ ଆଲୁମିନିୟମ ମଧ୍ୟ ଏହି ଅଂଚଳରେ ନିୟମିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଆସୁଛି। ମୋବାଇଲ ସ୍ୱାସ୍ଥ୍ୟ ସେବା ଜରିଆରେ ଲୋକମାନଙ୍କ ଠାରେ ରହିଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ନିରୂପଣ କରାଯାଇ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଉଛି। ଏହି ପଦକ୍ଷେପ ସଂପର୍କରେ ଭି. ଶ୍ରୀକାନ୍ତ, ସିଇଓ-ମାଇନ୍ସ, ବେଦାନ୍ତ ଆଲୁମିନିୟମ କହିଛନ୍ତିଯେ- ଆମ ଗୋଷ୍ଠୀର ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ଆମର ମୂଳ ଲକ୍ଷ୍ୟ। ଆମେ ଯେଉଁ ଅଂଚଳରେ କାମ କରୁଛୁ ସେହି ଅଂଚଳର ଉନ୍ନତ ସ୍ୱାସ୍ଥ୍ୟ ସେବା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛୁ। ଆମର ବହୁମୁଖୀ ପଦକ୍ଷେପ ଜରିଆରେ ଗ୍ରାମାଂଚଳର ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ଦୂର କରିବା ପାଇଁ ପ୍ରୟାସ ଜାରୀ ରଖିଛୁ। କମ୍ପାନିର ପ୍ରୟାସକୁ ପ୍ରଶଂସା କରି ଝରପଲମ ଗ୍ରାମର ସରପଂଚ ଚନ୍ଦ୍ରବା ମାଝୀ କହିଥିଲେ ଯେ ଝରପଲମ ପରି ଦୁର୍ଗମ ସ୍ଥାନରେ ଏମଏଚଭି ପ୍ରୋଗ୍ରାମ ଆମ ବାସିନ୍ଦାଙ୍କୁ ବହୁତ ସହାୟତା କରୁଛି। ଏହି ପଦକ୍ଷେପ ଜରିଆରେ ଆମ ଅଂଚଳର ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହୋଇପାରୁଛନ୍ତି। ବେଦାନ୍ତ ଲୋମାନଙ୍କ ଜୀବନରେ ପରିବର୍ତନ ଆଣିବାରେ ସାହାଯ୍ୟ କରିବ। ବେଦାନ୍ତ ଆଲୁମିନିୟମର ମାଇନଓ ବ୍ୟବସାୟ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ତୃଣମୂଳ କ୍ରୀଡ଼ା ଉପରେ ଧ୍ୟାନ ପ୍ରଦାନ କରି ଗୋଷ୍ଠୀର ବିକାଶ ଦିଗରେ କାର୍ଯ୍ୟ କରୁଛି। ଏହାର ଅନେକ ଗୁଡ଼ିଏ ପଦକ୍ଷେପ ଯଥା ଆଧୁନିକ ଅଙ୍ଗନବାଡ଼ି ମହିଳା ଓ ଶିଶୁ ବିକାଶ ପାଇଁ ଏକ ଗୋଷ୍ଠୀ ହବ ଭାବେ କାର୍ଯ୍ୟ କରୁଛି। ବେଦାନ୍ତ ସ୍ଥାନୀୟ ପ୍ରଶାସନ ସହଯୋଗରେ ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପକୁ ଗୋଷ୍ଠୀରେ ପ୍ରସାର କରୁଛି। ବିଭିନ୍ନ ଯୋଜନା ମାଧ୍ୟମରେ ଲୋକମାନଙ୍କ ଅର୍ଥନୈତିକ ଓ ସାମାଜିକ ଜୀବନରେ ସକାରାତ୍ମକ ପରିବର୍ତନ ଆଣିବାକୁ ଚେଷ୍ଟା କରୁଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୩ ରେ ୨.୨୯ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମର ର୍ୟାଙ୍କ ଡାଓ ଜୋନସ ସସଟାନବିଲିଟି ଇଣ୍ଡେକ୍ସ ୨୦୨୨ରେ ୨ୟ ର୍ୟାଙ୍କ ଧାରୀ ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା। ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଂଇନାରୀ କାର୍ଯ୍ୟ କରୁଛି। ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ଗ୍ରାମୀଣ ମୃତ୍ତିକା ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କର କୃଷି ବିଭାଗ ଦ୍ୱାରା ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକରେ ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଗଠନ ନାମରେ ତଅଁରା ପଞ୍ଚାୟତରେ ଆଜି ଗ୍ରାମୀଣ ମୃତ୍ତିକା ପରୀକ୍ଷା କେନ୍ଦ୍ରର ଶୁଭଉଦ୍ଘାଟନ କରାଯାଇଛି। ଏହି ଉଦ୍ଘାଟନ ଉତ୍ସବରେ ଭାରତ ସରକାରଙ୍କ କ୍ଷୁଦ୍ର ଚାଷୀ କୃଷି ବେପାର ସଂଗଠନର ନିର୍ଦ୍ଦେଶକ ନଟବର ପାଲ, ଜଗତସିଂହପୁର ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ମହାପାତ୍ର, ରଘୁନାଥପୁର ବ୍ଲକ କୃଷି ଅଧିକାରି ଜ୍ଞାନେନ୍ଦ୍ର ଦଳାଇ, ଗାୟତ୍ରୀ ସାହୁ ଜିଲ୍ଲା ମୃର୍ତ୍ତିକା ପରୀକ୍ଷା ଅଧିକାରି, ଲାଲ ସଙ୍ଗଠନର ସମ୍ପାଦକ କ୍ଷେତ୍ରମୋହନ ବେହେରା, ପ୍ରକଳ୍ପ ଅଧିକାରି ରଂଜନ କୁମାର ରାଉତ ଓ ସହ ପ୍ରକଳ୍ପ ଅଧିକାରି ସଞ୍ଜୀବ ରାଏ, ଲାଲ ସଂଗଠନର ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ ଅତିଥି ଭାବେ ଯୋଗଦେଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ମୃର୍ତ୍ତିକା ପରୀକ୍ଷଣ କେନ୍ଦ୍ର ଦ୍ୱାରା ମୁଖ୍ୟତଃ ରଘୁନାଥପୁର ବ୍ଲକର ପ୍ରାୟ ୮ଟି ପଞ୍ଚାୟତର ଚାଷୀମାନେ ପ୍ରତ୍ୟେକ୍ଷ ଭାବରେ ଉପକୃତ ହେବେ। ରେଢୁଆ, ତଅଁରା, ଅଢ଼େଇକୁଳ, ପୁରୁଣାବସନ୍ତ, ଚିକିଣିଆ, ଗୁଆଳିପୁର, ରାଢ଼ଙ୍ଗ ଓ ଏରଡ଼ଙ୍ଗା ସହିତ ଜଗତସିଂହପୁର ବ୍ଲକର ଅୟର ଓ ସମଙ୍ଗ ପଞ୍ଚାୟତର ଚାଷୀମାନେ ଉପକୃତ ହେବେ। ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳର ଚାଷୀଭାଇ ମାନେ ବିନା ମାଟି ପରୀକ୍ଷାରେ ଧାନ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପନିପରିବା ଚାଷ କରିଆସୁଥିଲେ। ପ୍ରକୃତ ମାଟିରେ କି କି ଖାଦ୍ୟସାର ଗୁଡ଼ିକର ଅଭାବ ଅଛି ତାହା ଜାଣିବା ସେମାନଙ୍କ ପକ୍ଷେ କଷ୍ଟସାଧ୍ୟ ଥିଲା କିନ୍ତୁ ଏହି ମୃର୍ତ୍ତିକା ପରୀକ୍ଷାଗାର ଦ୍ୱାରା ସେ ସମସ୍ୟା ସଂପୂର୍ଣ୍ଣ ରୂପେ ଦୂର ହୋଇଯିବ। ଚାଷୀ ତାର ମାଟିର ଠିକ୍ ଯତ୍ନ ନେବ ଏବଂ ରସାୟନିକ ଯୁକ୍ତ ସାରର ପ୍ରୟୋଗ କମ କରିବ। ମାଟିର ସ୍ୱାସ୍ଥ୍ୟ ଠିକ୍ ରହିଲେ ଉର୍ବରତା ବଢ଼ିବ ଏବଂ ଫସଲ ଭଲ ଅମଳ ହେବ। ଏହି କାର୍ଯ୍ୟକ୍ରମର ଆୟୋଜକ ମାନେ ହେଉଛନ୍ତି ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶିକା ଗଣ ଯଥା କୃଷ୍ଣପ୍ରିୟା ବିଶ୍ୱାଳ, ଶାନ୍ତିଲତା ଦ୍ୱିବେଦୀ, କାଦମ୍ବିନୀ ବେହେରା, ସବିତା ଶତପଥୀ, ସ୍ମିତାରାଣୀ ଖଟୁଆ, ଗୀତାଞ୍ଜଳି ଲେଙ୍କା, ରିନିକା ଜେନା, ଲକ୍ଷ୍ମୀପ୍ରିୟା ଦାଶ, ଶର୍ମିଷ୍ଠା ସ୍ୱାଇଁ, ରଞ୍ଜିତା ନାୟକ ଓ ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରି, ଅର୍ପିତା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ଭୁବନେଶ୍ୱରଙ୍କ ଆହ୍ୱାନ କ୍ରମେ, ଢେଙ୍କାନାଳ ଜିଲ୍ଲା ଶାଖା ତରଫରୁ ଦୀର୍ଘଦିନର ୫ ଦଫା ଦାବୀ ପୁରଣ ନିମନ୍ତେ ୨୦୧୮ ମସିହାରେ ଲିଖିତ ପ୍ରତିଶ୍ରୁତି ଦେଇ ମଧ, ତାହା ପୁରଣ କରିବାରେ ସରକାର ଚରମ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି । ଏହାର ପ୍ରତିବାଦ ସ୍ୱରୂପ ଆଜି ୧୦ ତାରିଖ ଠାରୁ କଳାବ୍ୟାଜ୍ ପରିଧାନ କରି ଆମ୍ଭ ଉପରେ ସରକାରଙ୍କ ତରଫରୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ଅନୁଯାୟୀ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ଜିଲ୍ଲାର ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘର ସମ୍ପାଦକ ଦୀପକ କୁମାର ରାଉତ, ସଂଗଠକ ଜ୍ୟୋତି ରଞ୍ଜନ ବରାଳ, କୋଷାଧକ୍ଷ ସନ୍ତୋଷ କୁମାର ସାମନ୍ତ, ବୁଥ୍ ଲିଡର ବିଦ୍ୟାଧର ବିଶ୍ୱାଳ, ତ୍ରିନାଥ ନାଏକ, ରୋହିତ ବେହେରା, ସୋମ୍ୟରଞ୍ଜନ ସାହୁ, ପ୍ରଭଞ୍ଜନ ନନ୍ଦ, ରମଣୀ ରଞ୍ଜନ ସାହୁଙ୍କ ଉପସ୍ଥିତିରେ ଜଣାଇ ଦିଆଗଲା ।ପ୍ରକାଶଥାଉକି, ଗ୍ରାମାଂଚଳ ଓ ସହରାଂଚଳର ତୃଣମୂଳ ସ୍ତରରେ ପ୍ରାଣୀ ସମ୍ପଦର ବିକାଶ, ସୁରକ୍ଷା ତଥା ଏହାର ସମ୍ପ୍ରସାରଣର ଦାୟିତ୍ୱ ତଥା ଏହି ବର୍ଗ (ଏଲ୍.ଆଇ ଓ ଭି.ଟି.)ମାନଙ୍କ ଉପରେ ନ୍ୟସ୍ତ । ୨୦୧୫ ମସିହାରେ ଆମ୍ଭ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ୨ ବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ ପ୍ରଚଳନ କରିଥିଲେ । କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ଯେ, ୫ ଦଫା ଦାବୀ ପୂରଣ କରିବା ତ ଦୂରର କଥା, ପ୍ରଚଳିତ ଥିବା ୨ ବର୍ଷିଆ ପାଠ୍ୟକ୍ରମକୁ ୧ ବର୍ଷ କରିବା ପାଇଁ ସରକାର ମସୁଧା ଚଳାଇଛନ୍ତି । ଫଳସ୍ୱରୂପ ପ୍ରାଣୀ ସମ୍ପଦର ବିକାଶ ବିପଦାଭିମୁଖୀ ହେଉଛି । ଯଦି ସରକାର ଏହାର ଗମ୍ଭୀରତାକୁ ଉପଲବ୍ଧି କରି ଦାବୀପୁରଣ ଦିଗରେ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ସଂଘ, ଆନ୍ଦୋଳନକୁ ତୀବ୍ର କଲେ, ତାହା ପାଇଁ ଚାଷୀଭାଇମାନେ ଯେଉଁ କ୍ଷତି ସହିବେ, ସେଥିପାଇଁ ସରକାର ହିଁ ଦାୟୀ ରହିବେ ।

## ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗର ଜବତ, ଜଣେ ଗିରଫ

ବେଗୁନିଆ, (ଭାସ୍କର ନ୍ୟୁଜ୍): ବେଗୁନିଆ ଥାନା ଅନ୍ତର୍ଗତ ଛଣିଆଗ୍ରାମର ଛକ ନିକଟରେ ଗୋଡ଼ା ଗ୍ରାମର ଗୌତମ ଗୁମାନ ସିଂହଙ୍କ ପୁଅ ସପନ ଗୁମାନ ସିଂହ ଓରଫ ଟୁମା (୩୫) ଓଡ଼ି୦୨ବି ଡବ୍ଲୁ ୬୩୫୫ ନମ୍ବର ବିଶିଷ୍ଟ ଆକ୍ଟିଭା ସ୍କୁଟି ଯୋଗେ ୫୦ଗ୍ରାମ ବ୍ରାଉନ ସୁଗର ଧରି ବ୍ୟବସାୟ କରୁଥିଲେ ।ଏହାର ସୂଚନା ପାଇ ବୁଧବାର ଦିନ ସକାଳେ ଜିଲ୍ଲା ଅବକାରୀ ବିଭାଗର ଭ୍ରାମ୍ୟମାଣ ୟୁନିଟର ଉପ ନିରୀକ୍ଷକ ବି ମନୋଜ କୁମାର ସମେତ କର୍ମଚାରୀ ମାନେ ପହଁଚି ଅଭିଯୁକ୍ତକୁ ଗିରଫ କରିବା ସହ ବ୍ରାଉନ ସୁଗର ଓ ସ୍କୁଟିକୁ ଜବତ କରି ଏନଡିପିସି ଆକ୍ଟ ଅନୁସାରେ କେସ ରୁଜୁ କରାଯାଇଛି ।ଏଥିରେ ଜବତ ହୋଇଥିବା ବ୍ରାଉନ ସୁଗରର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡ଼ିଛି ।

## କୂଅରେ ପଡ଼ି ମହିଳା ମୃତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ମା' ଜଙ୍ଗଲ ଠାକୁରାଣୀଙ୍କ ନିକଟରେ ଅଧିଆ ପଡିଥିଲେ । ମାନସିକ ପୂରଣ ହେବ। ହେଲେ ଅସାବଧାନତା ବଶତଃ ପିନ୍ଧିଥିବା ଲୁଗା ରେ ନିଆଁ ଲାଗିଯାଇଥିଲା । ନିଆଁ କୁ ଲିଭାଇବାକୁ ଅନ୍ୟ ଉପାୟ ନପାଇ , ଜୀବନ ବିକଳରେ ପାଖରେ ଥିବା କୂଅକୁ ଡେଇଁ ପଡ଼ିଥିଲେ । ସେଠାରେ ଆଉ କେହି ନଥିଲେ । ମଙ୍ଗଳବାର ରାତି ତମାମ କୂଅ ଭିତରେ ପଡି ରହିଥିଲେ ଅର୍ଦ୍ଧଦଗ୍ଧ ମହିଳା ଜଣକ । ବୁଧବାର ପୂର୍ବାହ୍ନରେ ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ , ମହିଳାଙ୍କ ପାଟି ଶୁଣି କୂଅ ପାଖକୁ ଯାଇଥିଲେ । ସେଠାରେ ମହିଳାଙ୍କୁ ଦେଖି ଉଧାର କରିଥିଲେ । ଏଭଳି ଏକ ଘଟଣା ଘଟିଥିଲା ତାରାସିଙ୍ଗି ଥାନା ଅନ୍ତର୍ଗତ ଗେରେଡା ଗାଁ ନିକଟ ପେଣ୍ଡରାବାଲି ଜଙ୍ଗଲ ଠାକୁରାଣୀ ଠାରେ । ଘଟଣା ପ୍ରକାରେ ତାରସିଂ ଥାନା ଅନ୍ତର୍ଗତ ଗେରେଡା ଗ୍ରାମରେ ଥିବା ହରିଜନ ସାହିର ସନ୍ତୋଷ ନାଇକଙ୍କ ସ୍ତ୍ରୀ ମାଳା ନାଇକ । ଗ୍ରାମ ନିକଟରେ ଥିବା ପେଣ୍ଡୁରାବାଲି ମନ୍ଦିରକୁ ଯାଇ ମାନସିକ ପୂରଣ ପାଇଁ ଗୁହାରିଆ ପଡିଥିଲେ । ଉକ୍ତ ସ୍ଥାନରେ ଥିବା ଜଳନ୍ତା ଦିପାଳିରୁ ମାଳାଙ୍କ ଲୁଗାକୁ ନିଆଁ ଲାଗିବାରୁ କ୍ଷଣିକ ମଧ୍ୟରେ ମାଳା ଦେହର ପ୍ରାୟ ଅଧିକାଂଶ ପୋଡି ଯାଇଥିଲା । ଜୀବନରକ୍ଷା କରିବାକୁ ନିକଟରେ ଥିବା କୂଅକୁ ଡେଇଁ ପଡି ଚିତିକ୍ରାର କରିଥିଲେ ।ସେହି ବାଟ ଦେଇ ତାରସିଂ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଜିତୁ ପ୍ରଧାନ ଓ ତାଙ୍କର ସହଯୋଗୀ ମିଶି ସେହି ଯାଉଥିବା ବେଳେ ମାଳାର ଚିତ୍କାର ଶୁଣି କୂଅ ନିକଟକୁ ଯାଇ ଭିତରେ ଥିବା ମାଳାକୁ ଉଧାର କରିଥିଲେ । ପରେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ମାଳା ଙ୍କ ମୃତ୍ୟୁ ଘଟିଥିଲା।

## ଐତିହ୍ୟ ତୋରଣ ନିର୍ମାଣ ପାଇଁ ବନ୍ଦ ରହିବ ବାଲିପାଟଣା ଭିଙ୍ଗାରପୁର ରାସ୍ତା

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ଛକ ନିକଟରେ ନିର୍ମାଣଧିନ ମହାପୁରୁଷ ଶିଶୁ ଅନନ୍ତ ଙ୍କ ଐତିହ ତୋରଣ ର ଛାତ ଢଳାଇ ପାଇଁ ବାଲିପାଟଣା ଭିଙ୍ଗାରପୁର ମୁଖ୍ୟ ରାସ୍ତା କୁ ଏକ ମାସ ପାଇଁ ଅସ୍ଥାୟୀ ଭାବରେ ବନ୍ଦ କରିବା ସହିତ ଯାତାୟତ ସୁବିଧା ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ତୋରଣ ନିର୍ମାଣ ର ଦାଇତ୍ୱ ନେଇଥିବା ଓଡିଶା କୋଅପରେଟିଭ୍ - ଟସର ସିଲ୍କ ଫେଡେରେସନ ଲିମିଟେଡ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବାଲିପାଟଣା ତହସିଲ୍ ?ଦାର ଙ୍କୁ ଚିଠି ଜରିଆରେ ଅନୁରୋଧ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ୨୯ ଲକ୍ଷର ପ୍ରୋଜେକ୍ଟ ର ଏହି ନିର୍ମାଣଧିନ ତୋରଣ ଦୁଇ ପାର୍ଶ୍ୱ ଖୁଣ୍ଟି ନିର୍ମାଣ ସମ୍ପୂର୍ଣ୍ଣ ହୋଇଯାଇଥିବା ବେଳେ ଏବେ କେବଳ ଛାତ ଢଳାଇ ନିର୍ମାଣ ବାକି ରହିଛି। ତେଣୁ ଏହି ଛାତ ଢଳାଇ ହେଲେ ଅସ୍ଥାୟୀ ଭାବରେ ନିହାତି ଏକ ମାସ ରାସ୍ତା ବନ୍ଦ ରହିବ ଏଥିପାଇଁ ଏହି ମୁଖ୍ୟ ରାସ୍ତାକୁ ନିର୍ଭର କରୁଥିବା ଲୋକମାନଙ୍କ ବହୁ ଅସୁବିଧା ହେବ । ଖାସ କରି ଏହି ରାସ୍ତା ରେ ବାଲିପାଟଣା ର ପ୍ରାୟ ସବୁ ସରକାରୀ କାର୍ଯ୍ୟାଳୟ (ବ୍ଲକ୍ , ଥାନା, ଅଗ୍ନିଶମ ବିଭାଗ, ତହସିଲ, ଉପନିବନ୍ଧକ କାର୍ଯ୍ୟାଳୟ) ଥିବାରୁ ଯିବାଆସିବା ରେ ବହୁ ଅସୁବିଧା ସୃଷ୍ଟି ହେବ। ଏଥି ନିମନ୍ତେ ବାଲିପାଟଣା ଭିଙ୍ଗାରପୁର ମୁଖ୍ୟ ରାସ୍ତା କୁ ଏକ ମାସ ପାଇଁ ଅସ୍ଥାୟୀ ଭାବରେ ବନ୍ଦ କରିବା ସହିତ ଯାତାୟତ ସୁବିଧା ପାଇଁ ଏହା ନିକଟରେ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ତୋରଣ ନିର୍ମାଣ ର ଦାଇତ୍ୱ ନେଇଥିବା ଓଡିଶା କୋଅପରେଟିଭ୍ - ଟସର ସିଲ୍କ ଫେଡେରେସନ ଲିମିଟେଡ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବାଲିପାଟଣା ତହସିଲ୍ ?ଦାର ଙ୍କୁ ଚିଠି ନମ୍ବର ଭିଆଇ-୩୭(୦୧)/ ସେରିଫେଡ୍ / ୨୦୨୩-୨୪/୧୨୦୬ ଜରିଆରେ ଅନୁରୋଧ କରିବା ସହିତ ଏହାର ନକଲ ଉକ୍ତ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ, ହସ୍ତଶିଳ୍ପ ବିଭାଗ ନିର୍ଦ୍ଦେଶକ ଏବଂ ହସ୍ତତନ୍ତ କପଡ଼ା ଏବଂ ହସ୍ତଶିଳ୍ପ ବିଭାଗ ଅତିରିକ୍ତ ସଚିବ ଙ୍କ ପାଖକୁ ପ୍ରେରଣ କରାଯାଇଥିବା ସୂଚନା ମିଳିଛି।

## ରାଷ୍ଟ୍ରପତିଙ୍କ ସଭାରେ ବିଦ୍ୟୁତ ଚାଲିଯିବା ପ୍ରତିବାଦରେ ଗଣଧାରଣା

 କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗତ ରାଇରଙ୍ଗପୁର ଓ ବାରିପଦା ଗସ୍ତ ସମୟରେ ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୟୁତ ଚାଲିଯିବା ଏବଂ ଅନ୍ଧାରରେ ଜାଣିସୁଣି ରାଜ୍ୟ ସରକାରଙ୍କ ଦ୍ୱାରା ରଖାଯାଇଥିଲା। କାରଣ ସେ ଜଣେ ଆଦିବାସୀ ମହିଳା। ଏହି ବିଷୟରେ ଆଜି କରଞ୍ଜିଆ ନାଗରିକ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ମୌନ ପ୍ରତିବାଦ ଏବଂ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାପାଳ ବିନିତ ଭରଦ୍ୱାଜ, ପୋଲିସ ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରାଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀଙ୍କ ବହିଷ୍କାର ଓ ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ କୃପାସିନ୍ଧୁ ମହାନ୍ତ, ନବ କିଶୋର ପଣ୍ଡା, ବାଞ୍ଛାନିଧି ପୃଷ୍ଟି,ଆଶିଷ କୁମାର ମହାନ୍ତ, ସୁନାମଣୀ ହୋ, ଯୁଗଳ କିଶୋର ନାଏକ, ଦେବେନ୍ଦ୍ର ମହାନ୍ତ, ସୁମନ୍ତ



ବେହେରା, ଜଗଦୀଶ ମହାନ୍ତି, ବିପ୍ଳବ ସସ୍ୱଖିଆଳ, ରଞ୍ଜିତ ବେହେରା, ଲକ୍ଷ୍ମୀକାନ୍ତ ରାଣା, ମହେଶ୍ୱର ସାହା,ଓ ଜ୍ୟୋତ୍ସ୍ନା ରାଣୀ ମହାନ୍ତ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଅସମ୍ମାନ କଲ ଭଞ୍ଜଭୂମୀକୁ ଅପମାନ ଦେଲ ନାରା ଦେଇ ବିରୋଧ ପ୍ରକାଶ କରିଥିଲେ। ଭାରତର ମର୍ଯ୍ୟାଦା ହାନୀ ହେଲା ବୋଲି ଉପସ୍ଥିତ ବକ୍ତା ମାନେ ପ୍ରକାଶ କରିଥିଲେ।

## କଟୁରି ଦେଖାଇ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

ବେଗୁନିଆ, (ଭାସ୍କର ନ୍ୟୁଜ୍): ବେଗୁନିଆ ଥାନା ଅନ୍ତର୍ଗତ ବାଘମାରି-ଭୂଆଶୁଣିପାଟଣା ରାସ୍ତା ମଧ୍ୟରେ ଥିବା କୁକୁଡ଼ା ଫାର୍ମ ନିକଟରେ ଭାରତ ଫାଇନାନ୍ସ କର୍ମଚାରୀଲକ୍ଷ୍ମଣ ବେହେରା ବିଭିନ୍ନ ମହିଳା ଗୋଷ୍ଠୀଙ୍କ ଠାରୁ ଦେଢ ଲକ୍ଷ ଟଙ୍କା ଆଦାୟ କରି ଅପରାହ୍ନ ୨ ଘଟିକା ସମୟରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ । ଏହି ସମୟରେ ଗୋଟିଏ ନାଲିଆ କଲରର ପଲସର ଯୋଗେ ତିନିଜଣ ଆସି ଅତର୍କିତ ଭାବେ କଟୁରି ଦେଖାଇ ଟଙ୍କା ଲୁଟ କରି ଆଖି ପିଛୁଳାକେ ପଳାଇ ଯାଇଥିଲେ ।ଏଥିରେ କର୍ମଚାରୀ ଜଣକ ବାଘମାରି ଓ ବେଗୁନିଆ ଉଭୟ ଥାନା ମଧ୍ୟରେ ଲିଖିତ ଅଭିଯୋଗ ଧରି ପହଁଚି ଥିଲେ ମଧ୍ୟ ସୀମା ନିର୍ଦ୍ଧାରଣକୁ ନେଇ ବିବାଦ ଉପୁଜି ଥିବାରୁ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲା ।ଖବର ଲେଖା ହେଲା ବେଳକୁ ଲିଖିତ ଅଭିଯୋଗ ଉଭୟ ଥାନାରେ ଅଭିଯୋଗ ହୋଇ ନ ଥିବାର ଜଣା ପଡ଼ିଛି ।

## ୪୫ ଛାତ୍ରଛାତ୍ରୀ ପ୍ରତିନିଧିଙ୍କ ଏମ୍‌ଏନ୍‌ଆଇଟି ଜୟପୁର ଗସ୍ତ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ମହତ୍ୱକାଂକ୍ଷୀ ସାଂସ୍କୃତିକ ଓ ଶିକ୍ଷା ଅଭିଯାନ "ଏକ ଭାରତ ଶ୍ରେଷ୍ଠ ଭାରତ ଯୁବ ସଙ୍ଗମ' କାର୍ଯ୍ୟକ୍ରମ ଆଇଆଇଟି ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଉଚ୍ଚ ଶିକ୍ଷା ଅନୁଷ୍ଠାର ୪୫ ଜଣ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ଦଳ ରାଜସ୍ଥାନର ଜୟପୁର ସ୍ଥିତ ଏମ୍‌ଏନ୍‌ଆଇଟି ଗସ୍ତ କରିଛନ୍ତି। ଓଡ଼ିଶାର ନୋଡାଲ ଇନଷ୍ଟିଚ୍ୟୁଟ୍ ଆଇଆଇଟି ଭୁବନେଶ୍ୱର ହୋଇଥିବା ବେଳେ ରାଜସ୍ଥାନର ନୋଡାଲ ଇନଷ୍ଟିଚ୍ୟୁଟ୍ ହେଉଛି ଏମ୍‌ଏନ୍‌ଆଇଟି। ଏକ ସ୍ୱତନ୍ତ୍ର ସମାରୋହରେ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ଦଳକୁ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ର'ସର ଶ୍ରୀପଦ କରମାଲକର ଓ ପଦ୍ମଶ୍ରୀ ବିଜେତା ତଥା ବାଲୁକା ଶିଳ୍ପୀ ଶ୍ରୀ ସୁଦର୍ଶନ ପଟ୍ଟନାୟକ ମିଳିତ ଭାବେ ପତାକା ଦେଖାଇ ଉନ୍ମୋଚନ କରିଥିଲେ। ପ୍ରତିନିଧିମାନେ ମେ' ୧୧ରେ ଜୟପୁର ପହଂଚିବେ ଏବଂ ସେମାନଙ୍କ ଗସ୍ତ ମେ' ୧୮ରେ ଶେଷ ହେବ। ସେମାନଙ୍କ ସହିତ ଚାରି ଜଣ ଫାକଲ୍‌ଟି ସଦସ୍ୟ ଯାଇଛନ୍ତି। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ କହିଛନ୍ତି ଯେ "ଜଣେ ବ୍ୟକ୍ତିର ଦୃଶ୍ୟପଟ୍ଟ ପଠନ, ଶବଜ୍ଞ ଓ ପ୍ରତ୍ୟକ୍ଷ ଅନୁଭୂତି ଜରିଆରେ ବ୍ୟାପକ ହୋଇଥାଏ ଯାହାର ସର୍ବାଧିକ ପ୍ରଭାବ ରହିଥାଏ। ଇବିଏସ୍‌ବିରେ ଛାତ୍ରଛାତ୍ରୀମାନେ ଭାରତର ବିବିଧତାରେ ଏକତାର ପ୍ରତ୍ୟକ୍ଷ ଅନୁଭବ ହାସଲ କରିବେ ଯାହା ଦେଶ ମାତୃକା ପ୍ରତି ସେମାନଙ୍କ ଗର୍ବକୁ ବଢ଼ାଇବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମହାଶୟଙ୍କ ନେତୃତ୍ୱରେ ଇବିଏସ୍‌ବି ଅଭିଯାନକୁ ସମାରୋହର ମୁଖ୍ୟ ଅତିଥି ଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଏହି ଅନୁଭବ ଜାତୀୟ ସଂହତି ଗଠନ କରିବ ଏବଂ ଛାତ୍ରଛାତ୍ରୀଙ୍କ ଉପରେ ତାହାର ଦୀର୍ଘସ୍ଥାୟୀ ଓ ସକାରାତ୍ମକ ପ୍ରଭାବ ରହିବ।'' ଛାତ୍ରଛାତ୍ରୀମାନେ ମେ' ୧୦ରେ ଦିଲ୍ଲୀ ପହଂଚିବେ ଏବଂ ସେଠାରୁ ମେ'୧୧ରେ ଏମ୍‌ଏନ୍‌ଆଇଟି ଜୟପୁର କ୍ୟାମ୍ପସ ଅଭିମୁଖେ ଗସ୍ତ କରିବେ। ଏହି ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ ରାଜସ୍ଥାନ ରାଜ୍ୟପାଳଙ୍କ ସହ ଆଲୋଚନା କରିବେ ଏବଂ ପରେ ଚୋଖିଧାନିକୁ ସାଂସ୍କୃତିକ ଭ୍ରମଣରେ ଯିବେ। ଏଥି ସହିତ ସେମାନେ ସୀତାପୁର ଯିବେ ଏବଂ କେନ୍ଦ୍ରୀୟ ପେଟ୍ରୋକେମିକାଲ୍ସ ପ୍ରଯୁକ୍ତି ପ୍ରତିଷ୍ଠାନ ସହ ଆଲୋଚନା କରିବେ ଏବଂ ଜୟପୁର ସହର ଭ୍ରମଣ କରିବେ। ଛାତ୍ରଛାତ୍ରୀମାନେ ଏମ୍‌ଏନ୍‌ଆଇଟି ଯାଜପୁର କ୍ୟାମ୍ପସରେ ବ୍ଲକ୍ ପ୍ରିଂଟ୍/ ଟାଇ ଓ ଡାଇ (କ୍ରାଫ୍ଟ) କର୍ମଶାଳା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଛାତ୍ରଛାତ୍ରୀମାନେ ଏହି ଗସ୍ତରେ ଜନ୍ତରମନ୍ତର, ହାୱା ମହଲ, ସିଟି ପ୍ୟାଲେସ୍, ଜଳ ମହଲ୍, ଆମିର ଦୁର୍ଗ, ଗୋଲାପୀ ସହରର ଐତିହ୍ୟ ପରିକ୍ରମା (ସ୍ଥାନୀୟ) କଳା ଓ ସପିଙ୍ଗ ମଧ୍ୟ କରିବେ। ଏହା ପରେ ପ୍ରତିନିଧି ଦଳ ଉଦୟପୁର ଯିବେ ଏବଂ ଶ୍ରୀ ଏକ ଲିଙ୍ଗ ଜୀ ମନ୍ଦିର, ମହାରାଣା ପ୍ରତାପ ସଂଗ୍ରହାଳୟ-ହଳଦୀଘାଟି, 'ଡେସାଗର ହ୍ରଦ, ବାଗୋରେକି ହାବେଲି, ଶିଳ୍ପଗ୍ରାମ ପରିଦର୍ଶନ କରିବେ ଏବଂ ଏହା ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବେ। ଏମ୍‌ଏନ୍‌ଆଇଟି ଜୟପୁର ଇନଷ୍ଟିଚ୍ୟୁଟ୍ ଇନୋଭେସନ କାଉନ୍‌ସିଲ (ଏମ୍‌ଆଇଆଇସି)ର ଷ୍ଟାର୍ଟଅପ୍‌ଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ଚଳିତ ବର୍ଷ ଫେବ୍ରୁଆରିରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା ଏବଂ ଯୁବ ସଙ୍ଗମର ପ୍ରଥମ ପର୍ଯ୍ୟାୟରେ ୧୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ, ପ୍ରଥମ ବ୍ୟାଚ୍ ଉତର ପୂର୍ବ ଭାରତ ଗସ୍ତ କରିଥିଲେ।

### ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## ପୁଅକୁ ନିଯୁକ୍ତି ଓ ଆର୍ଥିକ କ୍ଷତିପୂରଣ ଦାବିରେ ଧାରଣା

ପାରାଦୀପ, (ଭାସ୍କର ନ୍ୟୁଜ୍): ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା। ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କ ପୁଅକୁ ନିଯୁକ୍ତି ଓ କ୍ଷତିପୁରଣ ଦାବିରେ ଶତାଧିକ ଶ୍ରମିକ ମାନେ ପାରାଦୀପ ଇଫକୋ ବ୍ୟାଗିଙ୍ଗ ସାଇଟ ରେ ବସି ରହିବା ଫଳରେ କମ୍ପାନୀ କାର୍ଯ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଗତ ଶୁକ୍ରବାର ଦିନ ନିକଟରେ ରହିଥିବା ବାଲିଝରା ବସ୍ତିର କୁଳମଣି ବେହେରା ନିଜ କାର୍ଯ୍ୟ ସାରି କାର୍ଯ୍ୟରୁ ଘରକୁ ଫେରୁଥିବା ସମୟରେ ପାରାଦୀପ ପରିବହନ ଗାଡି ସହିତ ଦୁର୍ଘଟଣାର ଶିକାର ହୋଇ ପାଞ୍ଚଦିନ ଧରି ଭୁବନେଶ୍ୱରର ଏକ ମେଡିକାଲ ରେ ପଡ଼ିରହି ମୃତ୍ୟୁ ବରଣ କରିଥିଲେ। ଶୁକ୍ରବାର କୁଳମଣିଙ୍କ ଦୁର୍ଘଟଣା ଖବର ପାଇ ସାଥି ଶ୍ରମିକମାନେ କୁଳମଣିଙ୍କୁ ପ୍ରଥମେ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ କୁଳମଣିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆସୁ ଚିକିତ୍ସା ପରେ କଟକ ମେଡିକାଲ ଓ ପରେ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କୁଳମଣିଙ୍କ ପରିବାର ଓ ସାଥି ଶ୍ରମିକମାନେ ଆଣିଛନ୍ତି ଭିନ୍ନ ଅଭିଯୋଗ। ଦୁର୍ଘଟଣା ଘଟଇଥିବା ପାରାଦୀପ ପରିବହନ ସଂସ୍ଥା ତରଫରୁ ଯଦି ଆବଶ୍ୟକ ଚିକିତ୍ସା ଯୋଗାଇଦିଆଯାଇଥାନ୍ତା ତେବେ କୁଳମଣି ହୁଏତ ଆଜି ଜୀବିତ ରହିଥାନ୍ତେ। କିନ୍ତୁ ପରିବହନ ସଂସ୍ଥା ତରଫରୁ ଦୁର୍ଘଟଣା ଗ୍ରସ୍ତ ଶ୍ରମିକର ଚିକିତ୍ସା ପ୍ରଦାନ ରେ ଅବହେଳା ମନୋଭାବ ପାଇଁ ଆଜି ନିଜର ସାଥି ଶ୍ରମିକ ଓ ପରିବାର ନିଜର ଗୁରୁଜନକୁ ହରାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ତେବେ କୁଳମଣିଙ୍କ ମୃତ୍ୟୁ ଖବର ପାଇବା ପରେ ଶହ ଶହ ସଂଖ୍ୟାରେ ସାଥି ଶ୍ରମିକମାନେ ପିପିଏଲ ଛକ ନିକଟରେ କୁଳମଣି ଙ୍କ ଶବକୁ ଅପେକ୍ଷା କରି ରହିଥିଲେ। ଶବ ଫେରିବା ପରେ ସାଥି ଶ୍ରମିକ ମାନେ ଶବ ରଖି ରାଜରାସ୍ତା ଅବରୋଧ କରିବାକୁ ପ୍ରସ୍ତୁତି ଚଳାଇଥିବା ସମୟରେ ପ୍ରଶାସନର ହସ୍ତକ୍ଷେପ ପରେ ସାଥି ଶ୍ରମିକ ଓ ପରିବାରର ସଦସ୍ୟମାନେ ଇଫକୋ ବ୍ୟାଗିଙ୍ଗ ଲାଇନ କାର୍ଯ୍ୟାସ୍ଥଳୀରେ ଶବ ରଖି ଧାରଣାରେ ବସି ରହିବା ଫଳରେ ଇଫକୋ ବ୍ୟାଗିଙ୍ଗ ସାଇଟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ସହିତ କାର୍ଯ୍ୟ ବନ୍ଦ ରଖି ଶ୍ରମିକମାନେ ଧାରଣାରେ ବସି ରହିଛନ୍ତି। ଘଟଣା ସ୍ଥଳରେ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କ ସହିତ ପୋଲିସ ଟିମ ଉପସ୍ଥିତ ରହି ଘଟଣା ଉପରେ କଡା ନଜର ରଖିବା ସହିତ ସାଥି ଶ୍ରମିକ ଓ ପରିବାରର ସଦସ୍ୟ ମାନଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ତେବେ ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କ ପୁଅକୁ ନିଯୁକ୍ତି ସହିତ ଆର୍ଥିକ କ୍ଷତିପୂରଣ ଦାବିକରି ଶ୍ରମିକ ମାନେ ଧାରଣାରେ ବସି ରହିଛନ୍ତି।

# ରାଜ୍ୟ ଖବର



ସାଲେପୁର, (ଭାସ୍କର ନ୍ୟୁଜ୍): ପତଞ୍ଜଳି ଯୋଗପରିବାର ସାଲେପୁର ପକ୍ଷରୁ ଓଡ଼ିଶା ପତଞ୍ଜଳି ଯୋଗସମିତିର ରାଜ୍ୟ କିଶାନ ପ୍ରଭାରୀ ଏସପିଡ଼ିଆର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି । ରାଇସୁଙ୍ଗୁଡ଼ାରେ ପ୍ରସିଦ୍ଧ ଶନିଯାତ୍ରା ପରେ ସ୍ଥାନୀୟ ପଡ଼ିଆ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇପଡ଼ିଥିଲା । ପତଞ୍ଜଳି ଯୋଗପରିବାର ସାଲେପୁରର କାର୍ଯ୍ୟକର୍ତ୍ତା ଓ ସଭ୍ୟସଭ୍ୟାମାନେ ଏହି ସ୍ୱଚ୍ଛତା ଅଭିଯାନରେ ପ୍ରାଥମିକ ସ୍ତରରେ ପଡ଼ିଆକୁ ଆବର୍ଜନାମୁକ୍ତ କରିଥିଲେ । ଫଳରେ ସ୍ଥାନୀୟ ପରିବେଶ ସ୍ୱଚ୍ଛ ନିର୍ମଳ ହୋଇଥିଲା । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ କରାଯିବ ବୋଲି ରାଜ୍ୟ କିଶାନ ପ୍ରଭାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ତହସିଲ ପ୍ରଭାରୀ କୈଳାସ ବେହେରା, ମମତା ମହାନ୍ତି, ବିରଞ୍ଚି ନାରାୟଣ ଶତପଥୀ, ଓମ୍ ପ୍ରକାଶ ମହାପାତ୍ର, ଜଗବନ୍ଧୁ ଦାଶ, ସୌଦାମିନୀ ଶତପଥୀ, ସସ୍ମିତା ରାମ୍, ମୋହନ ମହାରଣା,ବଳରାମ ମହାନ୍ତି,ଝୁନା ବେହେରାଙ୍କ ସହ ପତଞ୍ଜଳି ଯୋଗପରିବାରର ସଭ୍ୟସଭ୍ୟାମାନେ ଯୋଗଦେଇଥିଲେ ।

### ଶ୍ରମ କାର୍ଯ୍ୟାଳୟ ଛାତରୁ ଖସିଲା କଂକ୍ରିଟ ଖଣ୍ଡ

## ଅଳ୍ପକେ ବର୍ତ୍ତିଲେ ପ୍ରଭାଗୀୟ ଶ୍ରମ ଆୟୁକ୍ତ



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନଙ୍କ ଅଫିସ ଛାତରୁ ଓଜନିଆ କଂକ୍ରିଟ ଖଣ୍ଡ ଖସିପଡ଼ିବା ଯୋଗୁଁ ବହୁ ସାମଗ୍ରୀ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ବୁଧବାର ଅପରାହ୍ନ ପ୍ରାୟ ୧ଟା ୩୦ ବେଳେ ଶ୍ରମ ଆୟୁକ୍ତ ଶ୍ରୀ ପ୍ରଧାନ ଅଫିସରୁ ବାହାରି ଗାଡ଼ିରେ ବସିବାକୁ ଯାଉଥିବା ବେଳେ ବମ ଫାଟିବା ଭଳି ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଅଫିସ ଡୋର ଖୋଲିବା ପରେ କଂକ୍ରିଟ ଖଣ୍ଡ ଖସିଥିବା ସମସ୍ତେ ଦେଖିବାକୁ ପାଇଥିଲେ ।ଏହି କଂକ୍ରିଟ ଖଣ୍ଡ ଶ୍ରମ ଆୟୁକ୍ତଙ୍କ ଟେବୁଲ ଓ ଚେୟାର ଉପରେ ପଡ଼ିଥିଲା । ଫଳରେ ଟେବୁଲର କାଚ ଓ ଚେୟାରଟି ଭାଙ୍ଗି ଯାଇଥିଲା । ପାଖାପାଖି ୧କ୍ୱିଣ୍ଟାଲ ଓଜନର ହେବ ବୋଲି ଅନୁମାନ କରାଯାଇଛି । ଏମିତିକି ଏହା ଖସିବା ବେଳେ ସିଲିଂ ଫ୍ୟାନର ପାତକୁ ବି ଭାଙ୍ଗି ଦେଇଥିଲା । ଅଫିସରୁ ବାହାରିବା ସାମାନ୍ୟ ବିଳମ୍ବ ହୋଇଥିଲେ ଏହି କଂକ୍ରିଟ ଖଣ୍ଡ ଡିଏଲସିଙ୍କ ମୁଣ୍ଡରେ ପଡ଼ିଥାନ୍ତା ବୋଲି ସମସ୍ତେ ଆଶଙ୍କା କରିଛନ୍ତି । ମରାମତି ଅଭାବରୁ ଦୀର୍ଘ ୪୦ ବର୍ଷତଳର ଏହି ପୁରୁଣା ଗୃହରୁ ଛାତ ଖସିଥିବା ଅନୁମାନ କରାଯାଇଛି । ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ସରକାରୀ କାର୍ଯ୍ୟାଳୟ ବିଲ୍ଡିଂ ମରାମତି ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କାର ବିଲ କରାଯାଉଥିବା ବେଳେ ଶ୍ରମ କାର୍ଯ୍ୟାଳୟ ମରାମତି ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆନଯିବା ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରମିକ ନେତାମାନେ ଆରୋପ ଉଠାଇଛନ୍ତି । ଦୀର୍ଘବର୍ଷର ଏହି ପୁରୁଣା କାର୍ଯ୍ୟାଳୟର ତୁରନ୍ତ ମରାମତି ପାଇଁ ସେମାନେ ଦାବି କରିଛନ୍ତି ।

## ଚୌଦ୍ୱାର ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମେଲାଣି ପର୍ବ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ତୃତୀୟ ବର୍ଷ ସମ୍ମାନ ଛାତ୍ରଛାତ୍ରୀମାନଙ୍କର ଏକ ମେଲାଣି ପର୍ବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରାଧାପକ ଡ. ନିରଂଜନ ସାହୁ, ଓଡ଼ିଆ ସିନେଜଗତର ନିର୍ଦ୍ଦେଶକ ବାପୁ ଲେଙ୍କା, ସଂଘମିତ୍ରା ଦାସ ଓ ଅଧ୍ୟାପକ ଦୀପକ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶେଷ ବର୍ଷ ସମ୍ମାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଅତିଥିମାନେ ସେମାନଙ୍କର ଭବିଷ୍ୟତର ଉଜ୍ଜ୍ୱଳ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ଦାସ, ସରୋଜିନୀ ରାଉତ, ପ୍ରତିଜ୍ଞା ଚୌଧୁରୀ, ବୁଦ୍ଧଦେବ ଦେହୁରୀ, ଦୀପକ ସ୍ୱାଇଁ, ବର୍ଷା ପ୍ରିୟଦର୍ଶିନୀ ମହାନ୍ତି, ସ୍ମୃତିରେଖା ପତି, କୋମଳ ରାଉତରାୟ, ପୁଷ୍ପଲତା ବାରିକ ଓ ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




## ମେସିନ ଚୋରି, ଥାନାରେ ଅଭିଯୋଗ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଧାନ ମେସିନ କୁବେଟାର ମେସିନ ମୁଭିଂ ମଟର ଚୋରୀ କରିନେବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ ନହନ୍ତରା ଗ୍ରାମର ସତ୍ୟବାଦୀ ନାୟକ ଅଭିଯୋଗ କରିଛନ୍ତି, କୁବେଟା ଧାନ କଟା ମେସିନକୁ ଭଡାରେ ଲମ୍ବିଲୋ ଗ୍ରାମର ନିଳକଣ୍ଠ ନାୟକଙ୍କ ଠାରୁ ଆଣି ଚଳାଇଆସୁଥିଲେ । ବିଳମ୍ବିତ ରାତ୍ରରେ କୌଣସି ଚୋର ଗାଡିରେ ଲଗାଯାଇଥିବା ମେସିନ ମୁଭିଂ ମଟର ଚୋରାଇ ନେଇଯାଇଅଛି । ବହୁ ଅନୁସନ୍ଧାନ କଲାପରେ ସତ୍ୟବାଦୀ କୌଣସି ସୁରାକ ନାପଇବାରୁ ଏ ସଂପର୍କରେ ନିମାପଡା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଥାଉକି କୌଣସି ଏକ ଚୋର ଏକ ମଟର ଚୋରୀ କରିନେବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଆର୍‌ଟିଓ ଅଫିସରୁ ୨ ଦଲାଲ ଗିରଫ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ୨ଦଲାଲଙ୍କୁ ପୋଲିସ ଗିରଫ କରିଛି ।ସୂଚନା ମତେ ଦଲାଲ ଦୁହେଁ ପରିବହନ କାର୍ଯ୍ୟାଳୟ ନିକଟରେ ଏକ ଜନସେବା କେନ୍ଦ୍ରଖୋଲି ଆର୍ଟିଓ ଅଫିସକୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କୁ କାମ କରାଇଦେବା ନାଁରେ ମୋଟା ଅଙ୍କ ଅସୁଲି କରିଆସୁଥିଲେ ।ଅଭିଯୋଗ ପାଇ ଆଜି ବୌଦ୍ଧ ଜିଲ୍ଲାପାଳ ସେମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ବୌଦ୍ଧ ଉପଜିଲ୍ଲାପାଳ ଏବଂ ଏସଡିପିଓ ଙ୍କ ନେତୃତ୍ୱରେ ଏକ ଟିମ୍ ପୋଲିସ ଟିମ ଆର୍ଟିଓ ଅଫିସ ନିକଟକୁ ଲାଗିଥିବା ଉକ୍ତ ଜନସେବା କେନ୍ଦ୍ରରେ ଚଢ଼ାଉ ଉଭୟଙ୍କୁ ଗିରଫ କରି ଥାନାକୁ ଆଣିଛି । ପରିବହନ ବିଭାଗର ବିଭିନ୍ନ ସାଧ ଓ ଅସାଧ କାମ ତାଙ୍କ ବାଆଁ ହାତର ଖେଳ କହି ଜିଲ୍ଲାର କୋଣ ଅନୁକୋଣରୁ ଆସୁଥିବା ଲୋକଙ୍କ ଠାରୁ ସେମାନେ କୁଆଡେ ବିପୁଳ ଅର୍ଥ ଲୁଟୁଥିଲେ । ଗିରଫ ଅଭିଯୁକ୍ତ ଦଲାଲ ମାନେ ହେଲେ ତପନ ମଣ୍ଡଳ ଏବଂ ସମ୍ବିତ ପଣ୍ଡା ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ବିଭିନ୍ନ ଆପତ୍ତିଜନକ କାଗଜପତ୍ର ଜବତ । ସୂଚନା ପ୍ରକାରେ ବୌଦ୍ଧ ଆଂଚଳିକ ପରିବହନ କାର୍ଯ୍ୟାଳୟରେ ପୂର୍ବରୁ କାମ କରୁଥିବା ତପନ ମଣ୍ଡଳ ପରିବହନ କାର୍ଯ୍ୟାଳୟ ନିକଟରେ ଏକ କଷ୍ଟମର ସର୍ଭିସ ସେଣ୍ଟର ଖୋଲିଛନ୍ତି । ସେଠାରେ ରହି ଦଲାଲ ସାଜି ପରିବହନ ବିଭାଗର ବିଭିନ୍ନ କାମ କରାଇଦେବା ପ୍ରତିଶୃତି ଦେଇ ଲୋକଙ୍କ ଠାରୁ ବିପୁଳ ଅର୍ଥ ଲୁଟ କରୁଥିବା ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରକାରେ ଆଜି ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଏସ୍‌ଡିପିଓ ଆନନ୍ଦବର୍ଦ୍ଧନ ଗୁରୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ତପନ ମଣ୍ଡଳଙ୍କ କଷ୍ଟମର ସର୍ଭିସ ସେଣ୍ଟରରୁ ବିଭିନ୍ନ ଆପତିଜନକ କାଗଜପତ୍ର ଜବତ କରାଯିବା ସହ ତପନ ଓ ତାର ସହଯୋଗୀ ସମ୍ବିତ ପଣ୍ଡାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ବୌଦ୍ଧ ଆଦର୍ଶଥାନା ପକ୍ଷରୁ ଏନେଇ ଏକମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସୂଚନା ମିଳିଛି । ଏହି ଚଢ଼ାଉ ସମୟରେ ଉପ - ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ଏସ. ଡି. ପି. ଓ. ଆନନ୍ଦ ବର୍ଦ୍ଧନ ଗୁରୁ, ଆଇ. ଆଇ. ସି. ଆଦର୍ଶ ଥାନା ମାଧବା ନନ୍ଦ ନାୟକ, କର୍ମଚାରୀ ସୁରେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ୱଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଶଧାପୁରୁ ଗ୍ରାମର ଗୋବିନ୍ଦ ଗୌଡଙ୍କଜ୍ୱାଇଁ ତାରସିଂ ଥାନା ଅନ୍ତର୍ଗତ ଉଲଦଣ୍ଡ ଗ୍ରାମର ଭିମ ଗୌଡଙ୍କ ପୁଅ ଶୁଶାନ୍ତ ଗୌଡ । ଖବର ନେବାରେ ଶୁଶାନ୍ତ ଏକ ବର୍ଷ ତଳ ଗୋବିନ୍ଦଙ୍କ ଝିଅକୁ ବିବାହ କରିଥିଲେ ।ବିବାହର କିଛି ମାସ ପରେ ଶୁଶାନ୍ତ ଭୁବନେଶ୍ୱର କାମ କରିବା ପାଇଁ ଯାଇଥିବା ବେଳେ ସ୍ତ୍ରୀଙ୍କ ବାପା ଗୋବିନ୍ଦ ପାଖରେ ଛାଡିଯାଇଥିଲେ ।ଜ୍ୱାଇଁ ଶୁଶାନ୍ତ ନିଜ ଗ୍ରାମ ଶଧାପୁରୁ ଆସି ଶଶୁର ଘରକୁ ଯାଇଥିଲେ । ଆଜି ଅପରାହ୍ନରେ ଶୁଶାନ୍ତ ର ମୁହଁ ବୁଲାବାର କିଛି ସମୟ ପରେ ବାନ୍ତି ହେଇ ଗୁରୁତର ହେଇଥିବା ବେଳେ ଗୁରୁତର ଅବସ୍ଥାରେ ବେଲଗୁଣ୍ଠଓ ପରେ ଭଞ୍ଜନଗର ଉପଖଣ୍ଡ ଚିକିସ୍ଥାଳୟରେ ଭର୍ତ୍ତି କରାଯାଇଥିଲା । ଏଠାରେ ଚିକିତ୍ସା କରୁଥିବା ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।ତାରସିଂ ପୁଲିସଏହି ଖବର ପାଇ ଭଞ୍ଜନଗର ଚିକିସ୍ଥାଳୟରେ ପହଞ୍ଚି ଶୁଶାନ୍ତର ଶବକୁ ଜବତ କରିବା ସହ ତଦନ୍ତକରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ବ୍ୟବଚ୍ଛେଦ ଗୃହକୁ ପଠାଇଦିଆଯାଇଥିବା ବେଳେ ତାରସିଂ ଥାନା କେସନଂ ୭/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହେଇଥିବା ଥାନା ଅଧିକାରୀ ପ୍ରଦିପ୍ତ କୁମାର ଦାଶ ସୁଚନା ଦେଇଛନ୍ତି । ଶୁଶାନ୍ତର ମୃତ୍ୟୁର କାରଣ ବ୍ୟବଛେଦ ରିପୋର୍ଟ ଆସିବା ପରେ ସଠିକ୍ ତଥ୍ୟ ଜଣାପଡିବ ବେଲି ଥାନା ଅଧିକାରୀ ଶ୍ରୀ ଦାଶ କହିଛନ୍ତି ।

## ଶ୍ରମିକଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ସମ୍ପର୍କିତ କର୍ମଶାଳା

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସ୍ୱେଚ୍ଛାସେବୀ ସଂଗଠନ 'ଇଣ୍ଡୋ-ଜର୍ମାନ ଫୋକାଲ ପଏଣ୍ଟ' (ଆଇଜିଏଫପି) ପକ୍ଷରୁ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ ଏକ କର୍ମଶାଳା ସହର ଉପକଣ୍ଠ ବାମପଦା ସ୍ଥିତି ନୋସି ବିଜନେସ ପାର୍କରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଶ୍ରମ ଓ ଶ୍ରମିକ ବୀମା ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଉତ୍ତର ଓଡିଶା ଶିଳ୍ପ ମହାସଂଘ (ନୋସି), ରାଜ୍ୟ ଏମଏସଏମଇ ବିଭାଗ ଓ ଜର୍ମାନ ସାମାଜିକ ଦୁର୍ଘଟଣା ବୀମା (ଡିଜିୟୁଭି) ସଂଗଠନର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଉଦଘାଟନ କରିବା ସହ ଶ୍ରମିକଙ୍କ ନିରାପତ୍ତା ଓ ସାମାଜିକ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ବିଭାଗୀୟ ଉପ ସଚିବ ନିରଞ୍ଜନ ଜେନା ଓ ରାଜ୍ୟ ଶ୍ରମିକ ବୀମା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥସାରଥୀ ପଣ୍ଡା ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ଶ୍ରମ ଓ ଶ୍ରମିକ ବୀମା ବିଭାଗ ପ୍ରମୁଖ ସଚିବ ଆର ଶାନ୍ତନା ଗୋପାଳନ ଆଭାସି ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଡ଼ିହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ଶ୍ରମିକ ବୀମା ବିଭାଗର ପୂର୍ବତନ ଆୟୁକ୍ତ ତଥା ଆଇଜିଏଫପିର ନିର୍ଦ୍ଦେଶକ ବି କେ ସାହୁ ଏଥିରେ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ନୋସିର ସଭାପତି ପି କେ ଡାଭେ ଏଥିରେ ସ୍ୱାଗତ ଭାଷଣ ରଖିଥିବା ବେଳେ ନୋସି ଚନ୍ଦ୍ରପ୍ରକାଶ ଭରତିଆ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଶିକ୍ଷାନୁଷ୍ଠାନ ରେଡିଓଲୋଜିକାଲ ଓ ନ୍ୟୁକ୍ଲିୟର ବିଭାଗ ଜେନେରାଲ ମ୍ୟାନେଜର ଡ. ମଳୟ କୁମାର ପ୍ରଧାନ, ଆଇଏସଏସଏର ସେକ୍ରେଟାରୀ ଜେନେରାଲ ସିଗ୍ରିଡ ରୋଥ, ଏଲ ଏଣ୍ଡ ଟିର ପରିବେଶ, ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡ. କ୍ରିଷ୍ଣା ନିର୍ମାଲ୍ୟ ସେନ, କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଶରୀର ଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ଶୁଭାଶିଷ ସାହୁ, ଟାଟା ଷ୍ଟିଲ ଫେରୋ ଆଲୋଏଜ୍ ବୈଷୟିକ ବିଭାଗ ସିନିୟର ମ୍ୟାନେଜର ଆଶିଷ ଶତପଥୀ, ମାନବ ସମ୍ବଳ ଉପଦେଷ୍ଟା ତଥା ବୈବସାୟିକ ପ୍ରତିଷ୍ଠାନ ପ୍ରଶିକ୍ଷକ ଡ. ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଆଇସିଏଆଇ ପକ୍ଷରୁ ୪୦ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାସ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖା ପକ୍ଷରୁ ଏହାର ୪୦ତମ ଶାଖା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅଡିଟ୍ ଟ୍ରେଲ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ସେମିନାର ଆୟୋଜିତ ହୋଇଥିଲା । ଏହି ସେମିନାରରେ ଭୁବନେଶ୍ୱର ଶାଖାର ପୂର୍ବତନ ଅଧକ୍ଷ ସିଏ ମିହିର କୁମାର ସାହୁ ଅଧକ୍ଷତା କରିଥିଲେ । ଅଡିଟ୍ ଟ୍ରେଲ୍‌ରେ ଅଂଶଗ୍ରହଣକାରୀଙ୍କୁ ଶାଖାର ପୂର୍ବତନ ଅଧକ୍ଷ ସିଏ ବିଶ୍ୱରଞ୍ଜନ ସୂତାର ସମ୍ବୋଧିତ କରିଥିଲାବେଳେ ସୁସ୍ଥ ଖାଦ୍ୟ ଗ୍ରହଣ କରିବା ସଂପର୍କରେ ଡାଏଟିସିଆନ୍ କମ୍ ଡାଇବେଟିସ୍ ଶିକ୍ଷାବିତ୍ ତଥା ଓଲିଉଡ୍ ଅଭିନେତ୍ରୀ ସୁଶ୍ରୀ ନିହାରିକା ଦାସ ବର୍ଣ୍ଣନା କରିଥିଲେ । ଶାଖାର ଅଧକ୍ଷ ସିଏ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନର ଅଧକ୍ଷ ସିଏ ଗଗନ ବିହାରୀ ଦାସ, ସଚିବ ସିଏ ମହେନ୍ଦ୍ର କୁମାର ସାହୁ ଏବଂ କୋଷାଧକ୍ଷ ସିଏ ଶାଶ୍ୱତ ତ୍ରିପାଠୀ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ସେମିନାରରେ ୯ମଇ ୧୯୮୩ରେ ପ୍ରତିଷ୍ଠା ହୋଇଥିଲା । ଏହି ଉତ୍ସବରେ ଭୁବନେଶ୍ୱରର ୨୦୦ ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇ ଜ୍ଞାନ ଆହରଣ କରିବା ସହ ଏକ ଇନ୍ଟରାକ୍ଟିଭ୍ ଅଧିବଶନରେ ଅଂଶଗ୍ରହଣ କରିଥିଲେ । ଏହି ସେମିନାରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ସମସ୍ତ ସିଏ ସଦସ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହା ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାରେ ବିଶିଷ୍ଟ ଗାୟକ ଏନ୍. ଶ୍ରୀ ନିବାସ ଏବଂ ତାଙ୍କ ଦଳ ମଧ୍ୟ ଯୋଗ ଦେଇଥିଲେ । ସିଏ ଗୌତମ ଲେଙ୍କା ଏବଂ ଭୁବନେଶ୍ୱର ଶାଖାର ଅନ୍ୟ ପରିଚାଳନା କମିଟି ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ପରିଚାଳନା ହୋଇଥିଲା ।

## 'ରାଜ୍ୟରେ ଗୀତିନାଟ୍ୟ ପରିବେଷଣକୁ ପ୍ରୋତ୍ସାହିତ କରାଯିବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଣକବି ବୈଷ୍ଣବ ପାଣିଙ୍କ ୬୭ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଶିକ୍ଷାବିତ କାମଦେବ ମହାପାତ୍ର କବିତା ଆବୃତି କରିବାପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ବିଜୟ କୁମାର ଜେନା, ଅଧ୍ୟାପକ ମଣ୍ଡଳୀ, ଛାତ୍ରଛାତ୍ରୀ, ପ୍ରବୀର ମହାନ୍ତି, ଡ଼ଃ ମିହିର ପଟ୍ଟନାୟକ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ରୀତା ମହାନ୍ତି, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସଭ୍ୟବୃନ୍ଦ, ଅନୁପମା ବେହେରା, ପ୍ରଗତି ରଥ, ଅଧ୍ୟାପକ ଡ଼ଃ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, କବି ଦମ୍ପତି ନାରାୟଣ ମୁଦୁଲି ଓ ସୁଜାତା ମୁଦୁଲି ପ୍ରମୁଖ ଯୋଗଦେଇ ଗଣକବିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ଲୋକକବି ଜଗନ୍ନାଥ ପାଣି, ଗଣକବି ବୈଷ୍ଣବ ପାଣି ଓ ବାଳକୃଷ୍ଣ ମହାନ୍ତି ଗୀତିନାଟ୍ୟଧାରାକୁ ବିକଶିତ କରିଥିଲେ । ବାଳକୃଷ୍ଣ ମହାନ୍ତିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବା ଆବଶ୍ୟକ ବୋଲି ବିଧାୟକ ସାମଲ ଗୁରୁତ୍ୱ ଆରୋପ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ରାଉତରାଏ ନିଜ ବକ୍ତବ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସହ ରାଜ୍ୟର ନୃତ୍ୟ ସଙ୍ଗୀତ ଅନୁଷ୍ଠାନର ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେହିଭଳି ପୂର୍ବ ପରି ଗୀତିନାଟ୍ୟ ପରମ୍ପରାକୁ ବିକଶିତ କରିବାକୁ ଗୀତିନାଟ୍ୟ ପରିବେଷଣ ନିମନ୍ତେ ବିଭାଗ ତରଫରୁ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିବାବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ନାୟକ ବନ୍ଦନା ଗାନ ସହ ବୈଷ୍ଣବ ପାଣିଙ୍କ ବିଭିନ୍ନ ଗୀତିନାଟ୍ୟର ସଙ୍ଗୀତ ପରିବେଷଣ କରିଥିଲେ ।



## ଜୁନ୍ ୨ରୁ ରାଜ୍ୟ କୃଷକ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଥମଥର ପାଇଁ ଅଖିଳ ଭାରତ କୃଷକ ସଭାର ୨୩ତମ ରାଜ୍ୟ ସମ୍ମିଳନୀ ଆସନ୍ତା ଜୁନ୍ ମାସ ୨ ଓ ୩ ତାରିଖରେ ପଟିଆ କିଲ୍ଲାର ନୂଆବନ୍ତଠାରେ ଥିବା ରାମକୃଷ୍ଣ ପତି ସ୍ମୃତିପୀଠ ପରିସରରେ ଅନୁଷ୍ଠିତ ହେବ । ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନିର୍ବାଚିତ ୪୦୦ କୃଷକ ନେତାମାନେ ଯୋଗଦାନ କରିବେ । ଅତୀତରେ କୃଷକମାନେ ଏକତ୍ରିତ ହୋଇ ବନ୍ୟାଦାଉ ଓ ଚାଷ ଜମିକୁ ବାଲିଚରରୁ ରକ୍ଷା କରିବା ପାଇଁ ବାନ୍ଧିଥିଲେ ପଟିଆ ବନ୍ଧ । ଏହା ଥିଲା କୃଷକମାନଙ୍କର କୋଣାର୍କର ପଟିଆବନ୍ଧ । ସେହି ଅତୀତର କୃଷକ ସଂଗଠନକୁ ସମ୍ମାନ, ପ୍ରଣାମ କରିବା ପାଇଁ ପ୍ରଥମଥର ରାଜ୍ୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ସମଗ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନିର୍ବାଚିତ ୪୦୦ କୃଷକ ନେତାମାନେ ସମ୍ମିଳନୀରେ ଯୋଗଦାନ କରିବେ । ରହିବା ଓ ଖାଇବାର ସୁବ୍ୟବସ୍ଥା କରାଯାଉଛି । ଅଭ୍ୟର୍ଥନା କମିଟିରେ ପୃଷ୍ଠପୋଷକ ବିଧାୟକ ସୁଶାନ୍ତ କୁମାର ରାଉତ, ଆଶିଷ କାନୁନଗୋ, ଶଶିଭୂଷଣ ସ୍ୱାଇଁ ଅନ୍ୟମାନେ ସ୍ଥାନ ପାଇଛନ୍ତି । ବୁଧବାର ଦିନ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭ୍ୟର୍ଥନା କମିଟିର ଅଧକ୍ଷ ଅଭୟ ବଡ଼ଜେନା, କୃଷକନେତା ଶଶିଭୂଷଣ ସ୍ୱାଇଁ, ଆଶିଷ କାନୁନଗୋ, ନାରୀନେତ୍ରୀ ରାଣୀ ସ୍ୱାଇଁ, କ୍ଷୀରୋଦ ସିଂଦେଓ ଓ ସମ୍ପାଦକ ନୃସିଂହ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମୁକ୍ତାର ଲକ୍ଷ୍ୟଧାର୍ଯ୍ୟ ଉପରେ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁକ୍ତାର ଲକ୍ଷ୍ୟ ଧାର୍ଯ୍ୟ ଉପରେ ଏକ ଦିନିକିଆ ରାଜ୍ୟ ସ୍ତରୀୟ କର୍ମଶାଳା ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥି ଭାଥନାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରମୁଖ ସଚିବ ମାଥୀ ଭାଥନନ ତାଙ୍କ ଉଦବୋଧନରେ କହିଛନ୍ତି ଯେ ଓଡ଼ିଶା ସରକାର ସହରାଞ୍ଚଳରେ ଦକ୍ଷତା ଓ ଉତ୍ସଗୁଡିକର ଉନ୍ନତି ଦିଗର ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଏଥି ମଧ୍ୟରେ ରି ଇଂଜିନୟରିଂ ଏବଂ ନିରୀକ୍ଷଣ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଉଛି । ସଂସ୍କାରର ଏକ ପ୍ରମୁଖ କ୍ଷେତ୍ର ହେଉଛି ସାମଗ୍ରିକ ସଂଗଠନ ବିକାଶ କାର୍ଯ୍ୟ, ଯେଉଁଥିରେ ସମସ୍ତ ସରକାରୀ କାର୍ଯ୍ୟକର୍ତ୍ତା ତଥା ଗୋଷ୍ଠି ଅଂଶୀଦାରଙ୍କ ସମେତ 'ଲୋକଙ୍କଦ' ଦକ୍ଷତାକୁ ମଜବୁତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏହା ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସାଗରିକା ପଟ୍ଟନାୟକ, ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ, ଯୁଗ୍ମ ସଚିବ ତଥା ମୁକ୍ତାର ରାଜ୍ୟ ନୋଡାଲ ଅଧିକାରୀ ସାରଦା ପ୍ରସାଦ ପଣ୍ଡା, ଓଏସଡି ତଥା ସ୍ୱତନ୍ତ୍ର ସଚିବ ସଞ୍ଜୟ ପରମାଣିକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ କର୍ମଶାଳାରେ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ସ୍ଥିର କରିବା ପାଇଁ ଯତ୍ନବାନ ହେବାକୁ ଥିବା ବିଭିନ୍ନ ଦିଗଗୁଡିକୁ ସେୟାର କରିଥିଲେ ।

### ପଟ୍ଟା ଜାଗାରେ ଜୋରଜବରଦସ୍ତ ବାଡ ଦେବା ଘଟଣା

## ଉପଜିଲ୍ଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ



ବାଲିଗୁଡ଼ା, କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ର ତୁମୁଡିବନ୍ଧ ତହସିଲ ଅନ୍ତର୍ଗତ କୁର୍ତ୍ତମଗଡ ବଜାର ସାହିରେ ଥିବା କିଛି ବରିଷ୍ଠ ନାଗରିକ ଙ୍କ ସେଟେଲମେଣ୍ଟ ପଟ୍ଟା ଜାଗାରେ ଅସାମାଜିକ ବ୍ୟକ୍ତିମାନେ ଜୋର ଜବରଦସ୍ତି ଅନୁପ୍ରବେଶ କରି ବାଡ ଦେବା ଘଟଣାରେ ବାଲିଗୁଡ଼ା ଉପଜିଲ୍ଲାପାଳ ଏମ.ଏସ.ମଧୁମିତା ହସ୍ତକ୍ଷେପ କରି ଏହାର ଏକ ନିରପେକ୍ଷ ତଦନ୍ତ ପାଇଁ ତୁମୁଡ଼ିବନ୍ଧ ତହସିଲଦାରଙ୍କୁ ଚିଠି କରିଛନ୍ତି । ଏହାର ରିପୋର୍ଟ ସାତ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ କହିଛନ୍ତି । ଏହା ପରେ ବୁଧବାର ତୁମୁଡ଼ିବନ୍ଧ ତହସିଲଦାର ଏହାର ତଦନ୍ତ ପାଇଁ କୁର୍ତ୍ତମଗଡ଼ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଉକ୍ତ ପରିବାର ର ସାତ ଜଣକୁ ଗୁରୁବାର ଦିନ ତହସିଲଦାର ଙ୍କ ନିକଟରେ ହଜାର ହୋଇ ପକ୍ଷ ରଖିବା ପାଇଁ କହିଛନ୍ତି । ଘଟଣା ରୁ ପ୍ରକାଶ ଯେ ମାର୍ଚ୍ଚ ୧୭ତାରିଖ ଦିନ କିଛି ଅସାମାଜିକ ବ୍ୟକ୍ତିମାନେ ମାରଣାସ୍ତ୍ର ଧରି ଜୋର ଜବରଦସ୍ତି ଆସି ସେଟେଲମେଣ୍ଟ ପଟ୍ଟା ଜାଗା ଉପରେ ତାର ବାଡ ବୁଲାଇ ଥିଲେ । ଏହା ପରେ ବରିଷ୍ଠ ନାଗରିକ ଙ୍କ ପରିବାର ନ୍ୟାୟ ପାଇଁ ତହସିଲଦାର ଓ ପୁଲିସ ର ଆଶ୍ରୟ ନେଇଥିଲେ । ରାଜସ୍ୱ ନୀରିକ୍ଷକ ଆସି ବରିଷ୍ଠ ନାଗରିକ କୁର୍ତ୍ତମଗଡ଼ ର ମାଧବ ପାଢ଼ୀ,କୁମୁଦ ଚନ୍ଦ୍ର ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, ନାରାୟଣ ପାଢ଼ୀ , ରଞ୍ଜନ କୁମାର ସାହୁ, ଅଶୋକ କୁମାର ପଣ୍ଡା ଙ୍କ ନାମରେ ପଟ୍ଟା ଥିବା କହିଥିଲେ । ଏହା ସତ୍ୱେ ମଧ୍ୟ ସେମାନେ ମାନି ନଥିଲେ ପୁଲିସ ନିରବତା ଅବଲମ୍ବନ କରିବା କୁ ପରିବାର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ଦେଖିବାକୁ ବାକି ରହିଲା ବରିଷ୍ଠ ନାଗରିକଙ୍କ ପରିବାର କେବେ ନ୍ୟାୟ ପାଉଛନ୍ତି ?

## ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟରେ ଶିଶୁମେଳା ଉଦ୍‌ଯାପିତ

ବାଲେଶ୍ୱର,(ଭାସ୍କର ନ୍ୟୁଜ୍): ଆନନ୍ଦମାର୍ଗ ପ୍ରଚାରକ ସଂଘ ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ୧୦୨ତମ ଜନ୍ମୋତ୍ସବ ଉପଲକ୍ଷେ ବାଲେଶ୍ୱର ସହର ଉପକଣ୍ଠ ଫୁଲାଡି ସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ସପ୍ତାହବ୍ୟାପୀ ଏକ ଶିଶୁମେଳା ଆୟୋଜିତ ହୋଇଥିଲା । ଶିଶୁମେଳାର ଉଦଯାପନୀ ଉତ୍ସବରେ ସେରଗଡ ସ୍ଥିତ ନୀଳଶୈଳ ଇନଷ୍ଟିଚ୍ୟୁଟ ଅଫ ସାଇନସ ଏଣ୍ଡ ଟେକ୍ନୋଲୋଜିର ଅଧକ୍ଷ ଡକ୍ଟର ସତ୍ୟାନନ୍ଦ ତ୍ରୀପାଠି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭା ଅନ୍ୱେଷଣ ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ । ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ଦଳାଇ, ନଗ୍ରମ ପଂଚାୟତର ପୂର୍ବତନ ସରପଂଚ ପ୍ରଦୀପ ଜେନା, ସମାଜସେବୀ ସାଗରିକା ତ୍ରୀପାଠି ପ୍ରମୁଖ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିଶୁମେଳାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଏଥିରେ ଅଧକ୍ଷତା କରିଥିଲେ । ଏହ ଶିଶୁମେଳାରେ ବାଲେଶ୍ୱର ସଦର ଓ ରେମୁଣା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ଗଣିତ, ସାଧାରଣଜ୍ଞାନ ପ୍ରଭୃତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ସୁଶାନ୍ତ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ସତୀଶ କୁମାର ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

ଆସିକା, (ଭାସ୍କର ନ୍ୟୁଜ୍) : ପୁଣି ସୂତାକଲ ରାସ୍ତାରେ ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର । ପ୍ରକାଶ ଥାଉକି କୋଟିନଡ଼ା ଥାନା ଅନ୍ତର୍ଗତ ସୂତାକଲ ରାସ୍ତାରେ ଆଜି ଅପରାହ୍ନ ପ୍ରାୟ ୫.୩୦ ଟା ସମୟରେ ଧୋବାଡି ଗ୍ରାମର ଉମା ସେନାପତି ବୟସ ୪୦ ନିଜ ଗ୍ରାମକୁ ଯାଉଥିବା ସମୟରେ ହଠାତ ସୂତାକଲ ନିକଟ ଆମ୍ବତୋଟା ନିକଟରେ ଏକ ପାଗଳ ମାଙ୍କଡ଼ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲା କ୍ଷ ସ୍ଥାନୀୟ ଲୋକଙ୍କ ସହାୟତାରେ ଉମାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆସି ଚିକିତ୍ସିତ ହେଉଛନ୍ତି. ଏହି ଘଟଣା ଘଟିବା ପରେ ଦୀର୍ଘ ସମୟ ଧରି ଭୟରେ ଉକ୍ତ ରାସ୍ତା ରେ ଲୋକଙ୍କ ଯିବା ଆସିବା ବନ୍ଦ ହୋଇଯାଇଥିଲା କ୍ଷ ପ୍ରକାଶ ଥାଉକି ଦୀର୍ଘ ତିନିମାସ ହେବ ଉକ୍ତ ସ୍ଥାନରେ ମାଙ୍କଡ଼ ଆକ୍ରମଣରେ ବହୁ ଲୋକ ଲହୁଲୁହାଣ ହେଉଛନ୍ତି କ୍ଷ ବାରମ୍ବାର ଅଭିଯୋଗ ପରେ ମଧ ଆସିକା ବନବିଭାଗ ପକ୍ଷରୁ ମାଙ୍କଡ଼ କୁ ଧରିବା ପାଇଁ କୌଣସି ପଦକ୍ଷେପ ନେଉନଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବନବିଭାଗର ଏହିପରି ବେପରୁଆ ମନଭାବ ଯୋଗୁଁ ଉତେଜନା ଦେଖାଦେଇଛି । ନିକଟରେ ବନବିଭାଗ କାର୍ଯ୍ୟାଳୟ ଘେରାଉ କରିବାକୁ ଯୋଜନା କରାଯାଉଥିବା ବିଶେଷ ସୂତ୍ରରୁ ଖବର ରହିଛି ।